


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-88 ◆SUNDAY ◆21 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୮୮ ◆ରବିବାର ◆୨୧ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ୨ ହଜାର ଟଙ୍କାରେ ଆଇଏଏସ-ଆଇପିଏସ ଯୋଡ଼ିଙ୍କ ବିବାହ



■ **ଜୟପୁର, ୨୦।୯ (ଏଜେନ୍ସି):** ବିବାହକୁ ସ୍ମରଣୀୟ କରିବା ପାଇଁ ଲୋକେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥାନ୍ତି। ଅନେକ ଅତିଥିଙ୍କୁ ଡାକି ବଡ଼ ଭୋଜି ଦେଇଥାନ୍ତି। ଯାକ ଯମକରେ ସାଜସଜା କରିଥାନ୍ତି। କିନ୍ତୁ ଆଇଏଏସ୍ ଯୁବରାଜ ମର୍ମାତ ଏବଂ ଆଇପିଏସ୍ ପି.ମୌନିକା କ୍ଷେତ୍ରରେ ଏହାର ବ୍ୟତିକ୍ରମ ହୋଇଛି। ଏହି ୟୁପିଏସ୍‌ସି ଦମ୍ପତି ନିରାଡ଼ମ୍ବର ବିବାହ କରି ସାରା ଦେଶରେ ଚର୍ଚ୍ଚାରେ ଅଛନ୍ତି। ଉଭୟେ ମାତ୍ର ୨ ହଜାର ଟଙ୍କା ଖର୍ଚ୍ଚ କରି କୋର୍ଟରେ ବିବାହ କରିଛନ୍ତି। ଏପରି କରି ସେମାନେ ଦୀର୍ଘ ଦିନ ହେଲା ଚାଲି ଆସୁଥିବା ପ୍ରଥାକୁ ଭାଙ୍ଗି ଦେଇଛନ୍ତି। ଉଭୟଙ୍କ ଏହି ବିବାହ କାହାଣୀ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟି ଯାଇଛି।

ସୂଚନା ଅନୁଯାୟୀ ଉଭୟେ ୨୦୨୧ରେ ୟୁପିଏସ୍‌ସି ପରୀକ୍ଷା ପାସ୍ କରିଥିଲେ। ରାଜସ୍ଥାନ ଗଙ୍ଗାନଗରର ଯୁବରାଜ ସିଭିଲ ଇଞ୍ଜିନିୟରେ ବିଟେକ ଡିଗ୍ରୀ ହାସଲ କରିଛନ୍ତି। ସେ ଷଷ୍ଠ ପ୍ରୟାସରେ ୪୫୮ ର୍ୟାଙ୍କ ରଖି ୟୁପିଏସ୍‌ସି ପାସ୍ କରିଥିଲେ। ଅନ୍ୟପକ୍ଷରେ ତେଲଙ୍ଗାନାର ଆଇପିଏସ ପି.ମୌନିକା ▶ପୃଷ୍ଠା-୭

## ପୋଷି ନ ପାରିଲେ ଏକାଧିକ ବିବାହ କରନି: ହାଇକୋର୍ଟ

■ **ତିରୁଅନନ୍ତପୁରମ, ୨୦।୯ (ଏଜେନ୍ସି):** ପତ୍ନୀଙ୍କୁ ପୋଷିବାକୁ କ୍ଷମତା ନ ଥିଲେ ଦୁଇ ତିନି ବିବାହ କାହିଁକି କରୁଛ। ସକ୍ଷମ ହୋଇ ନ ଥିଲେ କୌଣସି ମୁସଲମାନ ବ୍ୟକ୍ତିଙ୍କୁ ଏକାଧିକ ବିବାହ କରିବାକୁ ଅନୁମତି ଦିଆଯିବ ନାହିଁ। ଇସ୍‌ଲାମ ଧର୍ମରେ ମଧ୍ୟ ଏନେଇ ଅନୁମତି ଦିଆଯାଉ ନାହିଁ। ଜଣେ ମୁସଲମାନ ଭିକାରୀଙ୍କ ଦ୍ୱିତୀୟ ପତ୍ନୀ ଦାଏର କରିଥିବା ଆବେଦନର ଶୁଣାଣି କରି କେରଳ ହାଇକୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ଆବେଦନରେ ଦ୍ୱିତୀୟ ପତ୍ନୀଙ୍କୁ ସ୍ୱାମୀଙ୍କଠାରୁ ମାସକୁ ୧୦ ହଜାର ଟଙ୍କା କ୍ଷତିପୂରଣ ମାଗିଥିଲେ। ଏହି ମାମଲା ପେରିଥଲମନ୍ନା ଅଞ୍ଚଳର। ୩୯ ବର୍ଷୀୟ ମହିଳା ନିଜ ଅନ୍ଧ ସ୍ୱାମୀଙ୍କ ବିରୋଧରେ କୋର୍ଟ ଯାଇଥିଲେ। ସେ କହିଥିଲେ ଯେ ସ୍ୱାମୀ ମାସକୁ ୨୫ ହଜାର ଟଙ୍କା ଆୟ କରୁଛନ୍ତି। ସେଥିପାଇଁ ଭରଣପୋଷଣ ବାବଦକୁ ୧୦ ହଜାର ଟଙ୍କା ମାଗିଛି। ଏବେ ସେ ପ୍ରଥମ ପତ୍ନୀଙ୍କ ସହ ରହୁଛନ୍ତି। ଆଗକୁ ତୃତୀୟ ବିବାହ କରିବେ ବୋଲି ଧମକ ମଧ୍ୟ ଦେଉଛନ୍ତି। ଏହାର ଶୁଣାଣି କରି ହାଇକୋର୍ଟ କହିଥିଲେ ଯେ ଭିକାରୀ ସ୍ୱାମୀଙ୍କୁ ଭରଣପୋଷଣ ଦେବା ପାଇଁ ନିର୍ଦ୍ଦେଶ ଦେଇପାରିବେ ନାହିଁ। କିନ୍ତୁ ରାଜ୍ୟ ସରକାର ଏହି ମାମଲାରେ ଦଖଲ ଦେଇ ଉଭୟଙ୍କୁ ପତ୍ନୀଙ୍କ ସହାୟତା କରନ୍ତୁ। ନିରାଶ୍ରୟ ପତ୍ନୀଙ୍କୁ ରକ୍ଷା କରିବା ସରକାରଙ୍କ କର୍ତ୍ତବ୍ୟ। ନାଗରିକ ଭିକ ନ ମାଗିବାକୁ ସରକାର ସୁନିଶ୍ଚିତ କରନ୍ତୁ। ଏହା କହି କୋର୍ଟ ମହିଳାଙ୍କ ଆବେଦନ ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଶିକ୍ଷା ଏବଂ ପ୍ରଥାଗତ ଆଇନର ଜ୍ଞାନ ନ ଥିବାରୁ ମୁସଲିମ ସମାଜରେ ▶ପୃଷ୍ଠା-୭

### ଭାରତୀୟଙ୍କୁ ଟ୍ରମ୍ପଙ୍କ ଆଉ ଏକ ଝଟ୍‌କା

# ଶୁଳ୍କ ପରେ ଭିସା ବୋମା

### ଏଚ୍-୧ବି ଭିସା ଫି' ବର୍ଷକୁ ୮୮ ଲକ୍ଷ

### ଭାରତୀୟ ଆଇଟି ଶିଳ୍ପ ଉପରେ ଚଡ଼କ

### ନିଷ୍ପତ୍ତିକୁ ଅମାନବୀୟ କହିଲା ଭାରତ




■ **ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି):** ନିଜକୁ ଭାରତର ବନ୍ଧୁ ବୋଲି ଦାବି କରୁଥିବା ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଭାରତ ପାଇଁ ସମସ୍ୟା ବଢ଼ାଇବାରେ ଲାଗିଛନ୍ତି। ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ ଧାର୍ଯ୍ୟ କରି ଭାରତର ରପ୍ତାନୀ ଶିଳ୍ପକୁ ସଙ୍କଟ ଭିତରକୁ ଠେଲିଦେଇଥିବା ଟ୍ରମ୍ପ ଆଜି ଆଉ ଏକ ଆଦେଶନାମା ଜାରି କରିଛନ୍ତି। ଏଥିରେ ଏଚ୍-୧ବି ଭିସାର ବାର୍ଷିକ ଫି' ଏକ ଲକ୍ଷ ଡଲାର ବା ୮୮ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ପ୍ରତିବର୍ଷ ଚାକିରି ପାଇଁ ଆମେରିକା ଯାଉଥିବା ଭାରତୀୟ ଇଞ୍ଜିନିୟର, ଡାକ୍ତର ଓ ବୈଜ୍ଞାନିକଙ୍କ ଭଳି ପ୍ରଫେସନାଲ ଏହଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହେବେ। ଭାରତରେ ଆଇଟି ଶିଳ୍ପ ଏବେ ଘୋର ସଙ୍କଟ ଦେଇ ଗତି କରୁଥିବା ବେଳେ ଆମେରିକା ଯିବା ଲାଗି ସ୍ୱପ୍ନ ଦେଖୁଥିବା ଭାରତୀୟ ପ୍ରଫେସନାଲଙ୍କ ପାଇଁ ଏହା ବଡ଼ ଧରଣର ଝଟକା ହୋଇଛି। ଏବେ ଆମେରିକାରେ ବଡ଼ ବଡ଼ ବହୁରାଷ୍ଟ୍ରୀୟ କଂପାନୀରେ ପ୍ରାୟ ୩ ଲକ୍ଷ ଭାରତୀୟ ଏଚ୍-୧ବି ଭିସାରେ ଚାକିରି କରୁଛନ୍ତି। ଟ୍ରମ୍ପଙ୍କ ନୂଆ ଘୋଷଣାକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଏହାକୁ ମାନବିକ ସଙ୍କଟ ରୂପେ ବର୍ଣ୍ଣନା କରିଛି।

ସୂଚନାଯୋଗ୍ୟ ଯେ ଆମାଜନ, ମାଇକ୍ରୋସଫ୍ଟ, ଆପଲ୍, ଟାଟା କନସଲଟନ୍ସି ଭଳି ବଡ଼ ବଡ଼ ବହୁରାଷ୍ଟ୍ରୀୟ କଂପାନୀ ପ୍ରତିବର୍ଷ ପ୍ରତିବର୍ଷ ବିଭିନ୍ନ ଦେଶରୁ ହଜାର ହଜାର ପ୍ରଫେସନାଲଙ୍କୁ ନିଯୁକ୍ତି ଦିଅନ୍ତି। ଏଥିରୁ ବେଶି ସୁବିଧା ମିଳୁଛି ଭାରତୀୟଙ୍କୁ। ଏଭଳି ନିଯୁକ୍ତି ଲାଗି ଯେଉଁ ଭିସା ଦିଆଯାଏ, ତାହାକୁ ଏଚ୍-୧ବି ଭିସା କୁହାଯାଏ। ଭିସା ପିଛା ବର୍ଷକୁ ୨୦୦୦ରୁ ୫ ହଜାର ଡଲାର ଦେବାକୁ ପଡୁଥିଲା। କିନ୍ତୁ ଏହି ଫି'କୁ ଟ୍ରମ୍ପ ବଢ଼ାଇ ଏକ ଲକ୍ଷ ଡଲାର (୮୮ ଲକ୍ଷ ଟଙ୍କା) କରିଦେଇଛନ୍ତି। ଏହି ଭିସା ତିନି ବର୍ଷ ପାଇଁ ବୈଧ। ତିନି ବର୍ଷ ପରେ ଭିସାର ନବୀକରଣ କରାଯାଇ ଏହାକୁ ଆହୁରି ୩ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଉଛି। ଏବେ ଏଚ୍-୧ବି ଭିସା ପାଇଁ ୬ ବର୍ଷକୁ ୫.୨୮ କୋଟି ଟଙ୍କା ଦେବାକୁ ପଡ଼ିବ। ଏ ବାବଦ ଖର୍ଚ୍ଚ ପ୍ରାୟ ୫୦ ଗୁଣ ବଢ଼ିଯିବ। ଏହା ଉଭୟ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ପାଇଁ ମହଙ୍ଗା ହୋଇଯିବ। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଯୋଗୁଁ ଭାରତୀୟ ସର୍ବାଧିକ ପ୍ରଭାବିତ ହେବେ। ଆମେରିକା ପ୍ରତି ବର୍ଷ ଲଟେରୀ ମାଧ୍ୟମରେ ୮୫ ହଜାର ଏଚ୍-୧ବି ଭିସା ଜାରି କରିଥାଏ। ଗତବର୍ଷ ସର୍ବାଧିକ ୭୨ ପ୍ରତିଶତ ଭାରତୀୟ ଏହି ଭିସା ପାଇଥିଲେ। ଏବେ ଭିସା ବାବଦ ଦେୟ ବଢ଼ିଥିବାରୁ ୩ ଲକ୍ଷ ଭାରତୀୟଙ୍କ ଉପରେ ଚଡ଼କ ପଡ଼ିବ ବୋଲି କୁହାଯାଉଛି। ▶ପୃଷ୍ଠା-୭

## ମାଲାୟଲମ୍ ସୁପରଷ୍ଟାର୍ ମୋହନଲାଲଙ୍କୁ 'ଫାଲ୍‌କେ'



■ **ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି):** ନିଚ୍ଛକ ଅଭିନୟ ପାଇଁ ସାରା ଦେଶରେ ସୁପ୍ରସିଦ୍ଧି ଅର୍ଜନ କରିଥିବା ମାଲାୟଲମ ସୁପରଷ୍ଟାର ମୋହନଲାଲଙ୍କୁ ଭାରତୀୟ ସିନେମାର ସର୍ବୋଚ୍ଚ ସମ୍ମାନ 'ଦାଦା ସାହେବ ଫାଲ୍‌କେ' ପୁରସ୍କାର ପ୍ରଦାନ କରାଯିବ। କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟ ପକ୍ଷରୁ ଶନିବାର ଏହି ଘୋଷଣା କରାଯାଇଛି। ଗତ ଚାରି ଦଶନ୍ଧି ଧରି ସିନେଜଗତରେ ସକ୍ରିୟ ଥିବା ୬୫ ବର୍ଷୀୟ ମୋହନଲାଲ ୨୦୨୩ ପାଇଁ ଏହି ସମ୍ମାନ ପାଇବେ। ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ୭୧ତମ ଜାତୀୟ ସିନେମା ପୁରସ୍କାର ଉତ୍ସବରେ ତାଙ୍କୁ ସମ୍ମାନିତ କରାଯିବ। ପୁରସ୍କାର ବାବଦକୁ ସ୍ୱର୍ଣ୍ଣ କମଳ ସହିତ ୧୦ ଲକ୍ଷ ଟଙ୍କା ଦିଆଯିବ।

ମୋହନଲାଲ କେବଳ ମାଲାୟଲମ ଚଳଚ୍ଚିତ୍ର ନୁହେଁ; ତାମିଲ, ତେଲୁଗୁ, ହିନ୍ଦୀ ଏବଂ କନ୍ନଡ଼ ସିନେମାରେ ମଧ୍ୟ ଅଭିନୟ କରିଛନ୍ତି। ୧୯୮୦ରୁ 'ମଞ୍ଜିଲ ଭିରିଞ୍ଜା ପୁକ୍କଲ'ରୁ କ୍ୟାରିୟର ଆରମ୍ଭ କରିଥିବା ମୋହନଲାଲ ୩୫୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ସେ ଏକାଧାରରେ ଜଣେ ସଫଳ ନିର୍ଦ୍ଦେଶକ ଏବଂ ପ୍ରଯୋଜକ।

ଭାରତମ୍ (୧୯୯୧) ଏବଂ ବାନପ୍ରସ୍ଥମ୍ (୧୯୯୯) ପାଇଁ ମୋହନଲାଲ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ପୁରସ୍କାର ଅର୍ଜନ କରିଛନ୍ତି। ସେହିପରି ସ୍ପେସିଆଲ ମେନ୍‌ସନ ଭାବେ ତାଙ୍କ ଅଭିନୀତ କିରିଦମ୍ (୧୯୮୯) ଏବଂ ସ୍ପେସିଆଲ ଜୁରି ▶ପୃଷ୍ଠା-୭

**ଥମୁନି ସାର ତାତି**

### ସ୍ୱତନ୍ତ୍ର ଆଲୋଚନା ଦାବିରେ ଅଟଳ ବିଜେଡି

## ଦ୍ୱିତୀୟ ଦିନ ବି ଗୃହ ଅଚଳ



**ପ୍ରତିକ୍ରିୟା ରଖିଲେ ତାରା: ଆମେ ମଧ୍ୟ ଚାହୁଁଛୁ ଚାଷୀ ପ୍ରସଙ୍ଗରେ ଆଲୋଚନା ହେଉ**

**ଗୃହ ବାହାରେ ପ୍ରମିଳା ମଲ୍ଲିକଙ୍କ ପ୍ରତିକ୍ରିୟା: ଚାଷୀଙ୍କ ସମସ୍ୟା ପ୍ରତି ସରକାରଙ୍କର ଭ୍ରୂକ୍ଷେପ ନାହିଁ**

■ **ଭୁବନେଶ୍ୱର, ୨୦।୯ (ସମିସ):** ରାଜ୍ୟରେ ସାରର ଉତ୍କଟ ଅଭାବ ଏବଂ କଳାବଜାରୀ ସମ୍ପର୍କରେ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ବିଧାନସଭା ଅଚଳ କରିଛି ବିଜେଡି। ସାର ପ୍ରସଙ୍ଗରେ ଗୃହର ସମସ୍ତ କାର୍ଯ୍ୟକ୍ରମ ବାତିଲ୍ କରି ସ୍ୱତନ୍ତ୍ର ଆଲୋଚନା ଦାବିରେ ବିଜେଡି ବିଧାୟକମାନେ ଅଡ଼ି ବସିବା ସହ ଶନିବାର ମଧ୍ୟ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଉଭୟ ପ୍ରଥମାର୍ଦ୍ଧ ଏବଂ ଦ୍ୱିତୀୟାର୍ଦ୍ଧରେ ବିଜେଡି ବିଧାୟକଙ୍କ ନାରାବାଜି, ହଟ୍ଟଗୋଳ କାରଣରୁ ଗୃହ ମାତ୍ର ୧୬ ମିନିଟ ଚାଲିପାରିଥିଲା। ଏହି ୧୬ ମିନିଟରେ ୧୨ ମିନିଟ ଦିବଂଗତ ଜର୍ଜ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥବା ବେଳେ ପ୍ରଶ୍ନକାଳ ୧ ମିନିଟ ଏବଂ ଦ୍ୱିତୀୟାର୍ଦ୍ଧରେ ଗୃହ ୩ ମିନିଟ ଚାଲିଥିଲା। ଯେପର୍ଯ୍ୟନ୍ତ ସାର ପ୍ରସଙ୍ଗରେ ଗୃହରେ ଆଲୋଚନା ହୋଇନାହିଁ, ସେଯାଏଁ ଗୃହ ଚଳାଇଦେବୁ ନାହିଁ ବୋଲି ବିଜେଡି ନିଜ ଜିଦ୍‌ରେ ଅଟଳ ରହିଥିବା ବେଳେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ସୋମବାର ସକାଳ ୧୦ଟା ୩୦ ଯାଏଁ ମୁଲତବୀ ରଖିଛନ୍ତି।

ଶନିବାର ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଗୃହରେ ପ୍ରଥମେ ବୀରମିତ୍ରପୁରର ଦିବଂଗତ ବିଧାୟକ ଜର୍ଜ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଶ୍ରଦ୍ଧାଞ୍ଜଳି ପରେ ବିଜେଡି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ଶୁକ୍ରବାର ପରି ନାରାବାଜି ଆରମ୍ଭ କରିଥିଲେ। ବିଧାୟକମାନେ ହାତରେ ପ୍ଲାକାର୍ଡ, ପୋଷ୍ଟର ଧରି ପ୍ରବଳ ନାରାବାଜି କରିଥିବା ବେଳେ ପ୍ରଶ୍ନକାଳ ଚାଲି ପାରିନଥିଲା। ବିଜେଡି ବିଧାୟକଙ୍କୁ ନିଜ ନିଜ ଆସନକୁ ଫେରିଯିବା ପାଇଁ ବାଚସ୍ପତି ଅନୁରୋଧ କରିଥିଲେ ହେଁ ଏହାକୁ ଭ୍ରୂକ୍ଷେପ କରିନଥିଲେ ବିଜେଡି ବିଧାୟକ। ଫଳରେ ଗୃହ ମାତ୍ର ୧୩ ମିନିଟ ଚାଲିବା ପରେ ବାଚସ୍ପତି ▶ପୃଷ୍ଠା-୭

### ଜର୍ଜ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି

■ **ଭୁବନେଶ୍ୱର,୨୦।୯ (ସମିସ):** ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ଦିବଂଗତ ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କୁ ବିଧାନସଭାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱର୍ଗତ ତିର୍କୀଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ପରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଶୋକ ପ୍ରସ୍ତାବକୁ ସମର୍ଥନ କରି ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ବାଚସ୍ପତି ସୁରମା ପାଢ଼ୀ ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିବା ପରେ ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଗୃହ ମୁଲତବୀ ହେବା ▶ପୃଷ୍ଠା-୭

**ଅଶାନ୍ତ ଓଡ଼ିଶା** | ପାର୍ବଣ ପୂର୍ବରୁ ଗଡ଼ିଲା ଦୁଇ ମୁଣ୍ଡ

## ଟ୍ୟାକ୍ସି ଚାଳକଙ୍କୁ ଅପହରଣ ପରେ ହତ୍ୟା

### ଚନ୍ଦକା-ବାରଙ୍ଗ ମୁଖ୍ୟ ରାସ୍ତାରୁ ମିଳିଲା କ୍ଷତବିକ୍ଷତ ମୃତଦେହ

### ୨ କୋଟି ମୁଣ୍ଡଜାମିନ୍ ଅର୍ଥ ନ ଦେବାରୁ ମାରିଦେଲେ: ପରିବାର

### ହତ୍ୟା ପଛରେ ଚାକିରି ପାଇଁ ଟଙ୍କା ଠକେଇ ଅଭିଯୋଗ

### ଟଙ୍କା ଦେଇଥିବା ଯୁବକଙ୍କୁ ପୁଲିସର ପଚରାଉଚରା



■ **ଭୁବନେଶ୍ୱର, ୨୦।୯ (ସମିସ):** ପାର୍ବଣ ପୂର୍ବରୁ ରାଜଧାନୀ ଭୁବନେଶ୍ୱର ଅଶାନ୍ତ ହୋଇଉଠିଛି। ଗତ ସପ୍ତାହକ ମଧ୍ୟରେ ଭୁବନେଶ୍ୱରରେ ୪ଟି ହତ୍ୟାକାଣ୍ଡ ଘଟିଯାଇଥିବା ବେଳେ ପୁଣି ଜଣେ ଟାକ୍ସି ଡ୍ରାଇଭରଙ୍କୁ ଅପହରଣ ପରେ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଅପହରଣର ୫ ଦିନ ପରେ ଚନ୍ଦକା-ବାରଙ୍ଗ ନିକଟ ରାସ୍ତାରୁ ଟ୍ୟାକ୍ସିଚାଳକଙ୍କ କ୍ଷତବିକ୍ଷତ ମୃତଦେହକୁ ପୁଲିସ ଜବତ କରିଛି। ହତ୍ୟାକାଣ୍ଡର କାରଣ ଜଣାପଡି ନ ଥିବା ବେଳେ ଚାକିରି ଠକେଇ (ଜବ୍ ସ୍କାମ୍) ମୁଖ୍ୟ କାରଣ ଥିବା ପୁଲିସ ସନ୍ଦେହ କରିଛି। ପୁଲିସ ସୂଚନା ମୁତାବକ, ଖୋର୍ଦ୍ଧା ବାଣପୁର ନିକଟ ଅରାଙ୍ଗ ଗାଁର ବିଦ୍ୟାଧର ସାହୁଙ୍କୁ ଅପହରଣ ▶ପୃଷ୍ଠା-୭

### ମା' ସାମ୍ନାରେ ହାଣିଦେଲେ



■ **ବଲାଙ୍ଗିର, ୨୦।୯ (ସମିସ):** ବଲାଙ୍ଗିରରେ ପାର୍ବଣ ପୂର୍ବରୁ ମୁଣ୍ଡ ଗଡ଼ିଛି। ଘର ଅଗଣାରେ ଜଣେ ଯୁବକଙ୍କୁ ଦିନ ଦ୍ୱିପହରରେ ଖଣ୍ଡାରେ ହାଣି ହତ୍ୟା କରାଯାଇଛି। ହତ୍ୟାକାଣ୍ଡର ଶିକାର ହୋଇଥିବା ଯୁବକ ଜଣକ ହେଲେ ବଲାଙ୍ଗିର ସହର ବରପଡ଼ାର ରାଜ ବେହେରା (୨୫)। ତାଙ୍କ ମା'ଙ୍କ ସାମ୍ନାରେ କେତେକ ଯୁବକ ହତ୍ୟା କରିଛନ୍ତି। ୩ ଜଣ ସାଙ୍ଗ ମିଶି ହତ୍ୟା କରିଥିବା ଅଭିଯୋଗ ହୋଇଛି। କେଉଁ କାରଣରୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ରାଜ ଘର ସାମ୍ନାରେ ଥିବା ବେଳେ ଶନିବାର ▶ପୃଷ୍ଠା-୭

## 'କିଲର୍ ସ୍ୱାମୀ' ଦୀପକ ତଣ୍ଟିରେ ଦୁଇଟି ପତ୍ନୀହତ୍ୟାର କଣ୍ଟା



**ଶୁଭମିତ୍ରା ମୃତ୍ୟୁ ମାମଲାରେ ଜେସିବି ମାଲିକ ଓ ଚାଳକଙ୍କୁ ଜେରା**

**ଅପର୍ଣ୍ଣା ଦୁର୍ଘଟଣା ମୃତ୍ୟୁ ମାମଲାର ନଥିପତ୍ର ଜବତ, ପରିବାରଲୋକଙ୍କ ବୟାନ ରେକର୍ଡ**

■ **ଭୁବନେଶ୍ୱର, ୨୦।୯ (ସମିସ):** ବହୁ ଚର୍ଚ୍ଚିତ 'କିଲର୍ ସ୍ୱାମୀ' କନେଷ୍ଟବଳ ଦୀପକ ତଣ୍ଟିରେ ଏବେ ଦୁଇ ଦୁଇଟି ପତ୍ନୀ ହତ୍ୟାର କଣ୍ଟା ପଶିଛି। ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟାକାଣ୍ଡକୁ ୧୫ ଦିନ ବିତିଛି। ଦ୍ୱିତୀୟ ପତ୍ନୀ ଶୁଭମିତ୍ରା ହତ୍ୟା ମାମଲାରେ ଗିରଫ ହୋଇଥିବା କନେଷ୍ଟବଳ ଦୀପକ ଏବେ ପ୍ରଥମ ପତ୍ନୀ ଅପର୍ଣ୍ଣା ହତ୍ୟା ମାମଲାରେ ମଧ୍ୟ ଛନ୍ଦି ହୋଇଛି। ଗୋଟିଏ ପଟେ କମିସନରେଟ ପୁଲିସ ଶୁଭମିତ୍ରା ହତ୍ୟାକାଣ୍ଡର ତଦନ୍ତ କରୁଥିବା ବେଳେ ▶ପୃଷ୍ଠା-୭

**ଚାଷୀଙ୍କ ପାଇଁ ସତର୍କ ଘଣ୍ଟି**

## ଧାନ ଚାଷକୁ 'ଲା-ନିନା' ବିପଦ

### ବାଧାପ୍ରାପ୍ତ ହେବ ଅମଳ; କମିବ ଉତ୍ପାଦର ମାନ



■ **ଭୁବନେଶ୍ୱର, ୨୦।୯ (ସମିସ):** ସମଗ୍ର ବିଶ୍ୱର ପାଣିପାଗ ଏବେ ଲା-ନିନା ଆଡ଼କୁ ମୁହାଁଉଛି। ଏଥର ଲା-ନିନା ବର୍ଷ ହୋଇଥିବାରୁ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ହେଉଛି। ଏହାର ପ୍ରଭାବରେ ବର୍ଷା, ଖରା ଓ ଶୀତରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହେଉଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ କୃଷି କ୍ଷେତ୍ରକୁ ମାତ୍ରାଧିକ ପ୍ରଭାବିତ କରିବା ସହ ଫସଲ ଅମଳ ବାଧାପ୍ରାପ୍ତ ହେବା ନେଇ କୃଷି ବିଶେଷଜ୍ଞ ଆକଳନ କରିଛନ୍ତି।

ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଲା-ନିନା ପ୍ରଭାବରେ ୬୦ରୁ ୭୦ ପ୍ରତିଶତ ହେବାର ସମ୍ଭାବନା ରହିଛି। ଅକ୍ଟୋବରରୁ ନଭେମ୍ବର ଭିତରେ ଗୋଟିଏରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଲଘୁଚାପ, ଅବପାତ ବା ଝଡ଼ବାତ୍ୟାରେ ଆଶଙ୍କା ରହିଛି। ଗତ ୨୪ ବର୍ଷ ଭିତରେ ୮ବର୍ଷ ଥିଲା ଲା-ନିନା ବର୍ଷ। ୨୦୧୦-୧୧, ୨୦୨୦-୨୧ରେ ନଭେମ୍ବରରେ ବର୍ଷା ଅଧିକ ହୋଇଥିଲା। ଲା-ନିନା ଡିସେମ୍ବରକୁ ପ୍ରଭାବିତ କରି ନ ଥାଏ; ମାତ୍ର ଜାନୁଆରୀ ଓ ଫେବୃଆରୀରେ କେତେକ ଲା-ନିନା ବର୍ଷରେ ପଶ୍ଚିମାଝଡ଼ ହେତୁ ବର୍ଷା ହୋଇଥାଏ। ଅଧିକ ପବନ ଓ ବର୍ଷା ଯୋଗୁଁ ଅମଳ ଉପଯୋଗୀ ଧାନ ଶୋଇପଡ଼ିବା ସହ ଗଜା ହୋଇଯିବାର ଆଶଙ୍କା ରହିଛି।

ଲା-ନିନା ସଂପର୍କରେ ବିଶିଷ୍ଟ କୃଷି ଓ ପାଣିପାଗ ବିଜ୍ଞାନୀ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଅତ୍ୟଧିକ ବର୍ଷା ଯୋଗୁଁ ବିଲରେ ପାଣି ଜମି ରହିବ। ଏଥିପାଇଁ ବିଳମ୍ବରେ ଧାନ କାଟିବା ଓ ଶୁଖାଇବାରେ ଅସୁବିଧା ଯୋଗୁଁ ଫିମ୍ପି ମାରିବା ସହ ଅମଳ ନଷ୍ଟ ହେବାର ଆଶଙ୍କା ରହିଛି। ଏଥିସହ ଉପକୂଳ ଅଞ୍ଚଳରେ ସାମୁଦ୍ରିକ ଲୁଣା ପାଣି ମାଡ଼ି ଆସି କ୍ଷେତରେ ପଶିବାର ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ। ଧାନ ବ୍ୟତୀତ କପା ଓ ଅନ୍ୟାନ୍ୟ ଫସଲ ମଧ୍ୟ ନଷ୍ଟ ▶ପୃଷ୍ଠା-୭




## ସ୍ୱାସ୍ଥ୍ୟସେବାରେ ବାଧକ ସାଜିଛି ନିଜସ୍ୱ ଗୃହ ନିର୍ମାଣ

# ପାଞ୍ଚ ବର୍ଷ ପରେ ମଧ୍ୟ ନିର୍ମାଣ ସରୁନାହିଁ ୬ ଉପକେନ୍ଦ୍ର

ଭାପୁର,୨୦।୯ (ସମିସ)



ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ହେଁ ପ୍ରଶାସନିକ ଅଧିକାରୀ ମାନଙ୍କ ଶୀଥିଳତା ଯୋଗୁଁ ବର୍ଷ ବର୍ଷ ପରେ ମଧ୍ୟ ନିଜସ୍ୱ ଗୃହ ନିର୍ମାଣ ହୋଇପାରୁନାହିଁ କି ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆସୁନାହିଁ। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଦୀର୍ଘ ଚାରି ବର୍ଷ ହେଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣ ସରୁନାହିଁ। ସେହିପରି ବ୍ଲକରେ ୧୮ ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ରହିଛି। ସେଗୁଡିକ ହେଲା ବାଘୁଆପଲ୍ଲୀ, ବାଇଗୁଣିଆ, ଭଗବାନପୁର, ଦାରୁଢିପ, ବଡସହରା, ବାରବାଟୀ, ଭାପୁର, ଚକ୍ରଧରପ୍ରସାଦ, ଗୋଲାପୋଖରୀ, ଖଇରଗାଡିଆ, ଫତେଗଡ, କଇଁଫୁଲିଆ, କରବର, ମହୁଲବେରେଣା, ମାରଡା, ପଦ୍ମାବତୀ, ସୁନାଖଳା ଓ ଟିକିରିପଡା। ଏମାନଙ୍କ ମଧ୍ୟରୁ ୬ଟି ଉପକେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ହୋଇନାହିଁ ବା ନିର୍ମାଣ ବର୍ଷ ବର୍ଷ ପରେ ମଧ୍ୟ ସରୁନାହିଁ। ସେଥି ମଧ୍ୟରୁ ସୁନାଖଳା ଉପକେନ୍ଦ୍ରର ଗୃହ ଦୁଇ ବର୍ଷ ହେଲା ନିର୍ମାଣ ସରିଥିଲେ ହେଁ ଠିକାଦାର ତାଙ୍କର ଟଙ୍କା ପାଇ ନ ଥିବାରୁ ତାଲା ପକାଇ ରଖିଛନ୍ତି। ବାରମ୍ବାର ଭାପୁର ବିଡିଓ ଅର୍ଥ ପ୍ରଦାନର ପ୍ରତିଶ୍ରୁତି ଦେଉଥିଲେ ହେଁ ଅର୍ଥ ପ୍ରଦାନ ହେଉ ନାହିଁ କି ଠିକାଦାର ଗୃହ ଛାଡୁନାହାନ୍ତି। ସେହିପରି ଭଗବାନପୁରର ଗୃହ ୫ ବର୍ଷ ହେଲା ନିର୍ମାଣ ଚାଲିଛି ଯେ ସରିବାର ନା ଧରୁନାହିଁ। ଦାରୁଢିପ, ଚକ୍ରଧରପ୍ରସାଦ ଓ ନିମାଣୀ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ନିଜସ୍ୱ ଗୃହ ନାହିଁ। ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୁଡିକର ଏପରି ଖରାପ ସ୍ୱାସ୍ଥ୍ୟ ରହିବା ଜନସାଧାରଣ ମୌଳିକ ସ୍ୱାସ୍ଥ୍ୟ ସେବା ପାଇବାରେ ବାଧକ ହେଉଛି। ରାଜ୍ୟ ଓ କେନ୍ଦ୍ର ସରକାର ବ୍ଲକ ପାଇଁ ଆହୁରି ୭ ଉପକେନ୍ଦ୍ର ମଞ୍ଜୁର କରି କର୍ମଚାରୀ ପଠାଇଥିବା ବେଳେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ମାନଙ୍କର ନିଜସ୍ୱ ଗୃହ ନ ଥିବାରୁ ସ୍ୱାସ୍ଥ୍ୟସେବା ପ୍ରଦାନରେ ବାଧା ସୃଷ୍ଟି ହେଉଛି। ଏ ନେଇ ଭାପୁର ଡାକ୍ତରଖାନାର ଭାରପ୍ରାପ୍ତ ମୁଖ୍ୟ ଡାକ୍ତର ବାରମ୍ବାର ବିଡିଓଙ୍କୁ ଜଣାଇଥିଲେ ହେ କୌଣସି ସୁଫଳ ପାଉନଥିବା କହିଛନ୍ତି। ବ୍ଲକ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ତାଳମେଳ ଅଭାବରୁ ଜନସାଧାରଣ ସ୍ୱାସ୍ଥ୍ୟ ସେବା ପାଇବାରେ ବାଧା ସୃଷ୍ଟି ହେଉଛି। ସ୍ୱାସ୍ଥ୍ୟ ବିଭାଗରେ ଥିବା ନିଜସ୍ୱ ଯନ୍ତ୍ରୀଙ୍କ ଉପରେ ବ୍ଲକ ପ୍ରଶାସନର କର୍ତ୍ତୃତ୍ୱ ରହୁ ନ ଥିବାରୁ ଓ କେତେକ ସ୍ଥାନରେ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଟେବୁଲ ତଳର ଦିଆନିଆ କୁ ନେଇ ବିବାଦ ଯୋଗୁଁ ଏପରି ଅଚଳାବସ୍ଥା ସୃଷ୍ଟି ହେଉଥିବା ଜଣାପଡିଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ନେଇ ପଦକ୍ଷେପ ନେବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି।

● ମହାଦୁର୍ନୀତିର ତଦନ୍ତ ଆରମ୍ଭ

# ବ୍ଲକ୍‌ରେ ଘୂରିବୁଲୁଛି ଇଓଡବ୍ଲୁ ଟିମ୍

ଭାପୁର,୨୦।୯ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ହୋଇଥିବା ମହାଦୁର୍ନୀତି ନେଇ ଲୋକପାଳରେ ମାମଲା ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଇଓଡବ୍ଲୁ ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ଏକ ଚାରିଜଣିଆ ଟିମ୍ ଆସି ଖଣ୍ଡପଡ଼ା ଏସ୍‌ଡିପିଓ ଓ ଲୋକପାଳଙ୍କ ନିକଟରେ ଫେରାଦ ହୋଇଥିବା ତତ୍କାଳୀନ ବ୍ଲକ ଅଧକ୍ଷାଙ୍କୁ ଶୁକ୍ରବାର ନୋଟିସ୍ ପ୍ରଦାନ କରିଛି। ମାମଲା ହୋଇଥିବା ତିନି ଜଣ ମୁଖ୍ୟ ଅଭିଯୁକ୍ତ ବ୍ୟକ୍ତିଙ୍କୁ ନୋଟିସ୍ ଦେବାକୁ ଭାପୁର ବ୍ଲକ ବିଜିପୁର ଠାରୁ କଣ୍ଟିଲୋ ପର୍ଯ୍ୟନ୍ତ ଘୁରି ବୁଲୁଥିଲା। ଏହି ଘଟଣା ପରେ ଭାପୁର ବ୍ଲକରେ ରାଜନୈତିକ ହଟଚମଟ ଆରମ୍ଭ ହୋଇଛି। ଭାପୁର ବ୍ଲକର ୨୦୧୭-୨୦୨୨ ମସିହା ମଧ୍ୟରେ ତତ୍କାଳୀନ ବ୍ଲକ ଅଧକ୍ଷା ଥିବା ଶାନ୍ତଲତା ବେହେରାଙ୍କ ଜାଲ୍ ଦସ୍ତଖତ କରାଯାଇ ରାଜନେତା ଓ ପ୍ରଶାସନିକ ଅଧିକାରୀମାନେ କୋଟି କୋଟି ଟଙ୍କା ଲୁଟି ନେଇଥିଲେ। ନିଜର ଦସ୍ତଖତ ଜାଲ ହୋଇଥିବା ଅଧକ୍ଷା ପ୍ରଥମେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିବା ପରେ ତତ୍କାଳୀନ ଉପଜିଲ୍ଲାପାଳ ଲଗ୍ନଜିତ ରାଉତ ତଦନ୍ତ କରି ଅଧକ୍ଷାଙ୍କ ଦସ୍ତଖତ ଜାଲ ହୋଇଥିବା ସ୍ୱୀକାର କରିଥିଲେ। ଏହାପରେ ଶାନ୍ତଲତା ବେହେରା ଲୋକପାଳଙ୍କ ନିକଟେ ମାମଲା ରଜ୍ଜୁ କରିଥିଲେ ଯେ ତାଙ୍କ ଦସ୍ତଖତ ଜାଲ କରାଯାଇ ଫଲ୍‌ସ ବିଲ୍ କରାଯାଇ ବ୍ଲକରେ ୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡପ୍ ହୋଇଛି। ଲୋକପାଳଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ତଦନ୍ତରେ ଏହା ୮୦ କୋଟି ନୁହେଁ, ୨୦୬ କୋଟିର ଦୁର୍ନୀତି ବୋଲି ଜଣାପଡିଥିଲା। ଏହି ମହାଦୁର୍ନୀତି ତଦନ୍ତର ଭାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଶାଖା ଇଓଡବ୍ଲୁକୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶାନ୍ତିଲତା ବେହେରାଙ୍କ ଅଭିଯୋଗ ଆଧାରରେ ତତ୍କାଳୀନ ବ୍ଲକ ଉପାଧକ୍ଷ ଗୟାଧର ପରିଡା, ତାଙ୍କର ଦୁଇ ସହଯୋଗୀ ଜ୍ୟୋତିରଞ୍ଜନ ପଣ୍ଡା ଓ ଯୋଗେନ୍ଦ୍ର କୁମାର ସ୍ୱାଇଁଙ୍କୁ ଇଓଡବ୍ଲୁ ନୋଟିସ କରିଛି। ଏହି ନୋଟିସ୍ ଦେବାକୁ ଏକ ଚାରିଜଣିଆ ଇଓଡବ୍ଲୁ ଟିମ୍ ଭାପୁର ଓ ଖଣ୍ଡପଡା ଅଞ୍ଚଳରେ ଘୁରି ବୁଲୁଥିଲା। ଉଲ୍ଲେଖଯୋଗ୍ୟ ଯେ ଏହି ଦୁର୍ନୀତି ଓ ଜାଲ ଦସ୍ତଖତ ନେଇ ୨୦୨୧ରେ ଫତେଗଡ ଥାନାରେ, ୨୦୨୨ରେ ଲୋକାୟୁକ୍ତ ଓ ୨୦୨୪ରେ ହାଇକୋର୍ଟରେ ତିନୋଟି ମାମଲା ରୁଜୁ ହୋଇଥିଲା। ବର୍ତ୍ତମାନ ସମସ୍ତ ମାମଲାକୁ ଆଧାର କରି ଇଓଡବ୍ଲୁରେ କେସ ନମ୍ବର ୦୯ ଓ ତାରିଖ ୮-୮-୨୦୨୫ ଅନୁଯାୟୀ ସ୍ୱତନ୍ତ୍ର ଅଧିକାରିଣୀ ନମିତା ସାହୁ ଏହି ମାମଲାର ଦାୟିତ୍ୱ ନେଇ ତଦନ୍ତ ଆରମ୍ଭ କରିଛନ୍ତି।

**ଚଢ଼ଉ ଭୟରେ ଲୁଚିଲେଣି ରାଜନେତା**

## ୨୫ରେ ନଗରବାସୀ କରିବେ ଶ୍ରମଦାନ




ଓଡ଼ଗାଁ,୨୦।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସିରେ ସଫେଇ କାର୍ଯ୍ୟ ସହିତ ସଚେତନତା ଅଭିଯାନ ଚାଲୁରହିଛି। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ବର୍ଜ୍ୟବସ୍ତୁ ପ୍ରକ୍ରିୟା କରଣ ଓ ପରିଚାଳନା କେନ୍ଦ୍ର ବୁଲି ବ୍ୟବହାରିକ ଜ୍ଞାନ ଆହାରଣ କରିଥିଲେ। ଚଳିତ ମାସ ୨୨ ତାରିଖରେ ପଞ୍ଜିକୃତ ବୁଲା ବିକାଳି ଓ ଉଠା ଦୋକାନୀମାନଙ୍କୁ ସ୍ୱଳ୍ପ ସୁଧ ହାରରେ ଋଣ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଆସନ୍ତା ୨୫ ତାରିଖରେ ସାରା ନଗରବାସୀ ନିଜ ନିଜ ଅଞ୍ଚଳରେ ଶ୍ରମଦାନ କରି ସଫେଇ କାର୍ଯ୍ୟ କରିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି ବୋଲି ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା କହିଛନ୍ତି। ସେହିପରି ଓଡ଼ଗାଁ ବ୍ଲକ ଆନୁକୂଲ୍ୟରେ ବ୍ଲକ ସଭାଗୃହରେ ବ୍ଲକ୍‌ସ୍ତରୀୟ ପରିମଳ ସମ୍ବନ୍ଧୀୟ ଏକଦିବସୀୟ ତାଲିମ୍ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ତାଲିମ୍ ଶିବିରରେ ବିଭିନ୍ନ ପଞ୍ଚାୟତରୁ ନିର୍ବାଚିତ ପ୍ରତିନିଧିମାନଙ୍କ ସହିତ ପ୍ରାୟ ଶତାଧିକ ସ୍ୱଚ୍ଛତାଗ୍ରାହୀ ଶିବିରରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ବିଡିଓ କବିତା କୁମାରୀ ପ୍ରଧାନ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ଅରୁନ୍ଧତୀ ପଣ୍ଡା ଶିବିରାର୍ଥୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ମନୋଜ ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବଜ୍ରପାତରେ ଜଳିଗଲା ୩ ବଖରା

ଓଡ଼ଗାଁ,୨୦।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ରବି ଗାଡିଆ ଗ୍ରାମ ପଞ୍ଚାୟତ କୁରୁମ ବାଙ୍କତରା ଗ୍ରାମ ଖେଳପଡିଆ ପଛପାଖ ବାବନ ପଦାରେ ବଜ୍ରାଘାତରେ ଗହିର ମଧ୍ୟରେ ଥିବା ପାଣିପମ୍ପ ଘରକୁ ମିଶାଇ ୩ ବଖରା ଓ ଆସବାସ ଯନ୍ତ୍ରାଂଶ ପୋଡ଼ି ଯାଇଥିବା ଅଭିଯୋଗ ହୋଇଛି। ଶନିବାର ଓଡ଼ଗାଁ ଅଞ୍ଚଳରେ ବର୍ଷା ସହ ବାରମ୍ବାର ବଜ୍ରଘାତ କାରଣରୁ ସ୍ଥାନୀୟ ରବି ଗାଡିଆ ପଞ୍ଚାୟତ କୁରୁମ ବାଙ୍କତରା ଗାଆଁର ରଘୁନାଥ ପୃଷ୍ଟିଙ୍କ ପମ୍ପ ହାଉସରେ ନିଆଁ ଲାଗିବା ସହିତ ୩ ବଘରା ଘର ସହିତ ପାଣିପମ୍ପ, ପାୱାର ଟିଲର ଓ ପାଣି ପାଇପ୍ ବଣ୍ଡିଲ ସମ୍ପୂର୍ଣ୍ଣ ପୋଡିଯାଇଥିବା ଅଭିଯୋଗ ହୋଇଛି। ଗହିର ମଧ୍ୟକୁ ଅଗ୍ନିଶମ ବିଭାଗ ଗାଡ଼ି ପାଇଁ ରାସ୍ତା ନଥିବା ବେଳେ ଘରଠାରୁ ପମ୍ପ ହାଉସ୍ ଦୁରରେ ଥିବାରୁ ଏବଂ ବାରମ୍ବାର ବଜ୍ରାଘାତ କାରଣରୁ ସେଠାରୁ କୌଣସି ଯନ୍ତ୍ରାଂଶ ଓ ଆସବାବପତ୍ର ଉଦ୍ଧାର ହୋଇପାରି ନଥିଲା। ଫଳରେ ସେଠାରେ ଘର ସହିତ ଅନ୍ୟାନ୍ୟ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା।



## ମେଧାବୃତ୍ତି ପରୀକ୍ଷାଦେଲେ ୧୪୫ ଛାତ୍ରଛାତ୍ରୀ

ଭାପୁର,୨୦।୯ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ୧୪୫ ଜଣ ଛାତ୍ରଛାତ୍ରୀ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଦେଇଛନ୍ତି। ଶନିବାର ଭାପୁର ବାଲୁଙ୍କେଶ୍ୱରଦେବ ଉଚ୍ଚ ବିଦ୍ୟାଳୟ ରେ ଆୟୋଜିତ ଏହି ପରୀକ୍ଷାରେ ବ୍ଲକର ୮୩ଟି ପ୍ରାଥମିକ ବିଦ୍ୟାଳୟର ୧୪୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଦୁଇ ଜଣ ଅନୁପସ୍ଥିତ ରହିଥିଲେ। ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ୮୪ ବାଳିକା ଓ ୬୧ ବାଳକ ଥିଲେ। ହାଇସ୍କୁଲର ପ୍ରଧାନ ଶିକ୍ଷକ ନିତ୍ୟାନ୍ଦ ଦାସ ସୁପରିଟେଣ୍ଡେଣ୍ଟ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରିଣୀ ମୋନାଲିସା ରଥ ଓ ଅତିରିକ୍ତ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର କର ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ରହି ପରୀକ୍ଷାକୁ ଶାନ୍ତିଶୃଙ୍ଖଳାର ସହ ସମାପ୍ତ କରିଥିଲେ। ପରୀକ୍ଷା ଦିନ ୧୦ଟାରୁ ଆରମ୍ଭ ହୋଇ ୧୨ ଟାରେ ସମାପ୍ତ ହୋଇଥିଲା।

## ଲିଙ୍ଗଗତ ବୈଷମ୍ୟ ଓ ବିପର୍ଯ୍ୟୟ ପ୍ରଶମନ କର୍ମଶାଳା



କଣ୍ଟିଲୋ,୨୦।୯ (ସମିସ): କଣ୍ଟିଲୋ ପଞ୍ଚାୟତ ସଭାଗୃହ ପରିସରରେ ଲିଙ୍ଗଗତ ବୈଷମ୍ୟ ଓ ବିପର୍ଯ୍ୟୟ ପ୍ରଶମନ କର୍ମଶାଳା ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତପତି ରାଜ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶାସନ ସଂଯୋଜକ ଅଶୋକ ରଥ, ଗ୍ରାମ ପଞ୍ଚାୟତ ଅଧିକାରୀ ଅନିତ ବଡସେଠ ପ୍ରମୁଖ ଯୋଗ ଦେଇ ଲିଙ୍ଗଗତ ବିଭେଦ ଯୋଗୁଁ ବିଭିନ୍ନ ଅସୁବିଧା ଓ ବିପର୍ଯୟ ସମୟ ରେ ପାରସ୍ପରିକ ସାହାଯ୍ୟ ପାଇପାରି ନଥାନ୍ତି। ଅସମୟରେ ଏହି ପ୍ରଭେଦକୁ ଭୁଲି ପରସ୍ପର ସାହାଯ୍ୟ କରିବାକୁ ଆଗେଇ ଆସିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗ୍ରାମର ଯୁବ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ସଫା ହେଲା ବ୍ଲକ ସମ୍ମୁଖ ପାଚେରି







**'ସକାଳ' ପ୍ରଭାବ**

ଗଣିଆ,୨୦।୯ (ସମିସ): ପ୍ରତିବର୍ଷ ସେପ୍ଟେମ୍ବର ୧୭ ତାରିଖ ଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି। ସ୍ୱଚ୍ଛତା ନାଁରେ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। କେବଳ ଫଟୋ ଉଠାଇ ସାମାଜିକ ଗଣମାଧ୍ୟମର ଶୀରୋନାମା ପାଲଟି ଯାଉଛି ସ୍ୱଚ୍ଛତା। ଦୀର୍ଘ ଦିନ ହେବ ଗଣିଆ ବ୍ଲକ ସମ୍ମୁଖ ପାଚେରି ପାଲଟିଛି ଜଙ୍ଗଲ। ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଲୋକପ୍ରତିନିଧିମାନଙ୍କ ପର୍ଯ୍ୟନ୍ତ ବ୍ଲକ ପରିସରକୁ ଆସୁଥିଲେ ମଧ୍ୟ କେହି ବି ଏଥିପ୍ରତି ଦୃଷ୍ଟି ଦେଉନଥିଲେ। ତେବେ ଗତ ୧୭ ତାରିଖରେ 'ବ୍ଲକ ସମ୍ମୁଖ ପାଚେରି ପାଲଟିଛି ଜଙ୍ଗଲ' ସମ୍ପର୍କିତ ଏକ ଖବର ଦୈନିକ ଖବରକାଗଜ 'ସକାଳ'ରେ ପ୍ରକାଶିତ ହୋଇଥିଲା। ଖବର ପ୍ରକାଶିତ ହେବା ପରେ ଚଳଚଞ୍ଚଳ ହୋଇ ପଡ଼ିଛି ବ୍ଲକ ପ୍ରଶାସନ। ଅନାବନା ଗଛ ଉଠି ଜଙ୍ଗଲ ପାଲଟିଥିବା ପାଚେରି ସଫାସୁତୁରା କରାଯାଇଥିବା ଜଣାପଡ଼ିଛି। ତେବେ ବର୍ଷସାରା ଯଦି ଉକ୍ତ ସ୍ଥାନ ପରିଷ୍କାର ରଖାଯାଆନ୍ତା ତେବେ ଭଲ ହୁଅନ୍ତା ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

## ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ସମ୍ବର୍ଦ୍ଧନା



ଓଡ଼ଗାଁ,୨୦।୯ (ସମିସ): ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଶତ୍ରୁଘ୍ନ ପାଣିଗ୍ରାହୀଙ୍କୁ ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ତରଫରୁ ଅଧ୍ୟକ୍ଷ ରାଜକିଶୋର ସାହୁଙ୍କ ସହିତ ଅଧାପକ ଅଧାପିକା ଓ ଛାତ୍ରଛାତ୍ରୀ ମାନେ ଶନିବାର ସମ୍ବର୍ଦ୍ଧିତ କରିଛନ୍ତି। ପ୍ରକାଶ ଥାଉକି ଓଡିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ଶତ୍ରୁଘ୍ନ ପାଣିଗ୍ରାହୀ ରଘୁନାଥ ସମବାୟ ମହାବିଦ୍ୟାଳୟ, ଓଡ଼ଗାଁରେ ୧୯୯୭ ମସିହା ଇତିହାସ ସମ୍ମାନ ବିଭାଗର ପୁରାତନ ଛାତ୍ର ଥିଲେ। ବାଲ୍ୟ ଜୀବନରୁ ଆର୍ଥିକ ଅନଟନ ମଧ୍ୟରେ ତାଙ୍କର ଚେଷ୍ଟା ନିଷ୍ଠା ପରାକାଷ୍ଠା ବଳରେ ଆଜି ଓଡ଼ିଶା ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଜି ସେ ତାଙ୍କର ଜନ୍ମମାଟି ଓଡ଼ଗାଁ ନିକଟସ୍ଥ କୁରାଳ ଗ୍ରାମକୁ ଆସିଥିବା ଅବସରରେ ଅଧ୍ୟୟନ କରିଥିବା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟକୁ ଆସି ଓଡ଼ିଆ ଏବଂ ସଂସ୍କୃତ ବିଭାଗର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ନିଜର ସଂଘର୍ଷ ପୂର୍ଣ୍ଣ ଜୀବନର କଥା କହିଲା ବେଳେ ଜଗନ୍ନାଥଙ୍କ ଅପାର କରୁଣାରୁ ସେ ଆଜି କୁଳପତି ହୋଇପାରିଛନ୍ତି ବୋଲି କହିଥିଲେ। ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାପାତ୍ର, ସାରସ କୁମାର ମିଶ୍ର, ଶିକ୍ଷା ବିଭାଗ ମୁଖ୍ୟ ଅଧାପକ ପ୍ରଦୀପ୍ତ ବିଶ୍ୱାଳ, ଓଡ଼ିଆ ବିଭାଗ ଅଧାପକ ଅରୂପାନନ୍ଦ ରାଉତ ଏବଂ ଡ. ସଞ୍ଜୁକ୍ତା ଦାସ ପ୍ରମୁଖ ଯୋଗଦେଇଥିଲେ। ସଂସ୍କୃତ ବିଭାଗ ଅଧାପକ ମୋହନ ଚନ୍ଦ୍ର ଦଳେଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅଧାପକ ବିପିନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଭଲ ମଣିଷ ଗଠନ କର୍ମଶାଳା



କଣ୍ଟିଲୋ,୨୦।୯ (ସମିସ): କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ କଲେଜ ଆଧକ୍ଷା ଡ. ନନ୍ଦିତା ବାରିକଙ୍କ ପୌରୋହିତ୍ୟରେ ଭଲ ମଣିଷ ଗଠନ କର୍ମଶାଳା, ବିଷୟ ଭଲ ଛାତ୍ର ଏବଂ ଛାତ୍ରୀଟିଏ କିପରି ହେବା ଏକ ସକାରାତ୍ମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅନେକ ଆଶ୍ରୀବଚନ ମାଧ୍ୟମରେ ନିଜର ଅଭିମତ ରଖିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ରୂପେ ନିରୋଦ ଖୁଣ୍ଟିଆ ଓ ସମୀର ଦଳେଇ ଯୋଗ ଦେଇଥିଲେ। ଏଥିରେ କଲେଜର ସମସ୍ତ କର୍ମକର୍ତ୍ତା ଏବଂ ଛାତ୍ର ଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## କାଳୁପଡ଼ାଘାଟ ପେଣ୍ଠକୁ ୨୧ ଦିନ ହେଲା ଆସୁନି ମାଛ ଡଙ୍ଗା

# ପ୍ରତି ଡଙ୍ଗାରୁ ୧୦ ଟଙ୍କା ଆଦାୟକୁ ନେଇ ବିବାଦ

ଟାଙ୍ଗୀ,୨୦।୯ (ସମିସ)



ଚିଲିକାର ଜଳରାଶିରେ ନିର୍ଭର କରନ୍ତି ହଜାର ହଜାର ମତ୍ସ୍ୟଜୀବୀ, ପ୍ରତିଦିନ ଟାଙ୍ଗୀ ଥାନା ପରିସରଭୁକ୍ତ କାଳୁପଡ଼ାଘାଟକୁ ଆସନ୍ତି ପ୍ରାୟ ୫୦୦ରୁ ଅଧୀନସ୍ଥ ମାଛମରା ଡଙ୍ଗା। ହେଲେ ଚଳିତ ମାସ ୧ ତାରିଖରୁ ସବୁ ହୋଇଛି ଗୋଳମାଳ। ପ୍ରତି ଡଙ୍ଗାରୁ ୧୦ ଟଙ୍କା ଚାନ୍ଦା ଆଦାୟ ସାଙ୍ଗକୁ ଧିବର, ମତ୍ସ୍ୟଜୀବୀମାନଙ୍କୁ ବିଭିନ୍ନ ଅଶ୍ଳୀଳ ବ୍ୟବହାରକୁ ନେଇ ହୋଇଛି ବିଭ୍ରାଟ। ସକାଳ ପାହିଲେ କାଳୁପଡ଼ାଘାଟରେ ହାଉଯାଉ ହେଉଥିବା ଡଙ୍ଗା ଏବେ ପୂରା ଶୂନ। ଶହଶହ ବେପାରୀ ସାଙ୍ଗକୁ ସାଧାରଣ ଜନତାଙ୍କ ଚଳଚଞ୍ଚଳ ପୂରା ବନ୍ଦ। ଏପରିକି ଏଠାରେ ଥିବା ସମସ୍ତ ବରଫ ଫ୍ୟାକ୍ଟ୍ରି ମାଲିକ ମଧ୍ୟ ହାତ ବାନ୍ଧି ବସିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ପ୍ରତିଦିନ ଚିଲିକାରୁ ୫ଶହରୁ ଅଧିକ ମାଛବାହୀ ଡଙ୍ଗା କାଳୁପଡ଼ାଘାଟ ପେଣ୍ଠରେ ପହଞ୍ଚିବା ପରେ ସେଠାରୁ ବିଭିନ୍ନ ପ୍ରକାର ମାଛ ବେପାରୀ ବିଭିନ୍ନ ଅଞ୍ଚଳକୁ ନେବା ସହ ବହୁ ମାଛ ଗୋଦାମ ମାଧ୍ୟମରେ ଭୁବନେଶ୍ୱର, କୋଲକାତା ଏପରିକି ବିଦେଶକୁ ମଧ୍ୟ ମାଛ ରପ୍ତାନୀ କରାଯାଇଥାଏ। ଚିଲିକାରୁ ମାଛ ଆମଦାନୀ, ରପ୍ତାନୀ ଫଳରେ ହଜାର ହଜାର ମତ୍ସ୍ୟଜୀବୀଙ୍କ ଜୀବିକା ନିର୍ବାହ ହେବା ସହ ପରୋକ୍ଷରେ ହେଉ କି ପ୍ରତ୍ୟକ୍ଷରେ ବରଫ ଫ୍ୟାକ୍ଟ୍ରିଗୁଡ଼ିକ ମଧ୍ୟ ବ୍ୟାବସାୟିକ ସଫଳତା ପାଇଥା'ନ୍ତି। ତେବେ କାଳୁପଡ଼ାଘାଟ ପେଣ୍ଠକୁ ଜଗନ୍ନାଥପୁର ପାଟଣା ମତ୍ସ୍ୟଜୀବୀ ସମବାୟ ସମିତି, ଡିଗିରିସାହି ମତ୍ସ୍ୟଜୀବୀ ସମବାୟ ସମିତି, ଘଡ଼େଇସାହି ମତ୍ସ୍ୟଜୀବୀ ସମବାୟ ସମିତି, ଆଦିଶକ୍ତି ମତ୍ସ୍ୟଜୀବୀ ସମବାୟ ସମିତି, ପାଣିଦୁଆର ମତ୍ସ୍ୟଜୀବୀ ସମବାୟ ସମିତି ସମେତ ବିଭିନ୍ନ ଅଞ୍ଚଳରୁ ଆସୁଥିବା ପ୍ରାୟ ୫ଶହରୁ ଅଧିକ ଡଙ୍ଗାରୁ ପ୍ରତ୍ୟେକ ୧୦ ଟଙ୍କା ଚାନ୍ଦା ଦେବାକୁ କିଛି ମୁଷ୍ଟିମେୟ ବ୍ୟକ୍ତି ବାଧ କରିବାରେ ଏ ଅଞ୍ଚଳର ମତ୍ସ୍ୟଜୀବୀ ବିରୋଧ କରିଥିଲେ। ଫଳରେ ପାଟିତୁଣ୍ଡ ଭଳି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଅମୂଳକ ଚାନ୍ଦା ଆଦାୟକୁ ବିରୋଧ କରି କୌଣସି ଡଙ୍ଗା କାଳୁପଡ଼ାଘାଟକୁ ନ ଆସି ପାଣିଦୁଆର ମତ୍ସ୍ୟ ଅବତରଣ କେନ୍ଦ୍ରରେ ସେମାନଙ୍କର କୌଳିକ ବ୍ୟବସାୟ କରୁଥିବା ଜଣାପଡ଼ିଛି। ଫଳରେ କାଳୁପଡ଼ାଘାଟ ପେଣ୍ଠ ଖାଁ ଖାଁ ହୋଇଥିବାବେଳେ ପାଣିଦୁଆର ପେଣ୍ଠରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳୁଛି। ପାଣିଦୁଆର ପେଣ୍ଠକୁ ଉପଯୁକ୍ତ ରାସ୍ତା ନ ଥିବାରୁ ବିଭିନ୍ନ ଅଞ୍ଚଳରୁ ଭାରୀଯାନ କଥା ଛାଡ଼ ସାଇକେଲ, ମୋଟର ସାଇକଲ ଯାତାୟାତ ପାଇଁ ସୁଗମ ରାସ୍ତାଟିଏ ନ ଥିବାରୁ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଥିବା ଜଣାପଡ଼ିଛି। ତେବେ ଏହି ଘଟଣା ଘଟିବା ଇତି ମଧ୍ୟରେ ୨୧ ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାବେଳେ ରବିବାର ଟାଙ୍ଗୀ ବିଲ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଏକ ଜରୁରୀ ସଭା ହେବ ବୋଲି ସୂଚନା ମିଳିଛି। କିନ୍ତୁ ଏଠାରେ କୌଣସି ଅପ୍ରିତିକର ପରିସ୍ଥିତି ଘଟିବାର ଯଥେଷ୍ଟ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ପୁଲିସ ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ହୋଇପଡ଼ିଛି।

▶ ହାତବାନ୍ଧି ବସିଛନ୍ତି ବରଫ ଫ୍ୟାକ୍ଟ୍ରି ମାଲିକ
▶ ଆଜି ହେବ ବୈଠକ; ଅପ୍ରିତିକର ପରିସ୍ଥିତି ସମ୍ଭାବନା

## ପୂର୍ବତନ ସରପଞ୍ଚଙ୍କ କର୍କଟ ରୋଗରେ ମୃତ୍ୟୁ



ଭାପୁର,୨୦।୯ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଇଗୁଣିଆ ପଞ୍ଚାୟତର ପ୍ରଥମ ସମିତି ସଭ୍ୟ ତଥା ପୂର୍ବତନ ସରପଞ୍ଚ ବନମାଳୀ ମହାରଣାଙ୍କ ୭୦ ବର୍ଷ ବୟସରେ ତାଙ୍କ ବାଇଗୁଣିଆ ଦାଣ୍ଡସାହି ବାସଭବନରେ ମୃତ୍ୟୁ ହୋଇଯାଇଛି। ସେ କିଛି ମାସ ହେଲା କିଡ୍‌ନୀ କ୍ୟାନସର ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସେ ୧୯୯୨-୯୬ ମସିହା ପର୍ଯ୍ୟନ୍ତ ସମିତି ସଭ୍ୟ ଓ ୨୦୦୨-୨୦୦୭ ମସିହା ପର୍ଯ୍ୟନ୍ତ ସରପଞ୍ଚ ଥିଲେ। ତାଙ୍କର ଦୁଇ ପୁଅ ଓ ଦୁଇ ଝିଅ ଅଛନ୍ତି। ତାଙ୍କ ମରଶରୀରକୁ ଗାଁ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ବଡ ପୁଅ ସୁମନ୍ତ ମହାରଣା ମୁଖାଗ୍ନି ଦେଇଥିଲେ।

# ବଜ୍ରପାତ ନେଲା ଦୁଇ ଜୀବନ

ଆଠଗଡ଼, ୨୦।୯ (ସମିସ)

ଶନିବାର ଅପରାହ୍ନରେ ଆଠଗଡ଼ ଅଞ୍ଚଳରେ ଜଣେ ୮୩ବର୍ଷିୟା ମହିଳାଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ଖୁଣ୍ଟକଟା ପଞ୍ଚାୟତ ନୂଆବନ୍ଧ ଗ୍ରାମର ଚାରିଆ ପରିଡ଼ା ବୋଲି ଜଣାପଡ଼ିଛି। ଶନିବାର ଅପରାହ୍ନରେ ଚାରିଆ ନିଜ ବାରିପଟକୁ ନିତ୍ୟକର୍ମ କରିବା ପାଇଁ ଯାଉଥିବା ବେଳେ ହଠାତ୍ ବଜ୍ରପାତ ହେବାରୁ ସେ ସେଠାରେ ଟଳି ପଡ଼ିଥିଲେ। ପରିବାର ଲୋକ ତୁରନ୍ତ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମାତ୍ର ସେଠାରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଆଠଗଡ଼ ପୁଲିସ ପହଞ୍ଚି ଶବକୁ ଜବତ କରିବା ସହିତ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।



**ଫୁଲନଖରା:** କଟକ ସଦର ଥାନା ଅନ୍ତର୍ଗତ ଉଷୁମା ଗ୍ରାମର ହୃଷୀକେଶ ସାହୁ ଓରଫ ହୁରିଆ (୪୫) ଆଜି ବିଲରେ କାମ କରୁଥିବା ବେଳେ ବଜ୍ରାଘାତରେ ତାଙ୍କ ମୃତ୍ୟୁ ଘଟିଛି। ଅପରାହ୍ନ ୪ଟା ବେଳେ ନିଜ ବିଲରେ କାମ କରୁଥିଲେ। ହଠାତ୍ ବଜ୍ରପାତ ହେବାରୁ ହୃଷିକେଶ ସେହିଠାରେ ଟଳି ପଡ଼ିଥିଲେ। ନିକଟ ବିଲରେ କାମ କରୁଥିବା ଚାଷୀମାନେ ହୃଷୀକେଶଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ପଠାଇ ଦେଇଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ହୁରିଆ ଉଷୁମା ପଞ୍ଚାୟତର ଜଣେ ଉଦୀୟମାନ ଚାଷୀ ଭାବରେ ଜଣାଶୁଣା। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ହୋଇଥିବାରୁ ପରିବାରରେ ଶୋକର ଛାୟା ଖେଳିଯାଇଛି। ଏଭଳି ଦୁଃଖ ପରିସ୍ଥିତିରେ ତାଙ୍କ ପରିବାରକୁ ସରକାରୀ ସାହାଯ୍ୟ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଥାନା ଉପରେ ପଡ଼ିଲା ବିଶାଳକାୟ ଗଛ



ଡିଗିରିଆ, ୨୦।୯ (ସମିସ): ଶନିବାର ଅପରାହ୍ନରେ ଡିଗିରିଆ ବ୍ଲକ ସଦର ମହକୁମା ନିଜିଗଡ଼ ଗ୍ରାମରେ ଉଭୟ ଘଡଘଡି ସହ ବର୍ଷା ପବନ ଘଟି ବ୍ୟାପକ କ୍ଷୟକ୍ଷତି ଘଟିଛି। ଫଳରେ ଅପରାହ୍ନ ୨ଟାଠାରୁ ରିପୋର୍ଟ ଲେଖା ସରିବା ପର୍ଯ୍ୟନ୍ତ ବିଦ୍ୟୁତ ବ୍ୟବସ୍ଥା ସ୍ୱାଭାବିକ ହୋଇପାରିନାହିଁ। ବର୍ଷା ପବନ ଫଳରେ ଡିଗିରିଆ ଥାନାର ପୁରାତନ ଗୃହ ନିକଟରେ ଥିବା ଗୋଟିଏ ବିଶାଳକାୟ କୃଷ୍ଣଚୂଡ଼ା ଭାଙ୍ଗି ଥାନା ଉପରେ ପଡ଼ିଛି। ଏଥିରେ କାହାର କୌଣସି କ୍ଷୟକ୍ଷତି ହୋଇନାହିଁ। ଥାନା ଗୃହର ଅପର ପାର୍ଶ୍ୱକୁ ଲାଗି ଟ୍ରେଜେରୀ ଅଫିସ ରହିଛି। ଗଛଟି ପଡ଼ିବା ସମୟରେ ଟ୍ରେଜେରୀ ଅଫିସ ମଧ୍ୟରେ କର୍ମଚାରୀ କାର୍ଯ୍ୟରତ ଥିଲେ; କିନ୍ତୁ ଗଛଟି ଟ୍ରେଜେରୀ ଅଫିସର ଅପର ପାର୍ଶ୍ୱକୁ ପଡ଼ିବାରୁ କୌଣସି କ୍ଷୟକ୍ଷତି ଘଟିନାହିଁ।

## ବଜ୍ରପାତରେ ଦୁଇ ଗାଈ ମୃତ

ବଡମ୍ବା, ୨୦।୯ (ସମିସ): ଶନିବାର ଅପରାହ୍ନରେ ବଡମ୍ବା ବ୍ଲକରେ ବଜ୍ରପାତ ଫଳରେ ଦୁଇଟି ଗାଈଙ୍କ ମୃତ୍ୟୁ ହୋଇଛି। କୋଲେସ୍ୱର ଗ୍ରାମପଞ୍ଚାୟତର ସୁନାପାଳ ଗ୍ରାମର ସନ୍ତୋଷ ନାଏକ ଓ ମଧୁବନ ଗ୍ରାମର ସନ୍ତୋଷ ବେହେରା ଉଭୟ ନିକଟସ୍ଥ ଚିନି କଳ ପରିସରରେ ଗାଈ ଚରାଉଥିବା ବେଳେ ବଜ୍ରପାତ ଫଳରେ ଘଟଣାସ୍ଥଳରେ ଦୁଇଟି ଗାଈର ମୃତ୍ୟୁ ହୋଇଥିଲା। ମୃତ ଗାଈ ମଧ୍ୟରେ ଗୋଟିଏ ଗାଇ ଗର୍ଭ ଥିବାର ସୂଚନା ମିଳିଛି। ପ୍ରାଣୀ ବିଭାଗର କୌଣସି ଅଧିକାରୀ ଆସି ନଥିବା ମୃତ ଗାଈର ମାଲିକ ସୂଚନା ଦେଇଛନ୍ତି।

## ବସ୍‌କୁ ଧକ୍କାଦେଲା ବାଇକ୍; ଜଣେ ଗୁରୁତର

ନରସିଂହପୁର, ୨୦।୯ (ସମିସ): ନରସିଂହପୁର-ଖୁଣ୍ଟୁଣୀର ୬୫ ନମ୍ବର ରାଜ୍ୟ ରାଜପଥର କରିଲୋ ଛକ ନିକଟରେ ବସଟି ଛିଡ଼ା ହୋଇ ଥିବାବେଳେ ପଛକୁ ବାଇକ ଧକ୍କା ଦେଇ





ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଅନୁଗୁଳ ଜିଲ୍ଲା ବନ୍ତଳା ଥାନା ଅନ୍ତର୍ଗତ ଡୁମୁଣୀ ଗ୍ରାମର ପଞ୍ଚାନନ ସାହୁ(୧୭) ଓ ବଡ଼କେରା ଗ୍ରାମର ଅବିନାଶ ଦାସ (୨୧)ଙ୍କ ସହ ବାଇକ ଚଳାଇ ବଡମ୍ବା ଥାନା ଭଟାରିକା ଗ୍ରାମରୁ ନିଜ ଘରକୁ ଫେରୁଥିବା ସମୟରେ କରିଲୋ ଛକ ନିକଟରେ ଏଭରଗ୍ରୀନ ବସ ଠିଆ ହୋଇଥିବା ସମୟରେ ବାଇକଟି ଭାରସାମ୍ୟ ହରାଇ ବସ ପଛକୁ ଧକ୍କା ଦେଇଥିଲା। ଏଥିରେ ପଞ୍ଚାନନ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ପଞ୍ଚାନନଙ୍କୁ ତୁରନ୍ତ ସ୍ଥାନୀୟ ଲୋକଙ୍କ ସହାୟତାରେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

## ଓଡ଼ିଶାର ପ୍ରଥମ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି



କଟକ, ୨୦।୯ (ସମିସ): ବନ୍ଦେ ଉତ୍କଳ ଅନୁଷ୍ଠାନ ପକ୍ଷରୁ ଓଡ଼ିଶାର ପ୍ରଥମ ବାରିଷ୍ଟର, ଉତ୍କଳ ସମ୍ମିଳନୀର ଅନ୍ୟତମ ପ୍ରତିଷ୍ଠାତା ଜାତିପ୍ରାଣ ବିଶ୍ୱନାଥ ମିଶ୍ରଙ୍କ ୯୨ତମ ପୁଣ୍ୟତିଥି ବଙ୍ଗାଳି ସାହି ସ୍ଥିତ ମା ଶାରଳା ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ମାନ ଦାସ, ସ୍ତମ୍ଭକାର ପ୍ରତାପ ଚନ୍ଦ୍ର ସାମଲ, ଉତ୍କଳ ପାଠକ ସଂସଦ ସମ୍ପାଦକ ସୁବ୍ରତ ପ୍ରିୟବ୍ରତ ମହାନ୍ତି, ଭୁବନାନନ୍ଦ ମହାନ୍ତି, ପୁଲିସ ଇନ୍ସପେକ୍ଟର ତପନ ନାହାକ, ଆଇନଜୀବୀ ବେଦାନ୍ତ ବିଶାଳ ପ୍ରଧାନ ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଭାପତି ଶ୍ରୀ ଦାସ ସ୍ୱର୍ଗତ ମିଶ୍ରଙ୍କୁ ଜାତିପ୍ରାଣ ବୋଲି କହିଥିଲେ।

## ଇଂ ମାନସ ଲେଙ୍କାଙ୍କ ଅକାଳ ବିୟୋଗ



କିଶନନଗର, ୨୦।୯ (ସମିସ): କଟକ ସଦର ଅଞ୍ଚଳର ଜଣେ ଯୁବ ସମାଜସେବୀ, କଟକ ସଦର ବିଚାର ମଞ୍ଚର କାର୍ଯ୍ୟକାରୀ ସଭାପତି, ମଣ୍ଟେସୋରୀ ଆଗ୍ରୋଟେକର ପରିଚାଳନା ନିର୍ଦ୍ଦେଶକ ଇଂ ମାନସ କୁମାର ଲେଙ୍କା (୪୪) ଙ୍କ ଶନିବାର ପୂର୍ବାହ୍ନରେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ, ପୂର୍ବତନ ବିଧାୟକ ଚନ୍ଦ୍ରସାରଥି ବେହେରା, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବିଜେପି ରାଜ୍ୟ ମୁଖପାତ୍ର ଦିଲିପ ମଲ୍ଲିକ, ବିଜେପି ନେତା ପ୍ରଦୀପ ବେହେରା, କଟକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, କଟକ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ସତ୍ୟ ଜେନା, ବିଳାସ ମଲ୍ଲିକ, ବରିଷ୍ଠ ସାମ୍ବାଦିକ ବିଷ୍ଣୁଚରଣ ବେହେରା, ଇଂ ପ୍ରଭାତ କୁମାର ସେଠୀ, ସରପଞ୍ଚ ସୁଜାତା ସେଠୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକ ଇଂ ଲେଙ୍କା ଙ୍କର ପତ୍ନୀ, ଛୋଟଝିଅ, ବାପା ବିଦ୍ୟୁତ୍ ବିଭାଗର ଅବସରପ୍ରାପ୍ତ ମୁଖ୍ୟ ବିଦ୍ୟୁତ୍ ଅଧିକାରୀ ଇଂ ବଟକୃଷ୍ଣ ଲେଙ୍କା ଓ ମାଆ ଥିବା ଜଣାଯାଇଛି। ବାଲିଶୁକ୍ରି ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବିଧାୟକ ପ୍ରକାଶ ସେଠୀ ମୃତକଙ୍କ ଘରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ବର୍ଷାକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ



ନିଶ୍ଚିନ୍ତକୋଇଲି, ୨୦।୯ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇଠାରେ ଥିବା ବଲ୍ଲଭୀ ଦେବୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ସପ୍ତାହଧରି ଚାଲୁଥିବା ବର୍ଷାକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଛି। ଏହି ଶିବିରରେ ୫୦ଜଣ ସ୍ୱେଚ୍ଛାସେବୀ ଯୋଗଦେଇ ବରାଦୋ-ରାମକୃଷ୍ଣପୁର ଗ୍ରାମଉନ୍ନୟନ ରାସ୍ତା ପାର୍ଶ୍ୱରେ ଗଛ ଲଗାଇ ତାହାକୁ ବଞ୍ଚାଇ ରଖିବା ପାଇଁ ସୁରକ୍ଷା ବାଡ ଦେଇଛନ୍ତି। ଏହାଛଡା ପରିବେଶ ସୁରକ୍ଷା ଓ ଜଳବାୟୁର ସନ୍ତୁଳିତ ପାଇଁ ଚାରାରୋପଣର ଆବଶ୍ୟକତା ସଂକ୍ରାନ୍ତରେ ଜନସଚେତନତା କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷା ଡ. ପୁଷ୍ପିତା ଜେନାଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଜୟଦେବ ରାଉତ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଡ. ଜୟନ୍ତୀ ସାହୁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଶୁଭଶ୍ରୀ ନାୟକ, ଉପେନ୍ଦ୍ର ସାହୁ, ପ୍ରଭାବତୀ ରାଉତ ପ୍ରମୁଖ ଯୋଗଦେଇଥିଲେ।

## ନାରାୟଣ ସାମଲଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



କଟକ, ୨୦।୯ (ସମିସ): କଟକର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ନାରାୟଣ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସ୍ୱର୍ଗତଃ ନାରାୟଣ ସାମଲଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ଟ୍ରଷ୍ଟର ସଦସ୍ୟମାନେ ଢେଙ୍କାନାଳ ଜିଲ୍ଲାର ଗଁନ୍ଦିଆ ବ୍ଲକ ସୋରିଶିଆ ପଦ ପଞ୍ଚାୟତର କୋଲ୍‌ହା ଗାଁକୁ ଯାଇଥିଲେ। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସଦାଶିବ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେଠାରେ ଚାରାରୋପଣ ସହିତ ୪୦୦ରୁ ଅଧିକ ଆଦିବାସୀଙ୍କୁ ନୂତନ ବସ୍ତ୍ର ବଣ୍ଟନ ଓ ଅନ୍ନସେବା କାର୍ଯ୍ୟକ୍ରମ କରାଯାଇଥିଲା। ଟ୍ରଷ୍ଟର ପରାମର୍ଶଦାତା ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ରାୟ, ସମାଜସେବୀ ଦୀନେଶ ଗୁପ୍ତା, ସୁରେଶ ବିଶ୍ୱାଳ, ଶିକ୍ଷକ ସମର କେତନ ନାୟକ, ସମାଜସେବୀ ଅଶୋକ କୁମାର କର, ସଚ୍ଚିଦାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତଃ ସାମଲଙ୍କ ସ୍ମୃତିଚାରଣ କରିଥିଲେ। ଟ୍ରଷ୍ଟର ସମ୍ପାଦକ ଅଶ୍ୱିନୀ କୁମାର ବାରିକ, ବିକାଶ ପୁହାଣ, ମନୋରଞ୍ଜନ ସାହୁ, ନୃସିଂହ ସାହୁ, ସନାତନ ସେଠୀ, ସାଇଶ୍ୟାମ ରଣା, ପ୍ରଫୁଲ୍ଲ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟାଳୟରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ



ଡିଗିରିଆ, ୨୦।୯ (ସମିସ): ଡିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ନୂତନ ୟୁନିଫର୍ମ ପୋଷାକ ବଣ୍ଟନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ରାଉତଙ୍କ ପୌରୋହିତ୍ୟରେ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅମରେଶ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଏହି ନୂତନ ପୋଷାକ ବଣ୍ଟନ କରିଥିଲେ। ସରକାରଙ୍କ ପୋଷାକ ପ୍ରଦାନ ଦାୟିତ୍ୱ ଜୟ ଜଗନ୍ନାଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଦସ୍ୟଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଶିକ୍ଷା କେନ୍ଦ୍ରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



ଟାଙ୍ଗୀ, ୨୦।୯ (ସମିସ): କୃଷି ବିଜ୍ଞାନ କେନ୍ଦ୍ର କଟକ ଆନୁକୂଲ୍ୟରେ ଟାଙ୍ଗୀ ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ଆଞ୍ଜୁଆ ଗ୍ରାମସ୍ଥ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେଭିକେର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ ରଞ୍ଜନ କୁମାର ମହାନ୍ତ ଓ ସମ୍ମାନିତ ଅତିଥି ଭାବେ ବି.ମୋନିକା ଓ ସିଆରସିସି ବଂଶୀଧର ସ୍ୱାଇଁ ପ୍ରମୁଖ ଯୋଗଦେଇ ନିଜେ ସ୍ୱଚ୍ଛ ରହିବା ସହ ପରିବେଶ ସ୍ୱଚ୍ଛତା ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଯାଇଥିଲା। ଶିକ୍ଷା କେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀ ଓ କେଭିକେର କର୍ମଚାରୀ ସହଯୋଗ କରିଥିଲେ।

## ୧୧୫୬ ଶ୍ରମିକଙ୍କୁ ୫.୭୮ କୋଟି ସହାୟତା

କଟକ, ୨୦।୯ (ସମିସ): ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ କଟକ ଜିଲ୍ଲାରେ ବିଭିନ୍ନ ଆର୍ଥିକ ସହାୟତା ରାଶି ଆଜି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଦ୍ୱାରା ବଣ୍ଟାଯାଇଥିଲା। ଏଥିରେ ୧, ୧୫୬ ଶ୍ରମିକ ମାନଙ୍କୁ ବିଭିନ୍ନ ସହାୟତା ରାଶି ବାବଦରେ ମୋଟ ୫ କୋଟି ୭୮ ଲକ୍ଷ ଏକ ହଜାର ବଣ୍ଟନ କରାଯାଇଥିଲା। ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏହି ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ଶ୍ରମ ଅଧିକାରୀ ପ୍ରତିବନ୍ଧନ ଘଡାଇ, ସହାୟକ ଶ୍ରମ ଅଧିକାରୀ, ରଶ୍ମିରଞ୍ଜନ ବରାଳ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

● କଟକ ବାଲିଯାତ୍ରା-୨୦୨୫

## ସୁପରିଚାଳନା ପାଇଁ ପ୍ରଶାସନର ପ୍ରସ୍ତୁତି

କଟକ, ୨୦।୯ (ସମିସ): ଚଳିତ ବର୍ଷ ଐତିହାସିକ କଟକ ବାଲିଯାତ୍ରା ନଭେମ୍ବର ୫ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ତଳପଡ଼ିଆରେ ବାଲିଯାତ୍ରା ଅନୁଷ୍ଠିତ ହେବ। ବର୍ଷକୁ ବର୍ଷ ବାଲିଯାତ୍ରାର କଳେବର ବୃଦ୍ଧି ପାଇ ତଳପଡ଼ିଆରେ ବ୍ୟବସାୟୀକ ଦୃଷ୍ଟିରୁ ବହୁ ଲୋକ ଲାଭବାନ ହେଉଛନ୍ତି। ବାଲିଯାତ୍ରାରେ ପ୍ରତ୍ୟେକ ବର୍ଷ ଲକ୍ଷାଧିକ ଲୋକଙ୍କ ଜନଗହଳି ହେଉଥିବାରୁ ସେମାନଙ୍କ ସୁରକ୍ଷା ଓ ନିରାପତ୍ତା ସହ ଏକାଠି ଶୌଚାଳୟ ବ୍ୟବସ୍ଥା କରାଯାଇ ପରିମଳ ତଥା ପରିଷ୍କାର ଓ ପରିଚ୍ଛନ୍ନତା ବ୍ୟବସ୍ଥା ମଧ୍ୟ ତଳପଡ଼ିଆରେ ସମ୍ଭବପର ହୋଇପାରୁଛି। ଏତଦବ୍ୟତୀତ ମହାନଦୀ ରିଭର ଫ୍ରଣ୍ଟ ପାଇଁ ରାଜ୍ୟ ସରକାର ଅନୁମତି ପୂର୍ବକ ନକ୍ସା ପ୍ରସ୍ତୁତି କରି ଯୋଜନା କରିଥିବା ବେଳେ ଆଗାମୀ ଦିନରେ ସେଠାରେ ଏହି ଯାତ୍ରା ମାଧ୍ୟମରେ ସାଂସ୍କୃତିକ ଐତିହ୍ୟ ସହ ନଦୀ ଦୃଶ୍ୟ ଓ ଅନନ୍ୟ ପରିବେଶ ଦ୍ୱାରା ଆଉ ଏକ ନୂଆ ପରିଚୟ ସୃଷ୍ଟି ହୋଇପାରିବ। ଏନ୍‌ଜିଟିର ଆଦେଶ ସହ ଉଚ୍ଚ ନ୍ୟାୟାଳୟର ନିୟମାବଳୀ ଅନୁଯାୟୀ, ବାଲିଯାତ୍ରା ଆୟୋଜନ ନିମନ୍ତେ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ସୁପରିଚାଳନା ପାଇଁ ତଳପଡ଼ିଆରେ କରାଯିବା ପାଇଁ ପ୍ରସ୍ତୁତି ଜାରିରହିଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ବାଲିଯାତ୍ରାର ବର୍ଦ୍ଧିତ କଳେବରକୁ ଦୃଷ୍ଟିରେ ରଖି ଏଥର ଯଥେଷ୍ଟ ଅଧିକ ସ୍ଥାନରେ ଏହା ଆୟୋଜନ କରାଯିବ। ବିଶେଷଭାବେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କର ବିଭିନ୍ନ ଅନୁଧ୍ୟାନ ତଥା ବିଭିନ୍ନ ବ୍ୟବସାୟୀ ଓ ଅନ୍ୟାନ୍ୟ ସଂଘ, ବ୍ୟବସାୟୀ, କ୍ଷୁଦ୍ର, ମଧ୍ୟମ ତଥା ବୃହତ ବ୍ୟବସାୟିକ ଅନୁଷ୍ଠାନ ପାଇଁ ଅଧିକ ଜାଗା ସହ ସେମାନଙ୍କ ପ୍ରତ୍ୟକ୍ଷବୋଧ ଆଗ୍ରହକୁ ଦୃଷ୍ଟି ଦେଇ ଆଗାମୀ ଦିନରେ ଏହି ଯାତ୍ରା ବ୍ୟାପକରୁ ବ୍ୟାପକ ହେବାକୁ ଯାଉଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଗୋବିନ୍ଦ ମିଶ୍ରଙ୍କ ୨୫ତମ ତିରୋଧାନ ଦିବସ



ବଡ଼ମ୍ବା, ୨୦।୯ (ସମିସ): ବଡମ୍ବା କୋର୍ଟ ପରିସରରେ ସ୍ୱର୍ଗତ ଗୋବିନ୍ଦ ମିଶ୍ରଙ୍କ ସୁପୁତ୍ର କୃଷ୍ଣାନନ୍ଦ ମିଶ୍ରଙ୍କ ଆବାହକତ୍ୱରେ ଗୋବିନ୍ଦ ମିଶ୍ରଙ୍କ ୨୫ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଦେୱାନୀ ବିଚାରପତି ଦୂର୍ବସା ଦୁର୍ଗା ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଆର ମିଳନ ପାତ୍ର ଯୋଗ ଦେଇଥିଲେ। ଏହା ପରେ ଉପସ୍ଥିତ ଥିବା ଓକିଲ ମାନେ ସ୍ୱର୍ଗତ ମିଶ୍ର ଜଣେ ସୁନାମଧନ୍ୟ ଓକିଲ ଥିଲେ। ପେସାରେ ଓକିଲାତି କରୁଥିଲେ ସତ କିନ୍ତୁ ମହକିଲଙ୍କୁ କେବେବି ଜୁଲୁମ କରି ନ ଥିଲେ। ବିନା ପଇସାରେ କେସ ଲଢୁଥିଲେ। ଏହି ଅବସରରେ ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବି ନାରାୟଣ ଦାଶ, ଅକ୍ଷୟ ଦାସ, ପ୍ରଶାନ୍ତ ନାୟକ, ଅମୂଲ୍ୟ ପାଣିଗ୍ରାହୀ, ବିଭୁ ଭୂଷଣ ମହାନ୍ତି, ତ୍ରିଲୋଚନ ପଢ଼ିଆରୀ, ମୋହରି ବିଜୟ ନନ୍ଦ ସାହୁ, ନେତ୍ରାନନ୍ଦ ମଲ୍ଲିକ ଉପସ୍ଥିତ ଥିବାବେଳେ ସମସ୍ତ କୋର୍ଟର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ନିରୁଦ୍ଦିଷ୍ଟ



ବଉଁଶପାଳ, ୨୦/୯ (ସମିସ): ଅନୁଗୋଳ ଜିଲ୍ଲା ବଉଁଶପାଳ ଥାନା (ପଠାନସାହି)ର ମିରି ମହମ୍ମଦ(୫୨)ଙ୍କ ନାତି ମହମ୍ମଦ ଆବିଦ (୧୫) ଗତ ୬.୮.୨୫ ରଖି ଦିନ ପ୍ରାୟ ୧ ଟା ବେଳେ ବଜାରକୁ ଯାଉଛି କହି ଗଲା ଆଉ ଫେରି ନଥିଲା। ଗଲାବେଳେ ଏକ ନୀଳ ପ୍ୟାଣ୍ଟ, ନାଲି ଫୁଲ ସାର୍ଟ ସହ ଏକ ଗାମୁଛା ବେକରେ ପକାଇ ଥିଲା ତାର ଉଚ୍ଚତା ୫'୫ଇଞ୍ଚ, ରଙ୍ଗ ଗୋରା ଅଟେ, ତାକୁ ଖୋଜା ଖୋଜି ପରେ ସନ୍ଧାନ ନପାଇବାରୁ ବଉଁଶପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାର ଯଦି କୌଣସି ସହୃଦୟ ବ୍ୟକ୍ତି ସନ୍ଧାନ ପାଆନ୍ତି ତାହା ହେଲେ ୯୬୬୮୭୫୦୪୭୩ ନମ୍ବରକୁ ଜଣାଇବାକୁ ଅନୁରୋଧ।

## ସଂକୀର୍ତ୍ତନ ଗୁରୁଙ୍କ ପରଲୋକରେ ଆଧ୍ୟାତ୍ମିକ ସମ୍ମିଳନୀ

ଚୌଦ୍ୱାର, ୨୦।୯ (ସମିସ): ଆଧ୍ୟାତ୍ମବାଦୀ ତଥା ଅଞ୍ଚଳର ସୁନାମଧନ୍ୟ ସଂକୀର୍ତ୍ତନ ଗୁରୁ ରମେଶ ଚନ୍ଦ୍ର ନାୟକଙ୍କ ବିୟୋଗରେ ବହୁ ସାଧୁସନ୍ଥ ଓ ସଂକୀର୍ତ୍ତନ କର୍ମୀମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡ. ସୁଲିପ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଚୌଦ୍ୱାର ପ୍ରଧାନସାହିରେ ଆୟୋଜିତ ଏହି ସମ୍ମିଳନୀରେ ଭାଗବତ ପ୍ରବକ୍ତା ବ୍ରଜେନ୍ଦ୍ର ନାୟକ, ଟାଙ୍ଗୀ-ଚୌଦ୍ୱାର ସତ୍ୟ ସନାତନ ଭାଗବତ ପ୍ରଚାର ସମିତି ସଭାପତି ସିଦ୍ଧେଶ୍ୱର ନାୟକ, ତୋଫାନୀ ବାବା, ପରମାନନ୍ଦ ସାହୁ, ହୃଷିକେଶ ମହାନ୍ତି, କାଳନ୍ଦୀ ମହାରଣା, ସୁବାସ ଚନ୍ଦ୍ର ମହାରଣା, ମନୋରଞ୍ଜନ ନାୟକ ପ୍ରମୁଖ ସ୍ୱର୍ଗତ ନାୟକଙ୍କ ଅଧ୍ୟାତ୍ମିକ ଜୀବନୀ ଉପରେ ଆଲୋଚନା କରି ଅଞ୍ଚଳର ବିଭିନ୍ନ ଆଧ୍ୟାତ୍ମିକ ଓ ନାମ ସଂକୀର୍ତ୍ତନରେ ତାଙ୍କର ଯୋଗଦାନ ଓ ନେତୃତ୍ୱ ପାଇଁ ସେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ ବୋଲି ମତବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଗୀତା ପାରାୟଣ, ଭାଗବତ ପଠନ ଓ ସମୂହ ସଂକୀର୍ତ୍ତନ ଆଦି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଞ୍ଚଳର ୮୫ ଜଣ ସଂକୀର୍ତ୍ତନ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାବାଜୀ ଦିନବନ୍ଧୁ ବେଉରା, ମାନସ ସାହୁ, ରଞ୍ଜନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସ୍ୱର୍ଗତ ନାୟକଙ୍କ ପୁତ୍ର ଭବାନୀ ଶଙ୍କର ନାୟକ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



ନରସିଂହପୁର, ୨୦।୯ (ସମିସ)

ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଂଗଠନର ପ୍ରତିଷ୍ଠା ଦିବସ ନରସିଂହପୁର ପାଇକପଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରାଙ୍ଗଣରେ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଭବାନୀ ଶଙ୍କର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମକୁ ଉଦଘାଟନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ସଂସ୍କୃତ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ସାହୁ ରାଜ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠାର ଲକ୍ଷ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଧରିତ୍ରୀରାଣୀ ମାଝୀ, ଅଙ୍କିତା ମହାନ୍ତି, ରାଧିକା ରାଉତ, ଜାଜ୍ଞସେନୀ ସ୍ୱାଇଁ, ପ୍ରିୟଦର୍ଶିନୀ ଲିସ୍ପାବିଶି, ପ୍ରିୟମ୍ବଦା ନାଏକ, ଶୁଭଶ୍ରୀ ମୁଦୁଲି, ପ୍ରିୟଙ୍କା ସାହୁ, ଶୁଭଶ୍ରୀ ରାଉତ ଏବଂ ଶିକ୍ଷକ ବିପିନ ରାଉତ, ବିଶ୍ୱଜିତ୍ ସାହୁ, ମଳୟ ରଞ୍ଜନ ସାହୁ, ପ୍ରଶାନ୍ତ ବେହେରା, ନିରଞ୍ଜନ ସାହୁ, କର୍ମଚାରୀ ସରୋଜ ମିଶ୍ର ଓ ପୁପୁନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସଙ୍ଗୀତ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଏବଂ ଆଦର୍ଶ ବିଦ୍ୟାଳୟ ସଙ୍ଗୀତ ପରିବେଷଣ କରାଯାଇଥିଲା।

ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ



ପ୍ରଫୁଲ୍ଲ ବାରିକ
ଜନ୍ମ: ୨୧.୦୯.୧୯୬୦
ଶିରିଡ଼ିସାଇ ଆଶ୍ରିତ ଓ ସମାଜସେବୀ
ଗ୍ରାମ/ପୋଷ୍ଟ:ବରଦା, ଜିଲ୍ଲା: ଯାଜପୁର
ଭାଇ ତୁମର ୬୫ତମ ଜନ୍ମଦିନ ଅବସରରେ ପ୍ରଭୁ ଜଗନ୍ନାଥ ତମକୁ ଆଶୀର୍ବାଦ ପ୍ରଦାନ କରନ୍ତୁ ଓ ଆହୁରି ଉନ୍ନତିମୂଳକ କାର୍ଯ୍ୟରେ ଆଗେଇ ଚାଲନ୍ତୁ। ଏହା ହିଁ ଭଗବାନଙ୍କ ପାଖରେ ପ୍ରାର୍ଥନା ।
ଶୁଭେଚ୍ଛା ସହ:
କବିତା ସେଠୀ (ସରପଞ୍ଚ, ବରଦା ଗ୍ରାମପଞ୍ଚାୟତ), ଅଶୋକ ସାମଲ, ସାରଦା ପୃଷ୍ଟି, ମନ୍ମଥ ସାମଲ

ଜମି ଫେରାଇ ନେବେ ସରକାର

# ଜୀବନଜୀବିକା ଦ୍ୱନ୍ଦ୍ୱରେ ୩୪ ପରିବାର



୪୫ ବର୍ଷ ତଳେ କାଜୁ ଚାଷ କରି ପ୍ରତିପୋଷଣ ପାଇଁ ମିଳିଥିଲା

**କବାଟବନ୍ଧ, ୨୦।୯ (ସମିସ)**

ଦୀର୍ଘ ୪୫ ବର୍ଷ ପୂର୍ବେ ତତ୍କାଳୀନ ସରକାର ଗରିବ ଦଳିତ, ଆଦିବାସୀମାନଙ୍କୁ ପରିବାର ପ୍ରତିପୋଷଣ ପାଇଁ ଦେଇଥିବା ଜମିକୁ ବର୍ତ୍ତମାନର ସରକାର ଫେରାଇ ନେବାକୁ ମସୁଧା କରିବା ଅଭିଯୋଗ ହୋଇଛି। ଏନେଇ ମସୁଧାର ଶିକାର ହେଉଥିବା ତଥା ପଟ୍ଟା ପାଇଥିବା ପରିବାର ଯାଜପୁର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହିତ ପ୍ରତିବାଦ କରିଛନ୍ତି। ଧର୍ମଶାଳା ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ପୁରୁଣା ବଉଳମାଳ ଏବଂ ସାହାଣୀଡ଼ିହ ପଞ୍ଚାୟତ ଅଧୀନ ଲୁଣିବେର ଏବଂ ପୁରୁଣା ବଉଳମାଳ ମୌଜାରେ ପ୍ରାୟ ୩୪ ଜଣ ଆଦିବାସୀ ଏବଂ ଦଳିତଙ୍କୁ ସ୍ୱାବଲମ୍ବୀ ତଥା ପରିବାର ଚଳାଇବା ପାଇଁ ଲୁଣିବେର ମୌଜାର ଖାତା ନମ୍ବର ୨୨୬, ପ୍ଲଟ ନମ୍ବର ୨୭; ସେହିପରି ପୁରୁଣା ବଉଳମାଳ ମୌଜାର ଖାତା ନମ୍ବର ୧୨୫, ପ୍ଲଟ ନମ୍ବର ୧ରେ ମୋଟ ୬୮ ଏକର ଜମି ପ୍ରଦାନ କରିଥିଲେ। ସରକାରଙ୍କ ଇଆରଆରପି ଯୋଜନାରେ ପ୍ରତି ପରିବାରକୁ ୨ ଏକର ଲେଖାଏଁ କରି ମୋଟ ୩୪ ପରିବାରକୁ ୬୮ ଏକର ଜମି ପ୍ରଦାନ କରିଥିଲେ। ଯାହା ଦ୍ୱାରା ସେମାନେ ଉକ୍ତ ଜମିରେ କାଜୁ ବଗିଚା ମାଧ୍ୟମରେ ରୋଜଗାର କରି ପରିବାରର ଭରଣପୋଷଣ କରିବେ। ମାତ୍ର ଗତ ଜୁଲାଇ ୨୧ ତାରିଖରେ ଧର୍ମଶାଳା ତହସିଲ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୭୩୭୪ ଏବଂ ୭୩୭୬ରେ ଉକ୍ତ ଜମିକୁ ଇଡକୋକୁ ହସ୍ତାନ୍ତର କରିବା ପାଇଁ ନୋଟିସ୍ ଜାରି କରିଛନ୍ତି। ଯାହାକୁ ନେଇ ଉକ୍ତ ଭୂମିହୀନ ଦଳିତ ଓ ଆଦିବାସୀ ପରିବାରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅବିଭକ୍ତ କଟକ ଜିଲ୍ଲା ଏବଂ ଦର୍ପଣ ତହସିଲ ଅଧୀନରେ ଥିବା ବେଳେ ତତ୍କାଳୀନ କଂଗ୍ରେସ ସରକାର ୧୯୮୦ ମସିହାରେ ଉକ୍ତ ଜମିକୁ ଯୋଗାଇ ଦେଇଥିବା ବେଳେ ଏବେ କାହିଁକି ଛଡ଼ାଇ ନେଇ ଶିଳ୍ପ ସଂସ୍ଥାକୁ ଟେକି ଦିଆଯିବ ବୋଲି ଉକ୍ତ ପରିବାର ପ୍ରଶ୍ନ କରିଛନ୍ତି।

ଦୀର୍ଘ ୪୫ ବର୍ଷ ଧରି ଏହି ଜମିକୁ ନେଇ ଜୀବନ ଜୀବିକା ନିର୍ବାହ କରୁଥିବା ଏହି ୩୪ ପରିବାର ଏବେ ଦ୍ୱନ୍ଦ୍ୱରେ ରହିଥିବା ଜଣାପଡ଼ିଛି। ମାତ୍ର ସରକାର କେଉଁ ଶିଳ୍ପ ସଂସ୍ଥା ପାଇଁ ଏହି ଜାଗାକୁ ଟେକି ଦେବା ପାଇଁ ବ୍ୟସ୍ତ ଅଛନ୍ତି ତାହା ମଧ୍ୟ ଏକ ପ୍ରଶ୍ନ। ବିଭିନ୍ନ ସ୍ଥାନରେ ଇଡ଼କୋ ଜରିଆରେ ଲିଜ ସୂତ୍ରରୁ ଜମି ନେଇ କମ୍ପାନୀମାନେ ନିଜର ଶିଳ୍ପ ସଂସ୍ଥା ତଥା ବ୍ୟବସାୟ ସ୍ଥାପନ କରୁଥିବା ବେଳେ ଜନସାଧାରଣଙ୍କ ଜୀବିକାକୁ ଗୁରୁତ୍ୱ ଦେଉ ନଥିବା ବୁଦ୍ଧିଜୀବୀ ମାନେ ମତ ଦେଉଛନ୍ତି। ଉକ୍ତ ପରିବାର ପାଇଥିବା ଜମିର ଖଜଣା ମଧ୍ୟ ପଇଠ କରୁଛନ୍ତି। ମାତ୍ର ଏହି କ୍ଷେତ୍ରରେ ଶିଳ୍ପ ସଂସ୍ଥା ଇଡ଼କୋ ମାଧ୍ୟମ କରି ଗରିବ ଦଳିତ ଆଦିବାସୀଙ୍କ ଜମି ହାଉଡ଼େଇବାକୁ ଏକ ବଡ଼ ମସୁଧା କରୁଥିବା ସନ୍ଦେହ କରାଯାଉଛି। ଅନେକ ସ୍ଥାନରେ ଇଡକୋ ହାତେଇଥିବା ଶହ ଶହ ଏକର ଜମି ସେମିତି ପଡ଼ିଥିବା ଦେଖିବାକୁ ମିଳିଛି। ତେଣୁ ଉକ୍ତ ଜମିକୁ କାହାକୁ ହସ୍ତାନ୍ତର ନ କରି ପୂର୍ବ ପରି ଉକ୍ତ ପରିବାରଙ୍କୁ ଦିଆଯାଇ ରେକର୍ଡଭୁକ୍ତ କରାଯାଉ ବୋଲି ଦାବି କରିଛନ୍ତି।

# ରେଳ ଦୁର୍ଘଟଣାରେ ଝିଅ ମୃତ

**ମା' ଗୁରୁତର; ଅଳ୍ପକେ ବର୍ତ୍ତିଲା ସାନଝିଅ**

**ସୁକିନ୍ଦା, ୨୦।୯ (ସମିସ):** ଅନୁଗୁଳ-ସୁକିନ୍ଦା ରେଳପଥର ଦାମୋଦରପୁର ଗ୍ରାମ ନିକଟରେ ରେଳ ଦୁର୍ଘଟଣା ଘଟି ବଡ଼ ଝିଅର ମୃତ୍ୟୁ ଘଟିଥିବା ବେଳେ ମା' ଗୁରୁତର ଆହତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସାନ ଝିଅ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ ସୁକିନ୍ଦା ଥାନା ଅନ୍ତର୍ଗତ ମୂଳଖମ୍ବ ଗ୍ରାମ ଶରଣ ବେହେରାଙ୍କ ସ୍ତ୍ରୀ କୁନି ବେହେରା ତାଙ୍କ ଦୁଇ ପିଲାଙ୍କୁ ନେଇ ରେଳ ଧାରଣା କଡ଼ରେ ଚାଲିଚାଲି ଯାଉଥିବା ସମୟରେ ଦାମୋଦରପୁର ଗ୍ରାମ ପାଖ ରେଳ ଧାରଣାରେ ଦୁର୍ଘଟଣାର ଶୀକାର ହୋଇଥିଲେ। ଏହି ଦୁର୍ଘଟଣାରେ କୁନିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ୪ବର୍ଷର ବଡ଼ଝିଅ ରେଳ ଧାରଣାରେ କଟି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସୌଭାଗ୍ୟ ବଶତଃ ୧ବର୍ଷର ସାନ ଝିଅଟି ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ସୂଚନା ପାଇ ରେଳ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ କୁନିଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହ ବର୍ତ୍ତି ଯାଇଥିବା ସାନଝିଅକୁ ପରିବାର ଲୋକଙ୍କୁ ଜିମା ଦେଇଛନ୍ତି। ବଡ଼ ଝିଅର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ଇନ୍‌ଷ୍ଟାଗ୍ରାମରେ ଫେକ୍ ଆକାଉଣ୍ଟ

# ଯୁବତୀଙ୍କୁ ବ୍ଲାକ୍‌ମେଲିଂ ଅଭିଯୋଗ

**ଯାଜପୁର, ୨୦।୯ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବୃନ୍ଦାଦେଇପୁର ଶାସନ ଅଞ୍ଚଳରେ ଜଣେ ଯୁବତୀଙ୍କୁ ସୋସିଆଲ ମିଡ଼ିଆରେ ବ୍ଲାକ ମେଲିଂ କରୁଥିବା ନେଇ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ସୁରକ୍ଷା ପାଇଁ ପୁଲିସକୁ ଅନୁରୋଧ କରିଛନ୍ତି। ଯୁବତୀଙ୍କ ଅଭିଯୋଗ ଅନୁସାରେ ପ୍ରାୟ ବର୍ଷେ ତଳେ ନିଜ ନାମରେ ଇନଷ୍ଟାଗ୍ରାମ ଆକାଉଣ୍ଟ ଖୋଲି ନିଜର ଏବଂ ତାଙ୍କ ମାଆଙ୍କ ଫଟୋ ଅପଲୋଡ଼ କରିଥିଲେ। କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ମହଣ ପଞ୍ଚାୟତ ପୂରଣ ଗ୍ରାମର ଅକ୍ଷୟ ଗିରିଙ୍କ ପୁଅ ଲିପି ଗିରି ଓ ସହଯୋଗୀ ବନ୍ଧୁ ସେହି ଗ୍ରାମର ରାଜେନ୍ଦ୍ର ଗିରିଙ୍କ ପୁଅ ଦିନେଶ ଗିରିଙ୍କ ସହଯୋଗରେ ତାଙ୍କ ଫାଟୋକୁ ନେଇ ଅଶ୍ଳୀଳ ଫଟୋ ତିଆରି କରି ବିଭିନ୍ନ ଫେକ୍‌ଆଇଡ଼ିରେ ଅପଲୋଡ଼ କରିଛନ୍ତି। ଉଭୟ ଲିପି ଓ ଦିନେଶ ପ୍ରାୟ ୯ ଗୋଟି ଫେକ ଆଇଡି ତିଆରି କରି ଅଶ୍ଳୀଳ ଫଟୋ ସହିତ ବିଭିନ୍ନ କଥା ଲେଖି ଉଭୟ ମା' ଏବଂ ଝିଅଙ୍କୁ ନିନ୍ଦିତ କରୁଛନ୍ତି। ସାମାଜିକ ସମ୍ମାନ ଉପରେ ଉଭୟ ବହୁ ମାନସିକ ଚାପରେ ପ୍ରାୟ ବର୍ଷେ ହେବ ରହି ଆସୁଛନ୍ତି। ଏନେଇ ଯୁବତୀ ଜଣକ ଜେନାପୁର ଥାନାରେ ଏକ ଲିଖିତ ଅଭିଯୋଗ କରିବା ସହିତ ସମ୍ପୃକ୍ତ ଯୁବକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହିତ ପରିବାରର ସୁରକ୍ଷା ପାଇଁ ଅନୁରୋଧ କରିଛନ୍ତି।

# ବଜ୍ରପାତରେ ଜଣେ ମୃତ; ତିନି ଗୁରୁତର

**ସୁକିନ୍ଦା, ୨୦।୯ (ସମିସ):** କଳିଙ୍ଗନଗର ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମପାଖ ଜମିରେ ଚାଷ କାର୍ଯ୍ୟ କରୁଥିବା ସମୟରେ ଆକସ୍ମିକ ବଜ୍ରପାତରେ ଜଣେ ଚାଷୀଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ତିନିଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ ଶନିବାର ଅପରାହ୍ନରେ କଳିଙ୍ଗନଗର ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମପାଖ ଜମିରେ ଚାଷ କାର୍ଯ୍ୟ କରୁଥିବା ସମୟରେ ଆକସ୍ମିକ ବଜ୍ରାଘାତରେ ଶ୍ରୀରାମପୁର ଅଞ୍ଚଳର ୪ ଜଣ ଚାଷୀ ଗୁରୁତର ଆହତ ହୋଇଥିଲେ। ସୂଚନା ପାଇ କଳିଙ୍ଗନଗର ପୁଲିସ ସମସ୍ତ ଆହତଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶ୍ରୀରାମପୁର ଗ୍ରାମର ଟାଙ୍ଗୁରୁ ହେମ୍ବ୍ରମଙ୍କ ପୁଅ ବଳରାମ ହେମ୍ବ୍ରମ(୪୦)କୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର ଅନ୍ୟ ତିନିଜଣ ମାତରାମ ପୂର୍ତ୍ତିଙ୍କ ପୁଅ କୁନା ପୂର୍ତ୍ତି(୩୫) ବୋହୂ ସାବିତ୍ରୀ ପୁର୍ତ୍ତି(୪୫) ଓ ରମେଶ ପୂର୍ତ୍ତିଙ୍କ ପୁଅ ଜିନାରାମ ପୂର୍ତ୍ତି(୨୨)ଙ୍କର ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି।

# ଚାକିରି କରାଇଦେବା ଆଳରେ ୫୦ହଜାର ଟଙ୍କା ଠକେଇ

**ଯାଜପୁର, ୨୦।୯ (ସମିସ):** ଚାକିରି କରାଇଦେବା ଆଳରେ ଠକିନେଲେ ୫୦ହଜାର ଟଙ୍କା। ଯାଜପୁର ଟାଉନ ଥାନା ଜାଗେଶ୍ୱରପୁର ଗ୍ରାମର (ବାରିକସାହି) ଧ୍ରୁବ ବାରିକଙ୍କ ପୁଅ ସରୋଜ ବାରିକକୁ ନାଲ୍‌କୋରେ ଚାକିରି କରାଇଦେବା ନାଁରେ ନରେଶ ବାରିକ ଓରଫ ବୁଟୁ ନାମକ ଜଣେ ୫୫ ବର୍ଷୀୟ ବ୍ୟକ୍ତି ୫୦ହଜାର ଠକି ନେଇଥିବା ନେଇ ଶୁକ୍ରବାର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ନରେଶ ବାରିକ ଓ ତାର ସହଯୋଗୀ ଦିଲ୍ଲୀପ ଭଞ୍ଜ ଏହି ଦୁଇଜଣ ମିଶି ୫୦ ହଜାର ଟଙ୍କାର ଚୁନ ଲଗାଇଥିବା ଅଭିଯୋଗ ହୋଇଛି। ସରୋଜ ବାରିକକୁ ନାଲ୍‌କୋରେ ଚାକିରି କରାଇଦେବା ନେଇ ଜାଲ୍ କାଗଜପତ୍ର ପ୍ରଦାନ କରିଥିଲେ। ଉଭୟ ବାପ ପୁଅଙ୍କୁ ଅଲଗା ଅଲଗା ସ୍ଥାନରେ ଆଲୋଚନା କରିବା ସହ ଚାକିରିର ଆଦେଶନାମା ପ୍ରଦାନ କରିଥିଲେ। ଏହି ଜାଲ୍ କାଗଜପତ୍ରକୁ ଜାଣି ନ ପାରି ସରୋଜର ବାପା ଧ୍ରୁବ ବାରିକ ନରେଶ ବାରିକଙ୍କ କହିବାନୁଯାୟୀ ଦିଲ୍ଲୀପ ଭଞ୍ଜ ବ୍ୟାଙ୍କ ଜମା ଖାତାକୁ ଫୋନ ପେ' ମାଧ୍ୟମରେ ୫୦ହଜାର ଟଙ୍କା ପଠାଇ ଥିଲେ। ପରେ ଜାଣିବାକୁ ପାଇଥିଲେ ନାଲ୍‌କୋରୁ ଯେଉଁ କାଗଜପତ୍ର ପ୍ରଦାନ କରାଯାଇଛି ତାହା ସମ୍ପୂର୍ଣ୍ଣ ନକଲି ଥିଲା। ଏ ନେଇ ସରୋଜ ଯାଜପୁର ଥାନାରେ ଲିଖିତ ଅଭିଯୋଗ କଲା ପରେ ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ଏକ ମାମଲା ରୁଜୁ କରି ଏସ୍‌ଆଇ ଅଜୟ କୁମାର ସାହୁଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି। ସୂଚନା ଯୋଗ୍ୟ, ଏହି ଠକେଇ ଘଟଣାରେ ଭୁବନେଶ୍ୱରର ବରଗଡ଼ ଥାନା ପୁଲିସ ନରେଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ।

ଧର୍ମଶାଳା ପ୍ରିମିୟର ଲିଗ୍ କ୍ରିକେଟ୍

# ବର୍ଷା ଯୋଗୁଁ ଅଧାରେ ବନ୍ଦ ରହିଲା



**ଧର୍ମଶାଳା, ୨୦।୯ (ସମିସ):** ଧର୍ମଶାଳା ବ୍ଲକ ଚୋରମୁହାଁ ମଜାର ପଡ଼ିଆଠାରେ ୟୁନାଇଟେଡ୍ କ୍ଲବ ପକ୍ଷରୁ ଧର୍ମଶାଳା ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଅତିଥି ଭାବେ ଯୋଗଦେଇଥିଲେ। ଆଜିର ଉଦ୍‌ଘାଟନୀ ମ୍ୟାଚ କେସିସି ସୁଙ୍ଗୁଡ଼ା ଓ ଡନ ସ୍କୋରିଂ କ୍ଲବ ମୁକୁନ୍ଦପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁଙ୍ଗୁଡ଼ା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା। ନିର୍ଦ୍ଧାରିତ ୮ ଓଭର ଖେଳି ୨ ୱିକେଟ୍ ହରାଇ ୧୧୪ରନ୍ କରିଥିଲା। ଜବାବ୍‌ରେ ମୁକୁନ୍ଦପୁର ୨ଓଭର ୧ଟି ବଲ ଖେଳି ୧ୱିକେଟ୍ ହରାଇ ୧୮ରନ୍ ସଂଗ୍ରହ କରିଥିବା ବେଳେ ବର୍ଷା ହେବାରୁ ଖେଳକୁ ସ୍ଥଗିତ ରଖାଯାଇଥିଲା। ବର୍ଷା ଯୋଗୁଁ ସ୍ଥଗିତ ରହିଥିବା ଆଜିର ମ୍ୟାଚ ଆସନ୍ତାକାଲି ଖେଳାଯିବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ଆଜିର ଖେଳକୁ ଦୀପକ ରଞ୍ଜନ ମହାନ୍ତି ଓ ସୁମନ ଦାସ ପରିଚାଳନା କରିଥିଲା ବେଳେ ସ୍କୋରରେ ଲିକୁ ଓ ସୁରଜ ସହାୟତା କରିଥିଲେ। ୟୁନାଇଟେଡ କ୍ଲବର ସଦସ୍ୟ ସାଗର ସ୍ୱାଇଁ, ପଙ୍କଜ ମଲ୍ଲିକ, ଅନିଲ କୁମାର ସ୍ୱାଇଁ, ସୋମେଶ ପ୍ରଧାନ, ରାଜେଶ ମହାନ୍ତି, ଚନ୍ଦନ ଦଳେଇ, ସେକ ଅବଦୁଲ ଗୁଫର, ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ବରିଷ୍ଠ ଆଇନଜୀବୀ ସତିଶ ଦାସଙ୍କ ପରଲୋକ

**ଯାଜପୁର, ୨୦।୯ (ସମିସ):** ଯାଜପୁର ବାର୍ ଆସୋସିଏସନ୍‌ର ବରିଷ୍ଠ ଆଇନ୍‌ଜୀବୀ ସତିଶ କୁମାର ଦାସ (୮୨) ଶନିବାର ତାଙ୍କ ଶିବଦାସପୁର ବାସଭବନ ଠାରେ ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନୀତ ରୋଗରେ ପୀଡ଼ିତ ଥାଇ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଯାଜପୁର ବାର ଆସୋସିଏସନ୍‌ର ସଭାପତି ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ସେ ଦୀର୍ଘଦିନ ଧରି ଯାଜପୁର ପୌରପାଳିକା ପାଇଁ ଆଇନ୍ ପରିଚାଳନା କରିଆସୁଥିଲେ। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବା ପରେ ଯାଜପୁର ସହରରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ପରିବାରବର୍ଗ ମାନେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁଖବର ପାଇ ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଜେପି ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ, କଂଗ୍ରେସ ଜିଲ୍ଲା ସଭାପତି ମନୋଜ କୁମାର ରାଉତ, ଯାଜପୁର ବାର୍ ଆସୋସିଏସନ୍‌ର ସଭାପତି ପ୍ରମୋଦ କୁମାର ମହାପାତ୍ର, ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ବରିଷ୍ଠ ସଭ୍ୟ ପ୍ରମୋଦ କୁମାର ମହାନ୍ତି, ମଧୁସୂଦନ ମାହୁନ୍ତ, ଚକ୍ରଧର ବିଶ୍ୱାଳ, ଜଗନ୍ନାଥ ଜେନା, ଅଶୋକ କୁମାର ପାହିଲ, ଶିବ ପ୍ରସାଦ ମହାନ୍ତି, ପ୍ରଫୁଲ୍ଲ କୁମାର ସାମଲ, ଗୋଲକ ଚନ୍ଦ୍ର ପଣ୍ଡା, ଝୁମରବର ପରିଡ଼ା, କିଶୋର କୁମାର ଦାଶ, ନିତାଇଚାନ୍ଦ ମହାନ୍ତି, ଫଣିନ୍ଦ୍ର କୁମାର ଚଟାର୍ଜି, ହେମାଙ୍ଗିନୀ ମହାନ୍ତି, ଲୟର୍ସ ଆସୋସିଏସନ୍‌ର ସଭାପତି ପ୍ରତାପ କୁମାର ରାୟ, ଦିଲ୍ଲିପ କୁମାର ଦାସ, ଆଲୋକ କୁମାର ପାଣି, ପ୍ରବୀର କୁମାର ରାୟ, ରାଜିବ ମହାନ୍ତି, ଡିଷ୍ଟ୍ରିକ୍ଟ କ୍ରିମିନାଲ ଆସୋସିଏସନ୍‌ର ସଭାପତି କିଶୋର ଚନ୍ଦ୍ର କର, ସମ୍ପାଦକ ଉତ୍କଳ କୁମାର ଦାସ, ପ୍ରଶାନ୍ତ କୁମାର ଦାଶଙ୍କ ସମେତ ବହୁ ଆଇନଜୀବିମାନେ ଶୋକବ୍ୟକ୍ତ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ଯାଜପୁରରେ ମାତିଛନ୍ତି ମହାରାଷ୍ଟ୍ରର ଚୋରଣୀ

**ଯାଜପୁର, ୨୦।୯ (ସମିସ):** ଯାଜପୁରରେ ମାତିଛନ୍ତି ମହାରାଷ୍ଟ୍ରର ଚୋରଣୀ। ନାଭିଗୟାରେ ପିଣ୍ଡଦାନ କରିବାକୁ କଟକ ଟାଙ୍ଗୀ ଅଞ୍ଚଳରୁ ବସ୍‌ରେ ଆସୁଥିବା ମହିଳାଙ୍କ ପର୍ସ ଚୋରି କରୁଥିବା ସମୟରେ ଧରାପଡ଼ି ଥାନାରେ ଅଟକ ରହିଲେ ଦୁଇ ମହିଳା। ସୂଚାନ ଅନୁଯାୟୀ ପିଣ୍ଡଦାନ ନିମନ୍ତେ ଦୁଇ ମହିଳା ବସ୍‌ରେ ଆସୁଥିବା ବେଳେ ପାର୍ଶ୍ୱରେ ବସିଥିବା ଏହି ମହାରାଷ୍ଟ୍ର ମହିଳା କୌଶଳକ୍ରମେ ବ୍ୟାଗରୁ ପର୍ସଟିକୁ ନେଇ ଯାଇଥିଲେ। ସମ୍ପୃକ୍ତ ମହିଳା ଖୋଜାଖୋଜି କରିବାରୁ ଅତି ଚତୁରତାର ସହିତ ଅଭିଯୁକ୍ତ ମହିଳା ଦୁଇଜଣ ଗାନ୍ଧୀ ଛକରେ ଓହ୍ଲାଇ ଏକ ଶୌଚାଳୟ ଭିତରକୁ ପଶି ଯାଇଥିଲେ। ଅଭିଯୋଗକାରିଣୀ ଦୁଇ ମହିଳା ତାଙ୍କ ପଛେ ପଛେ ଯାଇ ପହଞ୍ଚିଲା ବେଳକୁ ଉପରୋକ୍ତ ମହିଳା ପର୍ସଟିକୁ ପକାଇ ଦେଇଥିଲେ। ପର୍ସରେ ପିଣ୍ଡଦାନ କରିବାକୁ ଆସିଥିବା ମହିଳାଙ୍କ ସୁନା ଚୁଡ଼ି ଓ ଟଙ୍କା ଥିଲା। ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ମହାରାଷ୍ଟ୍ରରୁ ଆସିଥିବା ମହିଳା ଚୋରି କରିନଥିବା କହି ପାଟିତୁଣ୍ଡ କରିଥିଲେ। ମହାରାଷ୍ଟ୍ରରୁ ଆସିଥିବା ମହିଳାଙ୍କୁ ଥାନାକୁ ନିଆଯାଇ ସେଠାରେ ଅଟକ ରଖାଯାଇ ପଚରାଉଚରା କରାଯାଇଥିଲା। ଏ ନେଇ ଅଭିଯୋଗକାରିଣୀ ଲକ୍ଷ୍ମୀପ୍ରିୟା ବାରିକ ଓ ଭାରତୀ ସାମଲ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିବା ସହ ମନିପର୍ସ ଓ ସୁନା ପାଇଲେ ବୋଲି ଲିଖିତ ଜଣାଇଥିଲେ। ଛୋଟ ଛୁଆକୁ ଏହି ଦୁଇ ମହିଳା ଚୋରି କରି ନେଇ ଯାଉଥିଲେ ବୋଲି ମହାରାଷ୍ଟ୍ରରୁ ଆସିଥିବା ମହିଳା ପୁଲିସ ନିକଟରେ ପାଲଟା ଅଭିଯୋଗ କରିଥିଲେ। ଏ ନେଇ ପୁଲିସ ତଦନ୍ତ କରୁଛି। ପାର୍ବଣ ସମୟରେ ବାହାର ରାଜ୍ୟରୁ କିଛି ମହିଳା ବିଭିନ୍ନ ଜିନିଷ ବିକ୍ରି ଆଳରେ ମହିଳାଙ୍କ ଠାରୁ ଲୁଟ୍ କରୁଥିବା ନେଇ ନଜିର ରହିଛି। ଗତ ବାରୁଣୀ ସମୟରେ ଏ ପ୍ରକାର ଅଘଟଣ ଘଟିଥିବା ନଜିର ରହିଛି। ତେଣୁ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କର ରଥଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ ହେଉଥିବାରୁ ଜନଗହଳି ଲାଗି ରହିବ। ଏହାର ସୁଯୋଗରେ ମହିଳାଙ୍କୁ ଲୁଟିବା ପାଇଁ ବିଭିନ୍ନ ରାଜ୍ୟରୁ ମହିଳା ଯାଜପୁରକୁ ଆସିଥିବା ଦେଖିବାକୁ ମିଳିଛି।

# ବିଞ୍ଝାରପୁରରେ ମନରେଗା ଜନଶୁଣାଣି




**ବିଞ୍ଝାରପୁର, ୨୦।୯ (ସମିସ):** ଆର୍ଥିକ ୨୦୨୪-୨୫ ବର୍ଷର ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଞ୍ଝାରପୁର ବିଡିଓ ହିତାଂଶୁ ଶେଖର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମୀକ୍ଷା ବୈଠକରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଏପିଡି ଲମ୍ବୋଦର ଖୁଣ୍ଟିଆ, ଉପାଧ୍ୟକ୍ଷ ସେକ୍ ଇର୍ସାଦ ପ୍ରମୁଖ ଯୋଗଦେଇ ଗ୍ରାମ ପଞ୍ଚାୟତ ଏବଂ ପଞ୍ଚାୟତ ସମିତି ଅଧୀନରେ ଚାଲିଥିବା ମନରେଗା ଯୋଜନା କାର୍ଯ୍ୟ ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ସମୀକ୍ଷା କରିଥିଲେ। ଉକ୍ତ ବୈଠକରେ ଉଦ୍ୟାନ ବିଭାଗ, ବନବିଭାଗ, ଜଳଛାୟା ଓ ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀମାନେ ବିବରଣୀ ଉପସ୍ଥାପନ କରିଥିଲେ। ବ୍ଲକ ମନରେଗା ସଂଯୋଜକ ପ୍ରିୟଙ୍କା ଦାସ ବିଗତ ବୈଠକର ବିବରଣୀ ପଠନ କରିବା ସହିତ ଚଳିତ ବୈଠକର ଭିଆର୍‌ପିମାନଙ୍କ କାର୍ଯ୍ୟ ତଦାରଖ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ଅଧିକାରିଣୀ ଆନିବେସନ୍ତି ସାହୁ, ଭିଆରପି, ପିଇଓ, ଏଡିଓ ସମେତ ବହୁ ହିତାଧିକାରୀମାନେ ଯୋଗ ଦେଇଥିଲେ।

# ୨୬ରେ ଲଘୁଚାପ; ବ୍ରାହ୍ମଣୀରେ ପୁଣି ବନ୍ୟା ଆଶଙ୍କା

**ଧର୍ମଶାଳା, ୨୦।୯ (ସମିସ):** ଆସନ୍ତା ୨୬ ତାରିଖରେ ଏକ ବଡଧରଣର ଲଘୁଚାପ ହେବାକୁ ଯାଉଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ତେବେ ଏହି ଲଘୁଚାପ ପୂର୍ବରୁ ରେଙ୍ଗାଲି ଡ୍ୟାମରୁ ଯଦି ବନ୍ୟାଜଳ ନିଷ୍କାସନ କରାନଯାଏ ତେବେ ବ୍ରାହ୍ମଣୀରେ ଏକ ବଡଧରଣର ବନ୍ୟା ଆସିବାର ସମ୍ଭାବନା ଦେଖାଦେଇଛି। ରେଙ୍ଗାଲି ଡ୍ୟାମର ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବା ବେଳେ ଆଜି ଡ୍ୟାମରେ ୧୨୩.୩୮ ମିଟର ରହିଛି। ଏହି ଜଳସ୍ତର ବୃଦ୍ଧି ପାଇ ୧୮ ତାରିଖରେ ୧୨୩.୫୧ ମିଟର ହୋଇଯାଇଥିଲା। ଫଳରେ ଡ୍ୟାମ କର୍ତ୍ତୃପକ୍ଷ ବାଧ ହୋଇ କିଛି ଘଣ୍ଟା ପାଇଁ ଗୋଟିଏ ଗେଟ ଖୋଲିଦେଇଥିଲେ। ଯାହାକୁ ବନ୍ଦ କରିଦିଆଯାଇଛି। ଗତକାଲି ଡ୍ୟାମର ଜଳସ୍ତର ୧୨୩.୩୦ ରହିଥିବା ବେଳେ ଆଜି ବୃଦ୍ଧି ପାଇ ୧୨୩.୩୮ ମିଟର ରହିଥିବା ନେଇ ବିଭାଗୀୟ ୱେବସାଇଟରୁ ଜଣାପଡ଼ିଛି। ଆଗକୁ ଏକ ବଡଧରଣର ଲଘୁଚାପ ହେବାର ଆଶଙ୍କା ରହିଥିବା ବେଳେ ଡ୍ୟାମ କର୍ତ୍ତୃପକ୍ଷ କଣ ପାଇଁ ଡ୍ୟାମରୁ ଜଳନିଷ୍କାସନ କରୁ ନାହାନ୍ତି ତାକୁ ନେଇ ଏକ ବଡ ପ୍ରଶ୍ନ ଛିଡା ହୋଇଛି। ତେବେ ଆସନ୍ନ ଲଘୁଚାପ ପୂର୍ବରୁ ଡ୍ୟାମର ଜଳପତନ କମାନଯାଏ ତେବେ ଆଗକୁ ବ୍ରାହ୍ମଣୀରେ ଏକ ବଡଧରଣର ବନ୍ୟାକୁ ଏଡାଇ ହେବ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଭଳି ଅବସ୍ଥାରେ ଡ୍ୟାମରୁ ଜଳନିଷ୍କାସନ କରିବା ଜରୁରୀ ହୋଇପଡ଼ିଛି।

# ପ୍ରେସ୍ ଫୋରମର ବିଦ୍ୟାଳୟରେ ଚାରାରୋପଣ

**ଶଙ୍ଖଚିଲା, ୨୦।୯ (ସମିସ):** କୋରାଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲା ସ୍ଥିତ ସରକାରୀ ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟ ପରିସରରେ ପରିବେଶ ସୁରକ୍ଷା ଲାଗି ବ୍ୟାସନଗର ପ୍ରେସ ଫୋରମ ପକ୍ଷରୁ ଶନିବାର ଚାରାରୋପଣ କରାଯାଇଛି। ଫୋରମ ସଭାପତି ଡ. ଅଭୟ ପତିଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଖମଣ ପଞ୍ଚାୟତ ସରପଞ୍ଚ ଜୟନ୍ତୀ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରନୀତା ବେହେରା, ପଞ୍ଚଶଖା ସେତୁ ସଂଗଠନର ସଭାପତି ଦିଲ୍ଲୀପ କୁମାର ସାହୁ, କମ୍ରେଡ ଆଲୋକ ମହାନ୍ତି, ସମାଜସେବୀ କାଶିନାଥ ସାହୁ, ଫୋରମ ସମ୍ପାଦକ ମଳୟ କୁମାର ମଲ୍ଲିକ, କାର୍ଯ୍ୟକାରୀ ସଭାପତି ନିତ୍ୟାନନ୍ଦ ମହାଳିକ, ଉପସଭାପତି ଦୟାନିଧି ନାୟକ, ଜ୍ଞାନରଞ୍ଜନ ଓଝା, ସହସମ୍ପାଦକ ପ୍ରମୋଦ କୁମାର ପାତ୍ର, କାର୍ଯ୍ୟାଳୟ ସମ୍ପାଦକ ବାଇଧର ମାଝୀ, କୋଷାଧ୍ୟକ୍ଷ ଅଜୟ କୁମାର ସାହୁ, ବରିଷ୍ଠ ସଭ୍ୟ ଆଶୁତୋଷ ମିଶ୍ର, ନାରାୟଣ ରାଉତରାୟ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ପତିତ ଜମିରେ ଆମ୍ବ, ଅଁଳା, ଦେବଦାରୁ, ଚମ୍ପା ଆଦି ବିଭିନ୍ନ ଫଳ, ଫୁଲ ଓ ଔଷଧୀୟ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରହଲ୍ଲାଦ ଦେଓ, ଚିତରଞ୍ଜନ ବୋଇତେଇ, ଦୀପକ ଦାସ, ମାନସ ଆଇଚ, କୁଞ୍ଜବିହାରୀ ମହାନ୍ତି, ସୁଶାନ୍ତ ଭୂୟାଁ, ସଞ୍ଜୟ ସରକାର, ଆଶିଷ ରାଉତ, ଅଶିତାନନ୍ଦ ବିଶ୍ୱାଳ, ପ୍ରକାଶ କୁମାର ସାହୁ, ଆଶୁତୋଷ ମହାନ୍ତି ପ୍ରମୁଖ ଫୋରମର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟଙ୍କ ସମେତ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଜୟ କୁମାର ଖିଲାର, ଶିକ୍ଷୟିତ୍ରୀ ମଧୁସ୍ମିତା ମାଝୀ, ସୁଚିସ୍ମିତା ନାୟକ, ହରିପ୍ରିୟା ସାହୁ, ଶୁଭସ୍ମିତା ସାହୁ, ମଧୁସ୍ମିତା ମହାନ୍ତି, ରଶ୍ମିତା ବେହେରା, ସୁନୀତା ପାତ୍ର, ଶୁଭଶ୍ରୀ ସରଗଫୁଲ ପଣ୍ଡା, ବାବୁଲାଲ ସାହୁ, ଘନଶ୍ୟାମ ନାୟକ, ଜ୍ୟୋସ୍ନାରାଣୀ ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ମାନସ ରଞ୍ଜନ ଶତପଥୀ, ପଦ୍ମାବତୀ ସାହୁ, ସସ୍ମିତା ପଥାଳ, ଜୟନ୍ତୀ ମୁର୍ମୁ, ନୟନଦୀପ୍ତ ବେହେରା ପ୍ରମୁଖ ଶିକ୍ଷକ/ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।



# ଚିତ୍ରକଳା ପ୍ରତିଯୋଗିତା ଓ କର୍ମଶାଳା

**ଯାଜପୁର, ୨୦।୯ (ସମିସ)**

ଜିଲ୍ଲା ପ୍ରଶାସନ ଯାଜପୁର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶାଳୟର ସହଯୋଗରେ ଯାଜପୁର ଟାଉନ ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର୍ ଷ୍ଟାଡିୟମ ଠାରେ ଏକ ଦିନିକିଆ ଚିତ୍ରକଳା ପ୍ରତିଯୋଗିତା ତଥା କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତା-ତଥା-କର୍ମଶାଳାରେ ଜିଲ୍ଲାର ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସମେତ ବୃତ୍ତିଭିତ୍ତିକ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ସମାରୋହରେ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଏବଂ ଓଡ଼ିଶା ଶିଳ୍ପୀ ମହାସଂଘର ସମ୍ପାଦକ ପ୍ରିୟରଞ୍ଜନ କର ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରିଥିଲେ। ଏହି ପ୍ରତିଯୋଗିତାରେ ବିଶିଷ୍ଟ କଳାକାର ପ୍ରୀତମ୍ ପ୍ରୀୟଲୋଚନ, ଦେବବ୍ରତ ଜେନା ଏବଂ ପ୍ରିୟରଞ୍ଜନ କର ବିଚାରକ ଭାବେ ଯୋଗ ଦେଇଥିଲେ। ମନୋନୀତ କଳାକୃତିଗୁଡ଼ିକୁ ୨୫ ସେପ୍ଟେମ୍ବରରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ ପ୍ରଦର୍ଶିତ ହେବା ସହ ମୂଲ୍ୟାଙ୍କନ ହେବ। ବୃତ୍ତିଭିତ୍ତିକ ପ୍ରତିଯୋଗୀ ବର୍ଗରେ ସନ୍ତୋଷ କୁମାର ମଲ୍ଲିକ ପ୍ରଥମ ସ୍ଥାନ, ସତ୍ୟପ୍ରକାଶ ମହାରଣା ଦ୍ୱିତୀୟ ସ୍ଥାନ ଓ ପାପୁନ୍ ଜେନା ତୃତୀୟ ସ୍ଥାନ ଅଧିଗ୍ରହଣ କରିଥିଲେ। ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗୀ ବର୍ଗରେ ନରସିଂହ ଚୌଧୁରୀ ମହାବିଦ୍ୟାଳୟର ଡଲବୀରାଣୀ ପରିଡ଼ା ପ୍ରଥମ ସ୍ଥାନ, ସୁଜନପୁର ମହାବିଦ୍ୟାଳୟର ଜ୍ୟୋସ୍ନାରାଣୀ ସାହୁ ଦ୍ୱିତୀୟ ସ୍ଥାନ ଓ ରାମବାଗ ଡିଗ୍ରୀ ମହାବିଦ୍ୟାଳୟର ଲୋପାମୁଦ୍ରା ଦାସ ତୃତୀୟ ସ୍ଥାନ ରେ ରହଥିଲେ। ସେହିପରି ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗୀ ବର୍ଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଚ୍ୟୁତ କୁମାର ରାୟ ପ୍ରଥମ ସ୍ଥାନ, ଆପେକ୍ସ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଲିସ୍ମା ସାମଲ ଦ୍ୱିତୀୟ ସ୍ଥାନ ଓ କେସି ବେହେରା ଉଚ୍ଚ ବିଦ୍ୟାଳୟର ଜ୍ୟୋତି ପ୍ରକାଶ ରାୟ ଏବଂ ଡିଏଭି ପବ୍ଲିକ ସ୍କୁଲର ଅନନ୍ୟା ପୃଷ୍ଟି ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ସଂସ୍କୃତି ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ, ଛାତ୍ରଛାତ୍ରୀ, ଚିତ୍ରଶିଳ୍ପୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ।



## ଏମ୍‌ଭି- ୯୫ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ନିଲମ୍ବିତ

ମାଲକାନଗିରି, ୨୦।୯ (ସମିସ): ଜାଲ ସାର୍ଟିଫିକେଟ ଦେଇ ବିଭିନ୍ନ ବିଦ୍ୟାଳୟରେ ଚାକିରି ପାଇଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସାର୍ଟିଫିକେଟ ଯାଞ୍ଚ ଆରମ୍ଭ ହୋଇଯାଇଛି। ଇତି ମାଧରେ ରାଜ୍ୟରେ ଜାଲ ସାର୍ଟିଫିକେଟ ଦ୍ୱାରା ଚାକିରି କରିଥିବା ୪୨୪ ଜଣଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ସେଥିମଧ୍ୟରୁ ମାଲକାନଗିରି ଜିଲ୍ଲାସ୍ଥ ଉନ୍ନିତ ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକ ଥିବାର ଜଣାପଡ଼ିଛି। ଏମ୍‌ଭି- ୯୫ ଅପଗ୍ରେଡ଼ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ସନ୍ତୋଷ କୁମାର ମହାନନ୍ଦଙ୍କର ସି.ପି. ଇଡି ସାର୍ଟିଫିକେଟ ନକଲି ବୋଲି ତଦନ୍ତରୁ ଜଣାପଡ଼ିବା ପରେ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଏହାର ଅଧିକ ତଦନ୍ତ ଚାଲିଥିବା ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣିଗ୍ରାହୀ କହିଛନ୍ତି।

## ଜୟନ୍ତୀ ବୁରୁଦାଙ୍କୁ ମାର୍ଥା ଫେରାଲ ପୁରସ୍କାର



ମାଲକାନଗିରି, ୨୦।୯ (ସମିସ): ମାଲକାନଗିରି ଜିଲ୍ଲାର ଆଦିବାସୀ ଯୁବତୀ ଜୟନ୍ତୀ ବୁରୁଦା ପୁଣି ମାଲକାନଗିରି ଜିଲ୍ଲାର ଟେକ ରଖିଛନ୍ତି। ଦିଲ୍ଲୀଠାରେ ଅନୁଷ୍ଠିତ ନବମ ମାର୍ଥା ଫେରାଲ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଜୟନ୍ତିଙ୍କୁ ମାର୍ଥା ଫେରାଲ ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟତଃ ଦେଶରେ ଆଦିବାସୀ ସମ୍ପ୍ରଦାୟମାନଙ୍କ ସେବା, ଉନ୍ନତି, ସଚେତନ, ଇତ୍ୟାଦି କାର୍ଯ୍ୟରେ ଲିପ୍ତ ଥିବା ମହିଳା ପୁରୁଷମାନଙ୍କ ତାଲିକା ପ୍ରସ୍ତୁତ କରି ଏହି ମାର୍ଥା ଫେରାଲ ପୁରସ୍କାର କାର୍ଯ୍ୟକ୍ରମ ରଖାଯାଇଥିଲା। ଏହି ମାର୍ଥା ଫେରାଲ ପୁରସ୍କାର କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାର ଜୟନ୍ତୀ ବୁରୁଦାଙ୍କ ନାମ ଉଲ୍ଲେଖ ଥିଲା। ପ୍ରକାଶ ଥାଉ କି, ଜୟନ୍ତୀ ବୁରୁଦା ମାଲକାନଗିରି ଜିଲ୍ଲାର ବଣ୍ଡା, ଦିଦାୟୀ, କୋୟା, ସମ୍ପ୍ରଦାୟର ଲୋକମାନେ ବସବାସ କରୁଥିବା ଅଞ୍ଚଳକୁ ଯାଇ ବଡି ଦିଦି, ସଚେତନ କାର୍ଯ୍ୟକ୍ରମ, କିଶୋର କିଶୋରୀମାନଙ୍କୁ ଶିକ୍ଷା ଦାନ କରିବା, ଆଦିବାସୀ ସମ୍ପ୍ରଦାୟର ମହିଳା, ଯୁବତୀମାନେ କିପରି ଉନ୍ନତି ପଥରେ ଆଗେଇବେ ସେଥିପ୍ରତି ବିଶେଷ ଦୃଷ୍ଟି ଦେବା ବିଷୟରେ ଜୟନ୍ତୀ ଙ୍କ ଭୂମିକା ଅତୁଳନୀୟ। ସେ ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କ ଜୀବନ ଜୀବିକା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସେମାନଙ୍କ ପରମ୍ପରା ଓ ଚାଲିଚଳଣକୁ କିପରି ଲୋକ ଲୋଚନକୁ ଆଣି ସାରା ଦେଶ ଯେପରି ଏମାନଙ୍କୁ ଉନ୍ନତି ପଥରେ ଆଗେଇ ନେବାରେ କେନ୍ଦ୍ର ସରକାର ସମସ୍ତ ସୁବିଧା ଯୋଗାଇବେ ସେଥିପ୍ରତି ବିଶେଷ ଦୃଷ୍ଟି ଦେଉଛନ୍ତି। ତେବେ ଆଜି ପୁନର୍ବାର ତାଙ୍କୁ ମାର୍ଥା ଫେରାଲ ପୁରସ୍କାରରେ ପୁରସ୍କୃତ କରିବାରୁ ମାଲକାନଗିରି ଜିଲ୍ଲାବାସୀ ଜୟନ୍ତୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବ୍ଲକସ୍ତରୀୟ ଆଦି କର୍ମଯୋଗୀ କର୍ମଶାଳା



ବିଷମ କଟକ, ୨୦।୯ (ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ବ୍ଲକସ୍ତରୀୟ ଦୁଇ ଦିନିଆ ଆଦି କର୍ମଯୋଗୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ କର୍ମଶାଳାରେ ବ୍ଲକର ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର କ୍ଷେତ୍ର ଅଧିକାରୀମାନେ ଯୋଗଦେଇଥିଲେ। ଧରତୀ ଆବା ଜନଜ ଜାତୀୟ ଗ୍ରାମ୍ୟ ଉତ୍କର୍ଷ ଅଭିଯାନ ଯୋଜନାରେ ଅନ୍ତର୍ଭୁକ୍ତ ବିଷମ କଟକ ବ୍ଲକର ୨୮ ଗୋଟି ଗ୍ରାମରେ ପରବର୍ତ୍ତି ପର୍ଯ୍ୟାୟରେ ଗୋଟିଏ ଦିନର ଗ୍ରାମ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ କରାଯିବା ସହ ସମସ୍ତ ଆଦି କର୍ମଯୋଗୀ ସହଯୋଗୀ ଓ ଆଦି ସହଯୋଗୀ ତଥା ଗ୍ରାମବାସୀଙ୍କ ସହଯୋଗରେ ଉକ୍ତ ଗ୍ରାମ ଗୁଡିକର ଉନ୍ନତି କରଣ ନିମନ୍ତେ ଆସନ୍ତା ପାଞ୍ଚ ବର୍ଷକୁ ଦୃଷ୍ଟିରେ ରଖି ଏକ କାର୍ଯ୍ୟ ଖସଡା ପ୍ରସ୍ତୁତି କରାଯିବ, ସେନେଇ କର୍ମଶାଳାରେ ଆଲୋଚନା ହୋଇଛି। ଆସନ୍ତା ଅକ୍ଟୋବର ୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ଗ୍ରାମ ସଭାରେ ବର୍ତ୍ତମାନ ପ୍ରସ୍ତୁତ ହୋଇଥିବା କାର୍ଯ୍ୟଖସଡାକୁ ଉପସ୍ଥାପନ କରାଯିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚାଇଛନ୍ତି।

## ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମ

ଗୁଡାରୀ, ୨୦।୯ (ସମିସ): ଗୁଡାରି ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାଗୃହରେ ଆଦି କର୍ମଯୋଗୀ ଅଭିଯାନରେ ଆଦି ସହଯୋଗି (ଗ୍ରାମିଣ ଶିକ୍ଷକ ପ୍ରଶିକ୍ଷଣ) ମାନଙ୍କର ଏକ ଦିବସୀୟ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସୁଚିସ୍ମିତା ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ବିଭାଗରୁ ପ୍ରାୟ ୧୯ ଜଣ ତାଲିମ ଗ୍ରହଣ କରିଥିଲେ। ସେମାନେ ଆଗାମୀ ଦିନରେ ଗ୍ରାମସ୍ତରରେ ତାଲିମ ପ୍ରଦାନ କରି ଆଦିବାସୀ ଅଞ୍ଚଳରେ ସୁଶାସନ, ପ୍ରଶାସନିକ ପାରଦର୍ଶିତା ଓ ନାଗରିକଙ୍କୁ ସେବା ପ୍ରଦାନରେ ସକ୍ରିୟ ଭାଗୀଦାର କରିବାକୁ ମୋଟା (ମିନିଷ୍ଟର ଅଫ୍ ଟ୍ରି ବିଲାଲ ଏଫାଇରସ୍) ଦ୍ୱାରା ଆରମ୍ଭ କରାଯାଇଥିବା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାରେ ସହଯୋଗ କରିବେ। ଗୁଡ଼ାରୀ ଭାରପ୍ରାପ୍ତ ମଙ୍ଗଳ ଅଧିକାରୀ ଗଙ୍ଗାଧର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଯୋଗାଣ ନିରୀକ୍ଷକ ସୁପ୍ରିଓ ସମ୍ବିତ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲିପ କୁମାର ପାଇକ, ମଙ୍ଗଳ ବିଭାଗର ସୁଚିତ୍ରା ନାୟକ ସହଯୋଗ କରିଥିଲେ। ଶେଷରେ ଏମ୍‌କେ ରାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳାଚଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



### ଭାରିଯାନ ଯାତାୟାତକୁ ରୋକିବାକୁ ଗ୍ରାମବାସୀଙ୍କ ଭିନ୍ନ ପଦକ୍ଷେପ

# ରାସ୍ତା ଖୋଳି, ଗଛ ପକାଇ ଅବରୋଧ କରିଛନ୍ତି ମୁଖ୍ୟରାସ୍ତା

ମାଥିଲି, ୨୦।୯ (ସମିସ)



ଭାରିଯାନ ଯାତାୟାତ ଦ୍ୱାରା ରାସ୍ତା ଖରାପ ହେଉଥିବା ଗ୍ରାମବାସୀ ଭାରିଯାନଗୁଡିକର ଯାତାୟାତ ରୋକିବାକୁ ବାମପନ୍ଥୀ ନୀତି ଆପଣାଇ ରାସ୍ତା ଖୋଳିବା ସହ ରାସ୍ତାରେ ଗଛ ପକାଇ ଅବରୋଧ କରିଛନ୍ତି। ଗ୍ରାମବାସୀଙ୍କ ଏପରି ଅଜବ ନୀତି ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଆମ୍ବଗୁଡ଼ା ପଞ୍ଚାୟତର ମାଡକାମିଗୁଡା ଗ୍ରାମରେ। ଗ୍ରାମର ମୁଖ୍ୟରାସ୍ତାରେ ଚାଉଳମେଦୀ ବାଲି ଘାଟରୁ ପ୍ରତିଦିନ ବାଲି ବୋଝେଇ ଭାରିଯାନ ଯିବା ଆସିବା କରିବା ଦ୍ୱାରା ମୁଣ୍ଡାଗୁଡା ଠାରୁ ଚାଉଳମେଦୀ ପର୍ଯ୍ୟନ୍ତ ରାସ୍ତା ଅତି ଦୟନୀୟ ହୋଇଛି। ଯାହାଦ୍ୱାରା ସେହି ରାସ୍ତା ଦେଇ ଗ୍ରାମଗୁଡିକୁ ଛୋଟଛୋଟ ଯାନ ସହିତ ଜରୁରୀକାଳୀନ ସେବା ଦେଉଥିବା ଆମ୍ବୁଲାନ୍ସ ମଧ୍ୟ ଆସି ପାରୁନାହିଁ। ଆଉ ବର୍ଷା ଦିନେ ମାଥିଲି ଏବଂ ଚାଉଳମେଦି, ଖଡିମାଟି, ମଲଲିଗୁଡ଼ା, ବନ୍ଧଗୁଡ଼ା, ନୂଆଗୁଡ଼ା ଗ୍ରାମକୁ ଯିବା ପାଇଁ ସମ୍ପୂର୍ଣ୍ଣ ଯୋଗାଯୋଗ ବିଚ୍ଛିନ୍ନ ହେଉଛି। ସେଠାକାର ଜନସାଧାରଣ ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ କରିବା ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ ବାଧ ହୋଇ ଲୋକମାନେ ଅତିଷ୍ଠ ହୋଇ ବାମପନ୍ଥ ଚିନ୍ତାଧାରା ଆପଣେଇ ରାସ୍ତାକାଟି ଅବରୋଧ କରିଛନ୍ତି। ମୁଖ୍ୟରାସ୍ତାକୁ ସମ୍ପୂର୍ଣ୍ଣ ଖୋଳି ଦେଇ ରାସ୍ତାରେ ଗଛ ପକେଇ ରାସ୍ତା ବନ୍ଦ କରିଛନ୍ତି। ମାଥିଲି ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ପରେ ଗ୍ରାମବାସୀ ଖୋଳି ଥିବା ରାସ୍ତାକୁ ପୋତିଥିଲେ। ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିବା କିଛି ଗ୍ରାମବାସୀ କହିଛନ୍ତି। ପ୍ରଶ୍ନ ଉଠୁଛି ଖଣି ବିଭାଗ ବାଲି ଘାଟ ଗୁଡିକ ନିଲାମ କରି ରାଜସ୍ୱ ଆଦାୟ କରୁଛି ସତ କିନ୍ତୁ ସେହି ଅଞ୍ଚଳର ସ୍ୱାର୍ଥକୁ ଦୃଷ୍ଟି ଦେବାକୁ ଭୁଲି ଯାଉଛି। ତାହା ସହିତ ଯେଉଁ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ ହୋଇଛି ସେହି ସଡକ ଗୁଡିକ ରେ କେତେ ଭାରି ଯାନ ଯିବା ଆସିବା କରିବା କଥା ତାହା ଠାରୁ ମାତ୍ରାଧିକ ଭାରି ଯିବା ଆସିବା କରିବା ଦ୍ୱାରା ରାସ୍ତା ଗୁଡିକ ଅଳ୍ପ ଦିନ ମଧ୍ୟରେ ଶୋଚନୀୟ ଅବସ୍ଥା ହୋଇଯାଉଛି। ବିଶେଷ କରି ଜିଲ୍ଲା ଖଣି ବିଭାଗ ଓ ଖଣି ଲିଜ ଧାରୀ ମାନଙ୍କ ମଧୁଚନ୍ଦ୍ରିକରେ ଏପରି କାର୍ଯ୍ୟ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ବାଲି ଲିଜଧାରୀମାନେ ଦଶ ଚକିଆ ଟିପ୍ପର ଗୁଡିକରେ ୬ ସିଏମ ରୟାଲ୍ଟି କାଟି ପାଖାପାଖି ୧୮ ସିଏମ ନେଉଥିବା ବେଳେ ଜିଲ୍ଲା ଖଣି ବିଭାଗ ନିରବ ଦ୍ରଷ୍ଟା ସାଜିବା ଖଣି ବିଭାଗର କାର୍ଯ୍ୟକାରିତା ଉପରେ ସନ୍ଦେହ ସୃଷ୍ଟି କରୁଛି ବୋଲି ସାଧାରଣରେ ଆଲୋଚନା ହୋଇଛି। ଏହାକୁ ଜିଲ୍ଲା ପ୍ରଶାସନ ତଦନ୍ତ କରି ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ଜୋର ଧରିଛି।

## ଜେଲ ଗଲେ କୋଟିପତି ବନାଞ୍ଚଳ ଅଧିକାରୀ ଅନ୍ତର୍ଯ୍ୟାମୀ



ଜୟପୁର/ରାୟଗଡ଼, ୨୦।୯ (ସମିସ): ଆୟଠାରୁ ୧୮୪ ପ୍ରତିଶତ ଅଧିକା ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସର ଚଢ଼ଉ ପରେ ଗିରଫ ହୋଇ ଜେଲ୍ ଯାଇଛନ୍ତି କୋଟିପତି ରାୟଗଡ଼ ବନଖଣ୍ଡ କାଶିପୁର ରେଞ୍ଜ ବନାଞ୍ଚଳ ଅଧିକାରୀ ଅନ୍ତର୍ଯ୍ୟାମୀ ସାହୁ। ଆଜି ଓଡ଼ିଶା ଭିଜିଲାନ୍ସ ତାଙ୍କୁ ଗିରଫ କରି ଜୟପୁର ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟକୁ ପଠାଯାଇଛି। ସେଠାରେ ଶ୍ରୀ ସାହୁ ବେଆଇନ ଭାବେ ସଞ୍ଚୟ କରିଥିବା ଆୟର ସନ୍ତୋଷ ଜନକ ଭାବରେ ହିସାବ ଦେଇ ପାରିନାହାନ୍ତି। ଫଳରେ କୋରାପୁଟ ଭିଜିଲାନ୍ସ ପିଏସ କେସ ନଂ ୨୮/୨୦/୯/୨୦୨୫ରେ ଶ୍ରୀ ସାହୁଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ଭିଜିଲାନ୍ସ ଟିମ୍। ଭିଜିଲାନ୍ସ ଦ୍ୱାରା ଗତକାଲି ବନାଞ୍ଚଳ ଅଧିକାରୀ ଶ୍ରୀ ସାହୁଙ୍କ କାଶିପୁର କାର୍ଯ୍ୟାଳୟ, ବାସଭବନ ସମେତ କନ୍ଧମାଳ, ଗଂଜାମ ଆଦି ୯ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଯେଉଁଥିରେ ୫ଟି ବଡ କୋଠା, ୯ଟି ମୂଲ୍ୟବାନ ପ୍ଲଟ, ସୁନା ୨୬୩ ଗ୍ରାମ, ଜମା ଟଙ୍କା ୨୮.୫୧ଲକ୍ଷ ଇତ୍ୟାଦି ଜବତ ହୋଇଥିଲା। ଘର ତଲାସ ସମୟରେ ଭିଜିଲାନ୍ସ ଟିମ୍ ଶ୍ରୀ ସାହୁ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ କୋଟି କୋଟି ମୂଲ୍ୟର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଠାବ କରିଥିଲେ। ଏହି ସମ୍ପତ୍ତି ମଧ୍ୟରେ କନ୍ଧମାଳ ଜିଲ୍ଲାର ବାଲିଗୁଡାରେ ୨ଟି ବଡ କୋଠା, ଦାରିଙ୍ଗବାଡିରେ ଗୋଟିଏ ଏବଂ ଶ୍ରୀନିକେତାରେ ଏକ କୋଠା, ବ୍ରହ୍ମପୁର ଟେକ୍ନୋ ପାର୍କରେ ଅବସ୍ଥିତ ଆଉ ଏକ କୋଠା, ବାଲିଗୁଡା ସହର ଉପକଣ୍ଠରେ ୬ଟି ପ୍ଲଟ, ବ୍ରହ୍ମପୁରର ଜୋଗିଆପାଲିରେ ଗୋଟିଏ ଏବଂ ଗଂଜାମର ଖୋଡାସିଙ୍ଗିରେ ଦୁଇଟି ପ୍ଲଟ ସମେତ ୨୬୩.୨୨ଗ୍ରାମର ସୁନା ଅଳଙ୍କାର, ୨୮ଲକ୍ଷ ୫୧ହଜାର ୪୧୦ ଟଙ୍କା ମୂଲ୍ୟର ବ୍ୟାଙ୍କ ଏବଂ ଡାକ ଜମା, ଗୋଟିଏ ଦୁଇ ଚକିଆ ଯାନ, ପ୍ରାୟ ୯.୩୪ଲକ୍ଷ ଟଙ୍କା ମୂଲ୍ୟର ନଗଦ ଏବଂ ଘରୋଇ ସାମଗ୍ରୀ ଠାବ କରାଯାଇଥିଲା ବୋଲି ଭିଜିଲାନ୍ସ ପକ୍ଷରୁ ପ୍ରେସ୍ ବିବୃତ୍ତିରେ ଉଲ୍ଲେଖ କରାଯାଇଛି।

**● ରାୟଗଡ଼ ପୌର ଉପାଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ**

## କାଉନସିଲରଙ୍କ ଦସ୍ତଖତ ଯାଞ୍ଚ କଲେ ଉପଜିଲ୍ଲାପାଳ

ରାୟଗଡ଼, ୨୦।୯ (ସମିସ): ରାୟଗଡ଼ ପୌର ପରିଷଦ ଉପାଧକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ମାମଲାରେ



ଶନିବାର କାଉନସିଲରଙ୍କ ଦସ୍ତଖତ ଯାଞ୍ଚ କରିଛନ୍ତି ଉପଜିଲ୍ଲାପାଳ ରମେଶ କୁମାର ଜେନା। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ରମେଶ କୁମାର ଜେନା ଅନାସ୍ଥା ପ୍ରସ୍ତାବ ଅଭିଯୋଗ ପତ୍ରରେ ଥିବା ଦସ୍ତଖତଗୁଡିକ ଯାଞ୍ଚ କରିଥିଲେ। ଅନାସ୍ଥା ଆଣିଥିବା ୧୯ ଜଣ କାଉନସିଲରଙ୍କ ମଧ୍ୟରୁ ଆଜି ୧୮ ଜଣ କାଉନସିଲର ଉପସ୍ଥିତ ରହି ଉପଜିଲ୍ଲାପାଳ ଶ୍ରୀ ଜେନାଙ୍କୁ ନିଜର ଦସ୍ତଖତ ଦେଇଥିଲେ। ସେମାନେ ଲିଖିତ ଅନାସ୍ଥା କାଗଜରେ ଦେଇଥିବା ଦସ୍ତଖତ ସହିତ ଏହି ଦସ୍ତଖତ ମେଳ କରାଯାଇଛି। କେବଳ ୨୨ ନମ୍ବର ୱାର୍ଡର କାଉନସିଲର ପି. ରବି ଅନୁପସ୍ଥିତ ଥିବାରୁ ତାଙ୍କ ଦସ୍ତଖତ ଯାଞ୍ଚ ହୋଇନାହିଁ। ଅସୁସ୍ଥତା କାରଣରୁ ସେ ଅନୁପସ୍ଥିତ ଥିବାରୁ ଆଗାମୀ ଦିନରେ ପୁନର୍ବାର କରାଯିବ ବୋଲି ସୂଚନା ମିଳିଛି। ଏହି ଦସ୍ତଖତ ଯାଞ୍ଚ ବେଳେ ପୌର ପରିଷଦ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ଓ ଜିଲ୍ଲା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟ ମହାରଣା ଉପସ୍ଥିତ ଥିଲେ।

## ରାମନାଗୁଡାରେ ଜଳକ୍ରାନ୍ତି ଅଭିଯାନ ଶୁଭାରମ୍ଭ



ରାମନାଗୁଡା, ୨୦।୯ (ସମିସ): ରାୟଗଡ଼ା ଜିଲ୍ଲା ବିଜେପି ତରଫରୁ ଜଳ କ୍ରାନ୍ତି ଅଭିଯାନ ଆରମ୍ଭ ହୋଇଥିବା ବେଳେ ଆଜି ଜିଲ୍ଲାର ରାମନାଗୁଡା ବ୍ଲକର ଢେପାଗୁଡା ଡ୍ୟାମ, କାଟିକୀ ନାଳ, ଗୁଲୁଣ୍ଡି ଚେକ୍ ଡ୍ୟାମ ଗୁଡିକ ବୁଲି ସେଗୁଡିକ କିପରି ପୁନରୁଦ୍ଧାର ହେବ ସେ ସମ୍ପର୍କରେ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ଜିଲ୍ଲା ବିଜେପି ସଭାପତି ଶିବଶଙ୍କର ଉଲ୍ଲକାଙ୍କ ନେତୃତ୍ୱରେ ବିଜେପିର କର୍ମକର୍ତ୍ତାମାନେ ରାମନାଗୁଡା ବ୍ଲକ ଗସ୍ତ କରିଥିଲେ। ଏହି ଅଭିଯାନରେ ଶ୍ରୀ ଉଲ୍ଲକାଙ୍କ ସହ ପୂର୍ବତନ ଜିଲ୍ଲା ଯୁବ ସଭାପତି ଦେବାଶିଷ ପଣ୍ଡା, ରାମନାଗୁଡା ପଞ୍ଚାୟତ ସମିତି ଅଧକ୍ଷ ରବି ଶଙ୍କର ଗମାଙ୍ଗ, ରାମନାଗୁଡା ମଣ୍ଡଳ ସଭାପତି ଶ୍ରୀନିବାସ ପଣ୍ଡା, ଗୁଲୁଣ୍ଡି ସରପଞ୍ଚ ମାଝୀଗୈରି କଣ୍ଡାଗରୀ, କୁଜେନ୍ଦ୍ରୀ ପୂର୍ବତନ ମଣ୍ଡଳ ସଭାପତି ଧନୁଞ୍ଜୟ ବେହେରା, ଗୁଣୁପୁର ସଂଯୋଜକ ଆଶିଷ କୁମାର ବେହେରା, ରାୟଗଡ଼ା ସଂଯୋଜକ ବୀରଜା ପାତ୍ର, ମହିଳା ମୋର୍ଚ୍ଚା ସଭାପତି ବୁରୁଡି ଲକ୍ଷ୍ମୀ, ପୂର୍ବତନ ମହିଳା ମୋର୍ଚ୍ଚା ସଭାପତି ରଞ୍ଜନା ଉପାଧ୍ୟାୟ, ରାମନାଗୁଡା ଯୁବ ମୋର୍ଚ୍ଚା ସଭାପତି ଡମ୍ବୁରୁ ମାଣ୍ଡାଙ୍ଗି, ଶକ୍ତି ପ୍ରସାଦ ପାତ୍ର, ଜଗଦୀଶ ପାତ୍ର, ଦୁଃଶାସନ ମାଣ୍ଡାଙ୍ଗି, ସୁଧିର ପ୍ରମୁଖ ଉପସ୍ଥିତ ଥିଲେ।

## ଡିଇଓ, ଏଡିଇଓଙ୍କୁ ଓଷ୍ଟାସଂଘର ଶୁଭେଚ୍ଛା



ମାଲକାନଗିରି, ୨୦।୯ (ସମିସ): ମାଲକାନଗିରି ଜିଲ୍ଲା ଓଷ୍ଟା ସଂଘ ତରଫରୁ ଜିଲ୍ଲା ଶିକ୍ଷାଧିକାରୀ(ଡିଇଓ) ଚିତ୍ତରଞ୍ଜନ ପାଣିଗ୍ରାହୀ, ସହକାରୀ ଶିକ୍ଷାଧିକାରିଣୀ ମଞ୍ଜୁଲତା ମଣ୍ଡଳ ଓ ନୂତନ ଭାବରେ ଯୋଗଦାନ କରିଥିବା ସହକାରୀ ଜିଲ୍ଲା ଶିକ୍ଷାଧିକାରୀ(ଏଡିଇଓ) ଭାଗୀରଥି ବେହେରାଙ୍କୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ସହିତ ଓଷ୍ଟା ନୂତନ ସଂସ୍କରଣ -୨୦୨୫ ଟେଷ୍ଟ ପେପର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ସମ୍ପାଦକ ମନୋଜ ମହାପାତ୍ର, ସଭାପତି ଅଲେଖ ମହାରଣା, ଉପସଭାପତି ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଦୀନବନ୍ଧୁ ବେଜ, ବ୍ଲକ ସମ୍ପାଦକ ସୂର୍ଯ୍ୟ ନାରାୟଣ ନାୟକ, ରମେଶ ଚନ୍ଦ୍ର ଭୂୟାଁ, କୈଳାସ ଜେନା, ବାବୁଲା ନାୟକ, ରତିକାନ୍ତ ମିଶ୍ର, ସୁରେନ୍ଦ୍ର ନାଥ ବାରିକ, ଚିତ୍ତରଞ୍ଜନ କବି ସମେତ ବହୁ ପ୍ରମୁଖ ଓଷ୍ଟା କର୍ମକର୍ତ୍ତା ଓ ବରିଷ୍ଠ ଶିକ୍ଷକ ଉପସ୍ଥିତ ଥିଲେ।

## ଜିଲ୍ଲା ଭିନ୍ନକ୍ଷମ ମହାସଂଘର ଚାରାରୋପଣ

ରାୟଗଡ଼, ୨୦।୯ (ସମିସ): ଆଜି ରାୟଗଡ଼ ଜିଲ୍ଲା ଭିନ୍ନକ୍ଷମ ମହାସଂଘ ପକ୍ଷରୁ କଲ୍ୟାଣସିଂହପୁର ବ୍ଲକର ଦୁର୍ଗମ ଅଞ୍ଚଳ ପାର୍ସଲି ପଞ୍ଚାୟତସଦରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାର୍ଶାଲିର ପୂର୍ବତନ ସରପଞ୍ଚ ବାମୁନୁ କାର୍ଡାକା ଓ ବୁଡୁନି ପଞ୍ଚାୟତ ସରପଞ୍ଚ ବିଜୟା ହିଆଲ, ପିଇଓ ଶ୍ରିହରି ମହାନନ୍ଦିଆ ଯୋଗଦେଇଥିବା ବେଳେ ରାୟଗଡ଼ା ଜିଲ୍ଲା ଭିନ୍ନକ୍ଷମ ମହାସଂଘର ସମ୍ପାଦକ ଅମରେନ୍ଦ୍ର ନାଥ, ସଂଘର ସଦସ୍ୟ ଆରୋଭ ବିଭର ଓ କଲ୍ୟାଣସିଂହପୁର ବ୍ଲକ ସଂଘ ସଭାପତି ଟାର୍କେଶ ନିସିକା ଓ ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ପ୍ରଭାତ କାଶୀ, ଟେଲି ନୀଶିକା, ଆପାରାଓ କାର୍ଡାକା, ବାମାନା କାର୍ଷିକା, କ୍ରିଷ୍ଟା ହିକୋକା, ଅନାଦି ପରସିକା, ପ୍ରମୋଦ ସିକାଲା, ବିଜୟ ହିୟାଲ, ହୁତସେନ୍ କାଂଶିକା ଯୋଗଦେଇ ଚାରାରୋପଣ କରିଥିଲେ।




## ଆଦର୍ଶ ଶିକ୍ଷକଙ୍କୁ ବିଦ୍ୟାଳୟ କମିଟିର ସମ୍ବର୍ଦ୍ଧନା

ପଦ୍ମପୁର, ୨୦।୯ (ସମିସ): ରାୟଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଅଧିନସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟ ଉପର କୁମୁରୁଗୁଡ଼ାର ପୂର୍ବତନ ଭାରପ୍ରାପ୍ତ ଶିକ୍ଷକଙ୍କୁ ତାଙ୍କ ଆଦର୍ଶ ଶିକ୍ଷକତା ପାଇଁ ଚଳିତ ଶିକ୍ଷା ବର୍ଷ ୨୦୨୪-୨୦୨୫ ପାଇଁ ଜିଲ୍ଲାସ୍ତରୀୟ ଗୁରୁ ଦିବସ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ ଓ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ଜଗନ୍ନାଥ ମେହେର, ପଦ୍ମପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ରସେନା ଲିମାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆଜି ବିଦ୍ୟାଳୟର କମିଟି, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗହଣରେ ଉକ୍ତ ଆଦର୍ଶ ଶିକ୍ଷକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୁବନା ନନ୍ଦ ଖାଡ଼ଙ୍ଗା, ସ୍ଥାନୀୟ ପଦ୍ମପୁର ସରପଞ୍ଚ ପ୍ରକାଶ କୋଣ୍ଡାଗିରି, ପଦ୍ମପୁର ବ୍ଲକ ଉପାଧକ୍ଷ ରମେଶ ସାହୁ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହୃଷିକେଶ ପରିଡ଼ାଲା, ଶିକ୍ଷୟିତ୍ରୀ ଆର୍ ଆରତୀ, ବନିତା ନାୟକ ପ୍ରମୁଖଙ୍କୁ କମିଟି ତରଫରୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପରେ ଆଦର୍ଶ ଶିକ୍ଷକ ଦିଲୀପ୍ କୁମାର କରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସମ୍ବର୍ଦ୍ଧିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର କମିଟି ସଭାପତି ହରିକୃଷ୍ଣ ରାମନାଥ ଶବର, ବିଶିକେଶନ ସାହୁ, ପ୍ରଶାନ୍ତ ସାହୁ, କୃଷ୍ଣ ସାହୁ, କାଳିଆ ସାହୁ, ସୁଜାତା ସାହୁ, ରଚନା ସାହୁ, ଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



### ସ୍ୱାଭିମାନ ଅଞ୍ଚଳରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା

# ଜରୁରିକାଳୀନ ସେବାରୁ ବଞ୍ଚିତ ଯୋଡ଼ାମ୍ବବାସିନ୍ଦା

ଚିତ୍ରକୋଣ୍ଡା, ୨୦।୯ (ସମିସ)




ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଯୋଡ଼ାମ୍ବ ପଞ୍ଚାୟତରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇଛି। ଏଠାରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉପରେ ଯୋଡାମ୍ବ ପଞ୍ଚାୟତକୁ ଛାଡ଼ି ଦେଲେ ଆହୁରି ୪ ଗୋଟି ପଞ୍ଚାୟତ ଯଥା- ଯନ୍ତ୍ରୀ, ପଣସପୁଟ, ଆନ୍ଧ୍ରାପଲ୍ଲୀ ଓ ଗାଯୋଲମାମୁଡ଼ି ପଞ୍ଚାୟତର ୧୫୦ରୁ ଊର୍ଦ୍ଧ୍ୱ ଲୋକେ ଚିକିତ୍ସା ପାଇଁ ନିର୍ଭର କରୁଛନ୍ତି। କିନ୍ତୁ ଯୋଡାମ୍ବ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟମିତ ଭାବେ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ମିଳୁ ନଥିବା ଅଭିଯୋଗ ହୋଇଛି। ଆଜକୁ ୧୨ ଦିନରୁ ଅଧିକ ଦିନ ହେବ ଆମ୍ବୁଲାନ୍ସ ନଥିବା କାରଣରୁ ରୋଗୀ ହନ୍ତସନ୍ତ ହେଉଛନ୍ତି। ଯାହାର ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ଯୋଡାମ୍ବ ପଞ୍ଚାୟତ ଅନ୍ତର୍ଗତ ଗାଯୋଲଗୁମି ଗାଁରେ। ଘାସିରାମ ଖରାଙ୍କ (୧୫) ସ୍ୱାସ୍ଥ୍ୟ ଅବସ୍ଥା ଭଲ ନଥିବା କାରଣରୁ ଚିକିତ୍ସା ପାଇଁ ସୁରକ୍ଷା ବାହିନୀଙ୍କ ଆମ୍ବୁଲାନ୍ସରେ ଚିତ୍ରକୋଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ପହଞ୍ଚିଥିଲେ। କେବଳ ଗୋଟିଏ ଦିନ ନୁହେଁ, ଏମିତି ବାରମ୍ବାର ଯୋଡାମ୍ବ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଆମ୍ବୁଲାନ୍ସଟି ରୋଗୀଙ୍କୁ ସେବା ଯୋଗାଇବାରେ ଅକ୍ଷମ ରହୁଛି। ଅତି ଜରୁରୀକାଳୀନ ପରିସ୍ଥିତିରେ ନିକଟସ୍ଥ ସୁରକ୍ଷା ବାହିନୀଙ୍କ ଆମ୍ବୁଲାନ୍ସକୁ ଚିକିତ୍ସାଧୀନ ରୋଗୀଙ୍କୁ ବ୍ୟବହାର କରିବାକୁ ପଡୁଛି ବୋଲି ଅଭିଯୋଗ ହୋଇଛି। ସ୍ଥାନୀୟ ଯୋଡାମ୍ବ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡଃ. ଶ୍ରୀ ପଣ୍ଡାଙ୍କୁ ପଚାରିବାରୁ, ଆମ୍ବୁଲାନ୍ସର ଯାନ୍ତ୍ରିକ ତ୍ରୁଟି ଥିବା କହିଛନ୍ତି। ଘାଟି ରାସ୍ତାରେ ଅଟକି ଯାଉଥିବାରୁ ଏହା ରୋଗୀଙ୍କ ପାଇଁ ବିପଦ ପୂର୍ଣ୍ଣ। ଏହି ସମସ୍ୟା ବିଷୟରେ ଚିତ୍ରକୋଣ୍ଡା ସ୍ଥିତ ଚିକିତ୍ସା ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିବା ସେ କହିଛନ୍ତି। ତେବେ ଯଥାଶୀଘ୍ର ଏହି ଯୋଡାମ୍ବ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ଦାବି ହୋଇଛି।

## ଭୀମ୍ସ କଲେଜରେ ଜାତୀୟ ଶିକ୍ଷାନୀତି ଉପରେ କର୍ମଶାଳା




ରାୟଗଡ଼, ୨୦।୯ (ସମିସ): ରାୟଗଡ଼ ଜିଲ୍ଲା ସଦର ବ୍ଲକ ପୀତାମହଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ସ୍ଥିତ ଭିମ୍ସ ଶିକ୍ଷାନୁଷ୍ଠାନରେ ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ବେଦନଶୀଳତା କର୍ମଶାଳା ଅନୁଷ୍ଠାନର ଅଧକ୍ଷ ପ୍ରଫେସର ଡ. କରୁଣାକର କରକରିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଫେସର ଡ. ରାକେଶ ସ୍ୱାଇଁ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଶ୍ରୀ ସ୍ୱାଇଁ ଜାତୀୟ ଶିକ୍ଷାନୀତି ୨୦୨୦ର ଭିଜନ୍, ମିଶନ ଏବଂ ଉଦ୍ଦେଶ୍ୟ ପିପିପି ମାଧ୍ୟମରେ ଉପସ୍ଥାପନା କରିଥିଲେ। ଏହି କର୍ମଶାଳାକୁ ଅନୁଷ୍ଠାନର ସହାକାରୀ ପ୍ରଫେସର ବି.ଲାବଣ୍ୟା ପରିଚାଳନା କରିଥିଲେ। ନିମନ୍ତ୍ରୀତ ମୁଖ୍ୟବକ୍ତାଙ୍କୁ ଭିମ୍ସ କଲେଜର ଅଧକ୍ଷ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି କର୍ମଶାଳାରେ ପ୍ରାୟ ୨୦୦ଜଣ ଛାତ୍ରଛାତ୍ରୀଙ୍କ ସମେତ ୨୦ଜଣ ଭିମ୍ସ କଲେଜର ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ସାମିଲ ହୋଇଥିଲେ। ସେହିପରି ମୁଖ୍ୟବକ୍ତା ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସହକାରୀ ପ୍ରଫେସର ବେଦ ପ୍ରକାଶ କର ଧନ୍ୟବାଦ ଅର୍ପଣ କରିଥିଲେ।

# କଟକ ସିଟି



## ପୀଠରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା



ମା' କଟକ ଚଣ୍ଡୀଙ୍କ ରାଜରାଜେଶ୍ୱରୀ ବେଶ



ମା' ଗଡ଼ଚଣ୍ଡୀଙ୍କ କାଳୀ ବେଶ



ମା' ଝାଞ୍ଜିରୀମଙ୍ଗଳାଙ୍କ ଗାୟତ୍ରୀ ବେଶ



ମା' ଧାକୁଲେଇଙ୍କ କମଳା ବେଶ



ମା' ବାସନ୍ତୀ ଦୁର୍ଗାଙ୍କ ଦକ୍ଷିଣକାଳୀ ବେଶ

## ରେଳବାଇ ସରଞ୍ଜାମ ଚୋରି; ୪ ଯୁବକ ଗିରଫ

**କଟକ, ୨୦।୯(ସମିସ):** ରେଳବାଇ ସରଞ୍ଜାମ ଚୋରି ବେଳେ ୪ ଜଣଙ୍କୁ କଟକ ଆରପିଏଫ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭଦ୍ରକ ଧାମନଗରର ବାବୁ ଓରଫ ସାହା ଅକବର(୨୮), ଯାଜପୁର ଟାଉନର ଜଡା ଓରଫ। ରାମଚନ୍ଦ୍ର ଜେନା(୩୧), ପାଣିକୋଇଲିର ବୁଙ୍ଗୁ ଓରଫ ପ୍ରଶାନ୍ତ ଦାସ(୩୦) ଓ କେନ୍ଦୁଝରର ଘଷିପୁରାର ରାଜୁ ଓରଫ ଗୁନାରାମ ଗଗରାଇ(୪୫)। ଏମାନଙ୍କ ପାଖରୁ ଏକ ଗାଡ଼ି ସହ ଲକ୍ଷାଧିକ ଟଙ୍କାର ଲୁହା ସାମଗ୍ରୀ ଜବତ ହୋଇଛି।

ଗତ କିଛି ଦିନ ହେବ କପିଳାସ ରୋଡ ବୈରୀ ରେଳ ସେକ୍ସନରେ ସନ୍ଦିଗ୍ଧ ଗତିବିଧି ନେଇ ଆରପିଏଫକୁ ସୂଚନା ମିଳିଲା। ଶୁକ୍ରବାର ବିଳମ୍ବିତ ରାତିରେ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ବନ୍ଧାଲୋ ଗାଁ ରାସ୍ତା ଦେଇ ଯାଉଥିବା ଏକ ମାଲବାହୀ ଗାଡ଼ିକୁ ଆରପିଏଫ ଟିମ ଯାଞ୍ଚ କରିବାରୁ ସେଥିରେ ୧୩ ଖଣ୍ଡ ଲୁହା ଥିଲା। ଏଗୁଡିକୁ ରେଳ ଧାରଣାର ଲେବଲ କ୍ରସିଂ ସ୍ଥାନର ଉଭୟ ପାର୍ଶ୍ୱରେ ଲଗାଯାଇଥାଏ। ଏହାସହ ଗାଡି ଡାଲାରେ ଗୋଟିଏ ଗ୍ୟାସ କଟିଂ ମେସିନ, ଅକ୍ସିଜେନ ସିଲିଣ୍ଡର ଏବଂ ଅନ୍ୟାନ୍ୟ ଲୁହା ସରଞ୍ଜାମ ରହିଥିଲା। ଗାଡିରେ ଥିବା ଉପରୋକ୍ତ ୪ ଜଣ ଉକ୍ତ ଲୁହା ସାମଗ୍ରୀକୁ କାଟି ଚୋରାଇ ନେଉଥିବା ସ୍ୱୀକାର କରିଥିଲେ। ପ୍ରତି ଲୁହା ଖଣ୍ଡର ଲମ୍ବ ୧ମିଟର ହେବ। ମୋଟ ୬୦ କିଲୋ ଓଜନରର ୧୩ ଖଣ୍ଡ ଲୁହା ସରଞ୍ଜାମ ଜବତ ହୋଇଛି। ଶନିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଉତ୍କଳ ସାହିତ୍ୟ ସମାଜର ନିର୍ବାଚନ

## ଆସନ୍ତା ୯ରେ ପ୍ରାର୍ଥିପତ୍ର ଦାଖଲ: ୧୨ରେ ନିର୍ବାଚନ

**କଟକ, ୨୦।୯(ସମିସ):** ଉତ୍କଳ ସାହିତ୍ୟ ସମାଜର ନୂତନ କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ନିର୍ବାଚନ ନିମ୍ନ କାର୍ଯ୍ୟସୂଚୀ ମତେ ସ୍ଥିର କରାଯାଇଛି। ଆସନ୍ତା ୯ତାରିଖ ସକାଳ ୯ଟାରୁ ୫ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଆବେଦନ ଫର୍ମ କାର୍ଯ୍ୟାଳୟରୁ ଆଗ୍ରହୀ ପ୍ରାର୍ଥୀମାନଙ୍କୁ ଯୋଗାଇ ଦିଆଯିବ। ଅପରାହ୍ଣ ୨ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ କରାଯିବ। ଆସନ୍ତା ୧୦ ତାରିଖ ପୂର୍ବାହ୍ଣ ୯ଟାରୁ ୧୧ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ଏହାପରେ ଦିନ ୨ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବ। ସେହିଦିନ ସଂଧ୍ୟା ୭ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ଆସନ୍ତା ୧୨ ତାରିଖ ସକାଳ ୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ସେହିଦିନ ଅପରାହ୍ଣ ୩ଟା ୩୦ଠାରୁ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ଉତ୍କଳ ସାହିତ୍ୟ ସମାଜର ଯୋଗ୍ୟ ଆଜୀବନ ବା ବାର୍ଷିକ ସଭ୍ୟସଭ୍ୟା ଭୋଟ ଦେବା ପାଇଁ ପରିଚୟପତ୍ର (ଉତ୍କଳ ସାହିତ୍ୟ ସମାଜର ସଭ୍ୟ ପରିଚୟ ପତ୍ର, ଭୋଟ ପରିଚୟ ପତ୍ର, ଆଧାର କାର୍ଡ, ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ କାର୍ଡ, ପାସ୍‌ପୋର୍ଟ, ଫଟୋ ଥାଇ ବ୍ୟାଙ୍କ ପାସ୍‌ବୁକ୍ ଆଦି) ମଧ୍ୟରୁ ଯେକୌଣସି ଗୋଟିଏ ଆଣିବା ଜରୁରୀ। ତାହା ନହେଲେ ଭୋଟ ଦେଇପାରିବେ ନାହିଁ ବୋଲି ନିର୍ବାଚନ ପରିଚାଳକ ନବକିଶୋର ଦାସ ସୂଚନା ଦେଇଛନ୍ତି।

## ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା ରାଲି



**କଟକ, ୨୦।୯(ସମିସ):** ସିଏମ୍‌ସିର ୨୩ନମ୍ବର ୱାର୍ଡରେ ଡେଙ୍ଗୁ ଏବଂ ମ୍ୟାଲେରିଆ ରୋଗକୁ ଦୂର କରିବା ପାଇଁ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଏଥିରେ ୨୩ନମ୍ବର ୱାର୍ଡର କର୍ପୋରେଟର ଅରୁନ୍ଧତି କର, ସାନିଟାରୀ ଇନ୍ସପେକ୍ଟର ଭଗବାନ ଲେଙ୍କା, ମହିଳା ସ୍ୱାସ୍ଥ୍ୟକର୍ମୀ ଆରତୀ ଦାସ, ଓଡ଼ିଆ ବଜାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜନସ୍ୱାସ୍ଥ୍ୟ ପରିଚାଳକ ସରୋଜ ମିଶ୍ର, ଆକାଉଟାଣ୍ଟ ସମୀର ପଟ୍ଟନାୟକ, ସମସ୍ତ ଅଙ୍ଗନବାଡୀ କର୍ମୀ, ଆଶା କର୍ମୀ, ମହିଳା ଆରୋଗ୍ୟ ସମିତିର ସଦସ୍ୟ, ସ୍ୱଚ୍ଛସାଥୀ, ଡେଙ୍ଗୁ ସ୍ୱେଚ୍ଛାସେବୀ ପ୍ରମୁଖ କୌଣସି ସ୍ଥାନରେ ଅଳିଆ, ଆବର୍ଜନା ଦୀର୍ଘଦିନ ଧରି ପକାଇ ନ ରଖିବାକୁ ପରାମର୍ଶ ଦେଇଥିଲେ। ଟାୟାର, ପ୍ଲାଷ୍ଟିକ୍ ପାତ୍ର ଆଦିକୁ ଏଣେତେଣେ ନପକାଇବାକୁ କୁହାଯାଇଥିଲା।

## ନାରୀ ସୁରକ୍ଷା ପକ୍ଷରୁ ସାମାଜିକ ସଚେତନତା

**କଟକ, ୨୦।୯(ସମିସ):** ନାରୀ ସୁରକ୍ଷା ପକ୍ଷରୁ ଏକ ସାମାଜିକ ସଚେତନତା କାର୍ଯ୍ୟକ୍ରମ କଲେଜ ଛକସ୍ଥିତ ଦୁର୍ଗା ମନ୍ଦିର ସମ୍ମିଳନୀ ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଉପସଭନେତ୍ରୀ ଡ ମିନାକ୍ଷୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଲେବୁଲ ପଢ଼ି ଦ୍ରବ୍ୟ ବ୍ୟବହାର କରିବା, ପଲିଥିନ୍ ବ୍ୟବହାରର ଭୟାବହତା ଓ ପରିଷ୍କାର ପରିଚ୍ଛନ୍ନତା ବିଷୟରେ ଏକ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡ ଲୀଳାବତୀ ଗୁରୁ, ମୁଖ୍ୟବକ୍ତା ଭାବେ ଡ ସୁଦର୍ଶନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ମୀରା ବେଉରା ଯୋଗଦେଇଥିଲେ। ଯୁଗ୍ମ ସମ୍ପାଦିକା ଝରାଶ୍ରୀ ଦାସ ଓ କୋଷାଧ୍ୟକ୍ଷ ସତ୍ୟଭାମା ମହାପାତ୍ର ଅତିଥିଙ୍କ ସ୍ୱାଗତ ସମ୍ବର୍ଦ୍ଧନା କରିଥଲେ।

### ଆଜି ଶେଷ ପର୍ଯ୍ୟାୟ ଗଣେଶ ଭସାଣି

## ବୁଢ଼ା ଗଣେଶ ଭସାଣିକୁ ନେଇ ବିବାଦ

**କଟକ, ୨୦।୯(ସମିସ)**

ଗଣେଶ ପୂଜା ଶେଷ ପର୍ଯ୍ୟାୟ ଭସାଣି ଅନୁମତିକୁ ନେଇ ଏବେ ଦ୍ୱନ୍ଦ୍ୱରେ ପଡ଼ିଛି କମିଶନରେଟ୍ ପୁଲିସ। ଏଥର ସହରର ୧୭ଟି ଥାନାରେ ୪୦୦ଟି କ୍ଲବ୍ ବୁଢ଼ା ଗଣେଶ ଭସାଣି କାର୍ଯ୍ୟକ୍ରମ କରିବା ନିମନ୍ତେ ପୁଲିସକୁ ମାଗିଛନ୍ତି ଅନୁମତି। ସାଧାରଣ ଭାବେ ଭସାଣର ଶେଷ ପର୍ଯ୍ୟାୟରେ ବୁଢ଼ା ଗଣେଶ ଦ୍ୱିତୀୟ ଘାଣ୍ଟ ଖାଇରେ ଭସାଣ ହୁଅନ୍ତି। ସାଧାରଣ ଗଣେଶ (ବୁଢ଼ା ଗଣେଶକୁ ବାଦ ଦେଇ) ଭସାଣି ଚଳିତ ମାସରେ ୨ଟି ପର୍ଯ୍ୟାୟରେ ଶେଷ ହୋଇଥିବା ବେଳେ ଆଉ ଗୋଟିଏ ପର୍ଯ୍ୟାୟ ତଥା ରବିବାର ଶେଷ ଭସାଣି କରାଯିବ। ଏତେସଂଖ୍ୟକ ବୁଢା ଗଣେଶ ମୂର୍ତ୍ତି ଭସାଣ ଉତ୍ସବରେ ସାମିଲ ହେଉଥିବାରୁ ଏହି ୨ଦିନ ସ୍ଥିରିକୃତ ବାର ମଧ୍ୟରେ ବହୁ ସଂଖ୍ୟକ କ୍ଲବ୍‌କୁ ପସନ୍ଦ ମୁତାବକ ସାଉଣ୍ଡ, ଲାଇଟ୍ ଏବଂ ସାଜସଜ୍ଜା ମିଳି ପାରି ନଥିଲା। ଏହାକୁ ନେଇ ବିଭିନ୍ନ କ୍ଲବ୍ ମଧ୍ୟରେ ବିବାଦ ଦେଖା ଦେଇଛି। କମିଶନରେଟ୍ ପୁଲିସ ସୂଚନା ମୁତାବକ କଟକ ସହରରେ ମାତ୍ର ୧୮ଟି ବୁଢ଼ା ଗଣେଶ ତଥା ଘାଣ୍ଟଖିଆ ଗଣେଶ ରହିଛନ୍ତି। କିନ୍ତୁ ଶେଷ ପର୍ଯ୍ୟାୟ ଭସାଣିରେ ୪୦୦ରୁ ଅଧିକ ଗଣେଶଙ୍କୁ ଘାଣ୍ଟଖିଆ ଗଣେଶ ଭାବେ ଅଭିହିତ କରି ଥାନାଗୁଡ଼ିକରେ ଆବେଦନ କରାଯାଉଛି। ଯାହାକୁ ନେଇ ବିବାଦ ଦେଖା ଦେଇଛି। ଏ ଦିଗରେ ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି। ବଣିଆସାହି ବୁଢ଼ା ଗଣେଶ, ବାସୁଳି ସାହି ଘାଣ୍ଟଖିଆ ଗଣେଶ, ମାଛୁଆବଜାର ଶାନ୍ତି କ୍ଲବ୍, ମଙ୍ଗଳାବାଗ ମଝିସାହି, ବଣିଆସାହି ଗଣେଶ କ୍ଲବ୍, ଅଲିସାବଜାରର ନୀଳମାଧବ କ୍ଲବ୍, ଚାନ୍ଦିନୀଚୌକର ବନ୍ଧବାସେଳି କ୍ଲବ୍, କାଫଲାବଜାରର ଘାଣ୍ଟଖିଆ ଗଣେଶ, ଡଗରପଡ଼ାର ମା' ସିଦ୍ଧବାସୁଳି କ୍ଲବ୍, ବାଲୁବଜାରର ଜେମିନି କ୍ଲବ୍, ଦେଉଳସାହି ପୁଲିସର କଲୋନୀର ଘାଣ୍ଟଖିଆ ଗଣେଶ, ଅଲିସାବଜାରର ମା' ଭଗବତୀ କ୍ଲବ୍, କାଳିଗଳିର ଏଭରେଷ୍ଟ୍ କ୍ଲବ୍ ଓ ମଙ୍ଗଳାବାଗର ନ୍ୟୁ-ଫ୍ରେଣ୍ଡସ୍ କ୍ଲବ୍‌ରେ ବୁଢ଼ା ଗଣେଶ ପୂଜା ପାଉଛନ୍ତି। ଏହାକୁ ଛାଡ଼ି ଦେଲେ ସହରରେ ଆଉ କେଉଁଠି ବି ବୁଢ଼ା ଗଣେଶ ନାହାନ୍ତି।

**୧୭ଟି ଥାନାରେ ୪୦୦ଟି ଆବେଦନ**

ସୂଚନାଯୋଗ୍ୟ, ଏଥର ପ୍ରଥମ ପର୍ଯ୍ୟାୟରେ ୩୮୦ଟି ଗଣେଶ ମୂର୍ତ୍ତି ବିସର୍ଜନ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୩୧୦ଟି ଗଣେଶ ମୂର୍ତ୍ତି ବିସର୍ଜିତ ହୋଇଥିଲେ। ଆଜି ୩୭୦ଟି ଗଣେଶ ମୂର୍ତ୍ତି ଉଭୟ କାଠଯୋଡ଼ି ଓ ମହାନଦୀର ୧୮ରୁ ଊର୍ଦ୍ଧ୍ୱ ସ୍ଥାନରେ ହୋଇଥିବା କୃତ୍ରିମ ପୋଖରୀ ବିସର୍ଜନ କରାଯାଇଥିଲା। ପୁଲିସ ନିକଟରେ ଶୋଭାଯାତ୍ରା ନିମନ୍ତେ ମୋଟ୍ ୧ହଜାରରୁ ଅଧିକ ଗଣେଶ ପୂଜା କ୍ଲବ୍ ଆବେଦନ କରିଥିଲେ। ଆଜିର ଭସାଣୀ ପରେ ସହରରେ ଗଣେଶ ଭସାଣୀ ପ୍ରକ୍ରିୟା ତୃତୀୟ ପର୍ଯ୍ୟାୟରେ ପହଞ୍ଚିଛି। ଏହାକୁ ବାଦ ଦେଇ ଅଣପଞ୍ଜିକୃତ ଗଣେଶ କ୍ଲବ୍ ଗୁଡ଼ିକ ମଧ୍ୟ ଆଜି ଭସାଣି ଶୋଭାଯାତ୍ରାରେ ଗଣେଶଙ୍କ ମୂର୍ତ୍ତି ପାଣିରେ ପକାଇଥିଲେ। ଏମାନଙ୍କ ସଂଖ୍ୟା ୩୦୦ରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ତୃତୀୟ ପର୍ଯ୍ୟାୟ ଭସାଣି ସୁଦ୍ଧା ସହରରେ ସମୁଦାୟ ୧ହଜାର ୬୦ଟି ମୂର୍ତ୍ତି ବିସର୍ଜିତ ହୋଇଥିବା ଜଣାପଡ଼ିଛି।

### ଧନେଶ୍ୱର ରଥଙ୍କ ସ୍ମୃତି ସମାରୋହ

## ୫ ସାହିତ୍ୟିକ ଓ ଶିକ୍ଷାବିତ୍ ସମ୍ମାନିତ

**କଟକ, ୨୦।୯(ସମିସ):** ସାରଳାଭବନଠାରେ ଆଜି ସନ୍ଧ୍ୟାରେ ଧନେଶ୍ୱର ରଥ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ ସମାଜସେବୀ ଓ ଶିକ୍ଷାବିତ୍ ଧନେଶ୍ୱର ରଥଙ୍କ ସ୍ମୃତିରେ ଏକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହକୁ ଆଡ଼ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସ୍ମୃତି ସଂସଦର ସଭାପତି ଡ ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ ସତ୍ୟନାରାୟଣ ପଣ୍ଡା, ମୁଖ୍ୟବକ୍ତା ଭାବେ ପୁରୀ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଭାଷା-ସାହିତ୍ୟ ସ୍ନାତକୋତ୍ତର ବିଭାଗର ସହକାରୀ ପ୍ରଫେସର ସାହିତ୍ୟିକା ଡ ହେନେରିଟା ମିଶ୍ର ଯୋଗ ଦେଇଥିଲେ।



ଏହି ଅବସରରେ ୫ ଜଣ ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍ ତଥା କିଶୋରଚନ୍ଦ୍ର ମହାନ୍ତି, ଡ ଶ୍ରୀଚରଣ ଦାସ, ଡ ହେନେରିଟା ମିଶ୍ର, ରେଖା ବେହେରା ଓ ଦେବିକାରାଣୀ ଚୌଧୁରୀଙ୍କୁ ମର୍ଯ୍ୟାଦାଜନକ 'ଧନେଶ୍ୱର ରଥ ସାରସ୍ୱତ ଓ ଶିକ୍ଷାବିଦ୍ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଡ୍ରିମସ୍‌ର ନିର୍ଦ୍ଦେଶକ ଜାମାତା ବଳରାମ କର ଏବଂ ପୁତ୍ର ପ୍ରଦୀପ ଚନ୍ଦ୍ର ରଥ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂସଦର ସମ୍ପାଦକ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବରିଷ୍ଠ ସାମ୍ବାଦିକ ନିରାକାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ କଥାଶିଳ୍ପୀ ସୋହାଗିନୀ ବେହେରା, ଅଧ୍ୟାପକ ଗୋପୀନାଥ ପଣ୍ଡା, କବି କାନ୍ତିବାଳା ନାୟକ, ଶିକ୍ଷାବିତ୍ ନଳିନୀକାନ୍ତ ପଣ୍ଡା ଓ ଶର୍ମିଷ୍ଠା ସାହୁ ମାନପତ୍ର ପାଠ କରିଥିଲେ।

## ଯୁବତୀଙ୍କ ଭିଡିଓ କରି ଅଡୁଆରେ ୪ ଯୁବକ

**ବାରଙ୍ଗ, ୨୦।୯(ସମିସ):** ଦୁଇ ଜଣ ଯୁବତୀଙ୍କ ଅଜାଣତରେ ଭିଡିଓ କରି ପ୍ରାଙ୍କ୍ ଭିଡିଓ ଓ ରିଲ୍ସ କରିବା ୪ ଜଣ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଶନିବାର ନନ୍ଦନକାନନ ପ୍ରାଣୀ ଉଦ୍ୟାନର ମୁଖ୍ୟ ଗେଟ୍ ସମ୍ମୁଖରେ ଗହଳି ଲାଗି ରହିଥିଲା। ଚନ୍ଦକା ଥାନା ଦାରୁଠେଙ୍ଗ ଗ୍ରାମର ୩ ଜଣ ଯୁବକ ବିଶ୍ୱନାଥ ଦେହୁରୀ, ବିଜୟନନ୍ଦ ଦେହୁରୀ, ସୁନୀଲ ମାଝୀ ଏବଂ ଦିଗପହଣ୍ଡି ଅଞ୍ଚଳର ଶଙ୍କର ବେହେରା ମଦ୍ୟ ପାନ କରି ଘଟଣାସ୍ଥଳରେ ପହଞ୍ଚିଥିଲେ। ଗେଟ୍ ସମ୍ମୁଖରେ ବୁଲାବୁଲି କରୁଥିବା ୨ ଜଣ ଯୁବତୀଙ୍କ ଅଜାଣତରେ ଭିଡିଓ ଉତ୍ତୋଳନ କରିଥିଲେ। ସେହି ସମୟର ନିୟୋଜିତ ଥିବା ନନ୍ଦନକାନନର ଅସ୍ଥାୟୀ କର୍ମଚାରୀ ରତିକାନ୍ତ ଭୋଇ ଓ ଗତିକୃଷ୍ଣ ସାହୁ ଏଭଳି ଘଟଣା ଦେଖି ଯୁବକଙ୍କୁ କାବୁ କରି ନନ୍ଦନକାନନ ଥାନାକୁ ସୂଚନା ଦେଇଥିଲେ। ନନ୍ଦନକାନନ ଥାନା ପୁଲିସ ପହଞ୍ଚି ରିଲ୍ସ କରିଥିବା ୪ ଜଣ ଯୁବକକୁ କାବୁ କରି ଥାନାରେ ଅଟକ ରଖିବା ସହିତ ସେମାନଙ୍କଠାରୁ ୫ଟି ମୋବାଇଲ ଜବତ କରିଥିବା ଜଣାପଡ଼ିଛି।

## ଟ୍ରେନ୍‌ରୁ ନାବାଳକ ଉଦ୍ଧାର

**କଟକ, ୨୦।୯(ସମିସ):** ଟ୍ରେନରୁ ଜଣେ ନାବାଳକକୁ ଉଦ୍ଧାର କରାଯାଇଛି। ପରେ ତାକୁ ତାର ପରିବାର ଜିମା ଦିଆଯାଇଛି। ଶନିବାର ସକାଳ ୯ଟା ୪୦ରେ ପୁରୀ ଇଣ୍ଟରସିଟି ସୁପରଫାଷ୍ଟ ଏକ୍ସପ୍ରେସରେ ଜଣେ ନାବାଳକ ଏକୁଟିଆ ଯାତ୍ରା କରୁଥିବା ଖବର ପାଇ ପୂର୍ବରୁ ପ୍ରସ୍ତୁତ ଥିବା ଆରପିଏଫ ଟିମ ଟ୍ରେନର ଡି-୫ କୋଚର ୯୭ନଂ ସିଟରେ ତାକୁ ଠାବ କରିଥିଲା। ୧୧ ବର୍ଷୀୟ ନାବାଳକର ଘର ବାଲେଶ୍ୱର ରୂପସା ଅଞ୍ଚଳରେ। ସେ ନିଜ ଅଜାଙ୍କ ସହ ଯାଜପୁର ଆସୁଥିଲା। ମାତ୍ର ଯାଜପୁର ଷ୍ଟେସନରେ ଅଜା ଓହ୍ଲାଇଥିଲା ବେଳେ ଭୁଲବଶତଃ ସେ ଟ୍ରେନରେ ରହିଯାଇଥିଲା। ପରେ ଦିନ ପ୍ରାୟ ସାଢେ ୧୨ଟାରେ ତା'ର ଅଜା ସଦାନନ୍ଦ ବେହେରା ଆସି କଟକରେ ପହଞ୍ଚି ନାବାଳକକୁ ଜିମାରେ ନେଇଥିଲେ।



## ଦଶମୀରେ ହେବ 'ଆଖଡ଼ା ଖେଳ'

### ଶ୍ରୀଶ୍ରୀ ମଦନ ମୋହନସାହି କମିଟି ଝାଞ୍ଜିରୀମଙ୍ଗଳା

ପାର୍ବଣ ତା'ର କଅଁଳ ପାଦ ସ୍ୱର୍ଶ କରି ସ୍ଥିତି ଜାହିର୍ କରି ସାରିଲାଣି। ମହାନଦୀ ଓ କାଠଯୋଡିର ଉତ୍ତାଳ ଜଳରାଶିରେ ଖେଳି ଗଲାଣି ପାର୍ବଣର ଖିଆଲି ତରଙ୍ଗ। ମର୍କତନଗରରୁ ମହାନଦୀବିହାର ଭିତରେ ଫିକାଫିକା ଲାଗୁଥିବା ଐତିହାସିକ କଟକ ନଗରୀ କ୍ରମଶଃ ପାର୍ବଣର ରଙ୍ଗରେ ରଙ୍ଗେଇ ହେଲାଣି। ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରେ ସହରରେ ପାଦ ଥାପି ଥିବା ପାର୍ବଣ କାର୍ତ୍ତିକେଶ୍ୱର ପୂଜା ପରେ ବିଦାୟ ନେବ। ଏହାରି ଭିତରେ ଦେଇଯିବ ଅନେକ ପାସୋରା ଆଉ ଅପାସୋରା ଘଟଣା। ଆଉ କିଛି ଦିନ ପରେ ଦଶହରା। ନିର୍ମଳ ଆଶ୍ୱୀନକୁ ସ୍ୱାଗତ କରିବାକୁ ନଦୀ ପଠାରେ ଖିଲିଖିଲି ହସିଲାଣି କାଶତଣ୍ଡୀ....



**କଟକ, ୨୦।୯(ସମିସ)**

ଶକ୍ତି ପୀଠରେ ଆରମ୍ଭ ହେଲାଣି ନବରାତ୍ର ପୂଜା। ଆଉ ମାତ୍ର କେଇଟା ଦିନରେ ମା' ଦୁର୍ଗାଙ୍କ ସମେତ ହରପାର୍ବତୀ ଓ ପ୍ରଭୁ ମହାଦେବଙ୍କ ଧରାପୃଷ୍ଠକୁ ଆଗମନ ହେବ। ସମସ୍ତ ପୂଜା କମିଟି ନିଜ ନିଜ ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି। ଏହି ପୂଜାରେ ସାମିଲ ହୋଇଛି ଶ୍ରୀ ଶ୍ରୀ ମଦନ ମୋହନ ସାହି କମିଟି ଝାଞ୍ଜିରୀମଙ୍ଗଳା। ଏଠାରେ ୧୯୩୭ ମସିହାର ଦଶହରାରେ ପ୍ରତିମା ପୂଜା ଆରମ୍ଭ ହୋଇଥିଲା ଏବଂ ୪୮ ବର୍ଷ ଧରି ଏହା ଚାଲିବା ପରେ ୧୯୮୫ ମସିହାରୁ କୌଣସି କାରଣ ଯୋଗୁଁ ତାହା ବନ୍ଦ କରାଯାଇ ପୌରାଣିକ କଥା ବସ୍ତୁକୁ ଆଧାର କରି ସଜ ପିତୁଳା କରାଗଲା। ପ୍ରାୟ ୨୫ ବର୍ଷ ଧରି ପିତୁଳା ପୂଜା ହୋଇ ଆସିବା ପରେ ଏବେ ୧୫ ବର୍ଷ ହେଲା ପୁଣି ହରପାର୍ବତୀ ମେଢ଼ କରାଯାଉଛି। ପୂଜା ପାଇଁ କମିଟି ପକ୍ଷରୁ ଚଳିତବର୍ଷ ୫ ଲକ୍ଷ୍ୟ ଟଙ୍କା ବଜେଟ୍ କରାଯାଇଛି। ଶାରଦୀୟ ଦୁର୍ଗାଉତ୍ସବରେ ଏହି ଗ୍ରାମର ପୀଠ ଠାକୁରାଣୀ ଝାଞ୍ଜିରୀମଙ୍ଗଳାଙ୍କ ଷୋଡଶ ଉପଚାର ପୂଜା କରାଯାଇଥାଏ, ସେଥିପାଇଁ ଏହି ମଣ୍ଡପରେ ଦୂର୍ଗାଙ୍କ ବଦଳରେ ମହାଦେବଙ୍କ ପ୍ରତିମା ପୂଜା କରାଯାଏ। ରୀତିନୀତି ଅନୁଯାୟୀ ମଣ୍ଡପରେ ପୂଜା ମହାଷଷ୍ଠୀରେ ଆରମ୍ଭ କରାଯିବ ଏବଂ ମହାଅଷ୍ଟମୀରେ ଠାକୁରାଣୀଙ୍କ ନିକଟରେ ୫ କୁଇଣ୍ଟାଲ ମାଛଭୋଗ କରାଯିବ। ଏହାସହିତ ଅଷ୍ଟମୀରୁ ବିଜୟା ଦଶମୀ ଯାଏଁ ୫ କୁଇଣ୍ଟାଲ ବୁନ୍ଦି ଲଡୁ ଭୋଗ ଲାଗି କରାଯାଇ ବଣ୍ଟନ କରାଯିବ। ବିଜୟା ଦଶମୀରେ ଅପରାହ୍ଣ ୪ଟାରୁ ୬ଟା ଯାଏଁ ପୂଜା ମଣ୍ଡ ଓ ଠାକୁରାଣୀଙ୍କ ପୀଠ ସମ୍ମୁଖରେ ଆଖଡା ଖେଳ ହେବ। ଭସାଣିରେ ଢେଙ୍କାନାଳ ମାଦଳ ବାଜା, ସମ୍ବଲପୁରୀ ବାଜା ସମେତ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।



ପୂଜାରେ ସମସ୍ତ ନିୟମକୁ ପାଳନ କରାଯାଉଛି। ଭସାଣି ଯାତ୍ରାରେ ଢେଙ୍କାନାଳର ମାଦଳ ବାଜା, ସମ୍ବଲପୁରୀ ବାଦ୍ୟ ସମେତ ପାରମ୍ପରିକ ବାଦ୍ୟ ପରିବେଶଷ କରାଯିବ। ଏହାସହ ଶୃଙ୍ଖଳିତ ଭାବେ ଭସାଣିକୁ ସମାପନ କରିବାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି।

**- ପତିତ ପାବନ ସ୍ୱାଇଁ, ସଭାପତି**



ପ୍ରାଚୀନ ପରମ୍ପରା, ସଂସ୍କୃତି ଓ ଐତିହ୍ୟକୁ ଶ୍ରୀ ଶ୍ରୀ ମଦନ ମୋହନ ସାହି କମିଟି ଝାଞ୍ଜିରୀମଙ୍ଗଳା ସର୍ବଦା ବଜାୟ ରଖି ଆସିଛି। ଦଶହରାର ଏକ ଅଂଶ ରହିଛି ଆଖଡା ଖେଳ ଏବଂ ଏହାର ଗୁରୁ ଘର ହେଉଛି ଝାଞ୍ଜିରୀମଙ୍ଗଳା। ଏଠାରେ ଏହି ପରମ୍ପରାକୁ ବଜାୟ ରଖାଯାଇଛି ଏବଂ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅଖଡ଼ା ଖେଳ କରାଯିବ।

**- ବିଜୟ କୁମାର ନାୟକ, ସମ୍ପାଦକ**

## ମୟୂରଭଞ୍ଜରେ ନାକା ଚେକିଂ | ନିୟମ ଉଲ୍ଲଙ୍ଘନକାରୀଙ୍କ ନାଁରେ ୧୭୮ ମାମଲା

ବାରିପଦା, ୨୦।୯ (ସମିସ)

ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ନେତୃତ୍ୱରେ ସମସ୍ତ ଥାନାଦ୍ୱାରା ଗତ ୧୯ ତାରିଖ ଶୁକ୍ରବାର ସନ୍ଧ୍ୟା ୬ଟାରୁ ରାତି ୧୨ଟା ଯାଏ ଏକସଙ୍ଗେ ନାକା/ଚେକିଂ କରାଯାଇଥିଲା। ଟ୍ରାଫିକ୍ ନିୟମ ଓ ନିର୍ଦ୍ଦେଶନାକୁ କାର୍ଯ୍ୟକାରୀ କରିବା, ଅବୈଧ ଗୋ-ଚାଲାଣ, ଖଣିଜ ପଦାର୍ଥର, ଚୋରା ମାଦକଦ୍ରବ୍ୟ ଚାଲାଣ ବା ପରିବହନକୁ ରୋକିବା ଏବଂ ଅସାମାଜିକ ଅପରାଧୀଙ୍କ କାର୍ଯ୍ୟକଳାପକୁ ପର୍ଯ୍ୟବେକ୍ଷଣ କରିବା ଉଦ୍ଦେଶ୍ୟରେ ଏହି ନାକା ଚେକିଂ କରାଯାଇଥିଲା। ଚେକିଂ ସମୟରେ ୧୭୮ଟି ଗାଡ଼ିକୁ ଯାଞ୍ଚ କରାଯାଇଥିଲା। ନାକା/ବ୍ଲକିଂ ସମୟରେ ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ବାଇକ ଓ ଗାଡ଼ି ଚାଳକଙ୍କୁ ମୋଟ ୩ଲକ୍ଷ ୧୮ହଜାର ଟଙ୍କା ଜରିମାନା ଧାର୍ଯ୍ୟ



କରାଯାଇଛି। ଏଥିସହିତ ୧୦ଟି ମଦ୍ୟପାନ କରି ଗାଡ଼ି ଚଳାଇବା ମାମଲା ଓ ୧୧ଟି ଅବକାରୀ ମାମଲା ପଞ୍ଜିକୃତ ହୋଇଛି। ସେହିପରି ୨୫ ଲିଟର୍ ଦେଶୀ/ବିଦେଶୀ ମଦ ଜବତ କରାଯାଇଛି। ଅଧିକାଂଶ ମାମଲା ଟ୍ରାଫିକ୍ ଉଲ୍ଲଂଘନ ସମ୍ବନ୍ଧୀୟ ଥିବା ବେଳେ ମହୁଲଡିହା ପୁଲିସ ୨ଟି ଲଘୁଖଣିଜ ଦ୍ରବ୍ୟ ବେଆଇନ ପରିବହନ ମାମଲା ରୁଜୁ କରିଛି। ଯଶିପୁର ପୁଲିସ ୨ଟି ଓ ଠାକୁରମୁଣ୍ଡା ପୁଲିସ

**୩.୧୮ ଲକ୍ଷରୁ ଅଧିକ ଟଙ୍କା ଜରିମାନା ଆଦାୟ**

ଗୋଟିଏ ବେଆଇନ ଗୋ ଚାଲାଣ ମାମଲା ରୁଜୁ ସହିତ ୪୧ଟି ମଇଁଷି ଓ ୬ଟି ବଳଦ ଉଦ୍ଧାର କରିଛି। ସେହିପରି ବାଙ୍ଗରିପୋଷି ପୁଲିସ ଏକ କୁଇଣ୍ଟାଲ ଗଞ୍ଜେଇ ସହ କାର ଜବତ କରି ୬ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ନାକା ଚେକିଂ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାରେ ଶୃଙ୍ଖଳା ଓ ସୁରକ୍ଷା ରକ୍ଷଣରେ ପୁଲିସ୍ ପ୍ରଶାସନ ବିଶେଷ ସତର୍କତା ଦେଖାଇଛି।

## ‘ଆଖିରୁ ଆଖିକୁ ଯାହା ଦିଶେ’ ପୁସ୍ତକ ଲୋକାର୍ପିତ

**ବାରିପଦା, ୨୦।୯ (ସମିସ):** ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ସହଭାଗିତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅବସରରେ ଯୁବ ଲେଖକ ତଥା ଅଧ୍ୟାପକ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ରଙ୍କ ନୂଆ ସମାଲୋଚନା ପୁସ୍ତକ ‘ଆଖିରୁ ଆଖିକୁ ଯାହା ଦିଶେ’ର ଲୋକାର୍ପିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପ୍ରଖ୍ୟାତ ସାହିତ୍ୟିକା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ବଭ୍ରୁବାହନ ମହାପାତ୍ର, ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ସଂଯୋଜକ ଡ. ଶିଶିର ବେହେରା, ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରଶାସନିକ



ମୁଖ୍ୟ ଡ.ଅନନ୍ୟା ତ୍ରିପାଠୀ ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସୁଶାନ୍ତ ବସା ଯୋଗ ଦେଇ ପୁସ୍ତକର ଲୋକାର୍ପଣ କରିଥିଲେ। ଡ. ଚକ୍ର ଏହି ପୁସ୍ତକ ରଚନା ପଛର ଶ୍ରମ ଓ ବିଦ୍ୟାର୍ଥୀ ଏବଂ ଗବେଷକଙ୍କ ପାଇଁ ଏହାର ଉପଯୋଗିତା ସମ୍ପର୍କରେ ଅବଗତ କରିଥିଲେ। ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ନିଜ ବକ୍ତବ୍ୟରେ ଏହି ପୁସ୍ତକର ଉପାଦାନ ଯାହା, ଖାଲି ପିଲାମାନଙ୍କ ପାଇଁ ନୁହେଁ ଆମ ସମସ୍ତଙ୍କ ପାଇଁ ଏକ ଉପାଦେୟ ପୁସ୍ତକ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ। ଅଧ୍ୟାପକ ଡ. ଦୟାନିଧି ପରିଡ଼ା ପୁସ୍ତକର ସମୀକ୍ଷା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ରୀନା ମୁର୍ମୁ ଏଭଳି ପୁସ୍ତକ ପ୍ରକାଶନ ବିଭାଗର ଗରିମା ବୃଦ୍ଧିରେ ସହାୟକ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ପୁସ୍ତକକୁ ଡବଲିନ, ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପ୍ରକାଶନୀ ସଂସ୍ଥା ‘ବ୍ଲାକ ଇଗଲ ବୁକ୍ସ’ ପ୍ରକାଶ କରିଛନ୍ତି। ବିଶ୍ୱବ୍ୟାପୀ ପ୍ରକାଶନର ଅଳ୍ପଦିନ ମଧ୍ୟରେ ଏହି ପୁସ୍ତକ କଲମ୍ବସ ମେଟ୍ରୋପଲିଟାନ ଲାଇବ୍ରେରୀରେ ସ୍ଥାନିତ ହେବା ସହ ଆମାଜନରେ ନିଜର ବଳିଷ୍ଠ ଉପସ୍ଥିତି ଜାହିର କରିଛି। ଡ ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ରଙ୍କ ପୂର୍ବରୁ ‘ଡମ୍ବରୁ ଅନ୍ୟାନ୍ୟ ଗଳ୍ପ’, ‘ଈଶ୍ୱର! ମାଫକର’, ‘ଶବ୍ଦର ସୀମାରେଖା’, ‘ପର୍ବ’, ‘ତାପମାତ୍ରା’ ଆଦି ପୁସ୍ତକ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଛି।

## ସାପ କାମୁଡ଼ା ଓ ବଜ୍ରପାତ ସଚେତନତା ତାଲିମ ଶିବିର



**ବାରିପଦା, ୨୦।୯ (ସମିସ):** ମୁର୍ଗାବାଡି କେନ୍ଦ୍ରୀୟ ବିଦ୍ୟାଳୟ ସଭା କକ୍ଷରେ ଏକ ‘ସାପ କାମୁଡା ଜନିତ ମୃତ୍ୟୁ ନିରାକରଣ ଓ ବିଜୁଳି ଘଡ଼ଘଡ଼ି ସଚେତନତା କାର୍ଯ୍ୟକ୍ରମ’ ଅଧ୍ୟକ୍ଷ ଅକ୍ଷୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଜରୁରୀକାଳୀନ ବିଭାଗର ଡ଼ିପିଓ ଜଗବନ୍ଧୁ ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ବିଭାଗର ବିଜ୍ଞାନ ପ୍ରକଳ୍ପ ଅଧିକାରୀ ଜ୍ଞାନରଞ୍ଜନ ଆଚାର୍ଯ୍ୟ ତଥା ଓଡ୍ରାଫ ଟିମ ପଞ୍ଚମ ଦୁର୍ଗର ମାଷ୍ଟର ଟ୍ରେନର ଅରୁଣ କୁମାର ମହାନ୍ତ, ପଦ୍ମଲୋଚନ ଏବଂ ଓସଡମାର କମ୍ୟୁନିଟି ମାଷ୍ଟର ଟ୍ରେନର ଜୁଲିମଣି ବେହେରା ଓ କବିତା ଘଡେଇ ଯୋଗଦେଇଥିଲେ। ଅଧ୍ୟକ୍ଷ ଶ୍ରୀ ମଲ୍ଲିକ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଡିପିଓ ଶ୍ରୀ ମହାନ୍ତି ବିଦ୍ୟାଳୟ ଓ ଘରେ କ’ଣ ଜରୁରୀକାଳୀନ ପ୍ରସ୍ତୁତି କରିବାକୁ ହେବ ସେ ନେଇ ଅବଗତ କରିଥିଲେ। ସାପ କାମୁଡ଼ିଲେ ସମୟ ନଷ୍ଟ ନ କରି ତୁରନ୍ତ ଏଏସଭି ମହଜୁଦ ଥିବା ଗୋଷ୍ଠୀ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ପରାମର୍ଶ ଦେଇଥିଲେ। ବିଜ୍ଞାନ ପ୍ରକଳ୍ପ ଅଧିକାରୀ ଶ୍ରୀ ଆଚାର୍ଯ୍ୟ ବିଦ୍ୟାଳୟ ନିରାପତ୍ତା ସମ୍ପର୍କରେ ବକ୍ତବ୍ୟ ଦେଇଥିବାବେଳେ ଡ୍ରାଫର ମାଷ୍ଟର ଟ୍ରେନର ଶ୍ରୀ ମହାନ୍ତ ଓ ପଦ୍ମଲୋଚନ ଫାଷ୍ଟଏଡ୍ ସହିତ ସିପିଆର ଉପରେ ତାଲିମ ଦେଇଥିଲେ। ଶେଷରେ ଅଧ୍ୟକ୍ଷ ଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଘର ସମ୍ମୁଖରୁ ବାଇକ୍ ଚୋରି

**ବାରିପଦା, ୨୦।୯ (ସମିସ):** ଭଞ୍ଜପୁରରେ ଘର ସମ୍ମୁଖରୁ ବାଇକ ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି। ରାଜା ବିକ୍ରମାଦିତ୍ୟ ରାଉତ କରିଥିବା ଅଭିଯୋଗ ଅନୁସାରେ ସେ ଘର ସମ୍ମୁଖରେ ବାଇକ ରଖିଥିଲେ। ସେ ଦେଖିଲାବେଳକୁ ତାଙ୍କର ବାଇକଟି ଚୋରି ହୋଇଯାଇଛି। ବହୁ ଖୋଜାଖୋଜି କରିବା ପରେ ବି ପାଇ ନ ଥିଲେ। ଶେଷରେ ବିକ୍ରମାଦିତ୍ୟ ଥାନାର ଦ୍ୱାରସ୍ଥ ହୋଇଥିଲେ।

**ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଶିକ୍ଷା ସମ୍ବନ୍ଧୀୟ କର୍ମଶାଳା**

## ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ସ୍କୁଲମୁହାଁ ପାଇଁ ପ୍ରୟାସ

**ଶରତ, ୨୦।୯ (ସମିସ):** କପ୍ତିପଦା ବ୍ଲକ ରାଣୀପୋଖରୀ ଗ୍ରାମ ପଞ୍ଚାୟତ ପ୍ରଧାନସାହିରେ ଥିବା ସ୍ୱେଚ୍ଛାସେବୀ ସଂଗଠନ ଶିକ୍ଷା ସନ୍ଧାନ ପକ୍ଷରୁ ଏକ ଦିବସୀୟ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ରାଣୀପୋଖରୀ ନାଏବ ସରପଞ୍ଚ ଜେମା ସିଙ୍କୁ, ସ୍ୱତନ୍ତ୍ର ଅତିଥି ଭାବେ ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ ମଞ୍ଚାସୀନ ଥିଲେ। କର୍ମଶାଳାରେ ମୁଖ୍ୟତଃ ବିଦ୍ୟାଳୟ ବାହାରେ ରହିଥିବା ପିଲାଙ୍କୁ କିଭଳି ବିଦ୍ୟାଳୟ ଅଭିମୁଖି କରାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା। ପଞ୍ଚାୟତରେ ଥିବା ସମସ୍ତ ୯ଟି ବିଦ୍ୟାଳୟରେ ଥିବା ସମସ୍ୟା ସମ୍ପର୍କରେ ମଧ୍ୟ ବିସ୍ତୃତଭାବେ ଆଲୋଚନା ହୋଇଥିଲା। ସଂଗଠନର ସର୍ଭେ ଅନୁସାରେ ୨୦୨୪-୨୫ ଶିକ୍ଷାବର୍ଷରେ ରାଣୀପୋଖରୀ ଗ୍ରାମ ପଞ୍ଚାୟତର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୧୩୮ ଜଣ ଛାତ୍ରଛାତ୍ରୀ ଦଶମ ଶ୍ରେଣୀରେ ପାଠ ପଢୁଥିବାବେଳେ ପଢ଼ିଥିବାବେଳେ ୮୭ ଜଣ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ସେଥିରୁ ୮୫ ଜଣ କୃତକାର୍ଯ୍ୟ ହୋଇଥିଲେ। ପାଠ ପଢୁଥିବା ସମୟରେ ୪୩ ଜଣ ଛାତ୍ରଛାତ୍ରୀ ପାଠ ଛାଡ଼ିଥିବା




ବେଳେ ସେଥିରୁ ୨୧ ଜଣ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯାଇଥିବା ଜଣାପଡ଼ିଛି। ପଞ୍ଚାୟତର ୭ଟି ବିଦ୍ୟାଳୟରେ ସୋଲାର ସଂଯୋଗ ହୋଇ ପିଇବା ପାଣିର ବ୍ୟବସ୍ଥା ହୋଇଛି; କିନ୍ତୁ ପାତ୍ରସାହି ଏବଂ ମାହାଲିସାହି ପ୍ରାଥମିକ ବିଦ୍ୟାଳୟରେ ସୋଲାର ଯୋଗେ ପାଣି ବ୍ୟବସ୍ଥା ହୋଇପାରିନାହିଁ। ସେହିପରି ରାଣୀପୋଖରୀ ଗେରାସାହି ଏବଂ ମାନ୍ଦୁରୁସାହିରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ ହେବାର ଆବଶ୍ୟକତା ସମ୍ପର୍କରେ ଆଲୋଚନା ହୋଇଥିଲା। ଦୋମୁହାଣୀ, ହେସେଲଗୁଟୁ, ହୁଡିସାହି ଏବଂ ବୁଧୁସାହି ଅଙ୍ଗନବାଡି କେନ୍ଦ୍ରର ଭିତ୍ତିଭୂମି ତଥା ଗୃହ ନ ଥିବାରୁ ନିକଟ ବିଦ୍ୟାଳୟ ଏବଂ ନିଜ ଘରରେ କର୍ମୀମାନେ ପାଠ ପଢ଼ାଉଛନ୍ତି। ଦୋମୁହାଣୀ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରୂପେ ଉନ୍ନୀତ କରାଯିବା ନିମନ୍ତେ ମଧ୍ୟ ଆଲୋଚନା କରାଯାଇଥିଲା। ସମସ୍ତ ପ୍ରସଙ୍ଗକୁ ଆସନ୍ତା ଗ୍ରାମସଭା ବୈଠକରେ ଉପସ୍ଥାପନା କରାଯିବ ବୋଲି ମତପ୍ରକାଶ ପାଇଥିଲା। କର୍ମଶାଳାରେ ୱାର୍ଡ ମେମ୍ବର ନପା ବାର୍ଦା, ସୁପ୍ରିୟା ପାତ୍ର, ଗୋରା ବାର୍ଦା, ରାଉତ ହେମ୍ବ୍ରମ, ସମାଜସେବୀ ପୁନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କୁସଂସ୍କାର ଦୂରୀକରଣ ସଚେତନତା କାର୍ଯ୍ୟକ୍ରମ



**କୁଳିଅଣା, ୨୦।୯ (ସମିସ):** ପାତିହିଞ୍ଜା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାରିପଦା ନାସା ଫାଉଣ୍ଡେସନ ପକ୍ଷରୁ କୁସଂସ୍କାର ଅନ୍ଧବିଶ୍ୱାସ ଦୂରୀକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀପକ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଯୋଗଦେଇ ପିପିଟି, ମାଧ୍ୟମରେ ନିଜ ବକ୍ତବ୍ୟ ଉପସ୍ଥାପନ କରି, ବିଜ୍ଞାନ କେବଳ ଏକ ବିଷୟ ନୁହେଁ ଏକ ଜୀବନଶୈଳୀ ଏବଂ ନିଜକୁ କୁସଂସ୍କାର ଅନ୍ଧବିଶ୍ୱାସରୁ ଦୂରେଇରଖି ସ୍ୱାଧୀନ ଚିନ୍ତା କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ କବି ଅମିତାଭ ମିଶ୍ର, ବିଦ୍ୟାଳୟର ଶିକ୍ଷକ ହରିଚରଣ ମଙ୍ଗଲ, କାପୁରା ସରେନ, ସୁରୁଜମଣି ମୁର୍ମୁ ଅତିଥିଭାବେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ରଞ୍ଜନ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

## ସିବିବିଓ ସିନର୍ଜି ପକ୍ଷରୁ ୩ ହଜାର ଆମ୍ବଚାରା ବଣ୍ଟନ



**ବାରିପଦା, ୨୦।୯ (ସମିସ):** ବାରିପଦା ବ୍ଲକରେ ସିବିବିଓ ସିନର୍ଜି ଢେଙ୍କାନାଳ ଆନୁକୂଲ୍ୟରେ ଓ ନାବାର୍ଡଙ୍କ ସହାୟତାରେ ବାରିପଦା ଏଗ୍ରୋ କୃଷକ ଉତ୍ପାଦକ ସଂଗଠନ (ଏଫପିଓ)ର ସଦସ୍ୟଙ୍କୁ ୩ ହଜାର ଆମ୍ବ ଓ ବିଭିନ୍ନ ପ୍ରଜାତିର ଫଳ ଚାରା ବଣ୍ଟନ କରାଯାଇଛି। ପରିବେଶ ସୁରକ୍ଷା, ପ୍ରକୃତି ସନ୍ତୁଳନ ଓ ଭବିଷ୍ୟତ ପିଢିଙ୍କୁ ସୁସ୍ଥ ପରିବେଶ ଦେବାକୁ ସଦସ୍ୟମାନେ ଚାରା ନେଇ ନିଜ ବାଡିରେ ରୋପଣ କରିଛନ୍ତି। ଗଛ ଲଗାଇବା କେବଳ ପରିବେଶ ସୁରକ୍ଷା ନୁହେଁ, ଏହା ଚାଷୀଙ୍କ ପାଇଁ ଆର୍ଥିକ ସ୍ୱାଧୀନତାର ପଥ ମଧ୍ୟ ତିଆରି କରିବ ବୋଲି ମତ ପ୍ରକାଶ ପାଇଛି। ଆଗାମୀଦିନରେ ବାରିପଦା ଏଗ୍ରୀ କୃଷକ ଉତ୍ପାଦକ ସଂଗଠନ ସିନର୍ଜିଙ୍କ ସହକାରିତାରେ ଅଧିକ ସଦସ୍ୟଙ୍କୁ ସମ୍ପୃକ୍ତ କରି ବୃକ୍ଷରୋପଣକୁ ବ୍ୟାପକ କରିବାକୁ ଯୋଜନା କରୁଛି। ସୂଚନା ଥାଉକି, ଏହି ଏଫପିଓରେ ପ୍ରାୟ ୧୦୦୦ ଛୋଟ ଓ ସୀମାନ୍ତ ଚାଷୀ ସଦସ୍ୟତା ଗ୍ରହଣ କରି ସାମୂହିକ ଭାବେ କୃଷି ଉନ୍ନତି ପାଇଁ ପ୍ରୟାସରତ ରହିଛନ୍ତି।

## ବାଗୁଲି ଆଶ୍ରମ ବିଦ୍ୟାଳୟରେ ନିପୁଣ ଓଡ଼ିଶା ମେଳା



**ବଡସାହି, ୨୦।୯ (ସମିସ):** ବଡସାହି ବ୍ଲକ କୋଚିଲାଖୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ବାଗୁଲି ଆଶ୍ରମ ବିଦ୍ୟାଳୟ ପରିସରରେ ନିପୁଣ ଓଡ଼ିଶା ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ ସଭାପତିତ୍ୱ କରିଥିଲେ। ବରେଣ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ଅଜୟ କୁମାର ଜେନା (ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ମୟୂରଭଞ୍ଜ), ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ସେଠୀ (ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ବାରିପଦା ସଦର), କୋଚିଲାଖୁଣ୍ଟା କ୍ଲଷ୍ଟର ସିଆରସିସି ମୀନତି ପଣ୍ଡା, ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ ଯୋଗ ଦେଇଥିଲେ। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ଆଧାରିତ ଟିଏଲଏମ ଗୁଡିକୁ ପରିଦର୍ଶନ କରି ଅତିଥିମାନେ ପ୍ରଶଂସା କରିଥିଲେ। ଶେଷରେ ଶିକ୍ଷକ ଲୁଗୁ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍‌ଟି ମାନ୍ୟତା ଦାବିରେ କୁଡୁମୀ ସମାଜର ରେଳରୋକ

**ବାରିପଦା, ୨୦।୯ (ସମିସ):** ଆଦିବାସୀ କୁଡୁମୀ ସମାଜ ଓ କୁଡୁମୀ ଏକତା ମଞ୍ଚ ପକ୍ଷରୁ କୁଡୁମୀ ସମ୍ପ୍ରଦାୟକୁ ପୁଣି ଏସଟି ମାନ୍ୟତା ଦାବିରେ ଭଞ୍ଜପୁର ରେଳ ଷ୍ଟେସନରେ ଶନିବାର ସକାଳେ ରେଳରୋକ କରାଯାଇଥିଲା। ରାଜ୍ୟ ସଭାପତି ମନୋଜ କୁମାର ମହାନ୍ତ ଓ ଜିଲ୍ଲା ସଭାପତି ନିରଞ୍ଜନ ମହାନ୍ତଙ୍କ ନେତୃତ୍ୱରେ ଏହି ରେଳରୋକ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରାଜ୍ୟ ସଂଯୋଜକ ସଞ୍ଜୀବ କୁମାର ମହାନ୍ତ, ଉପଦେଷ୍ଟା କୃପାସିନ୍ଧୁ ମହାନ୍ତ, କୁଡୁମାଲି କଲଚରାଲ ଆସୋସିଏସନ ସଭାପତି ଡ ଭକ୍ତହରି ମହାନ୍ତ ଓ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୭୯ ବର୍ଷ ଧରି କୁଡୁମୀ ଜାତିକୁ ଅନୁସୂଚିତ ଜନଜାତିରେ ପୁନଃ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅଣଦେଖା କରି ଆସୁଥିବାରୁ କୁଡୁମୀମାନେ ସାମାଜିକ, ଆର୍ଥିକ, ଶୈକ୍ଷିକ ଓ ରାଜନୈତିକ କ୍ଷେତ୍ରରେ ଅବହେଳିତ ହୋଇଛନ୍ତି। ତେଣୁ କେନ୍ଦ୍ରୀୟ କମିଟିର ଡାକରାରେ ଭଞ୍ଜପୁର ରେଳ ଷ୍ଟେସନ, ଝାରଖଣ୍ଡ ଓ ପଶ୍ଚିମବଙ୍ଗର ରେଳ ଷ୍ଟେସନରେ ରେଳରୋକ କରାଯାଇଥିଲା। ଫଳରେ ବାଙ୍ଗରିପୋଷି-




ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ ଦୀର୍ଘ ସମୟ ପର୍ଯ୍ୟନ୍ତ ଷ୍ଟେସନରେ ଅଟକି ରହିଥିଲା। ଏହି କାର୍ଯ୍ୟକ୍ରମରେ ଆଦିମ କୁଡୁମୀ ମହାସଙ୍ଘର ସଭାପତି ପଦ୍ମଲୋଚନ ମହାନ୍ତ, ଆଦିବାସୀ କୁଡୁମୀ ସମାଜର ରାଜ୍ୟ ଉପସଭାପତି ବସନ୍ତ କୁମାର ମହାନ୍ତ, ଓଡ଼ିଶା ଝୁମର ଏକାଡେମୀର ସଭାପତି ଅବନୀ କୁମାର ମହାନ୍ତ, ଟୋଟେମିକ କୁଡୁମୀ ଓଡ଼ିଶାର ସଭାପତି ସତ୍ୟନାରାୟଣ ମହାନ୍ତ, ସମ୍ପାଦକ ଗୋବିନ୍ଦ ମହାନ୍ତ, ଓଡ଼ିଶା କୁଡୁମୀ ସେନାର ରାଜ୍ୟ ସଭାପତି ଦିବ୍ୟ ସିଂ ମହାନ୍ତ ଓ ରାଜ୍ୟ ସମ୍ପାଦକ ଦୁର୍ଗାଚରଣ ମହାନ୍ତ, ଟୋଟେମିକ କୁଡ଼ମୀର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତ, କୁଡୁମୀ ବିକାଶ ମଞ୍ଚ ସଭାପତି ରଜନୀକାନ୍ତ ମହାନ୍ତ ଓ ସମ୍ପାଦକ ଦିପୁ ମହାନ୍ତ ପ୍ରମୁଖ ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ। ପରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବାରିପଦା ତହସିଲଦାର ସପନ କୁମାର ସାହୁଙ୍କୁ ପ୍ରଦାନ କରାଯାଇଥିଲା।

## ମା’ କୀଚକେଶ୍ୱରୀଙ୍କ ପୀଠରେ ଶାରଦୀୟ ଦୁର୍ଗାପୂଜା

ବହଳଦା, ୨୦।୯ (ସମିସ)

ବହଳଦାର ଅଧିଷ୍ଠାତ୍ରୀ ଦେବୀ ମା’ କୀଚକେଶ୍ୱରୀଙ୍କ ପୀଠରେ ଗତ ୧୪ ତାରିଖ ମୂଳାଷ୍ଟମୀଠାରୁ ଷୋଡଶ ଉପଚାରରେ ଅଧିଷ୍ଠାତ୍ରୀ ମା’ଙ୍କ ଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଏଠାରେ ମା’ ଦୁର୍ଗାଙ୍କ କୌଣସି ମୃଣ୍ମୟ ମୂର୍ତ୍ତି ପୂଜା କରାଯାଇ ନ ଥାଏ। ପରମ୍ପରା ଅନୁସାରେ ମା’ଙ୍କ ପ୍ରତୀକ ସ୍ୱରୂପ ଏକ ବଡ ମାଣପତ୍ରରେ ପୂଜକ ଆର୍ଯ୍ୟଶଙ୍କର ପାଣିଗ୍ରାହୀଙ୍କ ଦ୍ୱାରା ସିନ୍ଦୂରରେ ଅଙ୍କିତ ମା’ ଦୁର୍ଗାଙ୍କ ରେଖାଚିତ୍ରକୁ ପଟୁଆରରେ ଅଣାଯାଇ ସ୍ଥାୟୀ ମଣ୍ଡପରେ ରଖାଯାଇ ପୂଜା କରାଯାଇଥାଏ। ବାମନଘାଟୀ ଉପଜିଲ୍ଲାପାଳ ତଥା ମନ୍ଦିରର ମୁଖ୍ୟ ପ୍ରଶାସକ ସୌମ୍ୟରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଚଳିତ ସାର୍ବଜନୀନ ଶାରଦୀୟ ଦୁର୍ଗା ପୂଜା ନେଇ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି। କାର୍ଯ୍ୟସୂଚୀ ଅନୁସାରେ ୧୪ ତାରିଖରେ ଘଟସ୍ଥାପନ କରାଯାଇ ଷୋଡଶ ପୂଜା ଆରମ୍ଭ ହୋଇଛି। ଆସନ୍ତା ୨୨ରୁ ମା’ଙ୍କ ନବରାତ୍ରି ପୂଜା ଆରମ୍ଭ ହେବ। ଏହିଦିନ ମା’ଙ୍କ ବଗଳାମୁଖୀ ବେଶ କରାଯିବ। ୨୭ ତାରିଖ ବିଲ୍ୱ ଅଧିବାସ ବା




ବିଲ୍ୱ ବରଣ କରାଯିବ। ୨୮ ତାରିଖରେ ମହାସପ୍ତମୀ ପୂଜା ସହ ନବ ପତ୍ରିକାରେ ବନଦୁର୍ଗାଙ୍କୁ ମନ୍ଦିର ପୀଠକୁ ଆଗମନୀ କରାଯିବ। ସେହିଦିନ ମହା ସପ୍ତମୀ ପୂଜା ଏବଂ ହୋମ କରାଯିବ। ୨୯ ତାରିଖରେ ମହାଷ୍ଟମୀ ଓ ୩୦ ତାରିଖରେ ମହାନବମୀ ପୂଜା କରାଯିବା ସହିତ ସଂଧ୍ୟା ୫ଟା ୪୫ରେ ସନ୍ଧି ପୂଜା କରାଯିବା ପରେ ମହାନବମୀ ପୂଜା ଏବଂ ହୋମ ପୂଜାବିଧି ଅନୁଷ୍ଠିତ ହେବ। ଅକ୍ଟୋବର ୧ ତାରିଖ ପୀଠରେ ବିଶ୍ରାମ ରହୁଥିବାରୁ ଅକ୍ଟୋବର ୨ ତାରିଖରେ ବିଜୟା ଦଶମୀ ପୂଜା ସହ ପୂର୍ଣ୍ଣାହୁତି ହୋମ କରାଯିବ। ପରେ ସଂଧ୍ୟାରେ ନବପତ୍ରିକା ବିସର୍ଜନ ଅବସରରେ ମହିଳାଙ୍କ ସିନ୍ଦୂର ଖେଳ ଓ ଦାଣ୍ଡିଆ ନୃତ୍ୟ ଅନୁଷ୍ଠିତ ହେବ। ରାଜ ପୁରୋହିତଙ୍କ ନେତୃତ୍ୱରେ ବରଣୀ ହୋଇଥିବା ବ୍ରାହ୍ମଣମାନେ ବିହିତ ପୂଜାବିଧି କରି ମା’ ବନଦୁର୍ଗାଙ୍କୁ ଚାରିଜଣ ବ୍ରାହ୍ମଣ ସୁଶୋଭିତ ପାଲିଙ୍କିରେ ପୀଠକୁ ଆଣିଥାନ୍ତି। ଏହି ଆଗମନୀ ବିଧି ବିଶାଳ ଶୋଭାଯାତ୍ରାରେ ଶହଶହ ଲୋକଙ୍କ ସମାଗମରେ ବାଣ, ରୋସଣି, ବାଦ୍ୟ, ନୃତ୍ୟ ସହ କରାଯାଇଥାଏ। ବିଜୟା ଦଶମୀ ଦିନ ଉକ୍ତ ନବପତ୍ରିକା ବା ବନଦୁର୍ଗାଙ୍କୁ ସ୍ଥାନୀୟ ନେସା ନଈରେ ବିସର୍ଜନ କରାଯାଇଥାଏ। ବିଜୟା ଦଶମୀ ସଂଧ୍ୟାରେ ଭୈରବ ତାଣ୍ଡି ପୀଠରେ ଦିଗବିଜୟ ଯାତ୍ରା ଅନୁଷ୍ଠିତ ହେବ। ଏଠାରେ ପୂର୍ବରୁ ୧୬ ଜଣ ବ୍ରାହ୍ମଣ ପୂଜାବିଧି ସମ୍ପନ୍ନ କରୁଥିଲେ; ହେଲେ ଏବେ ୮ ଜଣ ପୂଜକଙ୍କ ଦ୍ୱାରା ପୂଜାବିଧି ସମ୍ପନ୍ନ ହେଉଛି।

### ଖଣି ଅଞ୍ଚଳର ବିକଳ ଶିକ୍ଷା ବ୍ୟବସ୍ଥା

# ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ଘେରିଲେ ଅଭିଭାବକ



ଜଣେ ଶିକ୍ଷୟିତ୍ରୀଙ୍କୁ ନେଇ ଚାଲିଛି ୨ ଶ୍ରେଣୀ

**କୋଇଡ଼ା, ୨୦।୯ (ସମିସ) :** କୋଇଡ଼ା ଖଣି ଅଞ୍ଚଳର ବିକଳ ଶିକ୍ଷା ବ୍ୟବସ୍ଥା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ଏ ସମ୍ପର୍କରେ ବାରମ୍ବାର ଖବର ପ୍ରକାଶ ପାଉଥିଲେ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ଖଣି ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଏମିତି ହୋଇଛି ଯେ ବ୍ଲକରୁ କେହି 'ଏ ୱାନ୍' ଗ୍ରେଡ୍ ପାଉନାହାନ୍ତି । କୋଇଡ଼ା ବ୍ଲକ ଜାମୁଡିହି ପଞ୍ଚାୟତ ମଞ୍ଜାବେଡ଼ା ପ୍ରାଥମିକ ବିଦ୍ୟାଳୟ ପଟିଆଟୋଲାରେ ରହିଛି ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ । ଏଠାରେ ଜଣେ ମାତ୍ର ଅସ୍ଥାୟୀ କନିଷ୍ଠ ଶିକ୍ଷୟିତ୍ରୀ ନିୟୋଜିତ ଅଛନ୍ତି । ଶିକ୍ଷୟିତ୍ରୀ କନକଲତା ବେହେରା ଏଠାରେ ଏକୁଟିଆ ସବୁ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ସହ ଶିଶୁ ବାଟିକାରେ ଶିଶୁଙ୍କ ଯତ୍ନ ମଧ୍ୟ ନେଉଛନ୍ତି । ସେହିପରି ମଧ୍ୟାହ୍ନ ଭୋଜନ, ଅଣ୍ଡା ହିସାବ ଠାରୁ ସବୁ କାଗଜପତ୍ର କାମର ଭାର ମଧ୍ୟ ତାଙ୍କରି ଉପରେ । ଏଭଳି ସ୍ଥିତିରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ । ପରିସ୍ଥିତି ଦେଖି ଅଭିଭାବକଙ୍କ ସମେତ ଖୋଦ୍ ଜାମୁଡିହି ସରପଞ୍ଚ ନେଲସନ୍ ମୁଣ୍ଡା ବହୁବାର ବ୍ଲକ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରାଙ୍କ ନିକଟରେ ଫେରାଦ ହୋଇଥିଲେ ବି ଫଳ ଶୂନ । ଏଠାରେ ଅତିରିକ୍ତ ଶିକ୍ଷକ ନିୟୋଜିତ ପାଇଁ ଅଭିଭାବକ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି । ଏପରିକି ଆଜି ଅଭିଭାବକମାନେ ବିଦ୍ୟାଳୟ ପରିସରରେ ଏକାଠି ହୋଇ ଏ ଦିଗରେ ଆଲୋଚନା କରିବା ସହ ଶିକ୍ଷକ ନିଯୁକ୍ତି ନେଇ ଦାବି କରିଥିଲେ । ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରାଙ୍କୁ ପଚାରିବାରୁ ସେ କହିଥିଲେ ଯେ ମୁଁ ସମସ୍ୟା ବିଷୟରେ ଅବଗତ ଅଛି । ଜଣେ ଶିକ୍ଷକ ନିୟୋଜିତ କରିଛି । କିନ୍ତୁ ତାଙ୍କର ବିଏଲ୍‌ଓ ଡ୍ୟୁଟି ଚାଲୁଥିବାରୁ ସେ ଯୋଗଦେଇ ପାରିନାହାନ୍ତି ।

### ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା

# ଧରାପଡ଼ିଲେ ୫ ଡକାୟତ; ମାରଣାସ୍ତ୍ର ଜବତ

**ରାଉରକେଲା, ୨୦।୯ (ସମିସ)**



ସହରର କୌଣସି ଏକ ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା କରୁଥିବା ବେଳେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ୫ କୁଖ୍ୟାତ ଡକାୟତଙ୍କୁ ଧରିବାରେ ସଫଳ ହୋଇଛି । ଏଥିସହ ଡକାୟତି ଯୋଜନାକୁ ପଣ୍ଡ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ, ରେଲୱେ କଲୋନୀର ଦୀପକ ଷଣ୍ଡ ଓରଫ ସାନବାବୁ (୨୯), ଅଜୟ ବେହେରା (୩୧), ରାହୁଲ ଗିରି (୨୩), ଟିମ୍ବର୍ କଲୋନୀର ଆକାଶ ସିଂ ଓରଫ କାଡ୍ଡା (୨୪) ଓ ରାଜଗାଙ୍ଗପୁର ମିଶନ ହୋତା ଅଞ୍ଚଳର ଅର୍ଜୁନ ରବିଦାସ (୨୬) । ସେମାନଙ୍କ ଠାରୁ ୨ଟି ରଡ୍, ଗୋଟିଏ ଭୁଜାଲି ଓ ଗୋଟିଏ ଛୁରି ଜବତ କରାଯାଇଛି । ପୁଲିସ ସୂଚନା ମୁତାବକ, ଶୁକ୍ରବାର ରାତିରେ ରେଲୱେ କଲୋନୀ ବଡ଼ ପାର୍କଠାରେ କିଛି ଯୁବକ ଏକତ୍ରିତ ହୋଇଥିବା ସୂଚନା ମିଳିଥିଲା । ଏ ନେଇ ଏସ୍‌ଆଇ ଜି. ଏନ୍. ଗଡ଼ିଆ ନିଜ ଟିମ୍ ସହ ଚଢ଼ଉ କରିଥିଲେ । ପଚରାଉଚରା ପରେ ନିକଟସ୍ଥ ଘର, ଦୋକାନ ଓ ପେଟ୍ରୋଲ ପମ୍ପଠାରେ ଡକାୟତି ଯୋଜନା କରୁଥିବା ଜଣାପଡ଼ିଥିଲା । ଗିରଫ ସାନବାବୁ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୨୭ଟି, ଅଜୟ ନାଁରେ ୨ଟି, ଅର୍ଜୁନ ନାଁରେ ୨ଟି ଓ କାଡ୍ଡା ନାଁରେ ୧୬ଟି ମାମଲା ରହିଥିବା ବେଳେ ରାହୁଲ ବିଷୟରେ ଅଧିକ ତଦନ୍ତ ଜାରି ରହିଛି ।

# ବିରଜା କ୍ଷେତ୍ର ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥପାଠ

**ରାଉରକେଲା, ୨୦।୯ (ସମିସ):** ରାଉରକେଲା ସହରରେ ବସବାସ କରୁଥିବା ଯାଜପୁର ଜିଲ୍ଲାର ବାସିନ୍ଦାଙ୍କୁ ନେଇ ଗଠିତ ବିରଜା କ୍ଷେତ୍ର ସଂଘର ୨୦୨୫-୨୭ ବର୍ଷ ପାଇଁ ନୂତନ କମିଟି ଗଠନ କରାଯାଇଛି । ଆଜି ସନ୍ଧ୍ୟାରେ କୋଏଲନଗରସ୍ଥିତ ଅବସରପ୍ରାପ୍ତ ଇସ୍ପାତ କର୍ମଚାରୀ ସଂଘ



କାର୍ଯ୍ୟାଳୟଠାରେ ସଂଘର ସଭାପତି ଇଂ ଅଭୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ନୂତନ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାମଲ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହାପରେ ସଂଘର ଉପଦେଷ୍ଟା ସମାଜସେବୀ ସଞ୍ଜୀବ କୁମାର ମହାନ୍ତି ସମସ୍ତ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ମା' ବିରଜାଙ୍କ ନାମରେ ଶପଥ ପାଠ କରାଇଥିଲେ । ଏହି ଅବସରରେ ୨୦୨୫-୨୭ ବର୍ଷ ପାଇଁ ନୂତନ କମିଟିର ସଭାପତି ଭାବେ ଅଭୟ କୁମାର ଦାସ ଏବଂ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାମଲ, କାର୍ଯ୍ୟକାରୀ ସଭାପତି ଡ. ସଂଗ୍ରାମ କେଶରୀ ମହାନ୍ତି, ଉପସଭାପତି ଡ. ରବୀନ୍ଦ୍ର ନାଥ ମିଶ୍ର, ଅକ୍ଷୟ କୁମାର ଜେନା, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ମିଶ୍ର, ପ୍ରଶାନ୍ତ କୁମାର ନାୟକ, ଗଗନ ବିହାରୀ ରାଉତ, ସାଙ୍ଗଠନିକ ସମ୍ପାଦକ ବିଭୂତି ଭୂଷଣ ପୁହାଣ, ସହ ସାଙ୍ଗଠନିକ ସମ୍ପାଦକ ସଞ୍ଜୟ କୁମାର ନାୟକ, ହରିହର ବେହେରା, କୋଷାଧ୍ୟକ୍ଷ ମନୋରଞ୍ଜନ ସାମଲ, ସହ କୋଷାଧ୍ୟକ୍ଷ ଦେବକାନ୍ତ ଧଳ, ସାଂସ୍କୃତିକ ସମ୍ପାଦକ ଉର୍ବଶୀ ପତି, ସହ ସାଂସ୍କୃତିକ ସମ୍ପାଦକ ପ୍ରଶାନ୍ତ ପତି, ରଶ୍ମିତ ସାହାଣୀ, ମୁଖପାତ୍ର ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ବରିଷ୍ଠ ସାମ୍ବାଦିକ ଅବନୀ ରଞ୍ଜନ ମହାପାତ୍ର, ସନ୍ତୋଷ କୁମାର ଦାସ, ଦୀନେଶ କୁମାର ମିଶ୍ର, ଏବଂ ସୁଜିତ ମହାନ୍ତି ଓ ଆଇନ ପରାମର୍ଶଦାତା ନିହାର ରଞ୍ଜନ ସିଂ, କାର୍ଯ୍ୟକାରୀ ସଦସ୍ୟ ଭାବେ ଅନୁପ ସାମଲ, ବିରାଜ ମୋହନ ବିଶ୍ୱାଳ, ନାରାୟଣ ଚନ୍ଦ୍ର ଦାସ, ନାରାୟଣ ଚନ୍ଦ୍ର ସାମଲ, ଦିଗମ୍ବର ଦାସ, ଚିତ୍ରସେନ ବିଶ୍ୱାଳ, ରବୀନ୍ଦ୍ର ପୋଥାଳ, ଧର୍ମାନନ୍ଦ ବିଶ୍ୱାଳ, ପ୍ରଦ୍ୟୁମ୍ନ ମହାପାତ୍ର, ରଞ୍ଜନ ସାହୁ, ନବଘନ ସାମଲ, ବୈକୁଣ୍ଠ ଦ୍ୱିବେଦୀ ପ୍ରମୁଖ ଶପଥ ପାଠ କରି ନିଷ୍ଠାର ସହ ସଂଘ ପାଇଁ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ ।

# ଆର୍‌ଏସ୍‌ପି ପ୍ଲେଟ୍ ମିଲ୍‌ର ବୈଷୟିକ ଉନ୍ନତୀକରଣ ଦ୍ୱାରା ବିପୁଳ ସଞ୍ଚୟ ହାସଲ



**ରାଉରକେଲା, ୨୦।୯ (ସମିସ):** ସେଲ୍‌ର, ରାଉରକେଲା ଇସ୍ପାତ କାରଖାନାର ପ୍ଲେଟ୍ ମିଲ୍ ବିଭାଗରେ ମୁଖ୍ୟ ମରାମତି-୨୦୨୫ ଅଭିଯାନ ସମୟରେ ପ୍ରମୁଖ ବୈଷୟିକ ଉନ୍ନତିକରଣ କରାଯାଇଛି । ଯାହାଦ୍ୱାରା ବିପୁଳ ସଞ୍ଚୟ ହାସଲକୁ ସୁନିଶ୍ଚିତ କରିଛି । ଉଲ୍ଲେଖନୀୟ ଯେ, ପ୍ଲେଟ୍ ମିଲ୍ ବିଭାଗର ମୁଖ୍ୟ ମରାମତି ସେପ୍ଟେମ୍ବର ୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିଲା । ଫର୍ଣ୍ଣେସ୍ ଡିସଚାର୍ଜ ପିଏଲ୍‌ସି ସିଷ୍ଟମର ପ୍ରତିସ୍ଥାପନ ଯାହା ଡିସଚାର୍ଜ ରୋଲର ଟେବୁଲ୍, ସ୍ଲାବ୍ ଟ୍ରାନ୍ସଫର କାର୍, ପ୍ରାଥମିକ ଡିସକେଲିଂ ଏବଂ ସ୍କେଲ୍ ପିଟ୍ ପମ୍ପ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ନିୟନ୍ତ୍ରଣ କରେ ତାହା ଏହି ମରାମତିର ସବୁଠାରୁ ଉଲ୍ଲେଖନୀୟ ମାଇଲଖୁଣ୍ଟ ମଧ୍ୟରୁ ପ୍ରମୁଖ ଥିଲା । ୱିଣ୍ଡୋଜ୍-୯୮ ପ୍ଲାଟଫର୍ମ ଉପରେ ନିର୍ଭରଶୀଳ ପୁରୁଣା ଏବଂ ଅସୁବିଧାଜନକ ଆଲେନ୍ ବ୍ରାଡଲି ଏସଏଲସି-୫୦୦ ପିଏଲସି, ବର୍ତ୍ତମାନ ଇଞ୍ଜିନିୟରିଂ ଏବଂ ଏଚଏମଆଇ ସହିତ ଏକ ଅତ୍ୟାଧୁନିକ ସିମେନ୍ସ ଏସ ୭-୪୦୦ ପିଏଲସି ସହିତ ବଦଳାଯାଇଛି ।

ସମଗ୍ର ପ୍ରକଳ୍ପଟି ନିଜସ୍ୱ ବିଶେଷଜ୍ଞତା ଏବଂ ସମ୍ବଳ ବିନିଯୋଗରେ କାର୍ଯ୍ୟକାରୀ କରାଯାଇଥିଲା । ପିଏଲସି କାର୍ଡଗୁଡ଼ିକ ଇ ଆଣ୍ଡ ଏ ରୁ ଉତ୍ସ ପାଇଥିଲା ଏବଂ ପରୀକ୍ଷଣ କରାଯାଇଥିଲା ବେଳେ ପ୍ଲେଟ୍ ମିଲ୍ ବିଭାଗର ଇଲେକ୍ଟ୍ରିକାଲ୍ ଦଳ ନିୟନ୍ତ୍ରଣ ପ୍ୟାନେଲଗୁଡ଼ିକୁ ନିର୍ମାଣ ଏବଂ ତାରଯୁକ୍ତ କରିଥିଲା । ବାହ୍ୟ ନିର୍ଭରଶୀଳତାକୁ ଏଡାଇ, ମିଲ୍ ଦୀର୍ଘକାଳୀନ ଶକ୍ତି ସଞ୍ଚୟକୁ ସୁନିଶ୍ଚିତ କରିବା ସହିତ ୫୦ ଲକ୍ଷ ଟଙ୍କାର ଏକକାଳୀନ ସଞ୍ଚୟ ହାସଲ କରିଥିଲା ।

ପ୍ଲେଟ୍ ମିଲ୍ ବିଭାଗର ସିଜିଏମ୍ ଏବଂ ବିଭାଗ ମୁଖ୍ୟ ଏତୁଆ ଓରାମ ଏବଂ ଇଲେକ୍ଟ୍ରିକାଲ ବିଭାଗର ସିଜିଏମ୍ ତଥା ଆଇ ଆଣ୍ଡ ଏ ବିଭାଗର ମୁଖ୍ୟ ଆର. କେ. ମୁଦୁଲିଙ୍କ ପ୍ରୋତ୍ସାହନ ଏବଂ ସକ୍ରିୟ ମାର୍ଗଦର୍ଶନ ସହିତ ଆଇଏଣ୍ଡଏ (ଅଟୋମେସନ୍) ଏବଂ ପିଏମ୍ (ଇଲେକ୍ଟ୍ରିକାଲ୍) ଦଳଗୁଡ଼ିକ ଦ୍ୱାରା ମିଳିତ ଭାବରେ ପିଏଲସି ସିଷ୍ଟମ୍ ବିନ୍ୟାସର ପରିକଳ୍ପନା, ଡିଜାଇନ୍ ଏବଂ ଅଫ୍‌ଲାଇନ୍‌ରେ ପରୀକ୍ଷଣ କରାଯାଇଥିଲା । ଇଲେକ୍ଟ୍ରିକାଲ୍ ବିଭାଗର ଏଚ୍‌ଓଏସ୍ ଏବଂ ଜିଏମ୍ ଦୀପ୍ତଙ୍କର ମହାପାତ୍ର, ଆଇ ଆଣ୍ଡ ଏ ବିଭାଗର ଜିଏମ ଏ. କେ. ସୁରାନା, ଇ ଆଣ୍ଡ ଏ ବିଭାଗର ଜିଏମ ସୁଶୀଲ କୁମାର ମିଶ୍ର, ମନୀଷ କୁମାର ସିହ୍ନା, ଅବିନାଶ ପଟ୍ଟନାୟକ, ଶୁଭଦର୍ଶନ ପାଠୀ, ଶ୍ରୀ ବିକାଶ କୁମାର, ଏମ୍. ବାଳକୃଷ୍ଣ, ଚୌଧୁରୀ ଈଶ୍ୱର ରାଜ, ବି. ବାରିସାଲ, ପି. କେ. ସାହୁ, ଆର. କେ. ଦାସ ଏବଂ ଏ. କେ. ବାରିକଙ୍କୁ ନେଇ ଏକ ପ୍ରତିବଦ୍ଧ ଦଳ ଏହି ପ୍ରକଳ୍ପର ସଫଳ କାର୍ଯ୍ୟାନ୍‌ୱୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

# ରାଉରକେଲା ରିଡ଼ଁରେ ହେବ ନୂତନ ଶିଳ୍ପାଞ୍ଚଳ

**ରାଉରକେଲା, ୨୦।୯ (ସମିସ):** ରାଉରକେଲାର ରିଡ଼ଁରେ ଏକ ନୂତନ ଶିଳ୍ପାଞ୍ଚଳ କରାଯିବ ବୋଲି ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ରାଉରକେଲା ତଥା ଏହାର ଆଖପାଖ ଅଞ୍ଚଳର ବିକାଶକୁ ଅଧିକ ଗତିଶୀଳ ତଥା ଜିଲ୍ଲାରେ ବେକାରୀ ସମସ୍ୟା ଦୂର କରିବା ନିମିତ୍ତ ଦ୍ୱିତୀୟ ଶିଳ୍ପାଞ୍ଚଳର ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି । ଏ ନେଇ ଦୀର୍ଘ ଦିନରୁ ଦାବି ହୋଇଆସୁଥିଲା ବେଳେ ନୂତନ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପ୍ରସ୍ତାବ ପ୍ରସଙ୍ଗରେ କାଲି ବିଧାନସଭା ପ୍ରଶ୍ନୋତ୍ତର କାଳରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ବାଚସ୍ପତିଙ୍କ ଜରିଆରେ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ । ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାର ଉତ୍ତରରେ କହିଥିଲେ ଯେ, ନୂତନ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଇଡ୍‌କୋ ମାଧ୍ୟମରେ ରାଉରକେଲା ନିକଟସ୍ଥ ରିଡ଼ଁ ଗ୍ରାମରେ ମୋଟ ୯୪.୪୫୦ ଏକର ଜମି ଅଧିଗ୍ରହଣ କରିଛନ୍ତି । ସେଥିମଧ୍ୟରୁ ୫୪.୦୭୦ ଏକର ଜମିରେ ଏମ୍‌ଏସ୍‌ଏମ୍‌ଇ ପାର୍କ ନିର୍ମାଣ ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ନିର୍ମାଣ ସରିଛି । ଅବଶିଷ୍ଟ ୩୯.୪୮ ଏକର ଜମି ଇଡ୍‌କୋ ଆବଶ୍ୟକତା ଅନୁସାରେ ଆବେଦନକାରୀ, ଶିଳ୍ପପତି ତଥା ଆବେଦକଙ୍କ ଦରଖାସ୍ତର ତର୍ଜମା କରି ଜମି ବଣ୍ଟନ ଯୋଜନା ପ୍ରସ୍ତୁତ କରିବା ପାଇଁ ବାକି ରହିଛି । ଏଠାରେ ସୂଚନାଯୋଗ୍ୟ ଯେ, ନୂତନ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବହୁ ଦିନରୁ ଦାବି ହୋଇ ଆସୁଥିଲା । ଶିଳ୍ପ ପ୍ରତିଷ୍ଠା ହେଲେ ଅଞ୍ଚଳର ବିକାଶ ହେବା ସହିତ ଜିଲ୍ଲାରେ ବେକାରୀ ସମସ୍ୟା ଦୂର ହୋଇପାରିବ ବୋଲି ଆଶା କରାଯାଉଛି ।

# 'ସେଲ୍ ସାବାସ' ଯୋଜନାରେ ଆର୍‌ଏସ୍‌ପି କର୍ମଚାରୀ ପୁରସ୍କୃତ



**ରାଉରକେଲା, ୨୦।୯ (ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସମାଗମ ସମ୍ମିଳନୀ ହଲରେ 'ସେଲ୍ ସାବାସ' ପୁରସ୍କାର ଯୋଜନାରେ ଆର୍‌ଏସ୍‌ପି କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି । ଯେଉଁଥିରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ୨୩ ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା । ଉପଯୋଗିତା ଏବଂ ପରିବେଶ ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କାର୍ମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଉତ୍ସବରେ ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନ୍‌ଚାର୍ଜ ପିସି ଦାଶ, ଜଳ ପ୍ରବନ୍ଧନ ବିଭାଗର ଜିଏମ୍ ଅଜିତ ବେହେରା, ଅକ୍ସିଜେନ୍ ପ୍ଲାଣ୍ଟ ବିଭାଗର ଜିଏମ୍ ଇନ୍‌ଚାର୍ଜ ଏସ୍‌ଏସ୍ ସାଇନି ଏବଂ ପ୍ଲାଣ୍ଟର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଶ୍ରୀ ମହାପାତ୍ର ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରତ୍ୟେକ କ୍ଷୁଦ୍ର ଅଭିନବ ଅବଦାନ ଉଚ୍ଚ ଉତ୍ପାଦକତା ହାସଲ, ସୁରକ୍ଷାରେ ଉନ୍ନତି ଏବଂ ସାମଗ୍ରିକ କାର୍ଯ୍ୟକ୍ଷମ ଉତ୍କର୍ଷତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ଉଲ୍ଲେଖ କରିଥିଲେ । ଜଳ ପ୍ରବନ୍ଧନ ବିଭାଗର ଜୁନିୟର ଇଞ୍ଜିନିୟର ସଦାଶିବ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ଦୁଇ ବାଇକ୍ ମୁହାଁମୁହିଁ; ୩ ଗୁରୁତର

**ବଣାଇଁ, ୨୦।୯ (ସମିସ):** ବଣାଇଁ ସହରର ମୁଖ୍ୟ ରାସ୍ତା ହସ୍ପିଟାଲ ଛକ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ୩ଜଣ ଗୁରୁତର ହୋଇଥିବା ବେଳେ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ବଣାଇଁ ଶୁଣ୍ଢିକୋଣ ସାହିର ମଲ୍ଲି ମୁଣ୍ଡା, ତାଙ୍କ ସହିତ ମିସ୍ତ୍ରି ସେଖ୍, ଓ କାମୁ ଉଭୟ କରିବାକୁ ଜକେଇକଳା ଗ୍ରାମକୁ ଯାଇଥିଲେ । ସେଠାରୁ ସନ୍ଧ୍ୟା ସମୟରେ କାମ ସାରି ଫେରୁଥିବା ବେଳେ ସମ୍ମୁଖରୁ ଅନ୍ୟ ଏକ ବାଇକ୍‌ରେ ରାହୁଲ ଭଗତ ଓ ଅମିତ କୁମାର କୁଲୁ ଗମଲେଇ



ସାପ୍ତାହିକ ହାଟରୁ ଟେନସାକୁ ଫେରୁଥିବା ବେଳେ ଉଭୟଙ୍କ ବାଇକ୍ ମଧ୍ୟରେ ହସ୍ପିଟାଲ ଛକ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଉଭୟ ବାଇକ୍‌ରେ ଥିବା ଆରୋହୀ ଛିଟିକି ପଡ଼ି ଗୁରୁତର ହୋଇଥିଲେ । ପୁଲିସ ସମସ୍ତଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ମଲ୍ଲି ମୁଣ୍ଡା ଓ ସେଖ୍, କାମୁ, ଅମିତ କୁମାର କୁଲୁଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି ।

# ୩ ବାଲି ବୋଝେଇ ଟ୍ରାକ୍ଟର ଜବତ; ୩ ଗିରଫ

**ରାଉରକେଲା, ୨୦।୯ (ସମିସ):** ବେଆଇନ ବାଲି ଚାଲାଣ ବେଳେ ସେକ୍ଟର-୧୫ ଥାନା ପୁଲିସ ୩ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଶନିବାର ସ୍ଥାନୀୟ ସେକ୍ଟର - ୧୬ସ୍ଥିତ ବାଲିଘାଟ ଠାରୁ ଚୋରା ବାଲି ଚାଲାଣ ହେଉଥିବା ସୂଚନା ପାଇଁ ଇନ୍ସପେକ୍ଟର ସିନ୍ମୟ ବଳଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଲୁହାକେରା ଛକ ଓ ଡଙ୍ଗା ଘାଟଠାରେ ଯାଞ୍ଚ କରି ୩ଟି ବାଲି ବୋଝେଇ ଟ୍ରାକ୍ଟରକୁ ଧରିଥିଲେ । ବାଲି ବୋଝେଇ ଟ୍ରାକ୍ଟର ଆବଶ୍ୟକୀୟ କାଗଜପତ୍ର ନଥିବାରୁ ପୁଲିସ ଜାଣିବାକୁ ପାଇଥିଲା । ଏହି ଘଟଣାରେ ଗିରଫ ଟ୍ରାକ୍ଟର ଚାଳକ ହେଲେ ଛୋଟେ କେରକେଟା(୩୩), ଶ୍ରାବଣ କୁମାର ଭୂମିଜ(୨୧) ଏବଂ ରାଜେଶ ଖଡ଼ିଆ(୨୦) । ସୂଚନାଯୋଗ୍ୟ ଯେ, ଏଭଳି ବିନା ଟିପିରେ ବାଲି ଚାଲାଣ ସହରରେ ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି । ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ପୁଲିସ ପ୍ରଶାସନ ସଜାଗ ରହିଥିବା କୁହାଯାଇଛି ।

# ଅନ୍ଧାରରେ ବଣାଇଁର ପ୍ରବେଶ ପଥ

**ବଣାଇଁ, ୨୦।୯ (ସମିସ):** ବଣାଇଁ ସହରର ମୁଖ୍ୟ ପ୍ରବେଶ ପଥ ଭାବେ ପରିଚିତ ଦେଓଗାଁର ବାବା ବାଣେଶ୍ୱର ମନ୍ଦିର ଛକ ଦୀର୍ଘଦିନ ହେବ ଅନ୍ଧାରରେ ରହିଛି । ଛକରେ ଥିବା ଷ୍ଟ୍ରୀଟ୍ ଲାଇଟ୍‌ଟି ଦୀର୍ଘ ଦିନ ଧରି ଅଚଳ ହୋଇପଡ଼ିଛି । ନୂତନ ପୋଲ ଦେଇ ଯାତାୟାତ ଆରମ୍ଭ ହେବାପରେ ଏବେ ବାରକୋଟ, ନରେନ୍ଦ୍ର, ରାଜା ମୁଣ୍ଡା ଦେଇ ତିନି ପାର୍ଶ୍ୱରୁ ଯାନବାହାନର ଯାତାୟାତ ଯୋଗୁଁ ଲୋକଙ୍କ ମଧ୍ୟ ଭିଡ଼ ଜମୁଛି । ତେଣୁ ଅନେକ ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି । ବିଶେଷ ଭାବେ ମନ୍ଦିରକୁ ଆସୁଥିବା ଭକ୍ତମାନେ ମଧ୍ୟ ଅନ୍ଧାର ଯୋଗୁଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଗକୁ ଦଶହରା ସହ ପାର୍ବଣରେ ସହରରେ ଭିଡ଼ ପରିଲକ୍ଷିତ ହେବ । ତେଣୁ ପ୍ରଶାସନ ଏହାକୁ ଦୃଷ୍ଟିରେ ରଖି ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଛକରେ ଷ୍ଟ୍ରୀଟ୍ ଲାଇଟ୍ ବଦଳରେ ଏକ ହାଇମାଷ୍ଟ ଲଗାଇବାକୁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି ।



# ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କୁ ବିଭିନ୍ନ ମହଲରେ ଶ୍ରଦ୍ଧାଞ୍ଜଳି



**ରାଉରକେଲା, ୨୦।୯ (ସମିସ)**

ସୁନ୍ଦରଗଡ଼ ମାଟିର ସ୍ୱାଭିମାନ, ବୀରମିତ୍ରପୁରରୁ ଚାରିଥର ବିଧାୟକ, ଟାଣୁଆ ଶ୍ରମିକ ନେତା ତଥା ଗାଙ୍ଗପୁର ମଜଦୂର ମଞ୍ଚର ସଭାପତି ଜର୍ଜ ତିର୍କୀ ଗତକାଲି ରାତି ପ୍ରାୟ ୧୧ଟାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସନ୍ଧ୍ୟାରେ ତାଙ୍କର ପାର୍ଥିବ ଶରୀର ଭୁବନେଶ୍ୱରରୁ ଆସି ରାଉରକେଲାରେ ପହଞ୍ଚିଥିଲା । ସର୍ବସାଧାରଣଙ୍କ ଶେଷ ଦର୍ଶନ ଉଦ୍ଦେଶ୍ୟରେ ପାର୍ଥିବ ଶରୀରକୁ ଗାଙ୍ଗପୁର ମଜଦୂର ମଞ୍ଚ ଅଫିସ ଇ/୧୩, ସେକ୍ଟର-୮ରେ ରଖାଯାଇଥିଲା । ରାଉରକେଲାର ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ଶ୍ରମ ସଂଗଠନର କର୍ମକର୍ତ୍ତା, ରାଜନେତା, ସହରର ବିଶିଷ୍ଟ ବ୍ୟକ୍ତିବିଶେଷ ପହଞ୍ଚି ସ୍ୱର୍ଗତ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେମାନଙ୍କ ମଧ୍ୟରେ ରାଉରକେଲା ଇସ୍ପାତ କାରଖାନାର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଗାଙ୍ଗପୁର ମଜଦୂର ମଞ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସ, ସିଜିଏମ୍ ଟାଉନ ଇଞ୍ଜିନିୟରିଂ ବିଭାଗ ସିଜିଏମ୍ ବିଜୟ କୁମାର ଜୋଜୋ, ସୁଧାଂଶୁ ମହାପାତ୍ର ଜିଏମ୍ (ଏଚ୍‌ଆର), ହରିହର ରାଉତରାୟ, ପ୍ରଶାନ୍ତ ସେଠୀ, ଅକ୍ଷୟ ଜେନା, ସତ୍ୟ ସାହୁ, ନିହାର ଦାସ, ବି କେ ଶେଖରଦେଓ, ସୌମ୍ୟ ଧଳ, ଆର୍ କେ ପଣ୍ଡା, ସନ୍ତୋଷ କୁଜୁର, ସୁଲେମାନ କାଉଡ଼ିଆ, ମାଙ୍ଗେ ଏକ୍କା, ରାଜେଶ ତିର୍କୀ, ଆନନ୍ଦ ଟପ୍ପୋ, ସତ୍ୟାନନ୍ଦ ବେହେରା, ବିମାନ ମାଇତି, ବସନ୍ତ ନାୟକ, ହିମାଂଶୁ ବଳ, ବେଣ୍ଡିକ୍ ତିର୍କୀ, ସୁରେନ୍ଦ୍ର କଂସାରୀ, ଯୋଗେନ୍ଦ୍ର ମହନ୍ତ, ରମେଶ ସେଠୀ, ସଦାନନ୍ଦ ସାହୁ, ବି ଏମ୍ ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ନିବେଦିତା ବାଗେ, କମଲେସ ସିଂ, ପ୍ରମୋଦ ପ୍ରଧାନ ପ୍ରମୁଖ ମରଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ବଣାଇଁ ବିଜେଡି



ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଗତକାଲି ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଆଜି ତାଙ୍କ ପାର୍ଥିବ ଶରୀରକୁ ଭୁବନେଶ୍ୱରରୁ ବୀରମିତ୍ରପୁର ଅଭିମୁଖେ ନିଆଯିବାବେଳେ ରାଉରକେଲା ବିଜୁ ଜନତା ଦଳ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବଣାଇଁର ଦରେଇକଳା ଛକ ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଦଳ ପକ୍ଷରୁ ବଣାଇଁଗଡ଼ ଜିଲ୍ଲା ପରିଷଦ (ଖ) ସଭ୍ୟ ରାମ ଚନ୍ଦ୍ର ସାହୁ, ବ୍ଲକ ସଭାପତି ବାଣେଶ୍ୱର ସାହୁ, ବରିଷ୍ଠ ନେତା ସଞ୍ଜୟ ଦାଶ, ରୋହିତାଶ୍ୱ ମିଶ୍ର, ଭାସ୍କର କିଷାନଙ୍କ ସମେତ ସମସ୍ତ ନେତୃବୃନ୍ଦ ଯୋଗଦେଇ ଶେଷ ଦର୍ଶନ କରିଥିଲେ ।

### ବିରଜା କ୍ଷେତ୍ର ସଂଘର ଶୋକ

ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ବିୟୋଗରେ ବିରଜା କ୍ଷେତ୍ର ସଂଘ ପକ୍ଷରୁ ଶୋକ ପ୍ରକଟ କରାଯାଇଛି । କୋଏଲନଗରସ୍ଥିତ ଅବସରପ୍ରାପ୍ତ ଇସ୍ପାତ କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ସଂଘର ସଭାପତି ଇଂ ଅଭୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଶୋକସଭା ଆୟୋଜନ କରାଯାଇଥିଲା । ଏଥିରେ ସ୍ୱର୍ଗତ ତିର୍କୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସମାଜସେବୀ ତଥା ସଂଘର ଉପଦେଷ୍ଟା ସଞ୍ଜୀବ ମହାନ୍ତି ଜର୍ଜ ତିର୍କୀଙ୍କ ବିୟୋଗ କେବଳ ଆଦିବାସୀ ସମ୍ପ୍ରଦାୟ ନୁହେଁ ସମଗ୍ର ଜିଲ୍ଲା ପାଇଁ ଅପୂରଣୀୟ କ୍ଷତି ବୋଲି କହିଥିଲେ । ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାମଲ,



କାର୍ଯ୍ୟକାରୀ ସଭାପତି ଡ. ସଂଗ୍ରାମ କେଶରୀ ମହାନ୍ତି, ମୁଖପାତ୍ର ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଜର୍ଜ ତିର୍କୀଙ୍କୁ ଜଣେ ଟାଣୁଆ ଶ୍ରମିକ ନେତା ତଥା ନିର୍ଭୀକ ଜନନାୟକ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଡ. ରବୀନ୍ଦ୍ର ନାଥ ମିଶ୍ର, ଅକ୍ଷୟ କୁମାର ଜେନା, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ମିଶ୍ର, ପ୍ରଶାନ୍ତ କୁମାର ନାୟକ, ଗଗନ ବିହାରୀ ରାଉତ, ସାଙ୍ଗଠନିକ ସମ୍ପାଦକ ବିଭୂତି ଭୂଷଣ ପୁହାଣ, ସହ ସାଙ୍ଗଠନିକ ସମ୍ପାଦକ ସଞ୍ଜୟ କୁମାର ନାୟକ, ହରିହର ବେହେରା, କୋଷାଧ୍ୟକ୍ଷ ମନୋରଞ୍ଜନ ସାମଲ, ସହ କୋଷାଧ୍ୟକ୍ଷ ଦେବକାନ୍ତ ଧଳଙ୍କ ସମେତ ବହୁ ସଂଖ୍ୟାରେ କର୍ମକର୍ତ୍ତା ଉପସ୍ଥିତ ହୋଇ ଜର୍ଜ ତିର୍କୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ ହୋଇଥିଲେ ।

ସକାଳ THE SAKALA



## ଦାୟିତ୍ୱ ହସ୍ତାନ୍ତର ପାଇଁ ନିଲମ୍ବିତ ସମ୍ପାଦକଙ୍କୁ ସଭାପତିଙ୍କ ସାନି ନୋଟିସ୍

**ଭଣ୍ଡାରିପୋଖରୀ, ୨୦।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ସରସଦା ସମବାୟ ସମିତିର ସଭାପତି ସମିତିର ନିଲମ୍ବିତ ସମ୍ପାଦକଙ୍କୁ ଦାୟିତ୍ୱ ହସ୍ତାନ୍ତର ପାଇଁ ଗତ ଶୁକ୍ରବାର ସାନି ନୋଟିସ ଜାରି କରିଛନ୍ତି। ହାଇକୋର୍ଟଙ୍କ ରହିତାଦେଶ ବଳରେ ସମିତିର ନିର୍ବାଚିତ ପରିଷଦ ପୁନଃ କାର୍ଯ୍ୟକ୍ଷମ ହେବା ପରେ ଏହି ନୋଟିସ ଜାରି ହୋଇଛି। ଭଦ୍ରକ ସମବାୟ ସମିତି ସମୂହ ନିବନ୍ଧକଙ୍କ ୧୬୦୩ ନଂ ଆଦେଶ ବଳରେ ଗତ ଅଗଷ୍ଟ ୨ତାରିଖରେ ସମିତିର ଭାରପ୍ରାପ୍ତ ସମ୍ପାଦକ ଭାବେ ନିଯୁକ୍ତ ହୋଇଥିବା ବିରଞ୍ଚି ନାରାୟଣ ରାଉତ ଦାୟିତ୍ୱ ହସ୍ତାନ୍ତର ହୋଇନଥିବା ଯୋଗୁଁ ସମିତିର ଦୈନନ୍ଦିନ କାର୍ଯ୍ୟ ଅଚଳ ହୋଇପଡ଼ିଥିବା ସମ୍ପର୍କରେ ସଭାପତିଙ୍କୁ ଗତ ୧୮ ତାରିଖରେ ରିପୋର୍ଟ କରିଥିଲେ। ସଭାପତି ଅବିନାଶ ରାଉତ ନୋଟିସ ଜାରି କରି ନିଲମ୍ବିତ ସମ୍ପାଦକ ଅଜୟ ବେହେରାଙ୍କୁ ୨ଦିନ ମଧ୍ୟରେ ଦାୟିତ୍ୱ ହସ୍ତାନ୍ତର ପାଇଁ ସମୟ ଧାର୍ଯ୍ୟ କରିଥିବା ଜଣାଯାଇଛି।

# ବିଜୁଳି ନାହିଁ, ଗରମରେ ସିଝୁଛନ୍ତି ଛାତ୍ରଛାତ୍ରୀ



**ଭଦ୍ରକ, ୨୦।୯ (ସମିସ)**

ଶିକ୍ଷାର ବିକାଶ ତଥା ଶିକ୍ଷଣୀୟ ପରିବେଶ ସୃଷ୍ଟି କରିବା ପାଇଁ ସରକାର ବ୍ୟାପକ ଅର୍ଥ ବ୍ୟୟ କରୁଛନ୍ତି। ମାତ୍ର କେତେକ ବିଦ୍ୟାଳୟକୁ ଆଜିଯାଏ ବିଦ୍ୟୁତ ସଂଯୋଗ ଭଳି ଏକ ମୌଳିକ ଆବଶ୍ୟକତା ପୂରଣ କରି ନ ପରିବା ପ୍ରଶାସନର ପରିବାପାଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଛାତ୍ରଛାତ୍ରୀମାନେ ଦୁର୍ଦ୍ଦଶା ଭୋଗୁଥିବା ଏଭଳି ଏକ ବିଦ୍ୟାଳୟ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅଧୀନ ଖେରଙ୍ଗ ଗ୍ରାମ ପଞ୍ଚାୟତରେ। ଉକ୍ତ ପଞ୍ଚାୟତର ଅବସ୍ଥିତ କାନ୍ଥିସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟୁତ ସଂଯୋଗ ହୋଇ ନ ଥିବାରୁ ଗରମ ଏବଂ ଗୁଳୁଗୁଳିରେ କୁନି କୁନି ଛାତ୍ରଛାତ୍ରୀ ସିଝିବା ସହିତ ଦହଗଞ୍ଜ ହେଉଛନ୍ତି। ଉକ୍ତ ବିଦ୍ୟାଳୟରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପିଲା ପାଠ ପଢୁଥିବା ବେଳେ ସିଲିଂ ଫ୍ୟାନ ନ ଥିବାରୁ ଗରମରେ ପାଠ ପଢ଼ି ପାରୁନାହାଁନ୍ତି ଛାତ୍ରଛାତ୍ରୀ। ଏପରିକି ମଧ୍ୟାହ୍ନ ଭୋଜନ ପରେ ପିଲାଙ୍କୁ ଘରକୁ ନେଇ ଯାଉଛନ୍ତି ସେମାନଙ୍କ ଅଭିଭାବକ। ଏଥି ସହିତ ବିଦ୍ୟୁତ ସଂଯୋଗ ନ ଥିବାରୁ ପାଠ ପଢ଼ା ପାଇଁ ଆବଶକୀୟ କୌଣସି ବିଦ୍ୟୁତ ଉପକରଣ ବ୍ୟବହାର କରି ହେଉ ନ ଥିବା ଅଭିଯୋଗ କରିଛନ୍ତି ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ବେହେରା। ବିଦ୍ୟାଳୟର ଏପରି ଅବସ୍ଥା ଦେଖି ଅଭିଭାବକମାନେ ଏହି ବିଦ୍ୟାଳୟରୁ ମୁହଁ ଫେରାଉଛନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବା ସହ ବିଦ୍ୟାଳୟରେ ବିଦ୍ୟୁତ ସଂଯୋଗ କରିବାକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେ ଛାତ୍ର- ଅଭିଜିତ ମାଝୀ, ଛାତ୍ରୀ ରୀତାରାଣୀ କୁଣ୍ଡୁ, ପରିଚାଳନା ସଭାପତି ସରୋଜ ମାଝୀଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।



ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଜୟଦୁର୍ଗାଙ୍କ ଷୋଡ଼ଶ ଦିବସୀୟ ପୂଜାରେ ମା'ଙ୍କ ଜଗଦ୍ଧାତ୍ରୀ ବେଶ

## କେନ୍ଦ୍ରୀୟ ପ୍ରତିନିଧିଙ୍କ ଆବାସଗୃହ ପରିଦର୍ଶନ

**ବାରିକପୁର, ୨୦।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ଗୃହ ନିର୍ମାଣ ନେଇ କେନ୍ଦ୍ରୀୟ ପ୍ରତିନିଧି ମଣ୍ଡଳୀ ଅନୁଧ୍ୟାନ କରିଛନ୍ତି। ପ୍ରତିନିଧି ମଣ୍ଡଳୀରେ ଆସିଥିବା ୩ଜଣ ସଦସ୍ୟ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡ଼ିଓ ଦେବଦତ୍ତ ଦାସଙ୍କ ସହିତ ଗୃହ ନିର୍ମାଣ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ବ୍ଲକ ଅଞ୍ଚଳରେ କେତୋଟି ଗୃହ ନିର୍ମାଣ ହୋଇଛି ଏବଂ କେତେ ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆବାସ ଯୋଜନାର ମନ୍ଥରତାକୁ ନେଇ ପ୍ରତିନିଧି ମଣ୍ଡଳୀ ମଧ୍ୟ ଅନୁଧ୍ୟାନ କରିଛନ୍ତି। ବ୍ଲକର ଜଳମଣ୍ଡୁଆ, ବିଷ୍ଣୁପୁର ପଞ୍ଚାୟତରେ ପହଞ୍ଚି ୩ଜଣିଆ ପ୍ରତିନିଧି ମଣ୍ଡଳୀ କିଛି ହିତାଧିକାରୀଙ୍କୁ ସାକ୍ଷାତ କରିଛନ୍ତି। ଏହାଛଡ଼ା କିଛି ଗୃହ ନିର୍ମାଣ କାର୍ଯ୍ୟକୁ ମଧ୍ୟ ପ୍ରତିନିଧି ମଣ୍ଡଳୀ ବୁଲି ଦେଖିଥିଲେ।

## ସମବାୟ ବ୍ୟାଙ୍କ ଶାଖା ପରିଚାଳକଙ୍କ ବିରୋଧରେ ଅଭିଯୋଗ

**ଭଣ୍ଡାରିପୋଖରୀ, ୨୦।୯ (ସମିସ):** ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖା ପରିଚାଳକଙ୍କ ତ୍ରୁଟିପୂର୍ଣ୍ଣ ରିପୋର୍ଟ ବିରୋଧରେ ବ୍ୟାଙ୍କ ସଭାପତିଙ୍କ ନିକଟରେ ସମିତି ନିର୍ବାଚିତ ପରିଷଦ ପକ୍ଷରୁ ଅଭିଯୋଗ ହୋଇଥିବା ଜଣାଯାଇଛି। ସମିତିର ପରିଚାଳନା ପରିଷଦ କାର୍ଯ୍ୟ କରୁନାହିଁ ବୋଲି ଶାଖା ପରିଚାଳକ ଭ୍ରମାତ୍ମକ ରିପୋର୍ଟ ପ୍ରଦାନ କରି ସମିତିକୁ କ୍ଷତି ପହଞ୍ଚାଇଛନ୍ତି ବୋଲି ସମିତିର ସଭାପତି ଅବିନାଶ ରାଉତ, ପରିଚାଳନା ପରିଦେ ସଭ୍ୟା ସବିତା ସାମଲ, ପ୍ରଣତୀ ସାମଲ, ଗୋଲାପି ସାହୁ, ସଭ୍ୟ ବିଜୟ କାନ୍ତ ସାମଲ, ଗିରୀଶ ଚନ୍ଦ୍ର ରାଉତ, ମଧୁସୂଦନ ଜେନା, ଗୋବର୍ଦ୍ଧନ ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି। ଭଦ୍ରକ ସମବାୟ ନିବନ୍ଧକ ସରସଦା ପରିଚାଳନା ପରିଷଦ ସମ୍ପର୍କରେ ଅଗଷ୍ଟ ୫ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ ପାଇଁ ଶାଖା ପରିଚାଳକଙ୍କୁ ଚିଠି କରିଥିଲେ। ହେଲେ ଶାଖା ପରିଚାଳକ ଜାନୁୟାରୀ ୩ ତାରିଖରେ କପରି ନିଜଆଡୁ ଆଗୁଆ ରିପୋର୍ଟ ପ୍ରଦାନ କଲେ ବୋଲି ଅଭିଯୋଗରେ ପ୍ରଶ୍ନ କରାଯାଇଛି। ସେହିପରି ପରିଚାଳନା ପରିଷଦ କାର୍ଯ୍ୟ ବିନା ସମିତିର ଋଣମଞ୍ଜୁର, ଦୈନନ୍ଦିନ ନେଣଦେଣ, ବାର୍ଷିକ ବଜେଟ ପ୍ରସ୍ତୁତି ଆଦି କିପରି ହେଉଥିଲା ବୋଲି ଅଭିଯୋଗରେ ଦୋଷାରୋପ କରାଯାଇଛି। ବ୍ୟାଙ୍କର ସୋରୋ ଶାଖା ତତ୍କାଳୀନ ପରିଚାଳକ ଶୁଭେନ୍ଦୁ ବିଶ୍ୱାଳ ନିଲମ୍ବିତ ସମ୍ପାଦକ ଅଜୟ ବେହେରାଙ୍କ ବିରୋଧରେ ତଦନ୍ତ କରି ଦୋଷୀ ସାବ୍ୟସ୍ତ କରିଥିଲେ। ସେହି ରିପୋର୍ଟକୁ ଭଣ୍ଡାରିପୋଖରୀ ଶାଖା ପରିଚାଳକ ଚପାଇ ଶ୍ରୀ ବେହେରାଙ୍କୁ ସୁରକ୍ଷା ଦେବା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ଅଭିଯୋଗକାରୀ।



### ୧୦୬ ବର୍ଷରେ ଜାନୁଗଞ୍ଜ ସାର୍ବଜନୀନ ଦୁର୍ଗାପୂଜା

# ଭସାଣିରେ ରାବଣ ପୋଡ଼ି ନିଆରା ପରମ୍ପରା



**ଭଦ୍ରକ, ୨୦।୯ (ସମିସ):** ଭଦ୍ରକ ସହରରେ ସାର୍ବଜନନୀ ଦୁର୍ଗାପୂଜା ମଣ୍ଡପ ମଧ୍ୟରୁ ଜାନୁଗଞ୍ଜ ସର୍ବସାଧାରଣ ଦୁର୍ଗାପୂଜା ବହୁ ପ୍ରାଚୀନ। ଏହି ଦୁର୍ଗାପୂଜା ନିର୍ଦ୍ଦିଷ୍ଟ ଭାବେ କେବେ ଆରମ୍ଭ ହୋଇଛି, ଏହାର ସଠିକ ସୂଚନା କେହି ଦେଇପାରୁ ନ ଥିଲେ ବି ପ୍ରାୟ ଦେଢଶହ ବର୍ଷ ତଳେ ଏହି ପୂଜା ଜାନୁଗଞ୍ଜର ଏକ ଚାଳଘରେ ଆରମ୍ଭ ହୋଇଥିବା ଏଠାକାର ବରିଷ୍ଠ ନାଗରିକମାନେ କହୁଛନ୍ତି। ସୂଚନାନୁଯାୟୀ, ୧୯୨୦ରୁ ଅର୍ଥାତ ଗତ ୧୦୫ବର୍ଷ ତଳୁ ମା' ଜାନୁଗଞ୍ଜର ସ୍ଥାୟୀ ମଣ୍ଡପରେ ପୂଜା ପାଇ ଆସୁଛନ୍ତି। ପୂଜା ଲାଗି ଏବେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜାନୁଗଞ୍ଜ ସାର୍ବଜନୀନ ଦୁର୍ଗାପୂଜାର ବିଶେଷ ଆକର୍ଷଣ ହେଲା ମାଆଙ୍କ ୪ଦିନର ପୂଜା ମଧ୍ୟରୁ ସପ୍ତମୀ ପୂଜାରେ ଛୋଟଛୋଟ ପିଲାମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେହିପରି ମାଆଙ୍କ ମହାଷ୍ଟମୀ ପୂଜା ଦିନ

**ପରିବେଷଣ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଲୋଡି ଓ ଯାତ୍ରା**

ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନବମୀ ଓ ଦଶମୀ ଦିନ ୨ଦିନ ଧରି ଯାତ୍ରା ପରିବେଷଣ କରାଯିବ ବୋଲି ପୂଜା କମିଟି କାର୍ଯ୍ୟକର୍ତ୍ତା ସୂଚନା ଦେଇଛନ୍ତି। ଏହି ଦୁର୍ଗାପୂଜାକୁ ସ୍ୱର୍ଗତ- ଗୋପାଳ ଦତ୍ତ, ମାଗୁଣି ଲେଙ୍କା, ନିଳାଦ୍ରୀ ଦତ୍ତ, ଗୋବିନ୍ଦ ପାତ୍ର ପ୍ରମୁଖ ଆରମ୍ଭ କରିଥିଲେ। ତେବେ ଏହି ଜାନୁଗଞ୍ଜ ଦୁର୍ଗାପୂଜାର ଆଉ ଏକ ମୁଖ୍ୟ ଆକର୍ଷଣ ହେଲା ଭସାଣିବେଳେ ରାବଣ ପୋଡି। ଗତ ୩୫ବର୍ଷ ଧରି ଏହି ରାବଣ ପୋଡି ଅନୁଷ୍ଠିତ ହୋଇଆସୁଛି। ମାଆଙ୍କ ଭସାଣୀ ଶୋଭାଯାତ୍ରା ସାଳନ୍ଦୀ ନଦୀର ବାଗୁରାଇ ଘାଟରେ ପହଞ୍ଚିବା କ୍ଷଣି ସେଠାରେ ରାବଣ ପୋଡି ହୋଇଥାଏ। ଏଥିରେ ପ୍ରାୟ ୩୦ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥାଏ। ସହର ଓ ସହର ଉପକଣ୍ଠ ଗ୍ରାମାଞ୍ଚଳରୁ ବହୁ ଲୋକ ଏହି ରାବଣ ପୋଡି ଦେଖିବାକୁ ଏକତ୍ରିତ ହୋଇଥାନ୍ତି। ରାବଣ ପୋଡି ପରେ ମାଆଙ୍କୁ ମେଲାଣି ଦିଆଯାଇଥାଏ ଏବଂ ୨ହଜାର ଲୋକଙ୍କ ଲାଗି ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥାଏ।

**ସେମାନେ ଯାହା କୁହନ୍ତି...**



୧୦୬ ବର୍ଷର ଏହି ପ୍ରାଚୀନ ସାର୍ବଜନୀନ ଦୁର୍ଗାପୂଜାକୁ ଶ୍ରଦ୍ଧାଳୁମାନଙ୍କ ସହଯୋଗରୁ ସମ୍ଭବ ହୋଇପାରିଛି। ଚଳିତବର୍ଷ ପୂଜା କିଭଳି ସୁରୁଖୁରୁରେ ହେବ ସେ ନେଇ କମିଟି ସମ୍ପୂର୍ଣ୍ଣଭାବେ ପ୍ରସ୍ତୁତ ରହିଛି।

**- ପ୍ରଣୟ କୁମାର ସାହୁ, ସଭାପତି**



ଜାନୁଗଞ୍ଜ ପ୍ରାଚୀନ ଦୁର୍ଗାପୂଜା ଲାଗି ପ୍ରସ୍ତୁତି ସରିଛି। ପୂଜା ଅବସରରେ ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ, ମେଲୋଡି, ଯାତ୍ରାକୁ କିଭଳି ଶାନ୍ତିଶୃଙ୍ଖଳାରେ ଦର୍ଶକ ଉପଭୋଗ କରିବେ ଓ ମାଆଙ୍କ ଅଷ୍ଟମୀ ପୂଜାକୁ କିଭଳି ଶୃଙ୍ଖଳିତ ଢଙ୍ଗରେ କରାଯିବ ଏହାକୁ କମିଟି ପ୍ରାଥମିକତା ଦେବ। ସେହିଭଳି ରାବଣ ପୋଡିକୁ ଆକର୍ଷଣୀୟ ତଥା ଶୃଙ୍ଖଳିତ ଢଙ୍ଗରେ କରିବାକୁ ଉଦ୍ୟମ ଜାରି ରହିଛି।

**-ପ୍ରବୀର ଦତ୍ତ, ସମ୍ପାଦକ**

# କାମ ନ ସରୁଣୁ ନଦୀକୁ ଧସିଲା ପଥର ପ୍ୟାକିଂ; ପାଣିରେ ପଡ଼ିଲା ୭୫ ଲକ୍ଷ



**ଭଦ୍ରକ, ୨୦।୯ (ସମିସ):** ଧସିଲା ବୈତରଣୀ ନଦୀର କୁହ୍ଲି ଗ୍ରାମ ନିକଟରେ ଧସିଛି ପଥର ପ୍ୟାକିଂ। ଫଳରେ ପାଣିରେ ପଡ଼ିଲା ସରକାରଙ୍କ ୭୫ ଲକ୍ଷ ଟଙ୍କା। ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ଚାନ୍ଦବାଲି ଜଳସମ୍ପଦ ବିଭାଗ ଅଧୀନରେ ଥିବା ଏହି ନଦୀ ବନ୍ଧ ୧୦ଦିନ ପୂର୍ବେ କାର୍ଯ୍ୟ ହୋଇଥିଲା। ତାହା ଏବେ ପାଖାପାଖି ୧୦ ଫୁଟ ନଦୀକୁ ଧସିଯାଇଛି। ପାଖାପାଖି ୫୦ଫୁଟ ଲମ୍ବର ଏହି ପଥର ପ୍ୟାକିଂ ନଦୀକୁ ଧସିଯିବା ଫଳରେ ଭୟରେ ରହିଛନ୍ତି କୁହ୍ଲି ଗ୍ରାମବାସିନ୍ଦା। ନିମ୍ନମାନର କାମ ଯୋଗୁଁ ଏଭଳି ଘଟଣା ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପଥର ଧସିଯିବା ଯୋଗୁଁ ନିକଟରେ ଥିବା ଗୋଟିଏ ଘର ମଧ୍ୟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। କେତେବେଳେ ଯେ ଅଘଟଣ ଘଟିବ କହିହେବନାହିଁ। ସରକାର ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ୭୫ଲକ୍ଷ ଟଙ୍କାର ପଥର ପ୍ୟାକିଂ କରି ବନ୍ଧ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର କଲେ। ହେଲେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ଅସାଧୁ ମେଣ୍ଟ ଯୋଗୁଁ କାମ ନ ସରୁଣୁ ପଥର ଧସିଗଲାଣି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଅନ୍ୟପଟରେ ବିଭାଗୀୟ ଯନ୍ତ୍ରୀ ସୌଭାଗ୍ୟ ତରେଇ ଏନେଇ କୌଣସି ସନ୍ତୋଷ ଜନକ ଉତର ଦେଇପାରିନଥିଲେ। ଓଲଟି ପଥର ପ୍ୟାକିଂ ହେଲେ ଧସିବ ବୋଲି କହିଥିଲେ। ଅନ୍ୟପକ୍ଷରେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ଗୀତାଞ୍ଜଳି ମାଝୀ, ହୃଷିକେଶ ଦାସ ଓ ସରସ୍ୱତୀ ପରିଡ଼ା।

## ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

**ଭଣ୍ଡାରିପୋଖରୀ, ୨୦।୯ (ସମିସ):** ଭଣ୍ଡାରିପୋଖରୀ ଗୋଷ୍ଠୀଶିକ୍ଷା ବିଭାଗ ପକ୍ଷରୁ ଚଳିତ ବର୍ଷ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଶନିବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସେମିନାର 'କ୍ୱାଣ୍ଟମ ଯୁଗର ଆରମ୍ଭ: ସମ୍ଭାବନା ଓ ଆହ୍ୱାନ' ଶୀର୍ଷକ ବିଷୟରେ ହାରାମଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବ୍ଲକ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ଜେନା, ପ୍ରଧାନଶିକ୍ଷକ ଅଜୟ ନନ୍ଦ, ପ୍ରଧାନଶିକ୍ଷକ ରତିକାନ୍ତ ବେହେରା, ପ୍ରଧାନଶିକ୍ଷକ ଶରତ କୁମାର ପହି ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ୱାଣ୍ଟମ ଯୁଗରେ କୃତ୍ରିମ ବୁଦ୍ଧିମତ୍ତା, ମେସିନ ଶିକ୍ଷଣ କ୍ଷମତା ବୃଦ୍ଧି, ସ୍ୱାସ୍ଥ୍ୟ, ଶିକ୍ଷା, ତଥ୍ୟ ପରିଚାଳନା, ଜାତୀୟ ସୁରକ୍ଷା, ଗମନାଗମନରେ ନୂତନ ଦିଗନ୍ତର ସମ୍ଭାବନା ଅଛି ବୋଲି ମତପ୍ରକାଶ ପାଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ପାଢ଼ୀ ଓ ସୁବଳ କୁମାର ପତ୍ରୀ ବିଚାରକ ଭାବେ ଯୋଗଦେଇ ମୂଲ୍ୟାୟନ କରିଥିଲେ। ଆଦର୍ଶ ବିଦ୍ୟାଳୟ ଛାତ୍ର ବୈଭବ କୁମାର ସାହୁ ପ୍ରଥମ, ହାରାମଣୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଦେବସ୍ମିତା ବେହେରା ଦ୍ୱିତୀୟ ଓ ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଦୁର୍ଗେଶ ନନ୍ଦିନୀ ସାହୁ ତୃତୀୟ ସ୍ଥାନ ହାସଲ କରି ଅଗାମୀ ୨୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ସେମିନାରକୁ ମନୋନୀତ ହୋଇଛନ୍ତି। ବ୍ଲକ ବିଜ୍ଞାନ ସଂଯୋଜକ ତଥା ପ୍ରଧାନଶିକ୍ଷକ ରବୀନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ତପୋଜା ସାହୁ ଧନ୍ୟବାଦ ଦେଇଥିଲେ।

## ଷ୍ଟେଟ୍‌ବ୍ୟାଙ୍କ ପକ୍ଷରୁ ତାଳଗୋଟମା ରୋପଣ

**ଭଣ୍ଡାରିପୋଖରୀ, ୨୦।୯ (ସମିସ):** ଭାରତୀୟ ଷ୍ଟେଟବ୍ୟାଙ୍କ ସରସଦା ଶାଖା ଓ ବ୍ୟାଙ୍କର ଭୁବନେଶ୍ୱର ସର୍କଲ ମିଳିତ ଆନୁକୂଲ୍ୟରେ ତାଳଗୋଟମା ରୋପଣ କରାଯାଇଛି। ନେର ଜିରୋ ଫାଉଣ୍ଡେସନ ସହଯୋଗରେ ଅନୁଷ୍ଠିତ ରୋପଣ ଗୁରବାରଠାରୁ ଆରମ୍ଭ ହୋଇ ଶନିବାର ଶେଷ ହୋଇଛି। ସ୍ଥାନୀୟ ଦକ୍ଷିଣବାଡ ପଞ୍ଚାୟତର ହାଇଲେବୁଲ କେନାଲ ଉଭୟ ପାର୍ଶ୍ୱରେ ୫ ହଜାର ତାଳଗୋଟମା ରୋପଣ କରାଯାଇଛି।



ବ୍ୟାଙ୍କର ସରସଦା ଶାଖା କ୍ଷେତ୍ରୀୟ ଅଧିକାରୀ ସଞ୍ଜୟ କୁମାର ବଳ, ବ୍ୟାଙ୍କ ଅଧିକାରୀ ନିଧିରାମ ଜେନା, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ଦକ୍ଷିଣବାଡ ସରପଞ୍ଚ ବର୍ଷାରାଣୀ ଜେନା, ସମିତି ସଭ୍ୟ ବିଷ୍ଣୁଚରଣ ସାହୁ, ପରିବେଶପ୍ରେମୀ ଆଲୋକ କର ପ୍ରମୁଖ ତାଳ ଗୋଟମା ରୋପଣକୁ ଉତ୍ସାହିତ କରିଥିଲେ। ବଜ୍ରପାତରୁ ସୁରକ୍ଷା ପାଇଁ ତାଳଗଛ ବେଶ ଉପଯୋଗୀ ହୋଇଥିବାରୁ ବଜ୍ରକବଚ ଭାବେ ତାଳ ଗୋଟମା ରୋପଣ କରାଯାଇଥିଲା।



### ମା' ଦୁର୍ଗାଙ୍କ ପାଇଁ ସଜେଇ ହେଲାଣି କାଶତଣ୍ଡୀ

# ଲଘୁଚାପ ଆଶଙ୍କା ସତ୍ତ୍ୱେ ପାର୍ବଣ ପ୍ରସ୍ତୁତି ଜୋର୍‌ଦାର୍

**ବାରିକପୁର, ୨୦।୯ (ସମିସ):** ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ପାଇଁ ପୃଥିବୀ ପୃଷ୍ଠରେ ସଜେଇ ହେଲାଣି କାଶତଣ୍ଡୀ। ଗାଁ ଗୋହିରୀଠାରୁ ଆରମ୍ଭ କରି ନଦୀ ପଠା ସବୁଠି ଛାଇ ଗଲାଣି ଶୁଭ୍ର ଆବରଣ। ମା'ଙ୍କୁ ପାଛୋଟି ଆଣିବା ପାଇଁ ଦୂର ଦିଗବଳୟରେ ଭାସିଯାଉଥିବା ଧଳା ବାଦଲକୁ ସତେ ଯେମିତି ଛୁଇଁ ଯାଉଛି ଶୁଭ୍ର କାଶତଣ୍ଡୀ ଫୁଲ। ଏବେ ସିଂହବାହିନୀ ଙ୍କ ଧରାବତରଣ ପାଇଁ ଗାଁଠୁ ସହର ସବୁଠି ଚଳଚଞ୍ଚଳ। ଲଘୁଚାପ ଜନିତ ବାତ୍ୟା ଓ ବର୍ଷା ଆଶଙ୍କା ସତ୍ତ୍ୱେ ପୂଜା ମଣ୍ଡପଗୁଡିକରେ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବ୍ଲକର ପ୍ରସିଦ୍ଧ ସର୍ବପୁରାତନ ନିର୍ଗୁଣ୍ଡି ବଡଦାଣ୍ଡ ପୂଜା କମିଟି, କୁଣ୍ଡ ସାହି, ହାଟସାହି, ନାଗପାଳ, ନୂଆ ନାଗପାଳ କମିଟି ପକ୍ଷରୁ ମା'ଙ୍କ ମୃଣ୍ମୟୀ ନିର୍ମାଣ ସହିତ ପାର୍ଶ୍ୱମୂର୍ତ୍ତି କାରୁକାର୍ଯ୍ୟ ଶେଷ ହେବାକୁ ବସିଛି। ସେହିଭଳି ସରସଦା ସ୍ଥିତ ସାର୍ବଜନୀନ ଦୁର୍ଗାପୂଜା କମିଟି, ଭଣ୍ଡାରିପୋଖରୀ ଥାନା ଛକ, ପାଟୁଳି, ଜୋରାଗଡ଼ିଆ, ପାଳସାହି, ବିମଳବର, ବାଲିଗଡ଼ିଆ, ନଗୁଆଁ ଓ ମଞ୍ଜୁରୀରୋଡ୍ ଠାରେ ମଧ୍ୟ ମାଙ୍କ ପାର୍ବଣ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ସୁସଜ୍ଜିତ ତୋରଣ ସହିତ ଆଲୋକମାଳାରେ ପୀଠ ଗୁଡିକୁ ସୁସଜ୍ଜିତ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।





**ସେମାନେ ଯାହା କୁହନ୍ତି...**



ଏବର୍ଷ ବେଶ ଧୂମଧାମରେ ପୂଜା ଆୟୋଜନ ହେଉଛି। ରବିବାର ଷଷ୍ଠୀ ପୂଜା ବେଲ୍ଲବରଣୀ ଠାରୁ ମଣ୍ଡପରେ ମହିଷା ମର୍ଦ୍ଦିନୀ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଭକ୍ତଙ୍କ ଆଗମନକୁ ଆଖିଆଗରେ ରଖି କମିଟି ପକ୍ଷରୁ ବିଭିନ୍ନ ପ୍ରକାର ସୁ ବନ୍ଦୋବସ୍ତ କରାଯାଇଛି।

**-ନିରାକାର ଦାସ, ସଭାପତି, ଜୋରାଗଡ଼ିଆ ଦୁର୍ଗାପୂଜା କମିଟି**



ଆମ ପୂଜା କମିଟି ପ୍ରାୟ ତିନିଶହ ବର୍ଷରୁ ଅଧିକ ହେବ। ପ୍ରତ୍ୟୋକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦୁର୍ଗତିନାଶିନୀଙ୍କ ପୂଜା ଉତ୍ସବକୁ ବେଶ ଧୁମଧାମରେ ପାଳନ କରାଯାଉଛି। ବର୍ଷା ପବନକୁ ଆଖିଆଗରେ ରଖି ମଣ୍ଡପ ଓ ଆଖପାଖ ସ୍ଥାନକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି।

**-ସୁରେନ୍ଦ୍ର ପାଲ, ବଡ଼ଦାଣ୍ଡ ପୂଜା କମିଟି, ନିର୍ଗୁଣ୍ଡି**

ସକାଳ THE SAKALA



### ଫିରିଙ୍ଗିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟ

# ପିଲାଙ୍କୁ ପାଠ ପଢ଼ାଇଲେ ଜିଲ୍ଲାପାଳ

ଫିରିଙ୍ଗିଆ,୨୦।୯ (ସମିସ)




କନ୍ଧମାଳ ଜିଲ୍ଲା ଫିରିଙ୍ଗିଆସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଶନିବାର ସୌଜନ୍ୟମୂଳକ ପରିଦର୍ଶନ କରି ଜିଲ୍ଲାପାଳ ବେଦଭୂଷଣ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନା ଅନୁସାରେ ଏହି ବିଦ୍ୟାଳୟର ଅବ୍ୟବସ୍ଥାକୁ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଅଞ୍ଚଳର କିଛି ବ୍ୟକ୍ତି ବିଶେଷ ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟା ଓ ତା'ର ସମାଧାନ ପାଇଁ ଆଗରୁ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ମଧ୍ୟ ଜଣାଇଥିଲେ। ହଠାତ୍ ଶନିବାର ଜିଲ୍ଲାପାଳ ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ସହ ବିଦ୍ୟାଳୟ ପରିସରରେ ଥିବା କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ ବୁଲି ଦେଖିଥିଲେ। ଏହି ବିଦ୍ୟାଳୟ ପରିସରରେ ନିର୍ମାଣ କରାଯାଉଥିବା ଛାତ୍ରୀନିବାସ କୋଠାର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାସହ ଜିଲ୍ଲାପାଳ ବ୍ଲକସ୍ତରୀୟ ବିଜ୍ଞାନ ସେମିନାରକୁ ଅନୁଷ୍ଠାନିକ ଭାବରେ

### ଉଦ୍‌ଘାଟନ କଲେ ବିଜ୍ଞାନ ସେମିନାର

ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀଙ୍କୁ ପ୍ରାୟ ଘଣ୍ଟାଏ ସମୟ ଧରି ଫିଜିକ୍ସ ବିଷୟରେ ପାଠ ପଢ଼ାଇଥିଲେ। ବିଦ୍ୟାଳୟରେ କିଛି ଶିକ୍ଷକ ଓ ଶିକ୍ଷୟିତ୍ରୀ ୧୦ ବର୍ଷରୁ ଅଧିକ ସମୟ ଧରି ଗାଦି ମାଡ଼ି ରହିଥିବା ଓ ବିଦ୍ୟାଳୟର ଲଗାତର ଭାବରେ ନୈରାଶ୍ୟ ଜଣକ ମାଟ୍ରିକ ଫଳାଫଳ ଜାଣିବା ପରେ କ୍ଷୋଭ ପ୍ରକାଶ କରିବା ସହ ଠିକ ଭାବରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ପାଇଁ ତାଗିଦ୍ କରିଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁଙ୍କ ସହ ଫିରିଙ୍ଗିଆ ଗୋଷ୍ଠି ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ପୁନମ, କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ ପରିଚାଳିକା ବାସନ୍ତୀ ଦେଇ, ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଜୀବନ ଜ୍ୟୋତି କଲେଜରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

ରାଇକିଆ,୨୦।୯ (ସମିସ): ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ଶନିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରାରମ୍ଭିକ ଦିବସରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ରଥଙ୍କ ତତ୍ତ୍ୱାବଧାନରେ



ଜାତୀୟ ସେବା ଯୋଜନାର ୟୁନିଟ-୧ ସଂଯୋଜକ ସାରଙ୍ଗଧର ମାମ୍ବାଲାକା ଓ ୟୁନିଟ-୨ର ଫିର୍ଦୋଷୀ ପ୍ରଧାନ ଏବଂ ଯୁବ ରେଡକ୍ରସର ସଂଯୋଜକ ବିଶ୍ୱବିହାରୀ ଦଳେଇ ଏହାର ଦାୟିତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଡ଼. ସନ୍ତୋଷ କୁମାର ନାୟକ, ଦିଲୀପ କୁମାର ନାୟକ, ପ୍ରମୋଦ କୁମାର ନାୟକ, ବିଶ୍ୱବିହାରୀ ଦଳେଇ, ସୁକାନ୍ତ କୁମାର ନାୟକ, ଗୀତାଞ୍ଜଳି ଗନ୍ତାୟତ, ବେଣୁପାଣି ମହାପାତ୍ର, ଜଗନ୍ନାଥ ଦାସ ସମେତ ମହାବିଦ୍ୟାଳୟର ସମସ୍ତ ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଶ୍ରେଣୀକକ୍ଷ, ମହାବିଦ୍ୟାଳୟ ପରିସର ଓ ଖେଳ ପଡ଼ିଆ ଆଦିର ସଫେଇ କରିଥିଲେ।

## ବିଭିନ୍ନ ସ୍ଥାନରେ ଏଡ୍‌ସ ସଚେତନତା ଶିବିର




ବାଲିଗୁଡା,୨୦।୯ (ସମିସ): ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସଂସ୍ଥା ତଥା ସ୍ୱେଚ୍ଛାସେବୀ ସଙ୍ଗଠନ 'ସ୍ୱାତୀ' ତରଫରୁ ଏଡ୍‌ସ ସଚେତନତା ଶିବିର ବାଲିଗୁଡ଼ାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ କଲେଜରେ ଅଧ୍ୟକ୍ଷ ଲକ୍ଷ୍ମଣ ପାଲୋଙ୍କ ଉପସ୍ଥିତିରେ ସମାବେଶ ତଥା ରାଲି କରାଯାଇଥିଲା। ତତ୍‌ସହିତ ବାଲିଗୁଡା ଉପଖଣ୍ଡ କାରାଗାରରେ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ସମନ୍ୱିତ ପରାମର୍ଶ ଓ ପରୀକ୍ଷା ଶିବିର ହୋଇଥିଲା। କାରାଗାରରେ ୨୩୮ ଜଣ କଏଦୀ ଥିବାବେଳେ ୧୦୦ରୁ ଉର୍ଦ୍ଧ୍ୱ କଏଦୀଙ୍କ ରକ୍ତ ନମୁନା ଲାବ ଟେକ୍ନିସିଆନ୍ ଉଲ୍ଲାସ ଚରଣ ସ୍ୱାଇଁ ସଂଗ୍ରହ କରିଥିଲେ। ସେହିପରି ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ବିଏସଏଫ ଯବାନଙ୍କ ରକ୍ତ ନମୁନା ସଂଗ୍ରହ ସହ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟର ଏଚ୍‌ଆଇଭି/ଏଡସ କାଉନସିଲର ଗୀତାଞ୍ଜଳି ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସଚେତନତା ଓ ମାଗଣା ରକ୍ତ ପରୀକ୍ଷା ନିମନ୍ତେ ବାର୍ତ୍ତା ପ୍ରଦାନ କରିଥିଲେ। ଏଥିରେ ସ୍ୱାତୀର ସ୍ନେହଲତା ନାଏକ ଓ ସୀତା ରଣା ସହଯୋଗ କରିଥିଲେ।

## ଚୋରାରେ ବାଣ ବିକ୍ରି ପାଇଁ ସଜବାଜ

ପାରଳାଖେମୁଣ୍ଡି, ୨୦।୯ (ସମିସ)

ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ବାଣ ବିକ୍ରୟକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। କିଛିବର୍ଷ ପୂର୍ବେ ଜନବସତିରୁ ବାଣ ଦୋକାନ ଗୁଡ଼ିକୁ ଜନଶୂନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବାକୁ ପ୍ରୟାସ ହୋଇଥିଲା। ତେବେ ଏହି ପ୍ରୟାସ ବଳରେ ଅନେକ ଦୋକାନୀ ଜଣକ ପରେ ଜଣେ ପ୍ରତିଦ୍ୱନ୍ଦିତା ମନୋଭାବରେ ଦୋକାନ ପାଖରେ ଦୋକାନ କରି ବାଣ ଦୋକାନ ଖୋଲିଲେ। ତେବେ ଏହି ବାଣ ଦୋକାନୀଙ୍କ ମନମୁଖୀ ଓ ସାଧାରଣଲୋକଙ୍କ ପ୍ରତି ବିପଦ ବିକ୍ରୟ ପ୍ରଣାଳୀକୁ ରୋକ୍ ଲଗାଇବା ପାଇଁ ଜିଲ୍ଲା ପ୍ରଶାସନ ସିଲ୍ ମଧ୍ୟ କରିଥିଲା। କିନ୍ତୁ ସେହି ସିଲ୍ ଗୁଡିକ ହେବା ସମୟରେ ପ୍ରଶାସନ ଯେପରି ସୂଚନା ଦେଇଥିଲା ସେହି ସିଲ୍ ଖୋଲାଯିବା ସୂଚନା ଆଉ ମିଳିଲା ନାହିଁ। ବାଣ ଅନୁମତି ମିଳିବା ପୂର୍ବରୁ ବାଣ ବ୍ୟବସାୟୀମାନେ ସୁନ୍ଦର ରଙ୍ଗଦେଇ ଦୋକାନକୁ ସଜବାଜ କରିସାରିଲେଣି। କିଏ ଗୋଟିଏ ଜିଏସ୍‌ଟି ନମ୍ବରରେ ଏକାଧିକ ଦୋକାନ ଚଳାଉଛି ତ ଆଉକିଏ ପ୍ରଶାସନ କରିଥିବା ସିଲ୍ ଥାଇ ମଧ୍ୟ ବହୁଦିନ ପୂର୍ବରୁ ବାଣ ବିକ୍ରୟ ଆରମ୍ଭ କରିଦେଇଛନ୍ତି। ଏପରିକି ପାରଳାଖେମୁଣ୍ଡି ଅଞ୍ଚଳରେ ସୂଚନା ଅଧିକାର ଆଇନ ମାଧ୍ୟମରେ ମିଳିଥିବା ତଥ୍ୟ କହୁଛି ୧୭ ଜଣ ବାଣ ବ୍ୟବସାୟୀ ବାଣ ବିକ୍ରୟ ପାଇଁ ଆବେଦନ କରିଥିବା ବେଳେ କାହାକୁ ମଧ୍ୟ ଅନୁମତି ମିଳିନାହିଁ। ତେବେ ଉକ୍ତ ଦୋକାନ ଗୁଡ଼ିକୁ ଅନୁମତି ଦିଆଯାଇପାରିବ କି ନାହିଁ ସେହି କାର୍ଯ୍ୟର ସମୀକ୍ଷା ଓ ଅନୁସନ୍ଧାନ ପାଇଁ ଗଜପତି ପୁଲିସ୍ ଓ ପାରଳାଖେମୁଣ୍ଡି ତହସିଲଦାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

ସେପଟେ ଗଚ୍ଛିତ ହୋଇଥିବା କୋଟି କୋଟି ଟଙ୍କାର ବାଣ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ କିଏ ବାରିପଟେ ବିକୁଛି ତ ଆଉକିଏ ବିଳମ୍ବିତ ରାତ୍ରରେ ବିକୁଛି । ଏପରିକି ପ୍ରତ୍ୟେକ ଦୋକାନ ମୁହଁରେ ଦୁଇରୁ ତିନିଜଣ ବ୍ୟକ୍ତି ତାଲା ଧରି ଦିନ ତମାମ ମହଜୁଦ ରହୁଛନ୍ତି। କିଛି ଦୋକାନରେ ମଧ୍ୟ ବାଣ ଗଚ୍ଛିତ ହେଉଥିବା ସ୍ୱତନ୍ତ୍ର ଯାନରେ ଆସିଥିବା ଦେଖିବାକୁ ମିଳିଛି।

## ଆନ୍ଧ୍ରରୁ ଚୋରା ବାଲି ଆଣି ଓଡ଼ିଶାରେ ବିକ୍ରି

କାଶୀନଗର,୨୦।୯ (ସମିସ)

ଗଜପତି ଜିଲ୍ଲା କାଶୀନଗର ବ୍ଲକ ହାଡୁଭାଙ୍ଗି ଗ୍ରାମରେ ଶୁକ୍ରବାର ରାତିରେ ଏକ ବେଆଇନ ବାଲି ବୋଝେଇ ଟିପ୍ପରକୁ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଜବତ କରାଯାଇଛି। ଜିଲ୍ଲା ଖଣି ଅଧିକାରୀ ଦୀପେନ ପରିଡ଼ା ଓ କନିଷ୍ଠ ଖଣି ଅଧିକାରୀ ବିଶ୍ୱଜିତ ଶୁକ୍ରବାର ରାତିରେ ହାଡୁଭାଙ୍ଗି ଅଞ୍ଚଳରୁ ଏହି ବାଲି ବୋଝେଇ ଟିପ୍ପରକୁ ଅଟକାଇ କାଗଜପତ୍ର ମାଗିବାରୁ ଚାଳକ ଦେଖାଇପାରିନଥିଲେ। ଫଳରେ ଗାଡ଼ିଟିକୁ କାଶୀନଗର ଥାନା ନିକଟରେ ରଖାଯାଇଛି ଓ ୪ଲକ୍ଷ ଟଙ୍କାର ଜରିମାନା କରାଯାଇଥିବା ଜିଲ୍ଲା ଖଣି ଅଧିକାରୀ କହିଛନ୍ତି।




**ଟିପ୍ପର ଜବତ କଲେ ଖଣି ଅଧିକାରୀ**

ସୂଚନା ମୁତାବକ, କିଛି ବାଲିମାଫିଆ ଆନ୍ଧ୍ରର ନିୟୁଗାମ ଗ୍ରାମରୁ ବାଲି ଚୋରିକରି ଆଣି ପାରଳାଖେମୁଣ୍ଡି, କାଶୀନଗର, ଗୁଣୁପୁର ଆଦି ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ବିକ୍ରି କରୁଛନ୍ତି। ବହୁଦିନ ହେଲା ରାତିରେ ଏଭଳି ବାଲି ଚୋରାଚାଲାଣ ହେଉଥିବା ସ୍ଥାନୀୟ କିଛି ଲୋକେ କହିଛନ୍ତି। ହେଲେ ବାଲି ମାଫିଆ ରାଜନୈତିକ ଦଳର କର୍ମୀ କହି ଦାଦାଗିରି ଦେଖାଇବା ସହ ଏହି ବେଆଇନ ବାଲି ଚାଲାଣ କରୁଥିବା ଜଣାପଡ଼ିଛି। ବର୍ତ୍ତମାନ କାଶୀନଗର ଅଞ୍ଚଳରେ ବାଲି ଘାଟ ବନ୍ଦ ଥିବାରୁ କିଛି ବାଲି ମାଫିଆ ବାଲି ଚୋରାଚାଲାଣରେ ମାତିଛନ୍ତି। କିଛିଦିନ ପୂର୍ବେ ଉକ୍ତ ଅଞ୍ଚଳରେ ଜିଲ୍ଲା ଖଣି ଅଧିକାରୀ ବେଆଇନ ବାଲି ବୋଝେଇ ଟ୍ରକକୁ ଜବତ କରି ୫ଲକ୍ଷ ଜରିମାନା ଆଦାୟ କରିଥିବା ବେଳେ ବର୍ତ୍ତମାନ ଉକ୍ତ ଜବତ ବେଆଇନ ବାଲି ବୋଝେଇ ଗାଡ଼ିରୁ କେତେ ଜରିମାନା ଆଦାୟ କରାଯାଉଛି ତାହା ଆଲୋଚନାର ବିଷୟ ହୋଇଛି। ଏଭଳି ବେଆଇନ ବାଲି ଚୋରାଚାଲାଣ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ ଉଚିତ୍ ପଦକ୍ଷେପ ନେବାକୁ ଦାବି ହେଉଛି।

## ଫିରିଙ୍ଗିଆରେ ବ୍ଲକସ୍ତରୀୟ ମନରେଗା ଜନଶୁଣାଣି

ଫିରିଙ୍ଗିଆ,୨୦।୯ (ସମିସ): ଫିରିଙ୍ଗିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମନରେଗା ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫିରିଙ୍ଗିଆ ବ୍ଲକରେ କାର୍ଯ୍ୟରତ ମନରେଗା ସମ୍ପ୍ରସାରଣ ଅଧିକାରୀ ସୁମନ୍ତ ଉଠାଣସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣିରେ ଆଦିବାସୀ ଉନ୍ନୟନ ବିଭାଗର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିବା ସହ ମନରେଗାରେ ପଞ୍ଜୀକୃତ ଶ୍ରମିକଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର କିଭଳି ଭାବରେ ସହାୟତା ଯୋଗାଇ ଦେଉଛନ୍ତି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ନମିତା କହଁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ



ଅନୁପ ଅଭିଷେକ ବେହେରା, ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନା, ମନରେଗା ସଂଯୋଜକ ସଞ୍ଜୟ କୁମାର ଦିଗାଳ, ମନରେଗା ସମୀକ୍ଷକ ମହାଦେବ ସାହୁ ଓ ସାମାଜିକ କର୍ମୀ ଅକ୍ଷୟ କୁମାର ନାଏକଙ୍କ ସହ ବ୍ଲକ ଅଧିନସ୍ଥ ସମସ୍ତ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ଏଡିଓ, ସମସ୍ତ ଗାଁସାଥୀ, ସ୍ୱଙ୍ଗ ସହାୟକ ଗୋଷ୍ଠୀ ଭିଆର୍‌ପି ଓ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମହାଦେବ ସାହୁ ପରିଚାଳନା କରିଥିବା ବେଳ ଏପିଓ ସୁମନ୍ତ ଉଠାଣ ସିଂ ବାର୍ଷିକ ବିବରଣୀ ପାଠ କରିଥିଲେ। ଫିରିଙ୍ଗିଆ ବ୍ଲକରେ ବିଗତ ବର୍ଷ ମାନଙ୍କ ପରି ଚଳିତ ବର୍ଷ ମଧ୍ୟ ମନରେଗା ଦ୍ୱାରା ହେଉଥିବା ଉନ୍ନୟନ କାର୍ଯ୍ୟ ଗୁଡିକର ସଫଳ ରୂପାୟନ ପାଇଁ ଉପସ୍ଥିତ ଅଧିକାରୀ ଖୁସି ବ୍ୟକ୍ତ କରିଥିଲେ। କିଛିଦିନ ହେଲା ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ନାମ ଫଳକ ଲାଗିନଥିବାରୁ ଉପସ୍ଥିତ ଅଧିକାରୀ ଯଥାଶୀଘ୍ର ଫଳକ ଲଗାଇବାକୁ ଗାଁ ସାଥୀ ଓ ଏଡିଓଙ୍କୁ ତାଗିତ କରିଥିଲେ।

## ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର



ଗୁମ୍ମା,୨୦।୯ (ସମିସ): ବ୍ଲଡ଼ ବ୍ୟାଙ୍କରେ ରକ୍ତ ଅଭାବ ଅନୁଭବ କରି ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ ପକ୍ଷରୁ ଦେଶସାରା ରକ୍ତ ସଂଗ୍ରହ କରାଯାଉଛି। ଏନେଇ ଗଜପତି ଜିଲ୍ଲା ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଗୁମ୍ମା ବ୍ଲକର ସମସ୍ତ ଅନୁଷ୍ଠାନକୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଅନୁରୋଧ କରାଯାଇଥିଲା। ଶୁକ୍ରବାର ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ଡ଼ା. ପ୍ରାର୍ଥ ପ୍ରୀତମ ପଣ୍ଡାଙ୍କ ସମେତ, ଡ଼ା. ଜି. ଦୁର୍ଯ୍ୟୋଧନ, କ୍ଷୀରୋଦ କୁମାର ଦୋରା, ଆଲୋକ କୁମାର ବିଶ୍ୱାଳ, ଗୌରାଙ୍ଗ ଗୁପ୍ତା, ସ୍ମୃତି ରଞ୍ଜନ ସାହୁ ଓ ଅଭିନାଶ ପରିଚ୍ଛା ଯୋଗ ଦେଇଥିଲେ। ପରେ ଗୁମ୍ମା ବ୍ଲକର ସାମ୍ବାଦିକ, ଗୁମ୍ମା ଖ୍ରୀଷ୍ଟିୟାନ ସାହିର ଯୁବକ ଓ ସ୍ୱେଚ୍ଛାସେବୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏଥିରେ ୨୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମକୁ ଟିଓ ଖଗେଶ୍ୱର ବେହେରା, ଡ଼ିଏମଏ ପିଙ୍କି ପାଣ୍ଡେ, ଗଣେଶ ବିଶ୍ୱାଳ, ସୂର୍ଯ୍ୟନାରାୟଣ ପଣ୍ଡା, କେ.ନାଗରାଜୁ, ମଙ୍ଗୁଲୁ ବେହେରା, ଆମୋନ ଗମାଙ୍ଗ ଓ ପ୍ରଫୁଲ ପାଣି ସହଯୋଗ କରିଥିଲେ।

## ୮ ଫୁଟିଆ ଅଜଗର ଉଦ୍ଧାର

ଜି.ଉଦୟଗିରି,୨୦।୯ (ସମିସ): ଜି. ଉଦୟଗିରି ନିକଟସ୍ଥ ଶ୍ରୀରାମପଦା ତାରିଣୀ ମନ୍ଦିର ନିକଟରୁ ଏକ ୮ ଫୁଟିଆ ଅଜଗର ସାପକୁ ଉଦ୍ଧାର କରିଛି ସ୍ନେକ ହେଲ୍ପ ଲାଇନ୍ ଟିମ। ଅଜଗରକୁ ଦେଖି ଲୋକେ ସ୍ନେକ ହେଲ୍ପଲାଇନ୍‌କୁ ଖବର ଦେବାପରେ ଟିମ ସଦସ୍ୟ ପହଞ୍ଚି ସାପକୁ ଧରିଥିଲେ। ଏହାସହିତ ଶ୍ରୀକୃଷ୍ଣ ନଗରରୁ ଏକ ପାହାଡିଆ ଚିଟି ସାପ ମଧ୍ୟ ଉଦ୍ଧାର କରାଯାଇଛି।



ବଜାରରେ ଏହି ସାପକୁ ଦେଖିବାକୁ ଲୋକଙ୍କ ଭିଡ ଲାଗି ଜମିଥିଲା। ଟିମ୍ ସଦସ୍ୟ ରାଜୀବ ଦଳବେହେରା ଓ ଲାଲୁ ପରିଚ୍ଛା ସାପ ଦୁଇଟିକୁ ଉଦ୍ଧାର କରିଥିବାବେଳେ ଏହାକୁ ନିକଟସ୍ଥ କଳିଙ୍ଗା ଜଙ୍ଗଲରେ ଛାଡ଼ି ଦିଆଯାଇଛି।

## ସ୍ଥାୟୀ ଜୀବିକା ପାଇଁ ଫଳଚାରା ବଣ୍ଟନ




ରାୟଗଡ଼,୨୦।୯ (ସମିସ): ରାୟଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଲିନ୍‌ସି ଫାଉଣ୍ଡେସନର ସହଯୋଗରେ ଏଫ୍‌ଏଫ୍‌ଭିଡିପି କାର୍ଯ୍ୟକ୍ରମ ଅନ୍ତର୍ଗତ ଦୁଇଟି ଗ୍ରାମର ୧୯ ପରିବାରଙ୍କୁ ଲେମ୍ବୁ, ଲିଚୁ, ସପେଟା, ସଜନା ଓ ନଡିଆ ସହିତ ବିଭିନ୍ନ ହାଇବ୍ରିଡ୍ ଫଳ ଚାରା ବଣ୍ଟନ କରାଯାଇଛି। ଏହି ପଦକ୍ଷେପ ଜରିଆରେ ଗ୍ରାମୀଣ ପରିବାରଙ୍କ ଆୟକୁ ସ୍ଥାୟୀ ଓ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେଥିପାଇଁ ସିସିଡି କୃଷି ଉଦ୍ୟାନ ବିଭାଗର ସହଯୋଗରେ ଗ୍ରାମରେ ଆମ୍ବ, କାଜୁ, ପଣସ ଓ କଦଳୀ ଚାରାଗଛ ବଣ୍ଟନ କରାଯାଇଛି। ଏହା ଦୀର୍ଘ ମିଆଦିରେ ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବା ସହିତ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ପରିବାରଙ୍କୁ ରୋପଣ ପ୍ରଣାଳୀ, ଚାଷ ପରିଚାଳନା ଓ ଦୀର୍ଘମିଆଦିନ ଯତ୍ନ ସମ୍ବନ୍ଧରେ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମ ପ୍ରୋଗ୍ରାମ ମେନେଜର ବିଜୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏବଂ ପ୍ରୋଜେକ୍ଟ ଅଫିସରଙ୍କ ଦ୍ୱାରା ପରିଚାଳନାରେ ଆୟୋଜିତ ହୋଇଥିଲା।

## ବାଲିଗୁଡ଼ାରେ ସ୍ୱଚ୍ଛ ଉତ୍ସବ



ବାଲିଗୁଡ଼ା,୨୦।୯ (ସମିସ): ସ୍ୱଚ୍ଛ ଭାରତ ମିଶନ ପଞ୍ଚାୟତ ସମିତି ବାଲିଗୁଡ଼ା ତରଫରୁ ସ୍ୱଚ୍ଛ ଉତ୍ସବରେ ଏକ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ଅକ୍ଷୟ କୁମାର ମଲ୍ଲିକ ଏହାକୁ ଉଦ୍‌ଘାଟନ କରିଥିଲେ। ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ଡ଼ାକ୍ତର ଅଭିଷେକଙ୍କ ଉପସ୍ଥିତି ରହି ବାଲିଗୁଡା ବ୍ଲକର ସମସ୍ତ ସରପଞ୍ଚ, ସ୍ୱଂୟ ସହାୟକ ଗୋଷ୍ଠୀ ମଣ୍ଡଳୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସଂସ୍ଥାର ଟେକ୍ନିସିଆନ ଉଲ୍ଲାସ ଚରଣ ସ୍ୱାଇଁ ଓ ସୁନିଲ କୁମାର ନାୟକ ରକ୍ତନମୁନା ସଂଗ୍ରହ କରିଥିଲେ। ତତ୍‌ସହିତ ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ଆଇସିଟିସି କାଉନସିଲର ଗୀତାଞ୍ଜଳି ପଣ୍ଡା ଏଡ୍‌ସର କାରଣ, ନିରାକରଣ ଓ ସଚେତନତା ପାଇଁ ବିସ୍ତୃତ ଆଲୋଚନା କରିଥିଲେ।

## ଟିକାବାଲି କଲେଜରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ




ଟିକାବାଲି,୨୦।୯ (ସମିସ): ଟିକାବାଲି ଏଏମସିଏସ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ନେତୃତ୍ୱରେ ଏଡ଼ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାତୀ ସ୍ୱେଚ୍ଛାସେବୀ ସଂଗଠନର ପ୍ରକଳ୍ପ ସଂଯୋଜକ ବିଶ୍ୱରଂଜନ କର ଏହିରୋଗର ଲକ୍ଷଣ, କିପରି ବ୍ୟାପେ ଏବଂ ଏହାର ନିରାକାରଣ କିପରି କରିପାରିବା ଅକ୍ଷଲୋଚନା କରିଥିଲେ। ଯୁବ ରେଡ଼କ୍ରସର ସଂଯୋଜକ ଅଧ୍ୟାପକ ରତନ କୁମାର ଡିଗାଲ, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଚମ୍ପା ସୋରେନ, ଅଧ୍ୟାପକ ଜ୍ଞାନରଞ୍ଜନ ଭୋଇ ପରିଚାଳନା କରିଥିଲେ। ବିଷୟବସ୍ତୁ କୁ ନେଇ କୁଇଜ ପ୍ରତିଯୋଗିତା ହୋଇଥିଲା। ଛାତ୍ରୀ ସ୍ୱାଗତିକା ନାୟକ, ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ ପ୍ରଥମ, ଅଂକିତା ପ୍ରିୟଦର୍ଶିନୀ ଦ୍ୱତୀୟ, ଛାତ୍ର ଶିବୁ ପ୍ରଧାନ ତୃତୀୟ ହୋଇ ମାନପତ୍ର ସହ ଟ୍ରଫି ଗ୍ରହଣ କରିଥିଲେ।

### କଳିଙ୍ଗା ଘାଟିରେ ଭୂ-ସ୍ଖଳନକୁ ବିତିଲା ୫ଦିନ

# ଆସ୍ଥାୟୀ ରାସ୍ତା ପାଇଁ ଉଦ୍ୟମ ଜାରି

ଜି.ଉଦୟଗିରି,୨୦।୯ (ସମିସ)

ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରେ ମଙ୍ଗଳବାର ଭୂ-ସ୍ଖଳନରେ ୫୦ ଫୁଟ ରାସ୍ତା ଶହେ ଫୁଟ ତଳକୁ ଧସିଯାଇଥିଲା। ଫଳରେ ୫ଦିନ ପରେ ବି ସ୍ୱାଭାବିକ ହୋଇପାରୁନି ଯାତାୟାତ। ଆସ୍ଥାୟୀ ରାସ୍ତା ବାହାର କରିବା ମଧ୍ୟ କଷ୍ଟକର ହୋଇପଡିଛି। ଉପରୁ ଆସୁଥିବା ଝରଣା ପାଣି ନିୟନ୍ତ୍ରଣ, ତଳୁ ଗାର୍ଡୱାଲ ଦେବା, ପଥର କାଟି ରାସ୍ତା ବାହାର କରିବା ପାଇଁ ସବୁପ୍ରକାର ଉଦ୍ୟମ ଜାରି ରହିଛି। ଜାତୀୟ ରାଜପଥ ପ୍ରାଧିକରଣ ମୁଖ୍ୟଯନ୍ତ୍ରୀ ନାରାୟଣ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମରାମତି କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଯେତେ ଶୀଘ୍ର ଆସ୍ଥାୟୀ ରାସ୍ତା ବାହାରିଲେ ଯାତାୟାତ ସ୍ୱାଭାବିକ ହୋଇପାରିବ। ଏଥିପାଇଁ ଆଜି ଗାର୍ଡୱାଲ ପାଇଁ ବାଲିବସ୍ତା, ପଥର ଫଟାଇବା ପାଇଁ ମେସିନ, ପାଣି ପାଇଁ ବଡ଼ ବଡ଼ ସିମେଣ୍ଟ ପାଇପ ଆସିଛି। ଯାହାକୁ ବ୍ୟବହାର କରି ଆସ୍ଥାୟୀ ରାସ୍ତା ନିର୍ମାଣ କରାଯିବ।




ଅନ୍ୟପଟେ ଯାତାୟାତ ବନ୍ଦ ହେବା ଫଳରେ ଦିନକୁଦିନ ସମସ୍ୟା ବଢ଼ିବାରେ ଲାଗିଛି। ଗାଡ଼ିଘୋଡା ବିକଳ୍ପ ରାସ୍ତାରେ ୫୦ କିମି ବୁଲି ଦୟନୀୟ ଅବସ୍ଥାରେ ଯାତାୟାତ କରୁଥିବାବେଳେ ଗାଡ଼ିଗୁଡ଼ିକ ଯାତ୍ରୀଭଡ଼ା ସହିତ ମାଲ୍‌ଭଡ଼ା ମଧ୍ୟ ବଢ଼ିବାରେ ଲାଗିଛି। ଏହାର ପ୍ରଭାବ ପନିପରିବା ଦରଦାମ ଉପରେ ପଡିଛି। ଗାଡ଼ି ବ୍ୟବସାୟ ମଧ୍ୟ ଠିକ୍‌ରେ ହେଉନଥିବା ବେଳେ ବହୁ ଗାଡ଼ି ଯାତାୟାତ ବନ୍ଦ କରି ଦେଇଛନ୍ତି। ଆଗକୁ ପାର୍ବଣ ଥିବାବେଳେ ଅଧିକ ଭଡ଼ା ପାଇଁ ବ୍ୟବସାୟୀ ଠିକ୍‌ରେ ମାଲ ମଗେଇବାକୁ ଭୟ କରୁଛନ୍ତି। କନ୍ଧମାଳର ପୁରା ବ୍ୟବସାୟ ବ୍ରହ୍ମପୁର ବଜାର ଉପରେ ନିର୍ଭର କରୁଥିବା ବେଳେ ଶୀଘ୍ର ରାସ୍ତା ମରାମତି ଶେଷ ସହିତ ଯାତାୟାତ ସ୍ୱାଭାବିକ ହେବାକୁ ଚାହିଁ ବସିଛନ୍ତି ଅଞ୍ଚଳବାସୀ ଓ ବ୍ୟବସାୟୀ।

# ଲୁଟ୍ ଅଭିଯୋଗରେ ୩ ଗିରଫ

ସେମିଳିଗୁଡା, ୨୦।୯ (ସମିସ): ଲୁଟ୍ ଅଭିଯୋଗରେ କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ କୋରାପୁଟ ଟାଉନ ଥାନା ପରଜା ଲିମିକା ଗ୍ରାମର ଦୁଇ ଭାଇ ବୁଲୁ ଟାକ୍ରି (୨୭) ଦୈତାରୀ ଟାକ୍ରୀ (୨୯) ଏବଂ ସୁନାବେଡ଼ା ଥାନା ଚେରେଙ୍ଗାଗୁଡ଼ା ଗ୍ରାମର ସଞ୍ଜୟ କୁଳଦୀପ ବୋଲି ଜଣା ପଡ଼ିଛି। ପୁଲିସ ନିକଟରୁ ହସ୍ତଗତ ସୂଚନା ଅନୁଯାୟୀ, ୧୪ ତାରିଖ ଅପରାହ୍ନରେ ନନ୍ଦପୁର ରୋଡ଼ରେ ଥିବା ରେଲିଆନ୍ସ ପଏଣ୍ଟର ଗୌତମ ଗୁପ୍ତା ଭାରତ ମାଳା ଏକ୍ସପ୍ରେସ ହାଇୱେ ଦେଇ ପଟାଙ୍ଗି ଠାରୁ ସେମିଳିଗୁଡା ଫେରୁଥିଲେ। ସେହି ସମୟରେ ଦୁଇଜଣ ଯୁବକ ଓଡି ୧୦ ଏନ୍ ୧୧୧୮ ନମ୍ବର ଏକ ୟାମା ସଲୁଟୋ ବାଇକରେ ଆସି ଗୌତମ ଗୁପ୍ତାଙ୍କ ଗାଡ଼ି ବଳ ପୂର୍ବକ ଅଟକାଇ ଥିଲେ। ଗାଡ଼ି ଅଟକାଇବା ପରେ ଅଳ୍ପ ଦୂରରେ ଏକ କାରରେ ଥିବା ଅନ୍ୟ ଜଣେ ସେଠାରେ ପହଞ୍ଚିବା ପରେ ସମସ୍ତେ ମିଶି ଗୌତମଙ୍କ ଠାରୁ ୮୦୦୦ ଟଙ୍କା ଲୁଟି ନେବା ସହ ମୋବାଇଲ ଫୋନ୍ ମାଗି କେତେ ଟଙ୍କା ଅଛି ବୋଲି ଫୋନ୍ ପେ ଯାଞ୍ଚ କରିଥିଲେ। ହେଲେ ଫୋନ୍ ପେରେ କିଛି ନଥିବାରୁ ମୋବାଇଲ ଫୋନ୍ ଫେରାଇ ଦେଇ ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇ ସେଠାରୁ ଫେରାର ହୋଇଯାଇଥିଲେ। ତେବେ ଲୁଟର ଶିକାର ହୋଇଥିବା ଗୌତମ ଅତି ଚତୁରତା ସହକାରେ ମୋବାଇଲରେ କାରର ଫଟୋ ଉଠାଇ ନେଇଥିଲେ। ପରେ ସେଠାରୁ ଆସି ଘଟଣା ସମ୍ପର୍କରେ ସେମିଳିଗୁଡା ଥାନାରେ ଅଭିଯୋଗ କରିଥିଲେ। ପୁଲିସ କାର ଫଟୋରୁ ନମ୍ବର ଜାଣି ତଲାସି ଆରମ୍ଭ କରିଥିଲେ। ଅଭିଯୁକ୍ତ ବ୍ୟବହାର କରିଥିବା ଓଡି ୦୫ ଏପି -୧୫୯୨ ନମ୍ବର କାର ସେମିଳିଗୁଡା ସହରରେ ବୁଲୁଥିବା ବେଳେ ପୁଲିସ ଉକ୍ତ କାର ସହ ବୁଲୁ ଟାକ୍ରିକୁ ଧରିବାରେ ସକ୍ଷମ ହୋଇଥିଲେ। ପରବର୍ତ୍ତୀ ସମୟରେ ବୁଲୁ ଠାରୁ ତଥ୍ୟ ନେଇ ଦୈତାରି ଟାକ୍ରି ଏବଂ ସଞ୍ଜୟ କୁଳଦୀପକୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତମାନଙ୍କ ଠାରୁ କାର, ବାଇକ ଓ ନଗଦ ୫ ହଜାର ଟଙ୍କା ଜବତ କରାଯାଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ବିଏନଏସ ୩୦୯(୬) ରେ ଏକ ମାମଲା (୧୧୯/୨୫) ରୁଜୁ କରି ତଦନ୍ତ ଚାଲିଥିବାବେଳେ ଗିରଫ ତିନିଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।



# ଡକାୟତି ଘଟଣାରେ ୫ ଗିରଫ

କୋରାପୁଟ/ସେମିଳିଗୁଡା, ୨୦।୯ (ସମିସ)

ପିସ୍ତଲ ଦେଖାଇ ଜଣେ ବ୍ୟକ୍ତିଙ୍କ ଠାରୁ ଟଙ୍କା ଓ ମୋବାଇଲ ଫୋନ୍ ଲୁଟି ନେବା ଅଭିଯୋଗରେ ୨ ନାବାଳକଙ୍କ ସହ ୫ ଜଣଙ୍କୁ ଧରିଛି। ୨ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡ ନିକଟରେ ହାଜର କରିଥିବା ବେଳେ ଅନ୍ୟ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅତିରିକ୍ତ ଏସ୍‌ପି ଅମ୍ରିତ ମହାନ୍ତି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, କୁନ୍ଦୁଲି ସ୍ଥିତ ବିଦେଶୀ ମଦ ଦୋକାନର କର୍ମଚାରୀ ମଧୁ ସୁଦନ ମହାନ୍ତି ୧୭ ତାରିଖ ସନ୍ଧ୍ୟାରେ ଫେରୁଥିବା ବେଳେ ନବ ନିର୍ମିତ ଭାରତ ମାଳା ଏକ୍ସପ୍ରେସ ହାଇୱେ ବାଙ୍ଗରୁଗୁଡ଼ା ଛକ ନିକଟରେ ୫ ଜଣ ଅଜଣା ଯୁବକ ତାଙ୍କୁ ଅଟକାଇ ପିସ୍ତଲ ଦେଖାଇ ଏକ ଭିଭୋ କମ୍ପାନୀର ଭି-୭୨ ମୋବାଇଲ ଫୋନ୍ ଏବଂ ନଗଦ ୧୫ ହଜାର ଟଙ୍କା ଲୁଟି ନେଇଥିଲେ। ଶ୍ରୀ ମହାନ୍ତି ତୁରନ୍ତ ଏ ସମ୍ପର୍କରେ ସେମିଳିଗୁଡ଼ା ଥାନାରେ ଏତଲା ଦେବା ପରେ ସବ ଇନ୍ସପେକ୍ଟର ବାବାଜୀ କହଁରଙ୍କ ନେତୃତ୍ୱରେ ଏକ ଟିମ୍ ଛାନଭିନ ଆରମ୍ଭ କରିଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଟିମ୍ ଅଚାନକ ଚଢ଼ଉ କରି ପଟାଙ୍ଗି ଥାନା ଗାଙ୍ଗରାଜପୁର ଗ୍ରାମର କୁନା ବାଙ୍କ (୨୯), ପଟାଙ୍ଗି ହରିଜନ ସାହିର ଅମର ଖୋସଲା ଓରଫ ରୋହିତ ଖୋସଲା (୧୯) ଏବଂ ସେମିଳିଗୁଡା ଥାନା ପିତାଗୁଡ଼ା ପଞ୍ଚାୟତ ଡମ୍ବଗୁଡ଼ା ଗ୍ରାମର ଆକାଶ କୁଳଦୀପ (୨୮) ସମେତ ଅନ୍ୟ ୨ ଜଣ ନାବାଳକଙ୍କୁ ଥାନାକୁ ଆଣି ଜେରା କରିବା ପରେ ସେମାନେ ଡକାୟତି କରିଥିବା ସ୍ୱୀକାର କରିଥିଲେ। ସେମିଳିଗୁଡା ପୁଲିସ ଅଭିଯୁକ୍ତ ମାନଙ୍କ ବିରୋଧରେ ବିଏନଏସ ଆଇନ ଅନ୍ତର୍ଗତ ଧାରା ୩୧୦(୨), ଆର୍ମ ଆକ୍ଟ ୨୫/୨୭ ରେ ମାମଲା ରୁଜୁ କରି ତିନିଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଦୁଇ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଇଛନ୍ତି। ଅଭିଯୁକ୍ତମାନଙ୍କ ଠାରୁ ପୁଲିସ ୯୬୦୦ ଟଙ୍କା, ଏକ ବାଇକ, ଗୋଟିଏ କାର ଏବଂ ୯ ଏମଏମ ପିସ୍ତଲ ଭଳି ଦେଖାଯାଉଥିବା ଗୁଳି ନଥିବା ଏକ ହାତ ତିଆରି ପିସ୍ତଲ ଜବତ କରିଥିବା ଅତିରିକ୍ତ ଏସପି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।



**ପିସ୍ତଲ, ବାଇକ ଓ କାର୍ ଜବତ**

## ପାଣି ମିଟର ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୨୦।୯ (ସମିସ): ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଲାଇନ ନେଇଥିବା ପ୍ରତ୍ୟେକ ଘରେ ସଂଯୋଗ କରାଯାଇଥିବା ମିଟର ଚୋରି କରିବା ଅଭିଯୋଗରେ ଜୟପୁର ଟାଉନଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ସ୍ଥାନୀୟ ବାପୁଜୀ ନଗରର ଶୁଭମ ପାଢ଼ୀ ଓରଫ ପଦ୍ମନ। ଗତଦୁଇ ଦିନ ତଳେ ଜୟପୁର ସହରର ପ୍ରାୟ ଏକଶହରୁ ଉର୍ଦ୍ଧ୍ୱ ପାଣି ମିଟର ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଟାଉନ ପୁଲିସ ଏକ ମାମଲା ରୁଜୁ କରିବା ପରେ ତଦନ୍ତ ଆରମ୍ଭ କରିଥିଲା। ଏସଆଇ ରାଜେନ୍ଦ୍ର ପାଙ୍ଗି ଅଭିଯୁକ୍ତକୁ ଗିରଫ କରିବା ସହ ତାଙ୍କ ନିକଟରୁ ଚୋରି ହୋଇଥିବା ୨୮ ଟି ମିଟର ଜବତ କରିଛନ୍ତି।

## ନବରଙ୍ଗପୁରର ମହିଳା ଉମୁରୀ ଗ୍ରାମରୁ ନିଖୋଜ

ଜୟପୁର, ୨୦।୯ (ସମିସ): ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଚଚା ଗ୍ରାମର ମହିଳା ଲଚିମଦେଇ ହାଲବା (୪୨) ନିଜ ଝିଅ ରଞ୍ଜିତା ହାଲବା ଏବଂ ତାଙ୍କ ଶାଶୁଙ୍କ ସହିତ ଜୟପୁର ସଦରଥାନା ଉମରୀ ଗ୍ରାମକୁ ବୁଲିବାକୁ ଆସିଥିବାବେଳେ ଗତ ବୁଧବାର ପୂର୍ବାହ୍ନରେ କେଉଁ ଆଡେ ଚାଲିଯାଇଥିବା ନେଇ ଝିଅ ରଞ୍ଜିତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପରିବାର ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଗତକାଲି ଥାନାରେ ଅଭିଯୋଗ କରାଯାଇଛି। ଏନେଇ ପୁଲିସ ପକ୍ଷରୁ ଏକ ନିରୁଦ୍ଦିଷ୍ଟ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ନେଇ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଦେଶୀମଦ ଚଲାଣ ଅଭିଯୋଗରେ ମହିଳାଙ୍କ ସମେତ ୩ ଗିରଫ

ଜୟପୁର, ୨୦।୯ (ସମିସ): ଦେଶୀମଦ ଚଲାଣ କରି ଅଭିଯୋଗରେ ଜୟପୁର ଅବକାରୀ ଥାନା ପକ୍ଷରୁ ଜଣେ ମହିଳାଙ୍କ ସମେତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଦାମାପୁଟ ଗ୍ରାମର ମହିଳା ମଣି ହରିଜନ (୩୩), ଗଡ଼ପଦର ଗ୍ରାମର ଜଗନ୍ନାଥ ଟାକ୍ରି (୫୧) ଏବଂ ସାଜନ ହରିଜନ (୨୧)। ଅବକାରୀ ଏସ୍‌ଆଇ ସୁବ୍ରତ କେଶରୀ ହିରନଙ୍କ ସୂଚନା ଅନୁଯାୟୀ ଗିରଫ ମହିଳା ଜଣକ ନିଜେ ମଦ ବିକ୍ରି କରିବା ସହ ଚାଲଣ କରୁଥିବା ବେଳେ ତାଙ୍କ ନିକଟରୁ ଏକ ୮ ଲିଟର ବୋଇନ ଦେଶୀ ମଦ ଜବତ କରାଯାଇଥିଲା। ଗଦପଦର ନିକଟସ୍ଥ ଡମଗୁଡାର ଅଭିଯୁକ୍ତ ଜଗନ୍ନାଥ ୧୫ ଲିଟର ବେଆଇନ ଦେଶୀମଦ ଚାଲାଣ କରୁଥିବା ଓ ଗଡ଼ପଦର ଅଭିଯୁକ୍ତ ସାଜନ ୧୭ ଲିଟର ବେଆଇନ ଦେଶୀମଦ ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ ଦଳ ଦ୍ୱାରା ଧରାପଡ଼ି ଗିରଫ ହୋଇଥିଲେ। ସମସ୍ତ ଅଭିଯୁକ୍ତମାନେ ଗାଡି ଚକା ଟ୍ୟୁବ ମାଧ୍ୟମରେ ଏହି ଦେଶୀ ମଦ ଚାଲାଣ କରୁଥିଲେ।

**ଅର୍ଦ୍ଧନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ର**

# ଆଶାକର୍ମୀଙ୍କ ଘର ବାରଣ୍ଡାରେ ଚାଲୁଛି ପାଠପଢ଼ା



ବୈପାରିଗୁଡ଼ା, ୨୦।୯ (ସମିସ): ୫ ବର୍ଷ ଧରି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ି ରହିଛି ଅଙ୍ଗନବାଡ଼ି କେନ୍ଦ୍ର। ଜଣେ ଆଶା କର୍ମୀଙ୍କ ଘର ବାରଣ୍ଡାରେ ପ୍ରାକ୍ ଶିକ୍ଷା ଗ୍ରହଣ କରୁଛନ୍ତି ଅଙ୍ଗନବାଡିର କୋମଳମତି ଶିଶୁ। ଦୀର୍ଘ ୫ ବର୍ଷ ତଳେ ବୈପାରିଗୁଡ଼ା ବ୍ଲକର କେନ୍ଦୁଗୁଡ଼ା ପଞ୍ଚାୟତର ବ୍ରାହ୍ମଣଗୁଡାଠାରେ ନୂତନ ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଥିଲା। ନୂତନ ଗୃହରେ ବର୍ଷା ଖରାକୁ ନଡରି ପିଲା ନିର୍ଭୟରେ ପ୍ରାକ୍ ଶିକ୍ଷା ଗ୍ରହଣ କରିବେ ବୋଲି ଆଶା କରିଥିଲେ ଅଭିଭାବକ। କିନ୍ତୁ ୫ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଅଙ୍ଗନବାଡ଼ି କର୍ମୀ ବାଧହୋଇ କୋମଳମତି ଶିଶୁମାନଙ୍କୁ ସେହି ଗ୍ରାମର ଜଣେ ଦୟାଳୁ ଆଶା କର୍ମୀଙ୍କ ଘର ବାରଣ୍ଡାରେ ଜାଗା ଖଣ୍ଡିକ ଦେଇଥିବାରୁ ପିଲା ସେଠାରେ ପ୍ରାକ୍ ଶିକ୍ଷା ଗ୍ରହଣ କରୁଛନ୍ତି। ବାରମ୍ବାର ଅଭିଯୋଗ ହେବାପରେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ ଅଙ୍ଗନବାଡି କେନ୍ଦ୍ର ଗୃହ। ଏ ସମ୍ପର୍କରେ ବୈପାରିଗୁଡ଼ା ସିଡ଼ିପିଓ ସବିତା ବ୍ରହ୍ମାଙ୍କୁ ପଚାରିବାରୁ, ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବିଡ଼ିଓଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଛି। ଏପରିକି ଲିଖିତ ଆକାରରେ ମଧ ଦିଆଯାଇଛି ବୋଲି ପ୍ରକାଶ କରିଥିଲେ। ସ୍ଥାନୀୟ ସରପଞ୍ଚ ଅଭିମନ୍ୟୁ ନାୟକଙ୍କ ସହ ଯୋଗାଯୋଗ କରିବାରୁ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନିର୍ମାଣ ବାବଦକୁ ବଳକା ଟଙ୍କା ରହିଛି ଓ ଯଥାଶୀଘ୍ର ସମ୍ପୂର୍ଣ୍ଣ କରାଯିବ ବୋଲି କହିଥିଲେ।

# ଚୋରି ମାମଲାରେ ୩ ଜଣଙ୍କୁ ୩ ବର୍ଷ ଜେଲ୍

ରାୟଗଡ଼ା, ୨୦।୯ (ସମିସ): ରାୟଗଡ଼ ଏସ୍‌ଡିଜେଏମ୍ ଏକ ବାଇକ ଚୋରି ମାମଲାର ବିଚାର କରି ୩ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ କାରାଦଣ୍ଡ ସହ ୧୦ ହଜାର ଜୋରିମାନା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ସ୍ଥଳେ ଅତିରିକ୍ତ ୬ ମାସ କାରାଦଣ୍ଡ ନିମନ୍ତେ ରାୟରେ ଉଲ୍ଲେଖ କରିଛନ୍ତି। ଚଳିତ ବର୍ଷ ଏପ୍ରିଲ ୩ ତାରିଖରେ ଚାନ୍ଦିଲି ଥାନା ଅନ୍ତର୍ଗତ ତାମ୍ପରଗୁଡ଼ା ଗ୍ରାମରୁ ବାଳକୃଷ୍ଣ ଦଳପତିଙ୍କ ମୋଟର ସାଇକେଲ ଚୋରି ଘଟଣାକୁ ନେଇ ଏକ ମାମଲା ରୁଜୁ ହୋଇଥିଲା। ଏହାକୁ ଭିତ୍ତି କରି ଚାନ୍ଦିଲି ଥାନା କେସ ନଂ ୯୭/୨୫, ଦଫା ୩୦୩(୨)ରେ ମାମଲା ରୁଜୁ କରି ଏସଆଇ ଆଶୁତୋଷ ସାହୁଙ୍କୁ ତଦନ୍ତ ଭାର ଦିଆଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ୩ ଅଭିଯୁକ୍ତ ଅରଜୁ ପିଡିକା, ସହଦେବ ମାଣ୍ଡାଙ୍ଗି, ବିଜୟ ମାଣ୍ଡିଆ ସାହୁଙ୍କ ପାଖରୁ ଗାଡି ଜବତ କରିବା ସହ କୋର୍ଟଚାଲାଣ କରିଥିଲେ। ଏହି କେସରେ ମୋଟ ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରାଯାଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ମାମଲାକୁ ସରକାରୀ ଓକିଲ ସଚ୍ଚିଦାନନ୍ଦ ଖାଡଙ୍ଗା ପରିଚାଳନା କରୁଥିଲେ।

**● ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ**

# ଦାମ କନ୍ଦପାଣି ସଭାପତି, ଦିଲ୍ଲୀପ ଟାକ୍ରି ସମ୍ପାଦକ



କୋରାପୁଟ, ୨୦।୯ (ସମିସ): ସ୍ଥାନୀୟ ଦକ୍ଷତା ବିକାଶ କେନ୍ଦ୍ର ସମ୍ମିଳନୀ କକ୍ଷରେ ଶନିବାର କୋରାପୁଟ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଛି। ସଭାପତି ପାଇଁ ତ୍ରିନାଥ ହରିଜନ ଏବଂ ଦାମ କନ୍ଦପାଣିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିବାବେଳେ ଦାମ କନ୍ଦପାଣି ୪୦ ଖଣ୍ଡ ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଦିଲ୍ଲୀପ ଟାକ୍ରି ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାବେଳେ କୋଷାଧ୍ୟକ୍ଷ ଭାବେ ଲକ୍ଷ୍ମଣ ସଗର ନିର୍ବାଚିତ ହୋଇଛନ୍ତି। ରାଜ୍ୟ ସଭାପତି ଧୀରେନ୍ଦ୍ର ପଟ୍ଟନାୟକଙ୍କ ଉପସ୍ଥିତିରେ ବରିଷ୍ଠ ଶିକ୍ଷକ ରମେଶ ସାହୁ, ସୁରେନ୍ଦ୍ର କୁଳଦୀପ, ରାଜେନ୍ଦ୍ର ସାହୁ ଏବଂ ଗୋକୁଳି ପ୍ରଧାନ ନିର୍ବାଚନ ପରିଚାଳନା କରିଥିବାବେଳେ ବିଜୟ ମାଝି, ଏମ୍ ସୁରେଶ କୁମାର, ମଧୁ ସୁଦନ ଖେମୁଣ୍ଡୁ, ପ୍ରଭାତ କାଟିଆ, ସୁନୀଲ ଟାକ୍ରି, ଦେବେନ୍ଦ୍ର ଟାକ୍ରି, ରାମ ପଟ୍ଟନାୟକ ପ୍ରମୁଖ ସହାୟତା କରିଥିଲେ।

# ମହାବିଦ୍ୟାଳୟରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

ସେମିଳିଗୁଡ଼ା, ୨୦।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ମହାବିଦ୍ୟାଳୟ ସ୍ୱାବଲମ୍ବୀ ଭାରତ ଅଭିଯାନ ଅନ୍ତର୍ଗତ ମହାବିଦ୍ୟାଳୟ ପ୍ରାଙ୍ଗଣରେ 'ଉଦ୍ୟମିତା ପ୍ରୋତ୍ସାହନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ସ୍ୱଦେଶୀ ଯୁବ ପ୍ରମୁଖ ତନ୍ମୟ ପ୍ରଧାନ ଏବଂ ନଗର ସହ ସଂଯୋଜକ ପ୍ରଦୀପ୍ତ ବାରିକ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଝାନ୍ସୀ ସିଂହ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବର୍ତ୍ତମାନର ଯୁବପିଢ଼ି ଚାକିରୀ ଖୋଜିବା ପରିବର୍ତ୍ତେ ଚାକିରୀ ଦେବା ଆଡ଼କୁ ଧ୍ୟାନ ଦିଅନ୍ତୁ ବୋଲି ଶ୍ରୀ ପ୍ରଧାନ କହିଥିଲେ। ଶ୍ରୀ ବାରିକ ଯୁବମାନେ ନିଜ ମାଟି, ନିଜ ସମ୍ପଦ ଓ ନିଜ ପାରମ୍ପରିକ ଜ୍ଞାନକୁ ପୁନରୁଦ୍ଧାର କରି ଏକ ସମୃଦ୍ଧ ଭାରତ ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷା ଝାନ୍ସୀ ସିଂହ ବର୍ତ୍ତମାନର ପ୍ରତିଯୋଗିତାମୂଳକ ଯୁଗରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷିତ ହେବାସହ ସ୍ୱାବଲମ୍ବୀ ହେବାପାଇଁ ପ୍ରେରିତ କରାଯିବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶୁଭ୍ରାଂଶୁ ସୁନ୍ଦର ଦାସ, ଦେବରାଜ ନାୟକ, ଶିବାଶିଷ ପଟନାୟକ, ରତ୍ନମଣି କହ୍ନର, ଦିଗେଶ୍ୱରୀ ଶିଖା, ଲକ୍ଷ୍ମୀପ୍ରିୟା ଖରା, ରୋନାଲି ନାୟକ, ଆମିଶା ପାଢ଼ୀ ଓ ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




# ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

କୋରାପୁଟ, ୨୦।୯ (ସମିସ): ପିଏମ୍ ଶ୍ରୀ କୋରାପୁଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। କ୍ୱାଣ୍ଟମ ଯୁଗ ଆରମ୍ଭ, ସମ୍ଭାବ୍ୟତ ଓ ଆହ୍ୱାନ ବିଷୟବସ୍ତୁ ଉପରେ ଅନୁଷ୍ଠିତ ବିଜ୍ଞାନ ଆଲୋଚନା ଚକ୍ରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୩ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। କୋଟପାଡ଼ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ବନ୍ଦନା ପ୍ରିୟଦର୍ଶିନୀ ରଥ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଲମତାପୁଟ ବ୍ଲକର ଅଙ୍କିତ ରାଜ ବାଙ୍କିଆ ଦ୍ୱିତୀୟ ଏବଂ ବନ୍ଧୁଗାଁ ବ୍ଲକର ରୋସନ ପଣ୍ଡିତ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ବିଚାରକ ଭାବେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀପ୍ରିୟା ଶ୍ରୀଚନ୍ଦନ ଓ ଅଜୟ କୁମାର ବେହେରା ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅନନ୍ତ କୁମାର ଦଳପତି, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସଙ୍ଗୀତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# 'ବିକଶିତ ଭାରତ ଗଠନ ପାଇଁ ଜିଏସ୍‌ଟି ସଂସ୍କାର ଏକ ଯୁଗାନ୍ତକାରୀ ପଦକ୍ଷେପ'

ଉମରକୋଟ, ୨୦।୯ (ସମିସ): ନବରଙ୍ଗପୁର ଜିଲ୍ଲା ବିଜେପି ପକ୍ଷରୁ ଉମରକୋଟଠାରେ ଆଜି ଜିଏସଟି ସଂସ୍କାର ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସାଂସଦ ବଳଭଦ୍ର ମାଝୀ କେନ୍ଦ୍ର ସରକାରଙ୍କ ଜିଏସ୍‌ଟି ସଂସ୍କାର ସମ୍ପର୍କରେ ଅବଗତ କରାଇଥିଲେ। ପୁରୁଣା ଜିଏସଟି ହାର ୫ ପ୍ରତିଶତରୁ ୨୮ ପ୍ରତିଶତ ଥିବା ବେଳେ ବର୍ତ୍ତମାନ ଏହା ଶୂନ ପ୍ରତିଶତରୁ ୧୮ ପ୍ରତିଶତ କରାଯାଇଛି। କରଦାତାଙ୍କ ସଂଖ୍ୟା ୧ କୋଟି ୯୧ ଲକ୍ଷରେ ପହଞ୍ଚିଛି। ବିକଶିତ ଭାରତ ଗଠନ ପାଇଁ ଏହି ଜିଏଟି ସଂସ୍କାର ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ସାଂସଦ ଶ୍ରୀ ମାଝୀ ମତବ୍ୟକ୍ତ କରିଥିଲେ। ଘରକାରଣା ସାମଗ୍ରୀ, କସମେଟିକ, ଫୁଟୱେର, ଖାଦ୍ୟ ସାମଗ୍ରୀ, ବିଶେଷତଃ କୃଷିକ୍ଷେତ୍ର ପାଇଁ ଆବଶ୍ୟକ ସାମଗ୍ରୀ ଗୁଡିକରେ ଜିଏସଟି ସଂସ୍କାର ନିମ୍ନ ମଧ୍ୟବିତ୍ତ ବର୍ଗ ପାଇଁ ସହାୟକ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେପି ସଭାପତି କୁଞ୍ଜ ବିହାରୀ ଦାସ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ ଉପସ୍ଥିତ ଥିଲେ।



# ଦଶହରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ; ଫାଇନାଲରେ ଉମରି ଦଳ

ନବରଙ୍ଗପୁର, ୨୦।୯ (ସମିସ)



ନବରଙ୍ଗପୁର ଟାଉନ ଫୁଟବଲ୍ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ କଲେଜ ଫୁଟବଲ୍ ପଡ଼ିଆରେ ଦଶହରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ, ଉପସଭାପତି ତରିକ ହସନ୍ ଖାନ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ରାଜ୍ୟ ଓକିଲ ସଂଘର ଉପସଭାପତି ନରସିଂହ ନାଥ ତ୍ରିପାଠୀ, ବୈଷ୍ୟ ସମାଜର ସଭାପତି ପି. ଭେଙ୍କଟ, ସମ୍ପାଦକ ଏନ୍. ଈଶ୍ୱର ରାଓ, ବାରିକ ସଂଘର ସଭାପତି ଏନ୍. ଗଣେଶ, ପରିବର୍ତ୍ତନ ଫାଉଣ୍ଡେସନର ସଭାପତି ନିନିବାବୁ ତ୍ରିପାଠୀ, ପ୍ରାକ୍ତନ ଫୁଟବଲ୍ ଖେଳାଳୀ ଶିବ ଶଙ୍କର ଗନ୍ତାୟତ, ସମାଜସେବୀ କୁମୁଦ ନାୟକ ପ୍ରମୁଖ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଏକ ସଂଘର୍ଷ ପୂର୍ଣ୍ଣ ସେମିଫାଇନାଲ ମ୍ୟାଚରେ କୋରାପୁଟ ଜିଲ୍ଲାର ଉମରି ଦଳ ନବରଙ୍ଗପୁର କଲେଜ ଦଳକୁ ୧-୦ ଗୋଲରେ ପରାସ୍ତ କରି ଦଶହରା କପ୍ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସୂଚନାଯୋଗ୍ୟ, ଏହି ଟୁର୍ଣ୍ଣାମେଣ୍ଟରେ ଅବିଭକ୍ତ କୋରାପୁଟ ଜିଲ୍ଲାର ମୋଟ ୧୬ ଗୋଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଆଗାମୀ ୨୨ ତାରିଖ ସୋମବାର ଦିନ ପ୍ରଥମ ଥର ପାଇଁ ରାତ୍ରରେ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଅଶୋକ ପାତ୍ର କହିଛନ୍ତି। ଆଜିର ମ୍ୟାଚରେ ରେଫେରୀ ଭାବରେ ସଞ୍ଜୟ ଜେନା, ଲାଇନ୍ ରେଫେରି ଭାବରେ ବାବୁଲି ଖୋସଲା, ରଇଲା ଉତରା ପ୍ରମୁଖ ପରିଚାଳନା କରିଥିଲେ।

# ଐତିହାସିକ ପୋଡ଼ାଗଡ଼ରେ ପ୍ରାକ୍ ଦଶହରା

ଉମରକୋଟ, ୨୦।୯ (ସମିସ): ଉମରକୋଟ ବ୍ଲକ ଭଣ୍ଡାରିଗୁଡ଼ା ଗ୍ରାମପଞ୍ଚାୟତର ଐତିହାସିକ ପୀଠ ପୋଡ଼ାଗଡ଼ରେ ପାରମ୍ପରିକ ପ୍ରାକ୍ ଦଶହରା ଉତ୍ସବ ପାଳିତ ହୋଇଯାଇଛି। ପଞ୍ଚମ ଶତାବ୍ଦୀର ନଳ ରାଜାଙ୍କ ଶାସନ କାଳରୁ ତାଙ୍କ ଇଷ୍ଟଦେବୀ ଗାଦିମା, ବୀର ନାରାୟଣୀ ଗୁଣ୍ଡୁରୁ, ଭୈରବ ମଣ୍ଡଳ, ଭୀମା ଜଟିଆ ରାଓ, ଚୁଟକି ମାଉଲି, ବୁଟକି ମାଉଲି ମନ୍ଦିରରେ ୯୩ ମୌଜାର ରଇତ ପୂଜାରୀ ଯୋଗଦେଇଅସୁଥିବାବେଳେ ମୁଖ୍ୟ ପୂଜକ କୃଷ୍ଣ ପୂଜାରୀ ଓ ବିଂଝାଲ ପୂଜାରୀ ସମେତ ପାର୍ଗଣିଆମାଝୀ, ମହେନ୍ଦ୍ର ମାଝୀ, ପର୍ଗନିଆ ଗଣ୍ଡା, ବଳ ଗଣ୍ଡା, ପୋଡ଼ାଗଡ଼ ସେବାୟତ ଚାରିଟେବୁଲ ଟ୍ରଷ୍ଟର ସଭାପତି ଉଦ୍ଧବ ଚରଣ ନାୟକ ଓ ମୁଖ୍ୟ ଉପଦେଷ୍ଟା କୈଳାସ ଚନ୍ଦ୍ର ବେହେରା, ଦେବ ପୂଜାରୀ, ହରି ଶିରା, ଦମ୍ଭୁ ପୂଜାରୀ, ନରସିଂହ ପୂଜାରୀ, ସରାଗୁଡ଼ାର ଅନ୍ତରାମ ପୂଜାରୀ, ତୋରେଙ୍ଗା ଦେବରାଜ ପୂଜାରୀ, ମାଲବେଢ଼ାର ଦଶା ପୂଜାରୀ, ସିଂସାରିର ବାଲଚାନ୍ଦ ପୂଜାରୀ, କର୍ଲବେଡ଼ାର ଦେବ ପୂଜାରୀ, ପଦମ ଶିରା, ମେଣ୍ଡ୍ରିଗୁଡ଼ାର ବନ୍ଧୁ ପୂଜାରୀ, ରାଜପୁରର ସଭା ପୂଜାରୀ, ପୋଡ଼ାଗଡ଼ର ନାରାୟଣ ପୂଜାରୀ, ଲକ୍ଷ୍ମଣ ପୂଜାରୀ ଓ ପୂର୍ଣ୍ଣ ପୂଜାରୀ, ତୋରେଙ୍ଗାର ଲଛମନ ପୂଜାରୀ ଓ ମୀନ ଶିରା, ଛୋଟାଗୁଡ଼ାର ପଦନ ଶିରା, କୁସା ହାଣ୍ଡ, ବସ୍ତର ଜିଲ୍ଲାର ତରୁଣ ଶିରା, ମାଲବେଢ଼ା ସୁଦର ଶିରା, ଗୁରୁବନ୍ଧୁ ଶିରା, ପୋଡ଼ାଗଡ଼ର ଜଲ ଶିରା, ତେଲଗାଁର ଲଛନ ଶିରା, ନେହୁରାର ରାମ ଶିରା, ସିଲାଟିର ହରି ପୂଜାରୀ, ତୋରେଙ୍ଗାର ଡମ୍ବରୁ ଶିରା, ଲଛମା ଶିରା, ମୋକିଆର ଅନନ୍ତ ଶିରା, ଦୁର୍ଯ୍ୟୋଧନ ଶିରା, ଦୁରାଗାଁ କଳିବେଡ଼ାର ଲଛିମଧର ପୂଜାରୀ, ଲାଇବନ ଗୌଡ଼, ଗୁରୁବାନ୍ଧୁ ଦୋଲା ଓ ରଘୁନାଥ ମୁଖିଆ ମୁଣ୍ଡିଗୁଡ଼ାର ରାମ ପୂଜାରୀ, ଅଲମାଗୁଡ଼ାର ନରେନ୍ଦ୍ର ପୂଜାରୀ ଆଜିର ପୂଜାରେ ଯୋଗଦେଇଥିଲେ।



## ୨୪ରୁ ନୀଳକଣ୍ଠ ସ୍ମାରକୀ ଗୁରୁଜଙ୍ଗ କପ୍ କ୍ରିକେଟ

ଖୋର୍ଦ୍ଧା,୨୦।୯(ସମିସ): ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ଗୁରୁଜଙ୍ଗ ଖେଳପଡ଼ିଆରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ନୀଳକଣ୍ଠ ସ୍ମାରକୀ ଗୁରୁଜଙ୍ଗ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏହି କର୍କ ବଲ୍ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଉଥିବାବେଳେ ଏହା ଆସନ୍ତା ୨୬ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। କିନ୍ତୁ ଗତ ୨୪ ଓ ୨୫ ତାରିଖରେ ଏକ ମିନି ଆଧାର ଟୁର୍ଣ୍ଣାମେଣ୍ଟ ହେବ ବୋଲି ଆୟୋଜକମାନେ ଜଣାଇଛନ୍ତି। ୨୬ ତାରିଖରେ ପ୍ରଥମ ମ୍ୟାଚ୍‌ରେ ଗଙ୍ଗାପଡ଼ା ବନାମ ପାନବରଜ, ଦ୍ୱିତୀୟ ମ୍ୟାଚ୍ ଅଠାରଙ୍ଗ ବନାମ ପଙ୍ଗାରସିଙ୍ଗ, ୨୭ରେ ପ୍ରଥମ ମ୍ୟାଚ୍ ତମାଣ୍ଡୋ ବନାମ ମେଣ୍ଢାଶାଳ, ଦ୍ୱିତୀୟ ମ୍ୟାଚ୍ ଭଳିଆବାଡ଼ି ବନାମ ସୁଆଙ୍ଗ, ୨୮ରେ ପ୍ରଥମ ମ୍ୟାଚ୍ ଅରିସଲ ବନାମ କଲ୍ୟାଣପୁର, ଦ୍ୱିତୀୟ ମ୍ୟାଚ୍ କୁମାରବସ୍ତ ବନାମ ପଳାସପୁର, ୨୯ରେ ପ୍ରଥମ ମ୍ୟାଚ୍ ଯାଆଁଳା ବନାମ ଭଗବାନପୁର, ଦ୍ୱିତୀୟ ମ୍ୟାଚ୍ ଗୁରୁଜଙ୍ଗ ବନାମ ଗୁଡୁମ ମଧ୍ୟରେ ଅନୁଷ୍ଠିତ ହେବ। ୩୦ରେ ପ୍ରଥମ କ୍ୱାର୍ଟର ଓ ଦ୍ୱିତୀୟ କ୍ୱାର୍ଟର, ଅକ୍ଟୋବର ୧ରେ ତୃତୀୟ ଏବଂ ଚତୁର୍ଥ କ୍ୱାର୍ଟର ଫାଇନାଲ ହେବ। ଅକ୍ଟୋବର ୨ରେ ପ୍ରଥମ ସେମି ଓ ଦ୍ୱିତୀୟ ସେମି ଫାଇନାଲ ଅନୁଷ୍ଠିତ ହେବ। ଅକ୍ଟୋବର ୪ରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଗୁରୁଜଙ୍ଗ ଆସୋସିଏସନର କର୍ମକର୍ତ୍ତା ଜଣାଇଛନ୍ତି। ସବୁ ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ଏବଂ ଫାଇନାଲ୍‌ରେ ବହୁ ଆକର୍ଷଣୀୟ ପୁରସ୍କାର ଦିଆଯିବା ସହ ଏକ ପ୍ରଦର୍ଶନୀ ମ୍ୟାଚ୍‌ର ଆୟୋଜନ ହେବାର ସୂଚନା ମିଳିଛି।

## ନାଚୁଣୀରେ ପାଦୁକା ଯାତ୍ରା ପାଇଁ ପ୍ରସ୍ତୁତି

ଚିଲିକା,୨୦।୯(ସମିସ): ପ୍ରଶାନ୍ତି ନିଳୟମ୍‌ରୁ ଆସି ସମଗ୍ର ଓଡ଼ିଶାରେ ପରିକ୍ରମା କରୁଥିବା ଶ୍ରୀସତ୍ୟସାଇ ବାବାଙ୍କ ପାଦୁକା ରଥଯାତ୍ରା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ସମୟରେ ଆସନ୍ତା ନଭେମ୍ବର ୨ ତାରିଖରେ ଖୋର୍ଦ୍ଧା ଜିଲ୍ଲାରେ ପ୍ରବେଶ କରିବ। ଉକ୍ତ ରଥ ଖୋର୍ଦ୍ଧା, ଜଟଣୀ ଓ ରାଜସୁନାଖଳା ଅଧୀନରେ ଥିବା ଗ୍ରାମ ପରିକ୍ରମା କରିବା ପରେ ଡିସେମ୍ବର ୧ରେ ବାଣପୁର ସମିତିକୁ ନାଚୁଣୀଠାରେ ହସ୍ତାନ୍ତର କରିବେ ରାଜସୁନାଖଳା ସମିତି। ସେହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ନାଚୁଣୀସ୍ଥ ଶ୍ରୀସତ୍ୟସାଇ ସମିତି ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା ସଭାପତି ବ୍ରଜ ସୁନ୍ଦର ମିଶ୍ର, ବାଣପୁର ସମିତି ଆବାହକ ବିଭୂତିଭୂଷଣ ଘଡ଼େଇ, ଜିଲ୍ଲା ଯୁବ ସଂଯୋଜକ ସଂଗ୍ରାମ କେଶରୀ ସେଠୀ ଓ ଏସ୍‌ଆର୍‌ପି ସଂଯୋଜକ ଶୁଭ୍ରାଂଶୁ ସେନାପତି ପ୍ରମୁଖ ଯୋଗଦେଇ ୧ ତାରିଖ ଦିନ ପାଦୁକା ରଥକୁ ସ୍ୱାଗତ କରିବାଠାରୁ ଆରମ୍ଭ କରି ରଥକୁ ବିଭିନ୍ନ ଗ୍ରାମକୁ ନିଆଯିବା ସହ ଜନସାଧାରଣ କିପରି ସୁବିଧାରେ ପାଦସ୍ପର୍ଶ ପାଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ପାଦୁକା ଯାତ୍ରାର ମୁଖ୍ୟ ଭାବେ ପୂର୍ବତନ କନ୍‌ଭେନର୍ ଶରତ ଚନ୍ଦ୍ର ପାତ୍ରଙ୍କୁ ଚୟନ କରାଯାଇଛି। ଉକ୍ତ ଆଲୋଚନାରେ ନାଚୁଣୀ ଭଜନ ମଣ୍ଡଳୀ କନ୍‌ଭେନର୍ ଦିଲ୍ଲୀପ ଶତପଥୀ, ସତ୍ୟନାରାୟଣ ମିଶ୍ର, ଭବେନ୍ଦୁ ମହାପାତ୍ର, ସୁରଥ ପାତ୍ର, ନଟବର ସେଣ, ସୀତାରାଣୀ ପାତ୍ର, ସବିତା ଦଳେଇ, କାନନ ଦାସ, ସତ୍ୟଭାମା ଖୁଣ୍ଟିଆ, ଉର୍ମିଳା ମହାପାତ୍ର ଓ ସବିତା ପଲେଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ୨୮ରେ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା

ବେଗୁନିଆ,୨୦।୯(ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମସ୍ଥିତ ଦୁର୍ଗା ପୂଜା କମିଟି ପକ୍ଷରୁ ଗ୍ରାମବାସୀଙ୍କ ସହଯୋଗରେ ୭୪ ବର୍ଷରୁ ଊର୍ଦ୍ଧ୍ୱ ଧରି ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ପ୍ରତିଯୋଗିତା ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ରେ ଉଦ୍‌ଯାପିତ ହେବ। ଏଥିରେ ଭୁବନେଶ୍ୱର ଘାଟିକିଆ ବାବା ନୀଳକଣ୍ଠେଶ୍ୱର ନାଟ୍ୟ ସଂସ୍ଥାର ନାଟକ 'କିଏ ପୋଛିଦେବ ଆଖିର ଲୁହ', କୁଞ୍ଜୁରୀ ଶ୍ରୀଲୋକନାଥ ଦେବ ସାଂସ୍କୃତିକ ଅନୁଷ୍ଠାନ ନାଟକ "ହା କୃଷ୍ଣ ବୋଲି ଯାଉ ଜୀବ', ପତନିବର ମା' ବାଉତି ଯୁବ ନାଟ୍ୟ ସଂସଦର ନାଟକ "ସ୍ୱାମୀ ପାଇଁ ପଛେ ନର୍କକୁ ଯିବି', ଭୁବନେଶ୍ୱର ରୂପାନ୍ତର ନାଟ୍ୟାନୁଷ୍ଠାନ "ବିଧାତାର ଖେଳ' ଓ ହର-ପାର୍ବତୀ ନାଟ୍ୟ ସଂସଦ ପକ୍ଷରୁ "ବାବୁ ମୁଠେ ଭିକ ଦିଅ' ନାଟକ ପରିବେଷଣ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

### ସାର ଅଭାବରୁ ଚାଷୀ ହନ୍ତସନ୍ତ; ରାତି ୩ରୁ ଲମ୍ବା ଧାଡ଼ି

# ୧ ହଜାର ଚାଷୀଙ୍କୁ ମାତ୍ର ୨୨୨ ବସ୍ତା ସାର

ବାଣପୁର/ଗମ୍ଭାରୀମୁଣ୍ଡା,୨୦।୯(ସମିସ)



ଖୋର୍ଦ୍ଧା ଜିଲ୍ଲାର ଚିଲିକା ଓ ବାଣପୁର ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ସାରର ବ୍ୟାପକ ଅଭାବ ଯୋଗୁଁ ଦୀର୍ଘ ଦିନ ଧରି ଚାଷୀ ୟୁରିଆ ସାର ନ ପାଇ ହନ୍ତସନ୍ତ ହେଉଛନ୍ତି। ବାଣପୁର ବ୍ଲକ୍ ଅଧୀନ ୧୩ଟି ସମବାୟ ସମିତି ଥିଲେ ମଧ୍ୟ ଚାଷୀଙ୍କୁ ଆବଶ୍ୟକ ପରିମାଣର ସାର ଯୋଗାଇଦେବାରେ ବିଫଳ ହୋଇଛନ୍ତି। ବର୍ତ୍ତମାନ ଧାନରୁଆ ଶେଷ ହେବା ପରେ ସାରର ନିତାନ୍ତ ଆବଶ୍ୟକ ଥିବାବେଳେ ସାର ପକାଇବା ପାଇଁ ସମବାୟ ସମିତିଠାରୁ ଆରମ୍ଭ କରି ବଜାରରେ ମଧ୍ୟ ସାର ପାଇଁ ଦୌଡ଼ି ଦୌଡ଼ି ହଇରାଣ ହରକତ ହେଉଛନ୍ତି ଚାଷୀ। ଅଞ୍ଚଳରେ ସାର ଅଭାବ ଦେଖାଦେଇଥିବାରୁ ଏହାର ସୁଯୋଗ ନେଇ ବିଭିନ୍ନ ସମବାୟ ସମିତି ଓ ଡିଲର ଧାର୍ଯ୍ୟ ମୂଲ୍ୟଠାରୁ ଦୁଇଗୁଣା ଚଢ଼ା ଦରରେ ସାର ବିକୁଥିବା ସହ ବାହାରେ ୮ଶହ ଟଙ୍କାରେ ସାର କଳାବଜାରୀ ହୋଇ ବିକ୍ରି ହେଉଥିବା ଚାଷୀ ଅଭିଯୋଗ କରୁଥିବାବେଳେ ତଥାପି ୟୁରିଆ ସାର ଠିକ୍ ଭାବେ ପାଇପାରୁନାହାଁନ୍ତି ଚାଷୀ। ଆଉ କିଛିଦିନ ପରେ ଧାନ ଥୋଡ଼ ଦେବାକୁ ବସିଥିବାବେଳେ ସାର ଅଭାବ ଚାଷୀ କୂଳର ଅଣ୍ଟା ଭାଙ୍ଗି ପକାଇଛି। ଏପରିସ୍ଥଳେ ଗତ ୧୩ ତାରିଖରେ ୟୁରିଆ ସାର ପାଇଁ ବଡ଼ ହନୁଆଡ଼ ସମବାୟ ସମିତି ସମ୍ମୁଖରେ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ଚାଷୀ ରାତି ଉଜାଗର ରହି ବର୍ଷାରେ ଭିଜି ସାର କିଣିବା ପାଇଁ ଅପେକ୍ଷା କରି ହନ୍ତସନ୍ତ ହୋଇଥିବାବେଳେ ମାତ୍ର ୨୨୦ ବସ୍ତା ସାର ଆସିଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସେହିପରି ଶନିବାର ଦେଓଗାଁ ସମବାୟ ସମିତିରୁ ସାର ନେବା ପାଇଁ ୫ଶହରୁ ଊର୍ଦ୍ଧ୍ୱ ଚାଷୀ ଆଧାରକାର୍ଡଗୁଡ଼ିକୁ ଧାଡ଼ିରେ ରଖି ରାତି ୩ଟାରୁ ଧାଡ଼ିରେ ଉଜାଗର ରହି ଦିନ ୧୨ଟା ପର୍ଯ୍ୟନ୍ତ ଖରାରେ ଛଟପଟ ହୋଇ ହୋ-ହଲ୍ଲା କରୁଥିବା ଦେଖିବାକୁ ମିଳିଥିଲା। ୫ଶହରୁ ଊର୍ଦ୍ଧ୍ୱ ଚାଷୀ ସାର ପାଇଁ ସମବାୟ ସମିତି ନିକଟରେ ରାତିସାରା ଉଜାଗର ରହି ଅପରାହ୍ନ ୩ଟା ପର୍ଯ୍ୟନ୍ତ ଛିଡ଼ା ହୋଇ ଶେଷରେ ସାର ନ ପାଇ ନିରାଶ ହୋଇ ଫେରି ଅସନ୍ତୋଷବ୍ୟକ୍ତ କରିଛନ୍ତି।

ଉକ୍ତ ଦେଉଗାଁ ସେବା ସମବାୟ ସମିତିରେ ସାର ଦେବା ନିମନ୍ତେ କେତେକ ଚାଷୀଙ୍କଠାରୁ ୫୩୦ ଟଙ୍କା ହିସାବରେ ରଖୁଥିବା ନେଇ ଚାଷୀ ଅଭିଯୋଗ କରିବା ସହ ଏହାକୁ ନେଇ ତୀବ୍ର ଉତ୍ତେଜନା ଦେଖାଦେବାରେ ତଥା ଚାଷୀଙ୍କ ଅସନ୍ତୋଷ ଫଳରେ ସାର ବିକ୍ରୟ ଅଧାରୁ ବନ୍ଦ ରହିଥିଲା। ଅନ୍ୟପକ୍ଷେ ସମବାୟ ସମିତିକୁ ମାତ୍ର ୨୨୨ ବସ୍ତା ୟୁରିଆ ସାର ବଣ୍ଟନ ପାଇଁ ଆସିଥିବାବେଳେ ୫ଶହରୁ ଊର୍ଦ୍ଧ୍ୱ ଚାଷୀ ସାର ନେବା ପାଇଁ ସମବାୟ ସମିତି ସମ୍ମୁଖରେ ଭିଡ଼ ଜମାଇଥିଲେ। ହଜାରେରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ମାତ୍ର ୨୨୨ ବସ୍ତା ସାର ବଣ୍ଟନ କରିବା ସମ୍ଭବପର ନ ହେବାରୁ ସମିତି କର୍ତ୍ତୃପକ୍ଷ ଆଇନଶୃଙ୍ଖଳାକୁ ଦୃହାଇ ଦେଇ ସାର ବିକ୍ରୟ ବନ୍ଦ କରିଦେବାରୁ ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା ବୋଲି ସମବାୟ ସମିତିର ସଭାପତି ସୁକାନ୍ତ କୁମାର ବିଶୋଇ କହିଛନ୍ତି। ବର୍ତ୍ତମାନ ଡବଲ ଇଞ୍ଜିନ ବିଜେପି ସରକାର ଚାଷୀଙ୍କୁ ସଠିକ୍ ଭାବେ ସାର ଯୋଗାଇପାରୁ ନ ଥିବାବେଳେ ଦୁଇଗୁଣା ଦରରେ ଚାଷୀ ସାର କିଣି ତଥା ସାର ନ ପାଇ ଡବଲ୍ ହନ୍ତସନ୍ତ ହେଉଛନ୍ତି ଚାଷୀ। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଦୃଢ଼ ଦାବି କରିଛନ୍ତି।

### ● ସମିତି କର୍ମଚାରୀଙ୍କ ବ୍ୟବହାରରେ ଅତିଷ୍ଠ ଚାଷୀ

## ହାତଗୁଞ୍ଜା ନ ଦେଲେ ମିଳୁନି ସାର

ଟାଙ୍ଗୀ,୨୦।୯(ସମିସ): ଗୁରୁବାର ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ସୁନ୍ଦରପୁର କୃଷି ସେବା ସମବାୟ ସମିତିରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ଚାଷୀ ସଂଯୁକ୍ତା ସାମନ୍ତରାୟ, ଶତଧନୁ ସାହୁ ଓ ପବିତ୍ର ଦଳାଇ ପ୍ରମୁଖ ଦିନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସାର ପାଇଁ ସେବା ସମବାୟ ସମିତି ପରିସରରେ ଧାଡ଼ିରେ ଠିଆ ହୋଇଥିଲେ ମଧ୍ୟ ସେମାନେ କର୍ମଚାରୀ ବାଙ୍କନିଧି ପ୍ରଧାନଙ୍କୁ ୨୦୦ ଟଙ୍କା ଲେଖାଏଁ ନ ଦେବାରୁ ସାର ଦିଆଗଲା ନାହିଁ। କିନ୍ତୁ ଅନ୍ୟମାନଙ୍କୁ ସାର ଦିଆଗଲା। ଚାଷୀମାନଙ୍କର ଫସଲ ପାଇଁ ସାରର ଜରୁରୀ ଆବଶ୍ୟକତା ଥିବାବେଳେ ହାତଗୁଞ୍ଜା ନ ଦେବାରୁ ସେମାନଙ୍କୁ ଏଥିରୁ ବଞ୍ଚିତ କରାଯାଇଥିବା ହେତୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଘଟଣା ସମ୍ପର୍କରେ ବାଙ୍କନିଧି ପ୍ରଧାନଙ୍କୁ ପଚାରିବାରେ ସେ ଏ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାକୁ ଦାବି ହେଉଛି। ସୂଚନାଯୋଗ୍ୟ, ଏବେ ପ୍ରକୃତ ଚାଷୀଙ୍କୁ ସାର ମିଳୁ ନ ଥିବାବେଳେ କଳାବଜାରରେ ଯାହାକୁ ଯେତେ। ଏଭଳି କୃତ୍ରିମ ଅଭାବ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି।

## କାଳରାତ୍ରୀ ବେଶରେ ମା' ବନଦୁର୍ଗା



ନିରାକାରପୁର,୨୦।୯(ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ ଶାରଦୀୟ ଷୋଳପୂଜାର ସପ୍ତମ ଦିବସରେ କାଳରାତ୍ରୀ ବେଶରେ ମା' ଦର୍ଶନ ଦେଇଛନ୍ତି। ସକାଳୁ ମା'ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା, ପରେ ମା'ଙ୍କର ସହସ୍ର କୁମ୍ଭାଭିଷେକ କରାଯାଇଛି। ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ଶ୍ରୀମହାପ୍ରସାଦ ମା'ଙ୍କୁ ସମର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି।

### ■ ପରମାନନ୍ଦ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଶିବିର

## 'ସେବା ଜୀବନର ମୂଳ ମନ୍ତ୍ର ହେବା ଉଚିତ୍'

ବୋଲଗଡ଼,୨୦।୯(ସମିସ): ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟରେ ପୂଜାକାଳୀନ ଜାତୀୟ ସେବା



ଯୋଜନାର ଏକ ସ୍ୱତନ୍ତ୍ର ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଶିବିର ଉଦ୍‌ଘାଟନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଦାଶ ପୌରୋହିତ୍ୟ କରିଥିବାବେଳେ ସେବା ଜୀବନର ମୂଳ ମନ୍ତ୍ର ହେବା ଦରକାର ବୋଲି ଶିବିରାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଯୋଜିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ଅଧ୍ୟାପିକା ରୁପାଲୀ ସାହୁଙ୍କ ସଂଯୋଜନାରେ ଆୟୋଜିତ ହୋଇଛି। ଏଥିରେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ରବୀନ୍ଦ୍ର କୁମାର ବେହେରା, ସହାୟିକା ସସ୍ମିତା ପରିଡ଼ା ଓ ଅବନ୍ତୀ ପଟ୍ଟନାୟକଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ ପୁଷ୍ପରାଜ ପ୍ରଧାନ, ରଙ୍କନାଥ ମହାରଣା, ଗାନ୍ଧୀ କୁମାର ସାହୁ, ଅକ୍ଷୟ ପ୍ରଧାନ, ଆଲୋକ ଦାଶ, ବୈଦ୍ୟନାଥ ହୋତା, ମାୟାଧର ବରାଡ଼, ଶ୍ରୀନିବାସ ଖଡ଼େଙ୍ଗା ପ୍ରମୁଖ ସହଯୋଗ କରିଥିଲେ। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ୩୦ ଜଣ ଶିବିରାର୍ଥୀ ଯୋଗଦେଇଥିଲେ।

## ବଢୁଛି କଂକ୍ରିଟ୍ ଜଙ୍ଗଲ, କମୁଛି ଚାଷଜମି



ନିରାକାରପୁର,୨୦।୯(ସମିସ): ଖୋର୍ଦ୍ଧା ଜିଲ୍ଲାର ଗାଁଠାରୁ ସହର ପର୍ଯ୍ୟନ୍ତ ଚାଷଜମିରେ ବାସୋପଯୋଗୀ ଗୃହ ନିର୍ମାଣ କରାଯାଉଥିବାରୁ ଚାଷଜମି ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଉଥିବାବେଳେ ଯୌଥ ପରିବାର ପୂର୍ବଭଳି ଆଉ ଦେଖିବାକୁ ମିଳୁନି। ଘରେ ପ୍ରତି ପରିବାର ଲାଗି ବାସଗୃହର ଆବଶ୍ୟକତା ଯୋଗୁଁ ଲୋକମାନେ ଚାଷଜମି ଉପରେ ବାସଗୃହ ନିର୍ମାଣ କରି ରହିବାକୁ ବାଧ୍ୟ ହେଉଛନ୍ତି। ଚାଷଜମି ହ୍ରାସ ପାଉଥିବା କାରଣରୁ ଆଗାମୀ ପିଢ଼ି ପାଇଁ ଖାଦ୍ୟ ସମସ୍ୟା ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକ୍‌ରେ ଏଭଳି ସମସ୍ୟା ଦେଖାଦେଇଛି। ଅପରପକ୍ଷରେ ଚାଷ ପ୍ରତି ମଧ୍ୟ ଲୋକଙ୍କ ଆଗ୍ରହ ଧୀରେ ଧୀରେ ହ୍ରାସ ପାଉଥିବାରୁ ଅନେକ ଜମି ପଡ଼ିଆ ପଡ଼ିରହୁଛି। ଏତଦ୍‌ବ୍ୟତୀତ ବର୍ଷାର ପରିମାଣ କମିଯାଉଥିବାରୁ ପୂର୍ବରୁ ଯେଉଁ ଢିପ ସ୍ଥାନରେ ଚାଷ ହେଉଥିଲା, ତାହା ଏବେ ପଡ଼ିଆ ପଡ଼ିବା କାରଣରୁ ଜମିଗୁଡ଼ିକର ଉର୍ବରତା ହ୍ରାସ ପାଉଛି। ପୂର୍ବର ଜମିଦାରମାନେ ଆଉ ହଳିଆ ଲଗାଇ ଚାଷ କରିବା ପାଇଁ ଆଗ୍ରହୀ ହେଉ ନ ଥିବାରୁ ଜମିଦାରଙ୍କ ଜମିକୁ ଭାଗଚାଷୀ ଚାଷ କରିବା ପାଇଁ ମଧ୍ୟ ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି। କେତେକାଂଶରେ ମଧ୍ୟ ଜମି ମାଫିଆମାନେ କମ୍ ଦରରେ ଜମି କିଣି ଏହାକୁ ପ୍ଲଟିଂ କରି ଅଧିକ ଦରରେ ବିକ୍ରି କରି ମାଲାମାଲ୍ ହେଉଛନ୍ତି। ରାଜସ୍ୱ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଧୀରେ ଧୀରେ ପରିସ୍ଥିତି ଅଣାୟତ ଆଡ଼କୁ ଗତିକରୁଛି। ଜମିର କିସମ ପରିବର୍ତ୍ତନ କରିବା ପାଇଁ ରାଜସ୍ୱ ଅଧିକାରୀମାନେ ଅସାଧୁ ଉପାୟରେ ଜମି ମାଫିଆଙ୍କଠାରୁ ହାତଗୁଞ୍ଜା ନେଇ ସେମାନଙ୍କୁ ସହଯୋଗ କରି କିସମ ପରିବର୍ତ୍ତନ କରିଦେଉଛନ୍ତି। ଏ ପରିସ୍ଥିତିକୁ କୌଣସିସ୍ତରରେ ଯାଞ୍ଚ କରାଯାଉ ନ ଥିବାରୁ ଦିନକୁ ଦିନ ଚାଷଜମି ସଂଖ୍ୟା ହ୍ରାସ ପାଉଛି। ଏଭଳି ପରିସ୍ଥିତି ଯଦି ଲାଗିରୁହେ ତେବେ ଆଗାମୀ ଦିନରେ ଆଉ ଚାଷଜମି ରହିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଉଛି। ଏଥିଯୋଗୁଁ ଖାଦ୍ୟ ସଂକଟ ସୃଷ୍ଟି ନ ହେବାକୁ ଏଡ଼ାଇ ଦିଆଯାଇ ନ ପାରେ। ଏ ବାବଦରେ ସରକାର, ରାଜସ୍ୱ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ସଜାଗ ହେଉ ନ ଥିବାରୁ ଏହାର ଫାଇଦା ଜମିମାଫିଆମାନେ ନେଇ ଚାଲିଛନ୍ତି। ଅପରପକ୍ଷରେ ଚାଷୀଙ୍କୁ ସରକାରଙ୍କ ତରଫରୁ ଆଖିଦୃଶିଆ ପ୍ରୋତ୍ସାହନ, ଜଳସେଚନ ସୁବିଧା, ଉନ୍ନତମାନର ଜ୍ଞାନକୌଶଳ କିମ୍ବା ଚାଷ ପାଇଁ ପ୍ରଶିକ୍ଷଣ ଶିବିର କରାଯାଉ ନ ଥିବାରୁ ଚାଷୀମାନେ ଚାଷରୁ ମୁହଁ ଫେରାଇ ବାହାର ରାଜ୍ୟକୁ କାମ କରିବାକୁ ଚାଲିଯାଉଛନ୍ତି। ତେଣୁ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀମାନେ ଦୃଷ୍ଟିଦେବାକୁ ଦାବି ହେଉଛି।

## ଦୟାନନ୍ଦ ଆଦର୍ଶ ଗୁରୁକୂଳ ପକ୍ଷରୁ ବୃକ୍ଷରୋପଣ



ବେଗୁନିଆ,୨୦।୯(ସମିସ): ବେଗୁନିଆ ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୂଳ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଗୁରୁକୂଳର ପ୍ରତିଷ୍ଠାତା ତଥା ବିଶିଷ୍ଟ ବିଦ୍ୱାନ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅଧ୍ୟକ୍ଷ ପ୍ରତାପ ପଟ୍ଟନାୟକ ଓ ଆଚାର୍ଯ୍ୟ ଗୋପାଳ ଗୁରୁଜୀଙ୍କ ସହ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ବୃକ୍ଷରୋପଣ ସହ ସବୁଜ ବନାନୀ ସୃଷ୍ଟି ଏକ ଉତ୍ତମ ପରିବେଶ ସୃଷ୍ଟି କରିବା ପାଇଁ ଉପସ୍ଥିତ ବିଦ୍ୟାର୍ଥୀମାନଙ୍କୁ ସଚେତନ କରିଥିଲେ।

## ପୋଷାକ ବିତରଣ ଉତ୍ସବ



ବେଗୁନିଆ,୨୦।୯(ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ସାରୁଅ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବ ନାରାୟଣ ବାରିକଙ୍କ ଆବାହକତ୍ୱ ଓ ପ୍ରଧାନଶିକ୍ଷୟିତ୍ରୀ ସୁରେଖା ହୋତାଙ୍କ ତତ୍ତ୍ୱାବଧାନରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ୍ ୧୫୮ ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ, ଜୋତା, ମୋଜା, ପରିଚୟପତ୍ର ଓ ହାଉସ୍ ଡ୍ରେସ୍ ଆଦି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

# ୪୦ କେଜି ଗଞ୍ଜେଇ ଜବତ, ୨ ଗିରଫ

### ଫୁଲବାଣୀରୁ ଭୁବନେଶ୍ୱର ଚାଲାଣବେଳେ ମାଡ଼ିବସିଲା ଅବକାରୀ ଟିମ୍

ଖୋର୍ଦ୍ଧା,୨୦।୯(ସମିସ)



ଶନିବାର ଅବକାରୀ ପୁଲିସ ଦୁଇଟି ସ୍ଥାନରେ ଚଢ଼ଉ କରି ୪୦ କେଜି ଗଞ୍ଜେଇ ସମେତ ଏକ କାର୍‌କୁ ଜବତ କରିଛି। ଏହି ଘଟଣାରେ ଅବକାରୀ ପୁଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଅନ୍ତର୍ଗତ ସୁଶାନ୍ତ ବେହେରା (୩୮) ଏବଂ କୋଟଗଡ଼ ଥାନା ଅନ୍ତର୍ଗତ ବଡ଼ସାହିର ସହିଦ ମଙ୍ଗଳ ନାୟକ (୨୪)। ଜବତ ଗଞ୍ଜେଇର ମୂଲ୍ୟ ୪ଲକ୍ଷ ଟଙ୍କା ହେବ ବୋଲି ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅବକାରୀ ଏସ୍‌ପି ସୁମତି ତ୍ରିପାଠୀ ସୂଚନା ଦେଇଛନ୍ତି।

ଶ୍ରୀମତୀ ତ୍ରିପାଠୀଙ୍କ ସୂଚନା ମୁତାବକ, ଶନିବାର ପୂର୍ବାହ୍ନରେ ଏକ ଗଞ୍ଜେଇ ବୋଝେଇ କାର୍ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ଅବକାରୀ ମୋବାଇଲ୍ ସ୍କ୍ୱାଡ୍ ବିଶେଷ ସୂତ୍ରରୁ ଖବର ପାଇଥିଲା। ତାକୁ ଧରିବା ଲାଗି ଶ୍ରୀମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ମୋବାଇଲ୍ ସ୍କ୍ୱାଡ୍ ଇନ୍ସପେକ୍ଟର ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ଏସ୍‌ଆଇ ସୁଜିତ ନାଗ୍, ଏଏସ୍‌ଆଇ ଜିତେନ୍ଦ୍ର ହମ୍ବ୍ରେମ, ସଞ୍ଜୟ ରାଉତ, ସତ୍ୟବନ୍ତ ମାଝୀ, ସ୍ୱପ୍ନାରାଣୀ ବେହେରାଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ପୁରୁସାହି ନିକଟରେ ଛପି ରହିଥିଲେ। ଗାଡ଼ି ଆସିବାକ୍ଷଣି ତାକୁ ଅଟକାଇ ଯାଞ୍ଚ କରିଥିଲେ। ଗାଡ଼ି ଭିତରେ ଦୁଇଟି ଜରିବସ୍ତାରେ ଭର୍ତ୍ତି ହୋଇଥିବା ୩୫ କେଜି ଗଞ୍ଜେଇ, ଗୋଟିଏ ମୋବାଇଲ ଏବଂ କାର୍‌କୁ ଉକ୍ତ ଟିମ୍ ଜବତ କରିଥିଲା। ଜବତ ଗଞ୍ଜେଇର ମୂଲ୍ୟ ସାଢ଼େ ୩ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ସୁଶାନ୍ତଙ୍କୁ ଗିରଫ କରିଥିବାବେଳେ ସେ ଏହି ଗଞ୍ଜେଇକୁ ଫୁଲବାଣୀରୁ ଆଣୁଥିବାବେଳେ ଭୁବନେଶ୍ୱର ଅଭିମୁଖେ ନେଉଥିବା ସ୍ୱୀକାର କରିଥିବା ଶ୍ରୀମତୀ ତ୍ରିପାଠୀ ସୂଚନା ଦେଇଥିଲେ। ସେହିପରି ତରତୁଆସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରୁ ଜଣେ ଯୁବକ ସନ୍ଦେହଜନକ ଅବସ୍ଥାରେ କାହାରିକୁ ଅପେକ୍ଷା କରିଥିବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସଦର ଓଆଇସି ସୁଦର୍ଶନ ବିଶୋଇ ଓ ତାଙ୍କ ଟିମ୍ ସହିଦ ମଙ୍ଗଳ ନାୟକ ନାମକ ଗଞ୍ଜେଇ ବେପାରୀକୁ ଗିରଫ କରିଛି। ତା'ଠାରୁ ଏକ ଜରିବ୍ୟାଗ୍‌ରେ ଥିବା ୫କେଜି ଗଞ୍ଜେଇ ଜବତ ହୋଇଛି। ସେ ବାଲିଗୁଡ଼ାରୁ ବେଙ୍ଗାଲୁରୁ ଟ୍ରେନ୍‌ରେ ଯିବାକୁ ଯୋଜନା କରିଥିବା କହିଥିଲା। ସେଠାରେ ସେ ଜଟଣୀ ଷ୍ଟେସନ ଅଭିମୁଖେ ଯିବାକୁ ଅପେକ୍ଷା କରିଥିଲା ବୋଲି ସ୍ୱୀକାର କରିଥିବା ଶ୍ରୀମତୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ବୋଲି ଜଣାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅବକାରୀ ଉପଅଧୀକ୍ଷକ କ୍ଷେତ୍ରମୋହନ ଜଗଦିଶ ଚନ୍ଦ୍ର ତରେଇ, ଅବକାରୀ ଇନ୍ସପେକ୍ଟର ରାଧାକାନ୍ତ ଭୋଇ, ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ଏସ୍‌ଆଇ ସୁଜିତ ନାଗ୍, ବାଲୁଗାଁ ଏସ୍‌ଆଇ ସୁଜିତ ମୁଦୁଲି, ଏଏସ୍‌ଆଇ ଜିତେନ୍ଦ୍ର ହମ୍ବ୍ରେମ, ସଞ୍ଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଥାଉକି, ଗଞ୍ଜେଇ ମାଫିଆଙ୍କ ଲାଗି ଗଳାରାସ୍ତା ପାଲଟିଛି ଜାତୀୟ ରାଜପଥ। ଦୈନିକ ଅବକାରୀ ଓ ପୁଲିସକୁ ଚକ୍‌ମା ଦେଇ ବିଭିନ୍ନ ଫନ୍ଦିରେ ମାଫିଆମାନେ ଗଞ୍ଜେଇ ଚାଲାଣ କରୁଛନ୍ତି। ବୌଦ୍ଧ, କନ୍ଧମାଳ, ଫୁଲବାଣୀ, ସୋନପୁର ଭଳି ଜିଲ୍ଲାରୁ ବିପୁଳ ମାତ୍ରାରେ ଚୋରା ଗଞ୍ଜେଇ ଆସି ଖୋର୍ଦ୍ଧାରେ ମଧ୍ୟ ରହୁଛି। ଏପରିକି ଏଠାରୁ ଗଞ୍ଜେଇ ଓ ଭାଙ୍ଗ ଜାତୀୟ ରାଜପଥ ଦେଇ କଟକ, ପୁରୀ, ଭୁବନେଶ୍ୱର ପ୍ରମୁଖ ଅଞ୍ଚଳକୁ ମାଫିଆମାନେ ଚାଲାଣ କରି ବେଶ୍ ଲାଭବାନ ହେଉଥିବାବେଳେ ଏଥିରେ କଲେଜ ପଢୁଆ ଛାତ୍ରଙ୍କୁ ଅର୍ଥ ପ୍ରଲୋଭନ ଦେଖାଇ ତାଙ୍କ ଜରିଆରେ ବେପାର ଜମାଇଥିବା କୁହାଯାଉଛି।

ଅବକାରୀ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇଥିବାବେଳେ ଅବକାରୀ ଏସ୍‌ପି ଶ୍ରୀମତୀ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଅବକାରୀ ଟିମ୍ ଚଢ଼ଉ ଜାରି ରଖିଛି। ଫଳରେ ବର୍ଷକ ଭିତରେ ପ୍ରାୟ ୨୩ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି।

## କେନ୍ଦ୍ରୀୟ ବିଦ୍ୟାଳୟ ଚିଲିକାରେ ସ୍ୱଚ୍ଛତା ପକ୍ଷ



ବାଲୁଗାଁ,୨୦।୯(ସମିସ): କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ପରିବେଶକୁ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ ରଖିବା ଲକ୍ଷ୍ୟରେ ଭାରତୀୟ ନୌବାହିନୀ ତାଲିମ କେନ୍ଦ୍ର ଚିଲିକା ପରିସରସ୍ଥିତ ପିଏମ୍ କେନ୍ଦ୍ରୀୟ ବିଦ୍ୟାଳୟ ତରଫରୁ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ବିଦ୍ୟାଳୟ ପରିସର ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ପ୍ରତି ବର୍ଷ ପରି ଚଳିତ ବର୍ଷ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ସୁବାସ ଚନ୍ଦ୍ର ଜେନା, ଅମିତ ଟୋକସ୍, କୁଳଦୀପ ଶର୍ମା, ମନୋରଞ୍ଜନ ପଣ୍ଡିତ ଓ ଚିନ୍ମୟ ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତାର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଚେତନତା ଶୋଭାଯାତ୍ରା କାର୍ଯ୍ୟକ୍ରମରେ ଶିକ୍ଷକଙ୍କ ସହ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସାମିଲ୍ ହୋଇ ବିଭିନ୍ନ ସ୍ଲୋଗାନ ଦେଇ ବିଦ୍ୟାଳୟ ପରିସରରୁ ଶୋଭାଯାତ୍ରାରେ ଯାଇ ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟିବା ସହିତ ବିଦ୍ୟାଳୟ ପରିସର ଓ ଚତୁଃପାର୍ଶ୍ୱ ସଫେଇ କରିଥିଲେ। ଏଭଳି କାର୍ଯ୍ୟକ୍ରମରେ ସାମିଲ ହୋଇ ଛାତ୍ରଛାତ୍ରୀଙ୍କ ଉତ୍ସାହ ଓ ଅନୁଶାସନ ଉଦାହରଣ ସୃଷ୍ଟି କରିଛି।





### ଥରେ ଆବାସ ନେଇ ପୁଣି ନେବାକୁ ଯୋଜନା କରୁଥିଲେ

# ଧରାପଡ଼ିଲେ ୪୦ ନକଲି 'ସୁଲଭ' ହିତାଧିକାରୀ

ଭୁବନେଶ୍ୱର, ୨୦।୯ (ସମିସ): ସୁଲଭ ଆବାସ ଯୋଜନାରେ ବସ୍ତିବସ୍ତିବାସିନ୍ଦାଙ୍କୁ ଥରେ ଗୋଟିଏ ଘର ଦିଆଗଲା। ଶସ୍ତା ଘର କିଛି ବସ୍ତି ବାସିନ୍ଦାଙ୍କ ମୁହଁରେ ଏମିତି ଲାଗିଗଲା ଯେ ଗୋଟିଏ ଘର ପାଇବା ପରେ ସମାନ ପରିବାର ସମାନ ଯୋଜନାରେ ଆଉ ଗୋଟିଏ



■ ନୂଆ ଘର ଦେଲା; ପୁରୁଣା ଭାଙ୍ଗିବାକୁ ଭୁଲିଗଲା ବିଏମ୍‌ସି

ଘର କିଭଳି ହାତେଇବେ ସେଥିପାଇଁ ଷଡଯନ୍ତ୍ର କଲେ। ନୂଆ ଘରକୁ ଭଡାରେ ଲଗାଇ ପୂର୍ବରୁ ରହୁଥିବା ଘରେ ଆସି ପୁଣି ରହିଗଲେ। ନ ହେଲେ ସାଙ୍ଗସାଥୀ ସମ୍ପର୍କୀୟଙ୍କୁ ପୂର୍ବରୁ ବସ୍ତି ଥିବା ଘରେ ରଖିଦେଲେ। ଫଳରେ ଆଉ ଥରେ ସର୍ଭେ ହେଲେ ଆଉ ଗୋଟିଏ ପାଇଯିବେ। ଏଭଳି ଘର ହାତେଇବାକୁ ଚେଷ୍ଟା କରୁଥିବା ୪୦ରୁ ଊର୍ଦ୍ଧ୍ୱ ବସ୍ତିବାସିନ୍ଦାଙ୍କୁ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଉପବିଭାଗ ଠାବ କରି ନକଲି ହିତାଧିକାରୀ ତାଲିକାରେ ପକାଇଛି।

ନକଲି ହିତାଧିକାରୀଙ୍କୁ ଠାବ କରିବାକୁ ବିଏମ୍‌ସି ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରାଯାଇଥିଲା। ସାଲିଆସାହି ଏବଂ ଭଗବତୀ ବସ୍ତିରେ କାଗଜପତ୍ର ଯାଞ୍ଚ କରାଯାଇଥିଲା ବେଳେ ୪୦ଜଣ ନକଲି ହିତାଧିକାରୀ ଜାଲିଆତି କରି ପୁଣି ଆଉ ଏକ ଘର ହାତେଇବାକୁ ଯୋଜନା କରୁଥିଲା ବେଳେ ଧରାପଡ଼ିଛନ୍ତି। ବସ୍ତିରେ ସେମାନଙ୍କ ଘର ଚିହ୍ନଟ ପରେ ଏଗୁଡ଼ିକୁ ଭାଙ୍ଗିବା ପାଇଁ ବିଏମ୍‌ସି ଯୋଜନା କରିଛି।

ବିଏମ୍‌ସି ସୂଚନା ମୁତାବକ ସାଲିଆସାହି ଏବଂ ଭଗବତୀ ବସ୍ତିର ୨ଶହ ପରିବାରକୁ ସୁଲଭ ଆବାସ ଯୋଜନାରେ ବୁଦ୍ଧବିହାରରେ ଘର ପ୍ରଦାନ କରାଗଲା। ୮୮ଜଣ ବସ୍ତି ବାସିନ୍ଦା ବୁଦ୍ଧବିହାରେ ଘର ପାଇ ସେଠାକୁ ସ୍ଥାନାନ୍ତର ହୋଇଥିଲେ। ଘର ଦେବା ପରେ ବିଏମ୍‌ସି ବସ୍ତିରେ ଥିବା ପୁରୁଣା ଘରକୁ ଭାଙ୍ଗି ଦେବା କଥା। କିନ୍ତୁ ବିଏମ୍‌ସି ଭାଙ୍ଗିଲା ନାହିଁ। ଏଣୁ ବୁଦ୍ଧବିହାରରେ ସୁଲଭ ଘର ପାଇଥିବା ବସ୍ତି ବାସିନ୍ଦା ଆବାସ ଗୃହକୁ ଭଡାରେ ଲଗାଇ ପୁରୁଣା ଘରେ ରହିଗଲେ। ଧରା ନ ପଡ଼ିବା ପାଇଁ ସମ୍ପର୍କୀୟ, ସାଙ୍ଗସାଥୀଙ୍କୁ ରଖିଦେଲେ। ଫଳରେ ପୂର୍ବରୁ ବସ୍ତିରେ ଯେତିକି ଲୋକ ଥିଲେ ଏବେବି ସେତିକି ଲୋକ। ଆବାସ ଘର ପ୍ରଦାନ କରି ବସ୍ତି ହଟାଇବା ଯୋଜନା ଫେଲ୍ ମାରୁଥିବା ଭଳି ଲାଗୁଥିଲା।

ଏଭଳି ଲୋକଙ୍କୁ ଧରିବାକୁ ବିଏମ୍‌ସିର ଅତିରିକ୍ତ କମିସନର ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଗଲା। ଏହି ଟିମ୍ ବୁଦ୍ଧବିହାରରେ ଘର ପାଇଥିବା ଲୋକଙ୍କୁ ପୁରୁଣା ଘର ଚିହ୍ନଟ କରାଇବାକୁ କହିଥିଲା। ନ ହେଲେ ବୁଦ୍ଧବିହାର ଘର ଛାଡିବାକୁ ଚେତାବନୀ ଦେଇଥିଲା। ସେମାନେ ଯେତେବେଳେ ସାଲିଆସାହିରେ ନିଜ ଘର ଚିହ୍ନଟ କଲେ ଜଣାପଡ଼ିଥିଲା ସେଠାରେ ତାଙ୍କ ସମ୍ପର୍କୀୟ ରହିଛନ୍ତି। ଏଭଳି ମାଧ୍ୟମରେ ନିଜକୁ ବସ୍ତି ବାସିନ୍ଦା କହି ସୁଲଭ ଆବାସ ଯୋଜନାରେ ଆଉ ଗୋଟିଏ ଘର ହାତେଇବାକୁ ଯୋଜନା ସେମାନଙ୍କର ଫେଲ ମାରିଲା। ପରବର୍ତ୍ତି ସମୟରେ ଏହି ଘର ଗୁଡ଼ିକୁ ଭାଙ୍ଗି ଦେବାକୁ ବିଏମ୍‌ସି ନିଷ୍ପତ୍ତି ନେଇଛି। ରାଜଧାନୀ ଭୁବନେଶ୍ୱରକୁ ବସ୍ତି ମୁକ୍ତ କରିବାକୁ ସୁଲଭ ଆବାସ ଯୋଜନରେ ଆରମ୍ଭ କରାଗଲା। ଏହି ଯୋଜନା ମାଧ୍ୟମରେ ବସ୍ତି ବାସିନ୍ଦାଙ୍କ ପାଇଁ ଆପାର୍ଟମେଣ୍ଟ ଢଙ୍ଗରେ ଘର ନିର୍ମାଣ କରାଯାଇ ଘର ଦିଆଗଲା। ଯାହାକୁ ସୁଲଭ ଆବାସ ନାମ ଦିଆଯାଇଲା।

## 'ଅନ୍ତର୍ଜାତୀୟ ତ୍ରିନେତ୍ର ସମ୍ମାନ ଉତ୍ସବ'

ଭୁବନେଶ୍ୱର, ୨୦।୯ (ସମିସ): ତ୍ରିନେତ୍ର କଳାକୁଞ୍ଜ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ୫ମ 'ଅନ୍ତର୍ଜାତିୟ ତ୍ରିନେତ୍ର ସମ୍ମାନ ଉତ୍ସବ' ଶନିବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶୀ ନୃତ୍ୟ ଗୁରୁ ହରିହର ମହାନ୍ତି ଏବଂ ସଙ୍ଗୀତ ଆଚାର୍ଯ୍ୟ ସୀମାଞ୍ଚଳ ଦାସଙ୍କ ଚଳିତ ବର୍ଷ ଓଡ଼ିଶାର ସମୃଦ୍ଧ ଏବଂ ବିବିଧ ସାଂସ୍କୃତିକ ପରିବେଶର ୨ଜଣ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ 'ଆନ୍ତର୍ଜାତୀୟ ତ୍ରିନେତ୍ର ଜୀବନବ୍ୟାପୀ ଉପଲବ୍ଧୀ ସମ୍ମାନ' ରେ ସମ୍ମାନିତ କରାଯାଇଥିଲା। ସେହିପରି ଅନ୍ତର୍ଜାତୀୟ ତ୍ରିନେତ୍ର ସମ୍ମାନ ଓଡ଼ିଶୀ ନୃତ୍ୟଗୁରୁ ସୁଜାତା ମିଶ୍ର, ଓଡ଼ିଶୀ ନୃତ୍ୟାଙ୍ଗନା ଅତଶୀ ମିଶ୍ର, ସଙ୍ଗୀତକାର ବିଦୁଶୀ ସଙ୍ଗୀତା ପଣ୍ଡା ଏବଂ ପ୍ରଖ୍ୟାତ ସମାଜସେବୀ ଶଙ୍କର୍ଷଣ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। 'ଆନ୍ତର୍ଜାତୀୟ ତ୍ରିନେତ୍ର ଯୁବ ପ୍ରତିଭା ସମ୍ମାନ' ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ପାଇଁ ଗୁରୁ କିଶୋର ଦଳେଇ, ଜଙ୍ଘାଦତ୍ତ ପ୍ରଦାନ, ବିଜୟଲକ୍ଷ୍ମୀ ଓଝା ଓ ପ୍ରତ୍ୟାଶା ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଥିଲା। ଏହା ପରେ 'ଆନ୍ତର୍ଜାତୀୟ ତ୍ରୀନେତ୍ର ଶିଶୁ ପ୍ରତିଭା ସମ୍ମାନ' କଥକ ନୃତ୍ୟ ପାଇଁ ସୌରଶ୍ରୀ ଦେବନାଥ, ଓଡ଼ିଶୀ ନୃତ୍ୟ ପାଇଁ ସାଇ ଦୁର୍ଗା ନାୟକ, ପ୍ରୀୟଙ୍କା ପ୍ରୀୟଦର୍ଶିନୀ ଓ ବିଜୟଲକ୍ଷ୍ମୀ ଶ୍ରୀଚନ୍ଦନଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ଚନ୍ଦ୍ରଶେଖର ହୋତା, ଉତ୍କଳ ଅନ୍ତର୍ଜାତୀୟ ବିଦ୍ୟାଳୟର ପ୍ରତିଷ୍ଠାତା ଗଣେଶ ପ୍ରସାଦ ବେହେରା, ସମାଜିକ କର୍ମୀ ସୁବ୍ରତ କୁମାର ସାମଲ, ସମାଜୀକ କର୍ମୀ ହରିହର ବେଉରା, ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା, ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ମୁକ୍ତିଲତା ପାଲ ଏବଂ ତ୍ରିନେତ୍ର କଳା କୁଞ୍ଜର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଗୁରୁ ରମାକାନ୍ତ ସାହୁ ଉପସ୍ଥିତ ରହିଥିଲେ।



ଜନତା ମଇଦାନରେ ଚାଲିଥିବା ଇଣ୍ଟର ନ୍ୟାସ୍‌ନାଲ ଟ୍ରେଡ ଫେୟାରରେ ଆକର୍ଷଣୀୟ ମିଷ୍ଟାନ୍ନ

## ଆଦର୍ଶ ଯୁବ ଗ୍ରାମସଭା ପରିଚାଳନା ପାଇଁ ପ୍ରଶିକ୍ଷଣ

ଭୁବନେଶ୍ୱର, ୨୦।୯ (ସମିସ): ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଓ ଜବାହାର ନବୋଦୟ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଏକ ଦିବସୀୟ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଗ୍ରାମସଭାର ପ୍ରକ୍ରିୟା ଓ ଗୁରୁତ୍ୱକୁ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ କଟକ, ସମ୍ବଲପୁର ଓ ଖୋର୍ଦ୍ଧା ଜବାହାର ନବୋଦୟ ବିଦ୍ୟାଳୟରେ ମନୋନୀତ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ନେଇ ଆୟୋଜିତ ପ୍ରଶିକ୍ଷଣ ରାଜ୍ୟ ପଞ୍ଚାୟତିରାଜ ବିଭାଗର ମାଷ୍ଟର ଟ୍ରେନରମାନଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ଶିକ୍ଷକମାନେ ଏହି ପ୍ରଶିକ୍ଷଣକୁ ଗ୍ରହଣ କରି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ନେତୃତ୍ୱ ଗୁଣାବଳୀକୁ ବିକଶିତ କରିବେ।

## ୩୩ ଦିନରେ ବେସରକାରୀ ଅଧ୍ୟାପକଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୨୦।୯ (ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଗତ ଅଗଷ୍ଟ ୧୬ରୁ ଜାରି ରଖିଥିବା କାର୍ଯ୍ୟାବନ୍ଦ ଆନ୍ଦୋଳନ ୩୩ ତମ ଦିନରେ ପହଁଚିଛି। ସଂଘର ସଭାପତି ବିଶ୍ୱରଞ୍ଜନ ଦାସ ଆମରଣ ଅନଶନରେ ବସିଛନ୍ତି। ବେସରକାରୀ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କର ୨୦୦୮ ରୁ ୨୦୧୮ ରୁ ଅନୁଦାନ ନେଇ ଜାରିରହିଥିବା ଆନ୍ଦୋଳନକୁ ସମର୍ଥନ ଜଣାଇ ଆଜି ଗାନ୍ଧୀମାର୍ଗର ଅନଶନସ୍ଥଳରେ ଏକାଧିକ ବିରୋଧୀ ଦଳର ବିଧାୟକ ଓ ଯୁବ ନେତା ଉପସ୍ଥିତ ହୋଇଥିଲେ। ସେହିପରି ଧାରଣା ସ୍ଥଳରେ ସଙ୍ଘକୁ ସମର୍ଥନ କରି ୨୦ରୁ ଅଧିକ ବିଜେଡି ବିଧାୟକ ଏବଂ ଜଣେ କଂଗ୍ରେସ ବିଧାୟକ ଆସି ଆନ୍ଦୋଳନକୁ ସମର୍ଥନ କରିଥିଲେ। ବିଧାନସଭା ଗୃହ ମଧ୍ୟରେ ଦାବିକୁ ଉପସ୍ଥାପନ କରିବାପାଇଁ ବିଧାୟକମାନେ ସଂଘକୁ ଦୃଢ଼ ଆଶ୍ୱାସନା ଦେଇଛନ୍ତି। ୨୩ ତାରିଖ ମଧ୍ୟରେ ଦାବି ପୂରଣ ନହେଲେ ଗୃହ ବାହାରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ମତ ଦେଇଛନ୍ତି। ଏହି ଅନଶନ ମୋର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଜାରି ରହିବ ବୋଲି ସଂଘର ସଭାପତି ବିଶ୍ୱରଞ୍ଜନ ଦାସ କହିଛନ୍ତି।

# ପ୍ରକୃତି ସହ ଲଢୁଛି ୬୨ ପ୍ରକାର ଔଷଧୀୟ ବୃକ୍ଷ

ଭୁବନେଶ୍ୱର, ୨୦।୯ (ରଞ୍ଜନା ନାୟକ): କେଉଁ ଅନାଦି କାଳରୁ ମଣିଷ ବୃକ୍ଷ ଏବଂ ବୃକ୍ଷଜାତ ସାମଗ୍ରୀକୁ ଔଷଧ ଭାବେ ବ୍ୟବହାର କରି ଆସୁଛି। ଆଜିର ଦିନରେ ମଧ୍ୟ ଆୟୁର୍ବେଦିକ ଔଷଧରେ ବୃକ୍ଷକୁ ବ୍ୟବହାର କରାଯାଉଛି। କିନ୍ତୁ ଏସବୁ ଭିତରେ ଦିନେ ଅନ୍ୟର ଜୀବନ ରକ୍ଷାକାରୀ ଔଷଧିୟ ବୃକ୍ଷ ଆଜି ନିଜେ ବଞ୍ଚିବା ପାଇଁ ପ୍ରକୃତି ସହ ଅହରହ ପ୍ରତିଦ୍ୱନ୍ଦ୍ୱିତା କରି ଆସୁଛି।



ଆୟୁର୍ବେଦ ଔଷଧ ପାଇଁ ଗୋଟିଏ ଔଷଧିୟ ବୃକ୍ଷର ଚେର, ମୂଳ, କାଣ୍ଡ, ଲତା, ଛେଲି ବା ବକଳ, ପତ୍ର, କ୍ଷୀର, ଅଠା ଆଦି ଔଷଧ ଭାବରେ ବ୍ୟବହାର ହୋଇଥାଏ। ଆଗ କାଳର ଲୋକମାନଙ୍କୁ କିଛି ବି ରୋଗ ହେଲେ ବିଭିନ୍ନ ପ୍ରକାରର ଔଷଧିୟ ଗଛକୁ ଔଷଧ ଭାବରେ ବ୍ୟବହାର କରି ଉପସମ ପାଉଥିଲେ। କିନ୍ତୁ ସମୟ ବଦଳିବା ସହିତ ଲୋକମାନେ ମଧ୍ୟ ଔଷଧିୟ ବୃକ୍ଷର ବ୍ୟବହାର କରିବା କମ କରିଲେ। ହେଲେ କୋଭିଡ଼ ମହାମାରୀ ସମୟରେ ଅନେକ ଲୋକ ତୁଳସୀ, ଲିମ୍ବ, ଭୃଷଙ୍ଗ, ଘି କୁଆଁରୀ, ପସାରୁଣି ପରି ଔଷଧ ବୃକ୍ଷକୁ ବହୁତ ମାତ୍ରାରେ ବ୍ୟବହାର କରୁଥିଲେ। ଯେଉଁଥିପାଇଁ ଔଷଧିୟ ବୃକ୍ଷ ଉପରେ ଲୋକମାନଙ୍କର କିଛି ମାତ୍ରାରେ ଆସ୍ଥା ବଢ଼ିଛି। ହେଲେ ଏବେ ଏହି ଔଷଧିୟ ବୃକ୍ଷ ଆସ୍ତେ ଆସ୍ତେ ଲୋପ ପାଇବାକୁ ଲଗିଲାଣି।



ଏକାମ୍ରକ୍ଷେତ୍ର ବା ରାଜଧାନୀରେ ଆଗରୁ ଅନେକ ଔଷଧିୟ ବୃକ୍ଷ ସହରର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଥିଲା। କିନ୍ତୁ ସହର ଆଧୁନିକ ଆଡ଼କୁ ଗତି କରୁଥିବା ବେଳେ ଅନେକ ବୃକ୍ଷ ଔଷଧିୟ ବୃକ୍ଷ ହଜିବାକୁ ବସିଲାଣି। ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଭାକୁସି ବୃକ୍ଷକୁ ଚର୍ମରୋଗ ଏବଂ ଅଗ୍ନିଶିଖା ବା ପାଞ୍ଚ ଆଙ୍ଗୁଳା ବୃକ୍ଷ ମଧୁମେହ, ଉଚ୍ଚରକ୍ତ ଚାପ। ପାଣିଆମ୍ବ ବୃକ୍ଷ କର୍କଟ ରୋଗ ଲୋଟକନ ବୃକ୍ଷକୁ ଆଣ୍ଠୁଗଣ୍ଠି ଓ କ୍ୟାଲସିୟମ୍ ପାଇଁ ବ୍ୟବହାର କରାଯାଉଥିବା ବେଳେ ଫାର୍ସକୋଳି ବୃକ୍ଷକୁ ଭିଟାମିନ୍ ପାଇଁ, ବଣ ମନ୍ଦାର ବୃକ୍ଷ ଜ୍ୱର, ନିମୋନିଆ ପାଇଁ ବ୍ୟବହାର ହୋଇଥାଏ। ଏହିପରି ଅମର ପୋଇ ବୃକ୍ଷ ମୁଣ୍ଡବିନ୍ଧା, କିଡ୍‌ନୀ ଷ୍ଟୋନ୍ ରୋଗରେ ବ୍ୟବହାର ହୋଇଥାଏ। ପାତାଳଗରୁଡ଼ ବୃକ୍ଷ ଫୁଡ୍ ପଏଜନ୍, ସ୍ନାୟୁ ଜନିତ ରୋଗ। ବିଲେଇ ଲାଞ୍ଜ ବୃକ୍ଷକୁ ମହିଳାଙ୍କ ମାସିକ ଧର୍ମରେ ଅନିୟମିତତା ପାଇଁ। ସଦାବିହାରୀ ବୃକ୍ଷ ଆଣ୍ଠଗଣ୍ଠି, ଉଚ୍ଚ ରକ୍ତଚାପ ପାଇଁ। ଭୀରନାମ ବୃକ୍ଷକୁ ପେଟ କାମୁଡ଼ା ଓ ଅପରାଜିତା ବୃକ୍ଷ ରୋଗ ପ୍ରତିରୋଧକ ରୋଗ ପାଇଁ। ନମୀ ବୃକ୍ଷ

**ଉଦ୍ଭିଦ ସମ୍ପଦ କେନ୍ଦ୍ରରେ ସଂରକ୍ଷଣ ହୋଇଛି ୨୦୭ ପ୍ରକାରର ବୃକ୍ଷ**



ରକ୍ତଶୋଧନ ପାଇଁ ବ୍ୟବହାର କରାଯାଇଥାଏ। ଏହିପରି ମଧ୍ୟ ଅର୍ଜୁନ, କାଇଁଚ, ଗଦ, ଲୋଧା, ଆଶୋକ, ଚନ୍ଦ୍ର ମୂଳିକା, ବିଶଲ୍ୟକରଣି, କଳମେଘ, ଗୁଳୁଚି, ଭୃଷଙ୍ଗ, ଚନ୍ଦନ, ଲାଲ ଚନ୍ଦନ, ଅଶ୍ୱଗନ୍ଧା, ଗୁଡ଼ମାରି, ଡ଼ାଲଚିନି, ଘି କୁଆଁରୀ, ତୁଳସୀ, ନମୀ, ବେଲ, ମହୁଲ, ତେଜପତ୍ର, ହଳଦୀ, ଗଙ୍ଗ ଶିଉଳି ପରି ୨୦୭ଟି ଔଷଧିୟ ବୃକ୍ଷକୁ ସଂରକ୍ଷଣ କରାଯାଇଛି। ଏଥିମଧ୍ୟରୁ ୬୨ଟି ଔଷଧିୟ ବୃକ୍ଷ ଲୋପ୍ ପାଇବାକୁ ବସିଛି।

ଏହି ସବୁ ଔଷଧିୟ ବୃକ୍ଷ ମଧ୍ୟରୁ କିଛି ଔଷଧିୟ ବୃକ୍ଷ ଅନେକ ଲୋକଙ୍କ ବାରିରେ ହେଉ କିମ୍ବା ଛାତ ଉପରେ ତୁଳସୀ, ଲିମ୍ବ, ଭୃଷଙ୍ଗ, ଘି କୁଆଁରୀ ଦେଖିବାକୁ ମିଳେ। ଯାହାକି ଲୋକମାନେ ଦରକାର ସମୟରେ ଏହାକୁ ବ୍ୟବହାର କରାଯାଇପାରୁଛି। ଏହି ମଧ୍ୟରୁ ଅନେକ ବୃକ୍ଷକୁ ରାଜ୍ୟ ସମେତ ରାଜ୍ୟ ବାହାରୁ ମଧ୍ୟ ସଂଗ୍ରହ କରାଯାଉଛି। ବିଶେଷକରି ମହେନ୍ଦ୍ର ଗିରି, ଗନ୍ଧମାର୍ଦ୍ଦନ, ଦେଓମାଳୀ, କପିଳାସ ଆଦି ପର୍ବତରୁ ସଂଗ୍ରହ ହୋଇଥିବା ବେଳେ ବାଙ୍ଗାଲୋର, ତାମିଲନାଡୁର ନୀଳଗିରି ପର୍ବତ, କେରଳର ଏର୍ଣ୍ଣାକୁଲମ୍, ଲକ୍ଷ୍ନୌ ଆଦିରୁ ଅନେକ କିଛି ଔଷଧିୟ ବୃକ୍ଷ ସଂଗ୍ରହ କରାଯାଇଛି। ପରେ ଏହାକୁ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରରେ ଏହାକୁ ସଂରକ୍ଷଣ କରି ଏହାର ମଞ୍ଜିରେ ନୂତନ ବୃକ୍ଷ ସୃଷ୍ଟି କରିଯାଉଛି।

ସାଧାରଣ ଲୋକଙ୍କର ସ୍ୱାସ୍ଥ୍ୟ ଉନ୍ନତି ପାଇଁ ଔଷଧୀୟ ଉଦ୍ଭିଦ ଗବେଷଣା ଓ ବିକାଶକୁ ଯେତେ ଅଧିକା ଆଗ୍ରହ ଦେଇପାରିବା ଆମେ ସେତେ ଲୋପ ପାଉଥିବା ବୃକ୍ଷକୁ ସଂରକ୍ଷଣ କରିବା। ଫଳରେ ଏହି ବୃକ୍ଷ ଆଗକୁ ଔଷଧ ଉତ୍ପାଦନ ଓ ପ୍ରଚାର ପ୍ରସାର ମାଧ୍ୟମରେ ସମାଜରେ ସ୍ୱାସ୍ଥ୍ୟ ସୁଧାର କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିବ। ଲୋକଙ୍କର ସ୍ୱାସ୍ଥ୍ୟ ସାର୍ବଜନୀନ ହେବା ସହିତ ପାରମ୍ପରିକ ଔଷଧୀୟ ଉଦ୍ଭିଦର ଉପଯୋଗକୁ ମଧ୍ୟ ବୃହତ ରୂପେ ବୃଦ୍ଧି କରିବାକୁ ଯତ୍ନଶୀଳ ହେବ ବୋଲି ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଡ଼. ସାଇସସ୍ମିତା ହୋତା କହିଛନ୍ତି।

## ବିଜେଡି ପକ୍ଷରୁ ବାରିଷ୍ଟର ବିଶ୍ୱନାଥଙ୍କ ପୁଣ୍ୟତିଥି



ଭୁବନେଶ୍ୱର, ୨୦।୯ (ସମିସ): ଓଡ଼ିଶାକୁ ଭାଷାଭିତ୍ତିକ ରାଜ୍ୟ କରିବାରେ ରାଜ୍ୟରେ ପ୍ରଥମ ବାରିଷ୍ଟର ବିଶ୍ୱନାଥ ମିଶ୍ର ଥିଲେ ଜଣେ ସକ୍ରିୟ ସଂଯୋଜକ। ମଧୁବାବୁଙ୍କୁ ଉତ୍କଳ ସମ୍ମିଳନୀର କାର୍ଯ୍ୟରେ କାନ୍ଧ କୁ କାନ୍ଧ ମିଶେଇ ସେ କାର୍ଯ୍ୟ କରିଥିଲେ। ଓଡ଼ିଆର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ପ୍ରତିଷ୍ଠା କରିବା ପାଇଁ ତାଙ୍କର କାଳଜୟୀ ଉଦ୍ୟମ ଆମକୁ ଯୁଗ ଯୁଗ ପାଇଁ ଗୌରବାନ୍ୱିତ କରୁଥିବ ବୋଲି ତାଙ୍କ ପୁଣ୍ୟତିଥିରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ରାଜଭବନ ସମ୍ମୁଖରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଏହି ଉତ୍ସବ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଏବଂ ବିଶ୍ୱନାଥ ମିଶ୍ରଙ୍କ ଜୀବନୀ ଉପରେ ସ୍ୱରଚିତ କବିତା ପାଠ କରିଥିଲେ ଶିକ୍ଷାବିତ୍ କାମଦେବ ମହାପାତ୍ର। ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସମାଜ ସେବୀ ମନୋରଞ୍ଜନ ମହାନ୍ତି, ମାନିନୀ ପ୍ରଧାନ, ସୁବାସ ପରିଡ଼ା, ପ୍ରାଧ୍ୟାପକ ରଙ୍ଗାଧର ସାହୁ ପ୍ରମୁଖ ବରପୁତ୍ରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶେଷରେ ଧନ୍ୟବାଦ ଦେଇଥିଲେ ଅମିତ୍ ପାତାଳ ସିଂ।

● ପାଟିକା ମହାସଂଘର ଦାବି

## 'ପାର୍ବଣ ପୂର୍ବରୁ ବକେୟା ଦିଅ'



ଭୁବନେଶ୍ୱର, ୨୦।୯ (ସମିସ): ଗ୍ରାମାଞ୍ଚଳ ଶିକ୍ଷା ବିକାଶର ପ୍ରମୁଖ ଅଂଶ ଗ୍ରହଣକାରୀ ପାଟିକା ମାଆମାନଙ୍କ ପାର୍ବଣ ପୂର୍ବରୁ ସମସ୍ତ ବକେୟା ଦରମା ଦେବାକୁ ଦାବି କରିଛି ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଟିକା ସଙ୍ଘ। ବିଜୁ ଶ୍ରମିକ ସାମୁଖ୍ୟ ସହ ବନ୍ଧିତ ରାଜ୍ୟ ସଂଘ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଶ୍ରମିକ ସାମୁଖ୍ୟ ମହାସଚିବ ସୁବାସ ସିଂ ଯୋଗ ଦେଇ ମାଆମାନଙ୍କ ନାର୍ଯ୍ୟ ୭ ଦଫା ଦାବିକୁ ସମର୍ଥନ ସହ ପାଟିକାଙ୍କ ସମାଜିକ ସୁରକ୍ଷା ଏବଂ ଏବଂ ସର୍ବନିମ୍ନ ମଜୁରୀ ପାଇଁ ସରକାର ସ୍ୱତନ୍ତ୍ର ନୀତି ପ୍ରଣୟନ ପାଇଁ ଦାବି କରିଛନ୍ତି। ସେହିଭଳି ଶ୍ରୀ ସ୍ୱାଇଁ ତୁରନ୍ତ ମାଆମାନଙ୍କୁ ପରିଚୟପତ୍ର ଏବଂ ନିଯୁକ୍ତିପତ୍ର ପ୍ରଦାନ ପାଇଁ ଦାବି କରିବା ସହ ତୁରନ୍ତ ବକେୟା ଦରମା ଦେବାକୁ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାନେତ୍ରୀ ସୁମିତ୍ରା ରଥ, ରାଜ୍ୟ ମୁଖ୍ୟ ସଂଯୋଜଜ ପ୍ରଦୀପ ନାୟକ, ରାଜ୍ୟ ସମ୍ପାଦକ ଜଗନାଥ ମୁଦୁଲି, ସୁଭଦ୍ରା ଦାସ, ମଞ୍ଜୁଲତା ବିଶ୍ୱାଳ, ଗାୟତ୍ରୀ ମହାରଣା, ରୁକ୍ମଣୀ ଅମା, ଲୀଳା ବତୀ ମହନ୍ତ ସରକାର ତୁରନ୍ତ ସାତ ଦଫା ଦାବି ପୂରଣ ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି।

## 'ବିଭାବନା ପୂଜା ସଂଖ୍ୟା' ଉନ୍ମୋଚିତ

ଭୁବନେଶ୍ୱର, ୨୦।୯ (ସମିସ): ବିଭାବନାର ମୁଖ୍ୟ ସମ୍ପାଦିକା ସଂଯୁକ୍ତା ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଭାବନାର ବାର୍ଷିକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ସ୍ଥାନୀୟ ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ପ୍ରାକ୍ତନ ପ୍ରଶାସକ ରଞ୍ଜନ କୁମାର ଦାସ, ମୁଖ୍ୟ ଅତିଥି ଭାବେ 'କାଦମ୍ବିନୀ' ସମ୍ପାଦକ ଡ. ଇତି ସାମନ୍ତ ଓ ସମ୍ମାନିତ ଅତିଥି ଭାବେ ଡ. ଉପେନ୍ଦ୍ର ପ୍ରସାଦ ନାୟକ ଯୋଗ ଦେଇଥିଲେ। ଚମକ ଚାନ୍ଦିନୀ ଦାଶ ସଭା ପରିଚାଳନା କରିଥିବାବେଳେ 'ବିଭାବନା'ର ସମ୍ପାଦକ ଇଂ ମାନସ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଏହି ସମାରୋହରେ 'ବିଭାବନା ପୂଜା ସଂଖ୍ୟା ୨୦୨୫' ଉନ୍ମୋଚିତ ହେବା ସହ ଅନ୍ୟ ତିନୋଟି ପୁସ୍ତକ, ଯଥା - ବିପ୍ରବର ପଣ୍ଡାଙ୍କ 'ଗୁଞ୍ଜରଣ', ସ୍ୱର୍ଗତ ଆଶା ମିଶ୍ରଙ୍କ 'ଚିଠିଟିଏ ଗପଟିଏ' ଓ ନିର୍ମଳା ମହାପାତ୍ରଙ୍କ 'ଆଦିତ୍ୟାୟନ' ଉନ୍ମୋଚିତ ହୋଇଥିଲା। ଏହି ସାରସ୍ୱତ ପରିବେଶରେ ଜ୍ୟୋତି ରଞ୍ଜନ ସାମନ୍ତରାୟ, ଶାନ୍ତିଲତା ଦେବୀ, ଅରୁଣ ଗଡ଼ନାୟକ, ସଂଯୁକ୍ତା ସ୍ୱାଇଁ, ପ୍ରକାଶ ଚନ୍ଦ୍ର ରାଉତ, କଳ୍ପନା ବୋଇତି, ସୁବାସ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମାରୋହର ପ୍ରାରମ୍ଭରେ ଏକ ସ୍ୱରଚତ କବିତା ପାଠୋତ୍ସବରେ କବିତା ପାଠ ଅନୁଷ୍ଠିତ ହୋଇଥିଲା।

## ଦୁର୍ଗାପୂଜା ଉପଲକ୍ଷେ ପ୍ରସ୍ତୁତି ବୈଠକ

ହଂସପାଳ, ୨୦।୯ (ସମିସ): ବାଲିଅନ୍ତା ଥାନା ଅଧୀନରେ ଥିବା ସମସ୍ତ ପଞ୍ଚାୟତର ଦୁର୍ଗାପୂଜା ଉପଲକ୍ଷେ ଏକ ପୂର୍ବ ପ୍ରସ୍ତୁତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ସମସ୍ତ ଦୁର୍ଗାପୂଜା କମିଟିର ସଭାପତି, ସମ୍ପାଦକ ଏବଂ ସକ୍ରିୟ କର୍ମୀମାନେ ଉପସ୍ଥିତ ଥିଲେ। କିଭଳି ଆଇନ ଶୃଙ୍ଖଳା ପରିସ୍ଥିତି ସଠିକ୍ ଭାବେ ପରିଚାଳନା କରାଯିବ, ସେ ବିଷୟରେ ଥାନା ଅଧିକାରୀ ଅନିଲ କୁମାର ପରିଡ଼ା ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଦୁର୍ଗାପୂଜା କମିଟି ତରଫରୁ ଦାୟିତ୍ୱରେ ଥିବା ଏକ ୧୦ ଜଣିଆ କମିଟିର ତାଲିକା ଥାନାରେ ଦବା ପାଇଁ ଥାନା ଅଧିକାରୀ ସମସ୍ତଙ୍କୁ ନିବେଦନ କରିଥିଲେ। ଭସାଣି ଶୋଭାଯାତ୍ରା ବେଳେ ଯେଭଳି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ, ଡିଯେ ଗାଡ଼ିକୁ ସମ୍ପୂର୍ଣ୍ଣ ବାରଣ ସହ ନିଶାମୁକ୍ତ ଭସାଣ ପ୍ରତି ଅଧିକା ଗୁରୁତ୍ୱ ଦେବାପାଇଁ ପୂଜା କମିଟି ଗୁଡ଼ିକୁ ଅବଗତ କରିଥିଲେ। ଏହି ବୈଠକରେ ବାଲିଅନ୍ତା ଥାନା ଏସଆଇ ମାନସ କୁମାର ମଲ୍ଲିକ ଏବଂ ରମାକାନ୍ତ ସାହୁ ଉପସ୍ଥିତ ରହି ସଭାକାର୍ଯ୍ୟ ପରିଚାଳନା କରିଥିଲେ।

### ନିରୁଦ୍ଦିଷ୍ଟ



ବଁଅରପାଳ, ୨୦/୯ (ସମିସ): ଅନୁଗୋଳ ଜିଲ୍ଲା ବଁଅରପାଳ ଥାନା (ପଠାନସାହି)ର ମିରି ମହମ୍ମଦ(୫୨)ଙ୍କ ନାତି ମହମ୍ମଦ ଆବିଦ (୧୫) ଗତ ୬.୮.୨୫ ରଖି ଦିନ ପ୍ରାୟ ୧ ଟା ବେଳେ ବଜାରକୁ ଯାଉଛି କହି ଗଲା ଆଉ ଫେରି ନଥିଲା। ଗଲାବେଳେ ଏକ ନୀଳ ପ୍ୟାଣ୍ଟ, ନାଲି ଫୁଲ ସାର୍ଟ ସହ ଏକ ଗାମୁଛା ବେକରେ ପକାଇ ଥିଲା ତାର ଉଚ୍ଚତା ୫'୫ଇଞ୍ଚ, ରଙ୍ଗ ଗୋରା ଅଟେ, ତାକୁ ଖୋଜା ଖୋଜି ପରେ ସନ୍ଧାନ ନପାଇବାରୁ ବଁଅରପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାର ଯଦି କୌଣସି ସହୃଦୟ ବ୍ୟକ୍ତି ସନ୍ଧାନ ପାଆନ୍ତି ତାହା ହେଲେ ୯୬୬୮୭୫୦୪୭୩ ନମ୍ବରକୁ ଜଣାଇବାକୁ ଅନୁରୋଧ।

ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ



ପ୍ରଫୁଲ୍ଲ ବାରିକ
ଜନ୍ମ: ୨୧.୦୯.୧୯୬୦
ଶିରିଡ଼ିସାଇ ଆଶ୍ରିତ ଓ ସମାଜସେବୀ
ଗ୍ରାମ/ପୋଷ୍ଟ:ବରଦା, ଜିଲ୍ଲା: ଯାଜପୁର
ଭାଇ ତୁମର ୬୫ତମ ଜନ୍ମଦିନ ଅବସରରେ ପ୍ରଭୁ ଜଗନ୍ନାଥ ତମକୁ ଆଶୀର୍ବାଦ ପ୍ରଦାନ କରନ୍ତୁ ଓ ଆହୁରି ଉନ୍ନତିମୂଳକ କାର୍ଯ୍ୟରେ ଆଗେଇ ଚାଲନ୍ତୁ। ଏହା ହିଁ ଭଗବାନଙ୍କ ପାଖରେ ପ୍ରାର୍ଥନା।
ଶୁଭେଚ୍ଛା ସହ:
କବିତା ସେଠୀ (ସରପଞ୍ଚ, ବରଦା ଗ୍ରାମପଞ୍ଚାୟତ), ଅଶୋକ ସାମଲ, ସାରଦା ସୃଷ୍ଟି, ମନ୍ମଥ ସାମଲ

# ଭୁବନେଶ୍ୱର ସିଟି



## ଖୋଲୁଛି କିଲର୍ ସ୍ୱାମୀର ଗୁମର

# ପୁଲିସ ତଦନ୍ତକୁ ଚାଲେଞ୍ଜ କରିଥିଲା ଦୀପକ



ଭୁବନେଶ୍ୱର, ୨୦।୯ (ସମିସ): ମହିଳା ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟାକାଣ୍ଡରେ ଗିରଫ ହୋଇଥିବା କନେଷ୍ଟବଳ ଦୀପକ ନାମରେ ଏବେ ଦୁଇଟି ହତ୍ୟା ମାମଲାର ତଦନ୍ତ ଚାଲିଛି। ଅପର୍ଣ୍ଣାଙ୍କ ଭଉଣୀ ରୋଜାଲିନଙ୍କ ଅଭିଯୋଗ କ୍ରମେ ଖୁଣ୍ଟୁଣୀ ଥାନା ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତକୁ ଜୋରଦାର କରିଛି। ତଦନ୍ତ ଯେତିକି ଆଗକୁ ଯାଉଛି କିଲର୍ ସ୍ୱାମୀ ଦୀପକର କଳା କାରନାମାର ଗୁମର ସେତିକି ଖୋଲୁଛି। ଏହାରି ଭିତରେ ଆଉ ଏକ ନୂଆ କଥା ପଦାକୁ ଆସିଛି। ଅପର୍ଣ୍ଣାଙ୍କ ଦୁର୍ଘଟଣା ମାମଲାରେ ଟ୍ରକର ସମ୍ପୃକ୍ତି ନ ପାଇ ଖୁଣ୍ଟୁଣୀ ଥାନା ମାମଲା ବନ୍ଦ (ଏଫ୍ଆରଟି ନୋ କ୍ଲୁ) କରିବା ପରେ ପୁଲିସର ତଦନ୍ତକୁ ଚାଲେଞ୍ଜ କରିଥିଲା ଦୀପକ। ତଦନ୍ତ ସଠିକ୍ ହୋଇ ନ ଥିବା ବା ତଦନ୍ତରେ ସନ୍ତୁଷ୍ଟି ନ ଥିବା ଦର୍ଶାଇ କୋର୍ଟରେ ପ୍ରୋଟେଷ୍ଟ ପିଟିସନ୍ ଦାଖଲ କରିଥିଲା।

ସୂଚନାନୁସାରେ, ୨୦୧୮ ଏପ୍ରିଲ ମାସରେ ଢେଙ୍କାନାଳ ଜିଲ୍ଲା ତିଳପଦା ଗାଁର ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ଦୀପକ ବିବାହ କରିଥିଲା। ୨୦୨୨ ମାର୍ଚ୍ଚ ମାସ ୧୭ ତାରିଖ ଦିନ ରାଜସ୍ୱ ନିରୀକ୍ଷକ ତଥା ଗର୍ଭବତୀ ପତ୍ନୀ ଅପର୍ଣ୍ଣା ଓ ଦୀପକ କାର୍ ଯୋଗେ ଭୁବନେଶ୍ୱର ଆସୁଥିଲେ। ଖୁଣ୍ଟୁଣୀ ଥାନା ରାଧାକିଶୋରପୁର ଠାରେ ଗାଡ଼ି ରଖିଥିଲା। ପରିସ୍ରା କରିବା ପାଇଁ ଅପର୍ଣ୍ଣା ଚାଲି ଚାଲି ଯାଉଥିବା ବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା ଓ ପରବର୍ତ୍ତୀ ସମୟରେ କଟକର ଏକ ଘରୋଇ ଡାକ୍ତରଖାନାରେ ସେ ପ୍ରାଣ ହରାଇଥିଲେ। ଓଡି -୦୨-ଏସ୍-୩୪୮୬ ନମ୍ବର ବିଶିଷ୍ଟ ଏକ ଟ୍ରକ୍ ପତ୍ନୀଙ୍କୁ ଧକ୍କା ଦେଇଥିଲା ବୋଲି ଦୀପକ ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲା। ପୁଲିସ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ତଦନ୍ତ କରିଥିଲେ ମଧ୍ୟ ଦୁର୍ଘଟଣାରେ ଟ୍ରକର ସମ୍ପୃକ୍ତି ମିଳି ନ ଥିଲା। ଫଳରେ ପ୍ରମାଣ ଅଭାବ ଦର୍ଶାଇ ଫାଇନାଲ ଫର୍ମ (ଏଫ୍ଆରଟି ନୋ କ୍ଲୁ) କରି ମାମଲାଟିକୁ ବନ୍ଦ କରି ଦେଇଥିଲା।

### କୋର୍ଟରେ ଦାଖଲ କରିଥିଲା ପ୍ରୋଟେଷ୍ଟ ପିଟିସନ୍

### ହାତେଇଥାଆନ୍ତା କ୍ଷତିପୂରଣ ଟଙ୍କା

ଅପର୍ଣ୍ଣାଙ୍କ ମୃତ୍ୟୁପରେ ବୀମା ବାବଦକୁ କୋଟିଏ ଟଙ୍କା ପାଇଥିବା ଦୀପକ ଆହୁରି ଟଙ୍କା ହାତେଇବାକୁ ଯୋଜନା କରିଥିଲା। ମୋଟର ଆକ୍ସିଡେଣ୍ଟ କ୍ଲେମ୍ ଟ୍ରିବ୍ୟୁନାଲ (ଏମ୍ଏସିଟି) ରେ ସମ୍ପୃକ୍ତ ଟ୍ରକ୍‌ର ବୀମା କମ୍ପାନୀ ବିରୋଧରେ କେସ୍ କରି ଲକ୍ଷାଧିକ ଟଙ୍କା ପାଇବାକୁ ପ୍ଲାନ୍ କରିଥିଲା। ହେଲେ ପୁଲିସ ତଦନ୍ତରେ ଟ୍ରକ୍‌ର ସମ୍ପୃକ୍ତି ନ ଆସିବାରୁ ଦୀପକର ଯୋଜନାରେ ଫସର ଫାଟି ଯାଇଥିଲା। ପ୍ରମାଣ ଅଭାବ ଦର୍ଶାଇ ତଦନ୍ତକାରୀ ଅଧିକାରୀ ମାମଲା ବନ୍ଦ କରିଥିବାରୁ ଦୀପକ ପୁଲିସର ତଦନ୍ତକୁ ଚାଲେଞ୍ଜ କରିଥିଲା। ଉକ୍ତ ଟ୍ରକ୍ ହିଁ ଅପର୍ଣ୍ଣାଙ୍କୁ ଧକ୍କା ଦେଇଥିବା ଦର୍ଶାଇ ପୁଲିସର ତଦନ୍ତ ବିରୋଧରେ କୋର୍ଟରେ ପ୍ରୋଟେଷ୍ଟ ପିଟିସନ୍ ଦାୟର କରିଥିଲା। ଏବେ ଖୁଣ୍ଟୁଣୀ ଥାନା ପୁଲିସ ତଦନ୍ତ କରିବା ପରେ ଏଭଳି କଥା ପଦାକୁ ଆସିଛି।

### ନିଜ କଥା ପାଇଁ ନିଜେ ଫସିଲା

ଅପର୍ଣ୍ଣାଙ୍କ ମୃତ୍ୟୁ ଘଟଣାରେ ଦୀପକର ଦୋମୁହାଁ ନୀତି ତାକୁ ସନ୍ଦେହ ଘେରକୁ ଟାଣି ଆଣିଛି। ଅପର୍ଣ୍ଣା ଓ ଦୀପକ ଆସୁଥିବାବେଳେ ଖୁଣ୍ଟୁଣୀ ଥାନା ରାଧାକିଶୋପୁର ଠାରେ ଅଘଟଣ ଘଟିଥିଲା। ଦୀପକ ପ୍ରଥମେ ଅପର୍ଣ୍ଣାଙ୍କ ସମ୍ପର୍କୀୟଙ୍କୁ ଫୋନ୍ କରି କାରର ପଙ୍କଚର ଟାୟାର ବଦଳାଉଥିବା ବେଳେ ଦୁର୍ଘଟଣା ଘଟିଥିବା କହିଥିଲା। ହେଲେ ପରେ ଅପର୍ଣ୍ଣାଙ୍କ କଥାରେ ସେ ଗାଡ଼ି ରଖିବା ଓ ଅପର୍ଣ୍ଣା ପରିସ୍ରା କରିବାକୁ ଯାଉଥିବା ବେଳେ ତାଙ୍କୁ ଟ୍ରକ୍ ଧକ୍କା ଦେଇଥିଲା ବୋଲି ଏଫ୍ଆଇଆରରେ ଉଲ୍ଲେଖ କରିଥିଲା। ଗୋଟିଏ ଘଟଣାକୁ ନେଇ ଦୁଇଟି ଭିନ୍ନ ଭିନ୍ନ କଥା ହିଁ ଦୀପକକୁ ସନ୍ଦେହ ଘେରକୁ ଠେଲି ଦେଇଛି। ଏଥିସହିତ ପ୍ରଥମେ ଦୁର୍ଘଟଣାସ୍ଥଳକୁ ଡକାଇ ପରେ ବାରମ୍ବାର ସ୍ଥାନ ବଦଳାଇଥିଲା। ଅପର୍ଣ୍ଣାଙ୍କୁ ସ୍ଥାନୀୟ ଅଞ୍ଚଳରେ ପ୍ରାଥମିକ ଚିକିତ୍ସା ନ କରି ସିଧାସଳଖ କଟକସ୍ଥିତ ଘରୋଇ ଡାକ୍ତରଖାନାକୁ ନେଇ ଯାଇଥିଲା। ଏହି କଥାରୁ ଚିକିତ୍ସା ଅଭାବରୁ ଗର୍ଭବତୀ ଅପର୍ଣ୍ଣାଙ୍କ ମୃତ୍ୟୁ ହେବା କଥାକୁ ଏଡ଼ାଇ ଦିଆଯାଇ ନପାରେ।

### ହତ୍ୟା ପୂର୍ବରୁ ଋଣ, ହତ୍ୟା ପରେ ବୀମା

ଶୁଭମିତ୍ରାଙ୍କୁ ହତ୍ୟା କରିଥିବା ଦୀପକ ଏବେ ଅପର୍ଣ୍ଣା ହତ୍ୟା ମାମଲାରେ ଛନ୍ଦି ହୋଇଛି। ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କ ମୃତ୍ୟୁପରେ ଦୁର୍ଘଟଣା ମାମଲା ରୁଜୁ ହୋଇଥିଲେ ମଧ୍ୟ ଏବେ ହତ୍ୟା ମାମଲା ରୁଜୁକରି ଘଟଣାର ପୁନଃ ତଦନ୍ତ କରୁଛି ପୁଲିସ। ହେଲେ ଦୁଇଟି ଘଟଣାରେ ଗୋଟିଏ ସମାନତା ରହିଛି। ଅପର୍ଣ୍ଣାଙ୍କ ମୃତ୍ୟୁ ପୂର୍ବରୁ ଦୀପକ ତାଙ୍କ ନାମରେ ୨୫ ଲକ୍ଷ ଟଙ୍କା ଋଣ କରିଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଶୁଭମିତ୍ରା ମଧ୍ୟ ବ୍ୟାଙ୍କରୁ ୨୦ ଲକ୍ଷ ଟଙ୍କା ଋଣ କରି ଦୀପକକୁ ଦେଇଥିଲେ। ହେଲେ ପ୍ରଥମ ପତ୍ନୀ ନାମରେ ଦୀପକ ଋଣ କରିଥିବା ଜାଣି ଶୁଭମିତ୍ରା ତାଙ୍କୁ ଟଙ୍କା ମାଗିଥିଲେ। ଏହି ଟଙ୍କା ଫେରସ୍ତ ମାଗିବା ହିଁ ଶୁଭମିତ୍ରାଙ୍କ ପାଇଁ କାଳ ହେଲା। ଦୀପକ ଟଙ୍କା ଫେରାଇବାକୁ ଡାକି ଶୁଭମିତ୍ରାଙ୍କୁ ହତ୍ୟା କରି ଘଟଗାଁରେ ପୋତି ଦେଇଥିଲା। ଏହି ଟଙ୍କା ନେଣଦେଣକୁ ମଧ୍ୟ ହତ୍ୟାକାଣ୍ଡର ଅନ୍ୟତମ ପ୍ରମୁଖ କାରଣ ବୋଲି କୁହାଯାଉଛି। କିଲର୍ ସ୍ୱାମୀ ଦୀପକ ମୃତ୍ୟୁ ପୂର୍ବରୁ ଋଣ ଓ ମୃତ୍ୟୁପରେ ବୀମା ଟଙ୍କା ହାତେଇବାକୁ ସୁପରିକଳ୍ପିତ ଯୋଜନା କରିଥିବା ଏସବୁ କଥାରୁ ସ୍ପଷ୍ଟ ବାରି ହେଉଛି।

## ଛାତ୍ରୀଙ୍କୁ ଅପହରଣ ପରେ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ



ଭୁବନେଶ୍ୱର, ୨୦।୯ (ସମିସ): ନାବାଳିକା ତଥା କଲେଜ ଛାତ୍ରୀଙ୍କୁ ଅପହରଣ ପରେ ଦୁଷ୍କର୍ମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅଞ୍ଚଳର ହିତେଶ ଜେନା (୨୧)। ପୁଲିସ ସୂଚନା ଅନୁସାରେ, ପୀଡିତା ସହିଦନଗର ଥାନା ଅଧିନରେ ଥିବା ଏକ କଲେଜରେ ଯୁକ୍ତଦୁଇ ପଢ଼ିବା ସହ ଛାତ୍ରୀନିବାସରେ ରୁହନ୍ତି। ପୁନେର ଏକ କମ୍ପାନୀରେ କାମ କରୁଥିବା ହିତେଶ ସହିତ ଇନଷ୍ଟାଗ୍ରାମ ଜରିଆରେ ତାଙ୍କର ଚିହ୍ନାପରିଚୟ ହେବାପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ ହୋଇଥିଲା। ଏହି ଘଟଣା ସମ୍ପର୍କରେ ପରିବାର ସଦସ୍ୟ ଜାଣିବା ପରେ ସେମାନେ ପୀଡ଼ିତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମଧ୍ୟ ମାରିଥିଲେ। ପୀଡ଼ିତା ଏଥିରେ ଗଭୀର ମାନସିକ ଆଘାତ ପାଇଥିବା ପୀଡିତା ହିତେଶକୁ ସବୁକଥା କହିଥିଲେ ଓ ତାଙ୍କୁ ନିଜ ସାଙ୍ଗରେ ନେଇଯିବା ଲାଗି କହିଥିଲେ। କିନ୍ତୁ ପୀଡିତା ନାବାଳିକା ଥିବା ହେତୁ ହିତେଶ ତାଙ୍କୁ ସାଙ୍ଗରେ ନେଇପାରିବେନି ବୋଲି କହିବାରୁ ପୀଡିତା ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଥିଲେ। ପୀଡିତାଙ୍କ କହିବା ଅନୁଯାଇ ହିତେଶ ଗତ ଜୁଲାଇ ମାସରେ ତାଙ୍କୁ ସାଙ୍ଗରେ ନେଇ ସିକନ୍ଦରାବାଦ ଚାଲି ଯାଇଥିଲେ। ଏନେଇ କଲେଜର ପ୍ରିନ୍ସପାଲ୍ ତଥା ୱାର୍ଡେନ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସେପଟେ ହିତେଶ ଓ ପୀଡ଼ିତା ସିକନ୍ଦରାବାଦର ଗୋଟିଏ ଗାଁରେ ଭଡା ନେଇ ପ୍ରାୟ ୧୦ ଦିନ ସେହିଠାରେ ରହିବା ସହ ନିକଟସ୍ଥ ଏକ ମନ୍ଦିରରେ ଉଭୟ ବିବାହ କରିଥିଲେ। ପୁଣି ସେଠାରୁ ପୁନେ ଅଭିମୁଖେ ଚାଲି ଯାଇଥିଲେ। ପୁନେରେ ରହିବା ମଧ୍ୟରେ ହିତେଶ ପୀଡିତାଙ୍କୁ ଏକାଧିକଥର ଦୁଷ୍କର୍ମ କରିଥିଲେ।

ପ୍ରତିବାଦ ପରେ ବଦଳିଲା ନିୟମ

## ମଲ୍‌ରେ ପ୍ରଥମ ଘଣ୍ଟା ପାଇଁ ଲାଗିବନି ପାର୍କିଂ ଫି’

ଭୁବନେଶ୍ୱର, ୨୦।୯ (ସମିସ): ବଦଳିଲା ମଲ୍‌ରେ ପାର୍କିଂ ଫି ଆଦାୟ ନିୟମ। ବନ୍ଦ ହେଲା ପାର୍କିଂ ଫି ଆଦାୟ। କିନ୍ତୁ ଗ୍ରାହକଙ୍କୁ ଏହା ସମ୍ପୂର୍ଣ୍ଣ ଭାବେ ତ୍ରାହି ଦେବ ନାହିଁ। କାରଣ ମଲ୍‌ରେ ପ୍ରଥମ ଏକ ଘଣ୍ଟା କୌଣସି ପାର୍କିଂ ଫି ଲାଗିବ ନାହିଁ। ଏହାପରେ ୧୦ ଟଙ୍କା ଦେବାକୁ ପଡ଼ିବ। ୩ଘଣ୍ଟା ପର୍ଯ୍ୟନ୍ତ ମଲ୍ ପାର୍କିଂରେ ଗାଡି ରଖିଲେ ୧୦ଟଙ୍କା ଦେବାକୁ ପଡ଼ିବ। ୩ଘଣ୍ଟାରୁ ଅଧିକ ସମୟ ଗାଡି ପାର୍କିଂ କଲେ ଅଧିକ ଟଙ୍କା ଦେବାକୁ ପଡ଼ିବ। ମଲ୍‌ରେ ଭିଡ ହେଲେ ଗାଡି ବାହାର କରିବାକୁ ଏକ ଘଣ୍ଟାରୁ ଅଧିକ ସମୟ ଲାଗିବ ବୋଲି ଗ୍ରାହକ ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଯଦି କେହି ରାତି ପର୍ଯ୍ୟନ୍ତ ରଖନ୍ତି ତେବେ ଗାଡି ମାଲ୍ କର୍ତ୍ତୃପକ୍ଷ ଟୋ କରିବେ ବୋଲି ବିଏମ୍‌ସି ଏବଂ ମଲ୍ ମାଲିକଙ୍କ ମଧ୍ୟରେ ହୋଇଥିବା ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରାୟ ୮ରୁ ଉର୍ଦ୍ଧ୍ୱ ମଲ୍ ମାଲିକ ଏହି ବୈଠକରେ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ଯେଉଁ ମଲ୍‌ରେ ସିନେମା ହଲ୍ ରହିଛି ସେଠାରେ ଗ୍ରାହକମାନଙ୍କୁ ୩ ଘଣ୍ଟା ପର୍ଯ୍ୟନ୍ତ ପାର୍କିଂ ଫି ଛାଡ଼ କରାଯିବ। ସେହିପରି ଭିନ୍ନ ଭିନ୍ନ ବାଣିଜ୍ୟ ପ୍ରତିଷ୍ଠାନରେ ପାର୍କିଂ ଫି ଛାଡ କରିବାକୁ ଭିନ୍ନ ଭିନ୍ନ ସମୟସୀମା ଧାର୍ଯ୍ୟ କରାଯାଇଛି। ତେବେ କେଉଁ ମଲ୍ କେଉଁ ନିୟମ କରୁଛନ୍ତି ତାହା ସ୍ପଷ୍ଟ ଭାବେ ଡିସ୍‌ପ୍ଲେ କରିବାକୁ ଗ୍ରାହକମାନେ ଦାବି କରିଛନ୍ତି। ବିଭିନ୍ନ ମଲରେ ଭିନ୍ନ ଭିନ୍ନ ନିୟମ ମନରେ ଦ୍ୱନ୍ଦ ବଢ଼ିବ ବୋଲି ଗ୍ରାହକଙ୍କ ପକ୍ଷରୁ କୁହାଯାଇଛି।

## ସୁନା ଚେନ୍ ଲୁଟେରା ଗିରଫ



ଭୁବନେଶ୍ୱର, ୨୦।୯ (ସମିସ): ସୁନା ଚେନ୍ ଲୁଟ୍ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ହଳଦୀ ପଡ଼ିଆ ବସ୍ତିର ବିଜୟ କୁମାର ସାହୁ (୫୧)।

ପୁଲିସ ସୂଚନା ଅନୁସାରେ, ଜାଗମରା ସିଦ୍ଧେଶ୍ୱର ନଗରରେ ରହୁଥିବା ବନସ୍ମିତା ସାହୁଙ୍କ ଶାଶୁ ରାସ୍ତା ଉପରେ ସ୍କୁଲ ବସକୁ ଅପେକ୍ଷା କରିଥିଲେ। ସେହି ସମୟରେ ବିଜୟ ଏକ ସ୍କୁଟିରେ ଆସି ତାଙ୍କୁ ଫୁଲ ଯାଚି ଥିଲା। ସୁଯୋଗ ଦେଖି ତାଙ୍କ ବେକରୁ ୨୫ ଗ୍ରାମ ଓଜନର ସୁନା ଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ବନସ୍ମିତାଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରିଥିଲା। ଘଟଣାସ୍ଥଳ ଓ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ବିଜୟକୁ ଚିହ୍ନଟ କରିଥିଲା। ଆଜି ବିଜୟକୁ ଗିରଫ କରିବା ସହିତ ତା ହେପାଜତରୁ ଏକ ସୁନା ଚେନ ଓ ସ୍କୁଟି ଜବତ କରିଥିଲା। ବିଜୟ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା’ ନାମରେ ପୂର୍ବରୁ ୧୪ ଗୋଟି ଅପରାଧିକ ମାମଲା ରହିଛି।

## ଅଶାନ୍ତ ୟୁନିଭର୍‌ସିଟି ଲ’ କଲେଜ

### ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ସିନିୟର ଛାତ୍ରଙ୍କ ମାଡ଼

### ଆକ୍ରମଣର ବେଳର ଭିଡିଓ ଭାଇରାଲ



ଭୁବନେଶ୍ୱର, ୨୦।୯ (ସମିସ): ପୂଜା ପୂର୍ବରୁ ଅଶାନ୍ତ ହୋଇପଡ଼ିଛି ୟୁନିଭର୍ସିଟି ଲ’କଲେଜ। ଶନିବାରଚଲେଜ ପରିସରରେ ଗଣ୍ଡଗୋଳ ଦେଖିବାକୁ ମିଳିଛି। ଦ୍ୱିତୀୟ ବର୍ଷ ଛାତ୍ରଙ୍କୁ ତୃତୀୟ ବର୍ଷ ଛାତ୍ରଙ୍କ କ୍ଲାସ୍ ରୁମ୍‌ରେ ଆକ୍ରମଣ କରିବା ସହ ପାର୍କିଂରେ ଗୋଡାଇ ଗୋଡାଇ ମାଡ଼ ମାରିଥିଲେ। ଯାହାର ଭିଡ଼ିଓ ଏବେ ଭାଇରାଲ ହେଉଛି। ଏନେଇ ଥାନାରେ ଦ୍ୱିତୀୟ ବର୍ଷ ଛାତ୍ର ଦେବାଶିଷ ଜେନା ଏବଂ ତୃତୀୟ ବର୍ଷ ଛାତ୍ର ସତ୍ୟମେବ୍ ସାହୁ ଅଭିଯୋଗ କରିଛନ୍ତି। ଦୁଇଟି ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଛି।

ଦ୍ୱିତୀୟ ବର୍ଷ ଛାତ୍ର ଦେବାଶିଷ ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ତୃତୀୟ ବର୍ଷ ଛାତ୍ର ସତ୍ୟମେବ୍ ସବୁବେଳେ ରାଗିଂ କରନ୍ତି। କ୍ଲାସ୍‌କୁ ଯିବା ବେଳେ ବିଭିନ୍ନ ପ୍ରକାର କଥା କହିବା ସହ ଗାଳିଗୁଲଜ କରନ୍ତି। ରାଗିଂକୁ ନେଇ ପୂର୍ବରୁ ପ୍ରିନ୍ସପାଲ୍‌ଙ୍କୁ ଫେରାଦ ହୋଇଥିଲେ ଦେବାଶିଷ। ହେଲେ ପ୍ରିନ୍ସିପାଲ କିଛି ବୁଝି ନ ଥିବାରୁ ସତ୍ୟମେବଙ୍କ ଦୌରାତ୍ମ୍ୟ ବଢ଼ିଯାଇଥିଲା। ଯେଉଁଥି ପାଇଁ ଆଜି ସେ ପିଟିବାକୁ ସାହାସ କଲେ ବୋଲି କହିଛନ୍ତି ଦେବାଶିଷ।

ପୁଲିସ ସୂଚନା ଅନୁସାରେ, ଉଭୟଙ୍କ ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ହୋଇଥିଲା। ଶନିବାର କଲେଜରେ ପ୍ରଥମ ବର୍ଷର ପିଲାଙ୍କୁ ୱେଲ୍‌କମ୍ କରାଯାଉଥିଲା। ଏହି ସମୟରେ ଦୁଇଜଣ କୌଣସି ଏକ କଥାକୁ ନେଇ କଥା କଟାକଟି ହୋଇଥିଲେ। ଏହା ପରେ ଉଭୟ ମାଡ଼ପିଟ୍ ଆରମ୍ଭ କରିଥିଲେ। ଦେବାଶିଷଙ୍କୁ ତଳେ ପକାଇ ତାର ତଣ୍ଟି ଧରି ସତ୍ୟମେବ୍ ମାଡ ମାରିଥିଲେ। ଏପରିକି କଲେଜରେ ଥିବା ଅନ୍ୟ ଅଧ୍ୟକ୍ଷ ସେମାନଙ୍କୁ ଅଟକାଇଥିଲେ ମଧ୍ୟ ସେମାନେ ଶୁଣିନଥିଲେ। ବରଂ କ୍ଲାସ୍ ରୁମ୍ ବାହାରକୁ ଆସି ପାର୍କିଂରେ ପିଟାପିଟି ହୋଇଥିଲେ। ଆକ୍ରମଣରେ ଉଭୟ ଆହତ ହୋଇଛନ୍ତି। ଖବର ପାଇ ପୁଲିସ ପହଞ୍ଚି ବୁଝାସୁଝା ପରେ ଉଭୟ ଥାନାକୁ ଆସି ଅଭିଯୋଗ

## ୧୮ ଲକ୍ଷର ବ୍ରାଉନ୍‌ସୁଗର ଜବତ; ବେପାରୀ ଗିରଫ



ଭୁବନେଶ୍ୱର, ୨୦।୯ (ସମିସ): ରାଜଧାନୀରେ କାୟା ବିସ୍ତାର କଲେଣି ନିଶା ବେପାରୀ। ସହରର ଗଳିକନ୍ଦିରେ ଗଞ୍ଜେଇ ଠାରୁ ଆରମ୍ଭ କରି ବ୍ରାଉନସୁଗର ବିକ୍ରି ହେଉଛି। ଶୁକ୍ରବାର କ୍ରାଇମବ୍ରାଞ୍ଚର ଏସଟିଏଫ୍ ୧୨୧ ଗ୍ରାମ ବ୍ରାଉନସୁଗର ଜବତ କରିଥିବା ବେଳେ ଆଜି ୧୭୮ ଗ୍ରାମ ବ୍ରାଉନସୁଗର କରିଛି ଅବକାରୀ ବିଭାଗ। ବେଆଇନ ବ୍ରାଉନସୁଗର କାରବାର କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ମଞ୍ଚେଶ୍ୱର ଥାନା ଇଞ୍ଜଣା ଗାଁର କୃଷ୍ଣଚନ୍ଦ୍ର ନାଥ (୨୮)।

ସୂଚନାନୁସାରେ, ଇଞ୍ଜଣାର କୃଷ୍ଣଚନ୍ଦ୍ର କଳାରାହାଙ୍ଗ ଅଞ୍ଚଳରେ ବ୍ରାଉନସୁଗର ବିକ୍ରି କରୁଥିବା ନେଇ ଅବକାରୀ ସ୍କ୍ୱାଡକୁ ଖବର ମିଳିଥିଲା। ଅବକାରୀ ଥାନାର ସ୍ୱତନ୍ତ୍ର ଟିମ୍ କୃଷ୍ଣଚନ୍ଦ୍ରକୁ ପିଛା କରିଥିଲେ। ପୁଲିସକୁ ଦେଖି ଖସିଯିବାକୁ ଉଦ୍ୟମ କରୁଥିବା କୃଷ୍ଣଚନ୍ଦ୍ରକୁ କଳାରାହାଙ୍ଗ ରେଳ ଫାଟକ ନିକଟରେ ଅଟକାଇଥିଲା। ଯାଞ୍ଚ ସମୟରେ ତା’ ଠାରୁ ୧୭୮ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଥିଲା। ସେ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗର ସଂଗ୍ରହ କରି ଆଣି ରାଜଧାନୀର ବିଭିନ୍ନ ବେପାରୀଙ୍କୁ ଯୋଗାଉଥିଲା। କୃଷ୍ଣଚନ୍ଦ୍ର ନିୟମିତ ବ୍ୟବଧାନରେ ଏପରି କରି ଆସୁଥିଲା। ଏନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି କୃଷ୍ଣଚନ୍ଦ୍ରକୁ କୋର୍ଟ ଚାଲାଣ କରିଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୧୮ ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି।

ଉତ୍ପାତ କଲେଣି ଅପରାଧୀ

# ପୂଜା ପୂର୍ବରୁ ଆକ୍ରାମାକ୍ରା ରାଜଧାନୀ



ଭୁବନେଶ୍ୱର, ୨୦।୯ (ସମିସ): ପୂଜା ପୂର୍ବରୁ ରାଜଧାନୀରେ ସକ୍ରିୟ ହେଲେଣି ଅପରାଧି। ପ୍ରତିଦିନ ହତ୍ୟା, ବୋମାମାଡ଼ ଏବଂ ଛୁରାମାଡ଼ରେ ଆତଙ୍କିତ ରାଜଧାନୀବାସୀ। ରାତି ହେଲେ ଘରୁ ଗୋଡ଼ କାଢିବାକୁ ଡରିଲେଣି ଲୋକେ। ଯଦି କେହି ବାହାରକୁ ଯାଉଛନ୍ତି ଅନ୍ଧାର ହେଲାମାତ୍ରେ ଫେରି ଆସୁଛନ୍ତି। ଏଭଳି ସ୍ଥିତିରେ ପୁଲିସ ଉପରୁ ଲୋକଙ୍କ ବିଶ୍ୱାସ ତୁଟି ଗଲାଣି। ସହରରେ ବିଗୁଡୁଥିବା ଆଇନ୍ ଶୃଙ୍ଖଳା ପାଇଁ କିଏ ଦାୟୀ ତାହାକୁ ନେଇ ପ୍ରଶ୍ନ ଉଠୁଛି। ବଡ଼ କଥା ହେଲା ପୁଲିସ ମଧ୍ୟ ନିଜେ ଅପରାଧରେ ଜଡ଼ିତ ରହୁଛି। ନିକଟରେ ଟ୍ରାଫିକ୍ କନ୍‌ଷ୍ଟେବଳ ଶୁଭମିତ୍ରା ହତ୍ୟା ଘଟଣାରେ ସିପି ଅଫିସର ଜଣେ ପୁଲିସ କର୍ମଚାରୀ ଦୀପକ ହତ୍ୟାକରି ଘଟଗାଁରେ ପୋତିଥିଲା। ସେହିପରି ଏୟାରପୋର୍ଟ ଥାନା ପୁଲିସ ଚାକିରି ଆଳରେ ଠକୁଥିବା ଦୁଇ ଜଣ ପୁଲିସ କର୍ମଚାରୀଙ୍କୁ ଗିରଫ କରିଥିଲା। ଏହିଭଳି ରାଜଧାନୀରେ ଏକାଧିକ ପୁଲିସ କର୍ମଚାରୀ ମଧ୍ୟ ଅପରାଧରେ ଜଡ଼ିତ ହେଉଛି।

- ହତ୍ୟା, ବୋମାମାଡ଼ ଓ ଛୁରାମାଡ଼ ଆତଙ୍କ
- ଗୋଟିଏ ରାତିରେ ଘନଘନ ବୋମାମାଡ଼
- ଗାଡ଼ି ଧକ୍କା ପାଇଁ ଯୁବକଙ୍କୁ ଗୋଡ଼ାଇ ହାଣିଲେ
- ମାମଲା ରୁଜୁକରି ହାତବାନ୍ଧି ବସୁଛି ପୁଲିସ



ଗତ ମଙ୍ଗଳବାର ରାତିରେ ବି ରାଜଧାନୀର ଦୁଇଟି ସ୍ଥାନରେ ସିରିଜ୍ ବୋମାମାଡ଼ ହୋଇଥିଲା। କିଛି ବୋମା ଫୁଟିଥିବାବେଳେ ଆଉ କିଛି ଅଫୁଟା ବୋମା ଉଦ୍ଧାର କରିଥିଲା ପୁଲିସ। ମଇଁଶାଖାଲ ବସ୍ତିରେ ବୋମାମାଡ଼ ହୋଇଥିବା ବେଳେ ପରେ କଏଦୀ ଗୋଦାମବସ୍ତିରେ ବୋମା ମାଡ଼ ହୋଇଥିଲା। ବଡ଼ କଥା ହେଲା ପୁଲିସ ଉପସ୍ଥିତିରେ ଏହି ବୋମା ମାଡ଼ ହୋଇଛି। ହେଲେ ଏହି ଅଭିଯୋଗରେ ପୁଲିସ କେବଳ ମାମଲା ରୁଜୁ କରିଥିଲେ ମଧ୍ୟ ଅପରାଧୀକୁ ଧରିବାରେ ବିଫଳ ହୋଇଛି।



ଗତ ୧୬ ତାରିଖରେ ଗାଡ଼ି ଧକ୍କାକୁ କେନ୍ଦ୍ରକରି ମଇଁଶାଖାଲ ବସ୍ତିର ସନ୍ଦିପ ନାୟକ ନାମକ ଯୁବକଙ୍କୁ ଗୋଡାଇ ଗୋଡାଇ ହାଣିଥିଲେ ଅଭିଯୁକ୍ତ। ସନ୍ଦୀପ ରାତି ୯ଟା ସମୟରେ ଗାଡି ନେଇ ଘରକୁ ଫେରୁଥିଲେ। ମଇଁଶାଖାଲ ବସ୍ତି ଛକରେ ବାଇକ୍ ଜଣଙ୍କ ସହ ପିଟି ହୋଇଯାଇଥିଲା। ଏହି କଥାକୁ ନେଇ ଉକ୍ତ ଦୁଇ ଜଣ ଯୁବକଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ହେଲେ ଅନ୍ୟ ଜଣେ ଯୁବକ ତାର ଗୋଷ୍ଠୀ ପିଲାଙ୍କୁ ଡାକି ଦେଇଥିଲେ। ପରେ ୬ ଜଣ ଅଭିଯୁକ୍ତ ସେଠାରେ ଖଣ୍ଡା, କଟୁରୀ ଧରି ଆସି ସନ୍ଦୀପଙ୍କୁ ହାଣିଥିଲେ।

ଗତ ୬ତାରିଖରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରେଳଡବା ମରାମତି କାରଖାନା ନିକଟ ଖେଳପଡ଼ିଆ ନିକଟରେ ଥିବା ଶୌଚାଳୟ ପଛରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତମାନେ ତାଙ୍କୁ ହତ୍ୟାକରି ସେଠାରେ ଫିଙ୍ଗି ଦେଇଥିଲେ। ଏପରିକି ମୃତଦେହ ଲୁଚାଇବା ପାଇଁ ତା ଉପରେ କୁଟା ଏବଂ ପଟା ପକାଇ ଦେଇଥିଲେ। ହତ୍ୟା ମାମଲା ରୁଜୁ କରି ପୁଲିସ ତଦନ୍ତ କରିଥିଲେ ମଧ୍ୟ ଅଭିଯୁକ୍ତକୁ ଧରିବା ଦୂରର କଥା, ମୃତକଙ୍କ ପରିଚୟ ମଧ୍ୟ ମିଳିପାରିନାହିଁ। ଉକ୍ତ ବ୍ୟକ୍ତିର ପରିଚୟ ଦେଲେ ପୁଲିସ ପୁରସ୍କାର ଦେବାକୁ ଘୋଷଣା କରିଛି। ଏତେ ସବୁ ପରେ ବି ପୁଲିସ ତାର ପରିଚୟ ପାଇପାରିନି।

### ଟାକ୍ସି ଡ୍ରାଇଭରକୁ ଅପହରଣ ପରେ ହତ୍ୟା

ଚାକିରି ଟଙ୍କା ଫେରାଇବା ପାଇଁ ଜଣେ ଟାକ୍ସି ଡ୍ରାଇଭର ବିଦ୍ୟାଧର ସାହୁଙ୍କୁ ଅପହରଣ ପରେ ହତ୍ୟା କରାଯାଇଛି। ଅପହରଣର ୫ ଦିନ ପରେ ବାରଙ୍ଗ-ଚନ୍ଦକା ନିକଟ ରାସ୍ତାରୁ ମିଳିଲା କ୍ଷତବିକ୍ଷତ ମୃତଦେହ। ଗତ ୧୫ ତାରିଖରେ ତାଙ୍କୁ ଅପହରଣ କରାଯାଇଥିବା ନେଇ ବଡଗଡ଼ ଥାନାରେ ହୋଇଥିଲା ଅଭିଯୋଗ। କିନ୍ତୁ ପୁଲିସ ଅଭିଯୋଗକୁ ଭ୍ରୂକ୍ଷେପ କରି ନ ଥିବାରୁ ଦୁର୍ବୃତ୍ତମାନେ ତାକୁ ମାରି ଫିଙ୍ଗି ଦେଇଥିବା କୁହାଯାଉଛି। ଶନିବାର ବିଦ୍ୟାଧରଙ୍କ ମୃତଦେହ ମିଳିଛି।

## ପାରାଦୀପ ବିଶ୍ୱକର୍ମା ପୂଜା

# ଚତୁର୍ଥ ଦିବସରେ ୫୦ ହଜାରରୁ ଅଧିକ ଲୋକଙ୍କ ସମାଗମ

ପାରାଦୀପ,୨୦।୯ (ସମିସ):

ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଚତୁର୍ଥ ଦିବସରେ ପହଞ୍ଚିଛି। ଭିନ୍ନ କଳାକୃତିରେ ଶୋଭା ପାଉଥିବା ପୂଜା ମଣ୍ଡପରେ ଗହଳି ଦେଖିବାକୁ ମିଳିଥିଲା। ଆଜି

- ଭିନ୍ନ କଳାକୃତିରେ ଶୋଭାପାଉଛି ପୂଜା ମଣ୍ଡପ
- ବଡ଼ପଡ଼ିଆ ଥାନା ଛକରୁ ଜୟଦେବ ସଦନ ଛକ ଲୋକାରଣ୍ୟ



ଅପରାହ୍ନରୁ ଗହଳି ବଢ଼ି ଚାଲିଥିବାବେଳେ ସନ୍ଧ୍ୟା ୭ଟାରେ ବଡ଼ପଡ଼ିଆ ଥାନା ଛକରୁ ଜୟଦେବ ସଦନ ଛକ ଦେଇ ହୋଟେଲ ଏମ୍ପାୟାର୍ସ ପର୍ଯ୍ୟନ୍ତ ଲୋକାରଣ୍ୟ ହୋଇଥିଲା। ପୂଜା ଯେତିକି ଶେଷ ହୋଇଆସୁଛି, ଦର୍ଶକଙ୍କ ସଂଖ୍ୟା ବଢ଼ି ଚାଲିଛି। ସେପଟେ ବେଳାଭୂମିରେ ଚାଲିଥିବା ବାଣିଜ୍ୟ ମେଳାରେ ମଧ ବହୁ ସମାଗମ ହୋଇଥିଲା। ପାରାଦୀପ ସହର ବ୍ୟତୀତ ମେରାଇନ ରାସ୍ତା ଓ ସମୁଦ୍ର ବେଳାଭୂମିରେ ଗହଳି ରହିଛି। ୫୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିବା କୁହାଯାଉଛି।

ଆସନ୍ତାକାଲି ରବିବାର ଛୁଟିଦିନ ଥିବାରୁ ଅଧିକ ଗହଳି ହେବା ନେଇ ଆଶା କରାଯାଉଛି। ଗହଳି ପାଇଁ ମୋବାଇଲ ମଧ କାମ କରୁନାହିଁ। ସନ୍ଧ୍ୟାରୁ ରାତି ୧୧ ପର୍ଯ୍ୟନ୍ତ ନେଟୱାର୍କ ନ ଥିବାରୁ ମୋବାଇଲ କାମ କରୁ ନ ଥିବା ଜଣାପଡିଛି। ଖାଇବା ଷ୍ଟଲ, ଘରକରଣା ଷ୍ଟଲ, ପୌର ପ୍ରଶାସନର ସାମର୍ଥ୍ୟ ଷ୍ଟଲ, ଓରମାସ ଓ ଫାଷ୍ଟଫୁଡ ଷ୍ଟଲରେ ଗହଳି ଥିଲା। ପୌର ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ଅଭ୍ୟର୍ଥନା ପ୍ରକୋଷ୍ଠରେ ପୌରାଧକ୍ଷଙ୍କ ସମେତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ପୂଜାକୁ ତଦାରଖ କରିଥିଲେ। ଲୋକଙ୍କୁ ସଚେତନ ରହିବାକୁ ପୌର ପ୍ରଶାସନ ପକ୍ଷରୁ ଡାକବାଜି ଦ୍ୱାରା ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ପଲିଥିନ ବ୍ୟବହାର ନ କରିବାକୁ ବାରମ୍ବାର ସଚେତନ କରାଉଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରଶାସନ ପକ୍ଷରୁ ଖାଦ୍ୟ ପଦାର୍ଥ ଯାଞ୍ଚ କରାଯାଉନାହିଁ। ଏଥପ୍ରତି ପୌର କର୍ତ୍ତୃପକ୍ଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

● ମହିଳା ସରପଞ୍ଚଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଘଟଣା

## ଥାନା ବାରଣ୍ଡାରେ ଧାରଣାରେ ବସିଲେ ବିଧାୟକ



ରାଜନଗର, ୨୦।୯ (ସମିସ): ଦଳିତ ମହିଳା ସରପଞ୍ଚଙ୍କୁ ଘରେ ପଶି ସଙ୍ଘବଦ୍ଧ ଆକ୍ରମଣ ଘଟଣାରେ ପୁଲିସ ନୀରବତା ଉପରେ ପ୍ରଶ୍ନ ଉଠାଇବା ସହିତ ଥାନା ବାରଣ୍ଡାରେ ଧାରଣାରେ ବସିଛନ୍ତି ରାଜନଗର ବିଧାୟକ ଧ୍ରୁବ ସାହୁ। ରାଜନଗର ଥାନା ଆଗରେ ୩ ଦିନ ଧରି ରାଜପୁର ସରପଞ୍ଚ ରାଣୀମଞ୍ଜରୀ ସେଠୀ ନ୍ୟାୟ ପାଇଁ ଥାନା ବାରଣ୍ଡାରେ ଧାରଣାରେ ବସି ରହିଥିବାବେଳେ ଆମ୍ବେଦକର ବିଚାର ଲୋହିଆ ମଞ୍ଚ ଥାନା ସମୁଖ ଫାଟକ ଆଗରେ ଧାରଣାରେ ବସି ରହିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରାଯାଉ ନ ଥିବାରୁ ଆଜି ରାତି ପ୍ରାୟ ୯ଟାବେଳେ ରାଜନଗର ବିଧାୟକ ପହଞ୍ଚି ଥାନା ବାରଣ୍ଡାରେ ବସିଥିଲେ। ରାଜପୁର ସରପଞ୍ଚ ରାଣୀମଞ୍ଜରୀ ସେଠୀ, ଜିଲ୍ଲା ଲୋହିଆ ମଞ୍ଚ ମହିଳା ସଭାପତି ପ୍ରମିଳା ସେଠୀ, ଜିଲ୍ଲା ସଭାପତି ରବୀନ୍ଦ୍ର ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ଦଶରଥ ମଲିକ, ଜିଲ୍ଲା ପଟ୍ଟାମୁଣ୍ଡାଇ ଦଳିତ ଜାତିସଙ୍ଘର କଳ୍ପତରୁ ମଲିକ, ସଭାପତି ପଟ୍ଟାମୁଣ୍ଡାଇ ବ୍ଲକ୍ ପରୀକ୍ଷିତ ମଲିକ, ସମ୍ପାଦକ ପଟ୍ଟାମୁଣ୍ଡାଇ ବ୍ଲକ୍ ଈଶ୍ୱର ମଲିକ, ସମ୍ପାଦକ ରାଜନଗର ବ୍ଲକ୍ ବାବନ ଜେନା ପ୍ରମୁଖ ଧାରଣାରେ ବସିଥିଲେ। ସେମାନଙ୍କ ସହ ବିଧାୟକ ୧ ଘଣ୍ଟା ଧରି ଧାରଣାରେ ବସିଥିଲେ। ଅତିରିକ୍ତ ଏସପି ସୁଧାକର ସାହୁ, ଏସଡିପିଓ କ୍ଷମାସାଗର ପଣ୍ଡା ବିଧାୟକ ଓ ଦଳିତ ସଂଘର ନେତା ଓ ସରପଞ୍ଚଙ୍କ ସହିତ ଆଲୋଚନା କରିଥିଲେ। ୧୫ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ବିଧାୟକ, ସରପଞ୍ଚ ଓ ଦଳିତ ନେତା ଧାରଣରୁ ଉଠିଛନ୍ତି। ୧୫ ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ରାଜନଗର ଥାନା ଆଗରେ ଆଇନଅମାନ୍ୟ ଆନ୍ଦୋଳନ ସହିତ ଥାନା ଘେରାଉ କରାଯିବ ବୋଲି ବିଧାୟକ ଓ ଦଳିତ ନେତା ପୁଲିସକୁ ଚେତାବନୀ ଦେଇଥିବା ଜଣାପଡ଼ିଛି।

## ଗଳଧାରୀ ପଞ୍ଚାୟତରେ ସରକାରୀ ଜମି ସୀମା ନିର୍ଦ୍ଧାରଣ

ନାଉଗାଁ, ୨୦।୯ (ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଗଳଧାରୀ ପଞ୍ଚାୟତରେ ଥିବା ସରକାରୀ ଜମିକୁ କେତେକ ବ୍ୟକ୍ତି ବର୍ଷ ବର୍ଷ ଧରି ଜବରଦଖଲରେ ରଖିଛନ୍ତି। ସରକାରୀ ଜମିରେ ସୀମା ଚିହ୍ନଟ ପାଇଁ ସରପଞ୍ଚ ଦିଲ୍ଲୀପ ନାୟକଙ୍କ ଅଭିଯୋଗକ୍ରମେ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଆଦେଶ ପ୍ରଦାନ କରାଯାଇଛି। ଏହି ଆଦେଶ ଅନୁଯାୟୀ ଆଜି ନାଉଗାଁ ତହସିଲ ପକ୍ଷରୁ ପୁଲିସ ବାହିନୀ ସହାୟତାରେ ଗଳଧାରୀ ମୌଜାର ଖାତାନଂ ୧୦୫୮, ଏ ୭.୫୦ଡି ଓ ଖାତା ନଂ୧୦୫୯, ଏ ୩୨.୨୨ଡିର ସୀମା ନିର୍ଦ୍ଧାରିତ କରାଯାଇଛି। ଅତିରିକ୍ତ ତହସିଲଦାରଙ୍କ ସମେତ ରାଜସ୍ୱ ନିରୀକ୍ଷକ, ସରକାରୀ ଅମିନ, ଥାନା ଅଧିକାରୀ, ସରପଞ୍ଚ ଉପସ୍ଥିତ ଥିଲେ।

## କୀଟନାଶକ ଦୋକାନରେ ଅଗ୍ନିକାଣ୍ଡ



ନାଉଗାଁ,୨୦।୯ (ସମିସ): ନାଉଗାଁ ହାଟ ଶ୍ରୀଜଗନ୍ନାଥ କୀଟନାଶକ ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଗତକାଲି ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଏହା ଜାଣିବା ପରେ ଦୋକନ ମାଲିକ ସତ୍ୟରଞ୍ଜନ ଦାସ ଦୋକାନ ଉପର ଗୃହରେ ଥିବା ପରିବାର ଲୋକଙ୍କୁ ସୁରକ୍ଷିତ ଭାବେ ଛାତ ଉପରକୁ ନେଇଯାଇ ନାଉଗାଁ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଦୋକାନର ୯୦ ପ୍ରତିଶତ ସାମଗ୍ରୀ ପୋଡ଼ିଯାଇଥିଲା।

## ଗଞ୍ଜେଇ ଜବତ; ୨ ଗିରଫ

ନାଉଗାଁ,୨୦।୯ (ସମିସ): ନାଉଗାଁ ଥାନା ଆଇଆଇସି ପ୍ରଦୀପ୍ତ କାନୁନଗୋଙ୍କ ତତ୍ତ୍ୱାବଧାନରେ ଏସଆଇ ଜାକସନ ମାଝୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗତକାଲି ରାତିରେ ଗଳଦାରୀ ଛକ (ଦେବିଦୋଳ) ନିକଟରେ ସର୍ଚ୍ଚ ଅପରେସନ କରିଥିଲା। ଏହି ଅପରେସନ୍ ସମୟରେ ନିଆଳି ଥାନା ଅଞ୍ଚଳର ପଟେଣୀବାଣପୁର ଗ୍ରାମର ଅଭୟ ଜେନା, ନାଉଗାଁ ଥାନା ଅଞ୍ଚଳ ବୋଦଳ ଗ୍ରାମର ଉମେଶ ମୁଦୁଲିଙ୍କୁ ଗିରଫ କରାଯାଇ ସେମାନଙ୍କ ନିକଟରୁ ୨ କିଲୋ ୭ ୯୨ ଗ୍ରାମ ଗଞ୍ଜେଇ ଓ ୭୮୧୦ ଟଙ୍କା ଜବତ କରାଯାଇଥିଲା। ଜବତ ଗଞ୍ଜେଇର ମୂଲ୍ୟ ୪୦ ହଜାରରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଗିରଫ ଦୁଇଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିବା ନାଉଗାଁ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ଶିଆଳି ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ



ବାଲିକୁଦା,୨୦।୯ (ସମିସ): ଶିଆଳି ବେଳାଭୂମିରେ ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ଓ ସାଗର ବନ୍ଧୁ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମହୋଦଧି ଆଳତୀ ପରେ ସାଗର ବକ୍ଷକୁ ପଲିଥିନ ଓ ପ୍ଲାଷ୍ଟିକ ଆବର୍ଜନା ମୁକ୍ତ କରିବାକୁ ସଂକଳ୍ପ ପାଠ କରାଯାଇଥିଲା। ଉତ୍କଳ ସେବା ନିବୃତ୍ତ ସେନାନୀ ସଙ୍ଘର ଜେନେରାଲ ସେକ୍ରେଟାରୀ ପ୍ରଦୀପ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗତସିଂହପୁର ସଭାପତି ସୋମନାଥ ମହାରଣା, ବିପିନ ମୁଦୁଲି, ଶିବଚରଣ ମଲ୍ଲିକ, ଜଗନ୍ନାଥ ଦାସ, ଜ୍ୟୋତିରଞ୍ଜନ ଦାସ, ଜଟାଧାରୀ ନାଥ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିମାଇଁ ମଲ୍ଲିକ, ଗୁରୁଚରଣ ସ୍ୱାଇଁ, ନାଗୁଚରଣ ଦେବତା, ଜିଲ୍ଲା କର୍ଯ୍ୟବାହ ଜିତେନ୍ଦ୍ର ବିଶ୍ୱାଳ, ନାରାୟଣ ନନ୍ଦ, ଏରସମା ଖଣ୍ଡ କାର୍ଯ୍ୟବାହ କୃଷ୍ଣଚନ୍ଦ୍ର ଘଡ଼ାଇ, ବସନ୍ତ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଜଗତସିଂପୁର ସାଂସଦ ପ୍ରତିନିଧି ଜଟାଧାରୀ ସ୍ୱାଇଁ ଓ ପୂର୍ବତନ ମଣ୍ଡଳ ସଭାପତି ଲକ୍ଷ୍ମୀଧର ଓଝା, ଅନୀଲ ସ୍ୱାଇଁଙ୍କ ସହ ସ୍ଥାନୀୟ ଯୁବ ସଂଗଠନ ଓ ସମାଜସେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ସୃଜନର ସୁଗନ୍ଧ'ର ପୂଜା ସଂଖ୍ୟା ଉନ୍ମୋଚିତ

ଏରସମା, ୨୦।୯ (ସମିସ): ସାହିତ୍ୟ ପତ୍ରିକା 'ସୃଜନର ସୁଗନ୍ଧ'ର ଶାରଦୀୟ ସଂଖ୍ୟା ଏରସମା ବ୍ଲକ ସମ୍ମିଳନୀ କକ୍ଷରେ ଉନ୍ମୋଚିତ ହୋଇଛି। ଅବସରପ୍ରାପ୍ତ ଅଧକ୍ଷ ଡଃ ସର୍ବେଶ୍ୱର ସେଣ ମୁଖ୍ୟଅତିଥି ଭାବେ ଯୋଗଦେଇ ପତ୍ରପତ୍ରିକା ସାହିତ୍ୟର ବାର୍ତ୍ତାବହ ବୋଲି କହିଥିଲେ। ବିଡିଓ ଦାଶରଥି ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ମୁଖ୍ୟବକ୍ତା, ଗଣଶିକ୍ଷା ବିଭାଗର ପୂର୍ବତନ ଉପଦେଷ୍ଟା ଶିଶିର ପରିଜା, ନାଟ୍ୟକାର ରଘୁନାଥ ସାହୁ, ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ଲେଙ୍କା, ନିଖିଳ ଉତ୍କଳ କୃଷକ ସଭାର ରାଜ୍ୟ ସଭାପତି ଶଶୀଭୂଷଣ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୃଜନର ସୁଗନ୍ଧର ପୂଜା ସଂଖ୍ୟା ଉନ୍ମୋଚନ କରିଥିଲେ। ଜ୍ଞାନରଞ୍ଜନ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସ୍ମୃତିରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସେବା ଓ ପରିମଳ ସମ୍ପର୍କିତ ତାଲିମ

ରଘୁନାଥପୁର,୨୦।୯ (ସମିସ): ରଘୁନାଥପୁର ବ୍ଲକ ସଭାକକ୍ଷରେ ବ୍ଲକସ୍ତରୀୟ ସ୍ୱଚ୍ଛତା ହିଁ ସେବା ଓ ପରିମଳ ସମ୍ପର୍କିତ ଏକଦିବସୀୟ ପରିଚାଳନା ତାଲିମ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ସରପଞ୍ଚ, ସମିତି ସଭ୍ୟସଭ୍ୟା, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପରିମଳ ବିଭାଗ କର୍ମଚାରୀ ଯୋଗଦେଇଥିଲେ। ମୁଖ୍ୟ କିରାଣି ବିଜୟ ମଲ୍ଲିକ, ଆକାଉଣ୍ଟ ଅଫିସର ବୈରାଗୀ ସେଠୀ ଓ ବିଆରସି ଇତିସ୍ମିତା ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜନପ୍ରତିନିଧି ସେମାନଙ୍କ ପଞ୍ଚାୟତରେ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେଇ ସମାଜରେ ସୁସ୍ଥ ପରିବେଶ ସୃଷ୍ଟି ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ଏଥିସହ ପ୍ରତ୍ୟେକ ପରିବାରରେ ଉତ୍ତମ ପରିମଳ ବ୍ୟବସ୍ଥା ଓ ବାହାର ପରିବେଶକୁ ମଳମୁକ୍ତ ରଖିବା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ପରେ ବ୍ଲକ୍ ପରିସର ସଫେଇ କରାଯାଇଥିଲା।

## ପାରାଦୀପରେ ସମୁଦ୍ର ସମୃଦ୍ଧି କାର୍ଯ୍ୟକ୍ରମ

ପାରାଦୀପ,୨୦।୯ (ସମିସ): ଦେଶ ବ୍ୟାପି ସାମୁଦ୍ରିକ କ୍ଷେତ୍ରର ରୂପାନ୍ତରଣ ପାଇଁ ଭିଡିଓ କନଫରେନସିଂ ମାଧମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩୪,୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ଉଦଘାଟନ କରିଛନ୍ତି। ଗୁଜୁରାଟର ଭାବନଗରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶାର ପାରାଦୀପ ବନ୍ଦରର ଦକ୍ଷିଣ କନେର ବର୍ଥ, ସାଉଥ କେଓ୍ୱର ଯାନ୍ତ୍ରୀକିକରଣ, ବହୁମୁଖୀ ପଣ୍ୟବର୍ଥର ଯାନ୍ତ୍ରୀକିକରଣ, ଉର ଡକ୍ କମ୍ପେଲକ୍ସ-୩ର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ପାରାଦୀପ ବନ୍ଦର ଜୟଦେବ ସଦନରେ ସମୁଦ୍ର ସମୃଦ୍ଧି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ସାଂସଦ ଡ. ବିଭୂପ୍ରସାଦ ତରାଇ ଯୋଗ ଦେଇଥିଲେ। ଭାବନଗରଠାରେ ଅନୁଷ୍ଠିତ ହେଉଥିବା ଟ୍ରାନଫରମିଂ ମେରିଟାଇମ୍ ସେକ୍ଟର କନକ୍ଲେଭରେ ଶୁକ୍ରବାର ଦିନ ଗଂଜାମ ଜିଲ୍ଲାର ବାହୁଦ ମୁହାଣରେ ଏକ ବନ୍ଦର ନିର୍ମାଣ ନିମନ୍ତେ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଓଡିଶା ସାମୁଦ୍ରିକ ବୋର୍ଡ ଓ ଭାରତ ସରକାରଙ୍କ ସାଗରମାଳା ଫାଇନାନ୍ସ କର୍ପୋରେସନ ଲିମିଟେଡ୍ ମଧ୍ୟରେ ଏହି ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ୨୧,୫୦୦ କୋଟି ଟଙ୍କା



ବିନିଯୋଗରେ ୫୦୦୫ ଏକର ଲୁଣା ଜମିରେ ଏହି ବନ୍ଦର ପାରାଦୀପ ବନ୍ଦରର ସାଟେଲାଇଟ୍ ବନ୍ଦର ହେବ। ଏହି ବନ୍ଦରରେ ବାର୍ଷିକ ୧୫୦ ଏମଏମଟି ପଣ୍ୟ କାରବାର ହେବା ଲକ୍ଷ୍ୟ ରଖାଯାଇଛି। ଏଥିସହିତ କେନ୍ଦ୍ରାପଡା ଜିଲ୍ଲାରେ ଜାହାଜ ନିର୍ମାଣ କ୍ଲଷ୍ଟର ନିମନ୍ତେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଓ ଓଡିଶା ସାମୁଦ୍ରିକ ବୋର୍ଡ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ମହାନଦୀ ଅବବାହିକାରେ ପ୍ରସ୍ତାବିତ ଏହି କ୍ଲଷ୍ଟରରେ ୧ ନିୟୁତ ଟନ୍‌ରୁ ଅଧିକ କ୍ଷମତା ବିଶିଷ୍ଟ ଜାହାଜ ନିର୍ମାଣ ହେବା ସହିତ ଦୁଇରୁ ଅଢେଇ ଏକର ଜମିରେ ଜାହାଜ ଇଂଜିନ୍ ନିର୍ମାଣ କରାଯିବ। ଷ୍ଟିଲ ଫେବ୍ରିକେସନ୍, ଉପକରଣ ନିର୍ମାଣ କାରଖାନା, ପ୍ରଶାସନିକ କାର୍ଯ୍ୟାଳୟ, ତାଲିମ କେନ୍ଦ୍ର, ଗବେଷଣା କେନ୍ଦ୍ର ନିର୍ମାଣ ହେବ। ଏହି ଯୋଜନା କାର୍ଯ୍ୟକ୍ଷମ ହେଲେ ଜାହାଜ ନିର୍ମାଣ କ୍ଷେତ୍ରରେ ଓଡିଶା ବିଶ୍ୱସ୍ତରୀୟ କେନ୍ଦ୍ର ହୋଇପାରିବ। ସମୁଦ୍ର ସମୃଦ୍ଧି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଉପସଂରକ୍ଷକ କ୍ୟାପଟେନ୍ ଏ.ସି. ସାହୁ, ମୁଖ୍ୟ ଯାତାୟାତ ପ୍ରବନ୍ଧକ ଜି.ଏଡିସନ୍, ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ ପାରାଦୀପ ବନ୍ଦରର ବିଭିନ୍ନ ବିଭାଗ ପଦାଧିକାରୀ ଉପସ୍ଥିତ ଥିଲେ।

## ଡିଆଇଇଟିରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତଙ୍କ ସମାରୋହ



ଜଗତସିଂହପୁର,୨୦।୯ (ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛି। ଏହି ସଫଳତାକୁ ସହଯୋଗୀ ତଥା ଅନୁଷ୍ଠାନର ଗୁରୁ, ଛାତ୍ରଛାତ୍ରୀଙ୍କ ସହ ବାଣ୍ଟିବା ପାଇଁ ଧନ୍ୟବାଦ ଅର୍ପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅଧକ୍ଷ ରମେଶ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ପରେଶ ଚନ୍ଦ୍ର ପାତ୍ର ଯୋଗଦାନ କରିଥିଲେ। ଶ୍ରୀ ପାତ୍ର ଗୁରୁ, ଛାତ୍ରଛାତ୍ରୀଙ୍କୁ କର୍ତ୍ତବ୍ୟ ନିଷ୍ଠ ହେବା ଓ ବାସ୍ତବାନୁଭୁତିକୁ ଭିତ୍ତିକରି ପ୍ରତିକୂଳ ପରିସ୍ଥିତିକୁ ସମ୍ମୁଖିନ କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅଧକ୍ଷ ସମୂହ ଉଦ୍ୟମ ହିଁ ସଫଳତାର ଚାବିକାଠି ବୋଲି କହିଥିଲେ। ଏହି ପୁରସ୍କାରର ଶ୍ରେୟ ଅନୁଷ୍ଠାନର କର୍ମଚାରୀ ଓ ଗୁରୁ ଛାତ୍ରଛାତ୍ରୀ, ଜିଲ୍ଲାର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଜିଲ୍ଲା ପ୍ରଶାସନ, ଜିଲ୍ଲାର ସମସ୍ତ ଶିକ୍ଷା କର୍ମଚାରୀ, ଶିକ୍ଷକ ଓ ସମସ୍ତ ଜନପ୍ରତିନିଧିଙ୍କୁ ଅର୍ପଣ କରିଥିଲେ। ଚଳିତବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିଜୟିନୀ ପ୍ରୟୋଗଶାଳା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ମଧୁସ୍ମିତା ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗଦେଇ ନିଜ ଅଭିଜ୍ଞତା ସମ୍ପର୍କରେ ମତବ୍ୟକ୍ତ କରି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ।

## ଡଗରପଡ଼ା ଭକ୍ତିବେଦାନ୍ତ ଆଶ୍ରମରେ ଚାରାରୋପଣ

କୁଜଙ୍ଗ,୨୦।୯ (ସମିସ): ବଣିତୋ ପଞ୍ଚାୟତର ଡଗରପଡା ଭକ୍ତିବେଦାନ୍ତ ଆଶ୍ରମରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଶ୍ରମର ପ୍ରତିଷ୍ଠାତା ବାବା ବନମାଳୀ ଦାସମହାରାଜ କହିଥିଲେ, ସୃଷ୍ଟିର ଆଧାର ହିଁ ବୃକ୍ଷ। ବୃକ୍ଷ ବିନା ପ୍ରାଣ ସଞ୍ଚରିତ ହୋଇପାରିବନାହିଁ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଡଃ ସୁନାକର ବେହେରା, ଆଶ୍ରମ ଭଉଣୀ କୁନି ଅପା, ସେବିକା ରସପ୍ରିୟା ଦେବୀ, ଶିକ୍ଷକ ପ୍ରସନ୍ନ ବିଶ୍ୱାଳ, ଭାରତ ଭୂଷଣ ମହାପାତ୍ର, ରାହାମାର ବିପିନ ବରାଳ, ବିନୋଦ ବରାଳ, ସୌଭାଗ୍ୟ ନାୟକ, ଜିତେନ୍ଦ୍ର ସ୍ୱାଇଁ ଓ ଆଶ୍ରମ ଅନ୍ତେବାସୀ ଯୋଗ ଦେଇଥିଲେ। ଆଶ୍ରମ ପକ୍ଷରୁ ଆଗାମୀ ଦିନରେ ଗୋରଡ଼, ବଣିତୋ, ନୂଆପୋଖରୀ ଗ୍ରାମରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ବାବା ବନମାଳୀ ଦାସ ମହାରାଜ ସୂଚନା ଦେଇଛନ୍ତି।

## ଭୂତମୁଣ୍ଡାଇ ବିଦ୍ୟାଳୟ ପକ୍ଷରୁ 'ଆସ ସ୍କୁଲ ଯିବା' ପଦଯାତ୍ରା

ପାରାଦୀପ, ୨୦।୯ (ସମିସ): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଭୂତମୁଣ୍ଡାଇ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଆସ ସ୍କୁଲ ଯିବା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେବା ସହ ଗ୍ରାମ୍ୟ ପରିକ୍ରମା କରିଥିଲେ। ଛାତ୍ରୀମାନେ ଗୀତ ଓ ନୃତ୍ୟ ମାଧ୍ୟମରେ ସମାଜକୁ ଶିକ୍ଷାର ଗୁରୁତ୍ୱ ବିଷୟରେ ବାର୍ତ୍ତା ଦେଇଥିଲେ। ଯେଉଁ ପିଲା ଅଧାରୁ ପାଠପଢା ବନ୍ଦ କରୁଛନ୍ତି କିମ୍ବା ସ୍କୁଲକୁ ଆସୁନାହାନ୍ତି, ସେମାନଙ୍କୁ ଚିହ୍ନଟ କରି ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରଧାନଶିକ୍ଷକ ଅସିତ୍ ସାହାଣୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମଧୁଛନ୍ଦା ମହାନ୍ତି, ରିତାରାଣୀ ପ୍ରଧାନ, ଜୟନ୍ତୀ ସ୍ୱାଇଁ, ଲଳିତା ପଶାୟତ, ରଶ୍ମିତା ଲେଙ୍କା, ଶୁଭଦର୍ଶିନୀ ବେହେରା, ଅର୍ଚ୍ଚନା ସାହୁ, ପ୍ରତୀମା କୁମାରୀ ଓ ଶିକ୍ଷାବିତ ରଞ୍ଜନ ସ୍ୱାଇଁ ଏହି ପଦଯାତ୍ରାରେ ସାମିଲ ଥିଲେ।



## ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ପକ୍ଷରୁ ବୃକ୍ଷରୋପଣ



ଜଗତସିଂହପୁର,୨୦।୯ (ସମିସ): ଜଗତସିଂହପୁର ଜିଲ୍ଲା ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ତରଫରୁ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀ ଓ ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ସଦସ୍ୟଙ୍କୁ ବୃକ୍ଷରୋପଣ ଲାଗି ଆଗ୍ରହୀ ହେବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ରବି ବଛେତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଉପାଧକ୍ଷ ବଳରାମ ଦାସ ପରିଚାଳନା କରିଥିଲେ । ଅନ୍ୟତମ ଅତିଥି ଭାବେ ସଂଘ ସଭାପତି ସୋମନାଥ ମହାରଣା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସେନାରେ ଯୋଗ ଦେବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ କେଦାର ଦାସ, ଜଗନ୍ନାଥ ଦାଶ, ବିପିନ ମୁଦୁଲି, ଦିଲ୍ଲୀପ ରାୟ, ବିଜୟ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ସଂଘ ସମ୍ପାଦକ ସୁଧାଂଶୁ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଶତାଧିକ ଫଳ ଓ ଫୁଲ ଗଛ ଚାରା ଲଗାଯାଇଥିଲା।

## ବଜ୍ରପାତରେ ଜଳିଗଲା ଗୁହାଳ, ମନ୍ଦିର ଆଂଶିକ କ୍ଷତିଗ୍ରସ୍ତ

ବାଲିକୁଦା,୨୦।୯ (ସମିସ): ଆଜି ମାଧାହ୍ନରେ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା। ଏହି ସମୟରେ ବଜ୍ରପାତ ଘଟି ବାହାରଣା ପଞ୍ଚାୟତ ଜଇନାବାଦ ଗ୍ରାମର ଦେବେନ୍ଦ୍ର ମହାନ୍ତିଙ୍କ ଗୁହାଳ ପୋଡ଼ିଯାଇଥିବାବେଳେ ଇଚ୍ଛାପୁର ପଞ୍ଚାୟତ ନରଣପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କେନ୍ଦୁଳାଇଙ୍କ ମନ୍ଦିରର କିଛି ଅଂଶ ଭାଙ୍ଗିଯାଇଛି। ତିନିଘଣ୍ଟା ଧରି ତିନିଶହରୁ ଅଧିକ ଘଡଘଡି ହେବା ଫଳରେ ଲୋକେ ଭୟଭୀତ ହୋଇଯାଇଥିଲେ।





### ଜିଲ୍ଲାରେ ରହିଛି ୬୧୩.୫୯ କିମି ନଦୀବନ୍ଧ ଓ ୫୨୬.୦୮ କିମି କେନାଲ ରାସ୍ତା

# ପାଞ୍ଚବର୍ଷରେ ମରାମତିରେ ଖର୍ଚ୍ଚ ହୋଇଛି ୭୨୧୩.୯୩ ଲକ୍ଷ

ଜଗତସିଂହପୁର,୨୦।୯ (ସମିସ):

ଜଗତସିଂହପୁର ଜିଲ୍ଲାରେ ରହିଛି ୬୧୩.୫୯ କିଲୋମିଟର ନଦୀବନ୍ଧ ଓ ୫୨୬.୦୮ କିଲୋମିଟର କେନାଲ ବନ୍ଧ ରାସ୍ତା। ଏସବୁ ନଦୀବନ୍ଧ ଓ କେନାଲ ରାସ୍ତାର ରକ୍ଷଣାବେକ୍ଷଣ ଓ ମରାମତି ବାବଦକୁ ବିଗତ ୫ ବର୍ଷ ମଧ୍ୟରେ ଜଳସମ୍ପଦ ବିଭାଗ ଖର୍ଚ୍ଚ କରିଛି ୭୨୧୩.୯୩ ଲକ୍ଷ ଟଙ୍କା। ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସଙ୍କ ଏ ସଂପର୍କିତ ଲିଖିତ ପ୍ରଶ୍ନର ଉତ୍ତରରେ ଜଳସମ୍ପଦ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି ତଥ୍ୟ ଦେଇଛନ୍ତି।

ଜଗତସିଂହପୁର ଜଳସେଚନ ବିଭାଗ ପକ୍ଷରୁ ନଦୀବନ୍ଧ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ୨୦୨୦-୨୧ରେ ୧୧୦.୪୯ ଲକ୍ଷ,୨୦୨୧-୨୨ରେ ୧୨୫.୮୨ ଲକ୍ଷ,୨୦୨୨-୨୩ରେ ୨୬୦.୯୮ ଲକ୍ଷ, ୨୦୨୩-୨୪ରେ ୨୫୦.୫୦ ଲକ୍ଷ ଓ ୨୦୨୪-୨୫ରେ ୨୬୪.୫୯ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଅର୍ଥାତ୍ ଜଗତସିଂହପୁର ଜଳସେଚନ ବିଭାଗ ବିଗତ ୫ ବର୍ଷରେ ଖର୍ଚ୍ଚ କରିଛି ୧୦୧୨.୩୮ ଲକ୍ଷ। ସେହିପରି ୨୦୨୦-୨୧ରେ ମହାନଦୀ ସାଉଥ ଡିଭିଜନ ଅଧୀନସ୍ଥ ନଦୀବନ୍ଧ ଓ କେନାଲ ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ ବାବଦରେ ୮୯୯.୨୭ ଲକ୍ଷ ଟଙ୍କା, ୨୦୨୧-୨୨ରେ ୧୮୧୨.୫୫ ଲକ୍ଷ, ୨୦୨୨-୨୩ରେ ୯୭୧.୫୯ ଲକ୍ଷ, ୨୦୨୩-୨୪ରେ ୧୧୬୦.୭୭ ଲକ୍ଷ ଓ ୨୦୨୪-୨୫ରେ ୧୨୦୫.୦୩ ଲକ୍ଷ ଏପରି ବିଗତ ୫ ବର୍ଷରେ ମୋଟ ୬୦୪୯.୨୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ନିମାପଡା ଡିଭିଜନ ଅଧୀନରେ ଥିବା ଜଗତସିଂହପୁର ଜିଲ୍ଲାର ନଦୀବନ୍ଧ ଓ କେନାଲ ରାସ୍ତା ମରାମତିରେ କେବଳ ୨୦୨୪-୨୫ରେ ୪୨.୩୪ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଅନ୍ୟପକ୍ଷରେ ପ୍ରାଚୀ ଡିଭିଜନ ଅଧୀନରେ ଥିବା ଜଗତସିଂହପୁର ଜିଲ୍ଲାର ନଦୀବନ୍ଧ ଓ କେନାଲ ରାସ୍ତା ରକ୍ଷଣାବେକ୍ଷଣରେ ୨୦୨୨-୨୩ରେ ୧୮.୦୦ ଲକ୍ଷ, ୨୦୨୩-୨୪ରେ ୪୨.୦୦ ଲକ୍ଷ ଓ ୨୦୨୪-୨୫ରେ ୫୦.୦୦ ଲକ୍ଷ ଏପରି ମୋଟ ୧୧୦.୦୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ମୁଖ୍ୟମନ୍ତ୍ରୀ ଦେଇଥିବା ଲିଖିତ ଉତ୍ତରରେ ଉଲ୍ଲେଖ ରହିଛି। ତେବେ ଏତେ ପରିମାଣରେ ଅର୍ଥ ଖର୍ଚ୍ଚ ସତ୍ତ୍ୱେ ନଦୀବନ୍ଧ ଓ କେନାଲ ବନ୍ଧ ମରାମତି କାର୍ଯ୍ୟ ସଠିକ୍ ଭାବେ ହେଉ ନ ଥିବା ସାଧାରଣରେ ବାରମ୍ବାର ଅଭିଯୋଗ ହୋଇଆସୁଛି। ୨୦୨୩ ଜୁଲାଇ ମାସରେ ତରିକୁନ୍ଦ ଓ ଦଳେଇଘାଇ ନିକଟ, ୨୦୨୫ ଜୁଲାଇରେ ତରିକୁନ୍ଦ ନିକଟରେ ମାଛଗାଁ ମୁଖ୍ୟ କେନାଲ ଭାଙ୍ଗି ଘାଇ ସୃଷ୍ଟି ହେବା ଏହି ଅଭିଯୋଗର ସତ୍ୟତା ଉପରେ ମୋହର ଲଗାଇଛି। ମହାନଦୀ ଓ ଦେବୀନଦୀରେ ବନ୍ୟାଜଳ ପ୍ରବେଶ କଲାବେଳେ ମଧ ବିଭିନ୍ନ ସମୟରେ ନଦୀବନ୍ଧରେ ଘଳିଆ ପଡି ଚାଷଜମି ଓ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଉଦାହରଣ ରହିଛି। ତେଣୁ ଜଳସମ୍ପଦ ବିଭାଗ ଏସବୁ ପ୍ରତି ଦୃଷ୍ଟିଦେବା ଅତ୍ୟନ୍ତ ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଶିଶୁ ବିଦ୍ୟାମନ୍ଦିରରେ ଆତ୍ମବୋଧ ଲୋକାର୍ପିତ



ଦହିତା,୨୦।୯ (ସମିସ): ପଦ୍ମପୁର ଉପଖଣ୍ଡ ଖଇରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କୋଶଳି କୁଇନ୍ ନାରୀରତ୍ନ ମୀରା ବାଈ ପାଣିଗ୍ରାହୀଙ୍କର ଜୀବନଜ୍ଞାନ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିଶୁମନ୍ଦିରର ସବୁ ଗୁରୁଜୀ, ଗୁରୁମା ଉପସ୍ଥିତ ଥିଲେ। ଶିଶୁ ବିଦ୍ୟାମନ୍ଦିରର ଲାଇବ୍ରେରୀରେ ଏହି ପୁସ୍ତକ ସ୍ଥାନ ପାଇଛି। କଦମ୍‌ପଡା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ କବି ସନାତନ ମିଶ୍ର, ତ୍ରିନାଥ କୁଅଁର, ସାଧୁ ଚରଣ ନାଏକ, ସରୋଜ ମିଶ୍ର, ପ୍ରଦୀପ ମେର୍ଲି, ସଞ୍ଜୟ ମିଶ୍ର, ରାଜେନ୍ଦ୍ର ମେହେର, ପରମାନନ୍ଦ ଠେଲା, ରଶ୍ମି ମିଶ୍ର, କଲ୍ୟାଣୀ ପଣ୍ଡାଙ୍କ ସମେତ ଗୁରୁଜୀ, ଗୁରୁମା ଆତ୍ମବୋଧ ପୁସ୍ତକ ଉନ୍ମୋଚନ କରିଥିଲେ।

# ପଞ୍ଚାୟତ ମହାବିଦ୍ୟାଳୟରେ ହିନ୍ଦୀ ଦିବସ



ବରଗଡ଼,୨୦।୯ (ସମିସ): ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ସ୍ନାତକୋତ୍ତର ହିନ୍ଦୀ ବିଭାଗରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ଡ.ନକୁଳ ସେଠ୍‌ଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋବିନ୍ଦପୁର ସ୍ନାତକ ମହାବିଦ୍ୟାଳୟ ହିନ୍ଦୀ ବିଭାଗର ପ୍ରାଧ୍ୟାପିକା ଡ.ଟିକେଶ୍ୱରୀ ହୋତା ଯୋଗ ଦେଇଥିଲେ। ଅଧକ୍ଷ ପ୍ରଫେସର ସେଠ୍ ହିନ୍ଦୀ ଭାଷାକୁ ପ୍ରୋତ୍ସାହିତ କରି ହିନ୍ଦୀରେ ଅଭିଭାଷଣ ରଖିଥିଲେ। ବିଭାଗ ମୁଖ୍ୟ ସହକାରୀ ପ୍ରଫେସର ଡ.କ୍ରିଷ୍ଣାରାଣୀ ସାସ୍ମଲ, ସହକାରୀ ପ୍ରଫେସର ଡ.ବନୁଜା ମେହେର ହିନ୍ଦୀ ଭାଷା ପ୍ରତି ଜନମାନସର ଅଭିରୁଚି ଏବଂ ଉଦାସୀନତା ବିଷୟରେ ମତ ପ୍ରକାଶ କରିଥିଲେ। ସ୍ନାତକୋତ୍ତର ହିନ୍ଦୀ ବିଭାଗର ଛାତ୍ରୀ ରୀତୁ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପୂଜାରାଣୀ ନାୟକ, ପବିତ୍ର ସାହୁ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଭାଗ ଦ୍ୱାରା ସମ୍ପାଦିତ ପତ୍ରିକା 'ସ୍ପନ୍ଦନ' ମୁଖ୍ୟ ଅତିଥି ଏବଂ ଅଧକ୍ଷଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ଏହାଛଡା ବକ୍ତୃତା, ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ରାକେଶ ସାହୁ, ପ୍ରଶାନ୍ତ ବିଭାର ଏବଂ ଅଜୟ ଦାସ ପ୍ରମୁଖ ବିଭାଗର ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ଛାତ୍ରୀ ଶ୍ରୁତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଚ୍ଚଶିକ୍ଷା ପାଇଁ ମେଧାବୀ ଛାତ୍ରୀଙ୍କୁ ଆର୍ଥିକ ସହାୟତା

ପଦ୍ମପୁର,୨୦।୯ (ସମିସ): ପଦ୍ମପୁର ଉପଖଣ୍ଡ ଅଧୀନ ଝାରବନ୍ଧ ବ୍ଲକ୍ ତୁର୍ଲା ଗାଁର ମେଧାବୀ ଛାତ୍ରୀ ମାନିନୀ ସାହୁ ଚଳିତ ଶିକ୍ଷା ବର୍ଷରେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ସମ୍ବଲପୁରରେ ସମ୍ବନ୍ଧିତ ବିଏ ବିଇଡି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତେବେ ଉଚ୍ଚ ଶିକ୍ଷା ପାଇଁ ଯୋଗ୍ୟ ହୋଇଥିଲେ ହେଁ ତାଙ୍କର ନାମଲେଖା ପାଇଁ ଅର୍ଥ ବାଧକ ସାଜିଥିଲା। ଏନେଇ ମାନିନୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଆର୍ଥିକ ସହଯୋଗ ପାଇଁ ନିବେଦନ କରିଥିଲେ। ଗତକାଲି ମାନିନୀଙ୍କ ଦୁଃଖକୁ ସାମାଜିକ କର୍ମୀ ଦୀପା ବାରିକ ଏଣ୍ଡ ମାଧ୍ୟମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ବରଗଡ଼ ଜିଲ୍ଲାପାଳ ରେଡକ୍ରସ ଫଣ୍ଡରୁ ୧୫,୦୦୦ ଟଙ୍କା ସହାୟତା ରାଶି ମାନିନୀଙ୍କ ବ୍ୟାଙ୍କ ଖାତାରେ ପ୍ରଦାନ କରିଛନ୍ତି। ଆର୍ଥିକ ସହାୟତା ମିଳିବା ପରେ ମାନିନୀ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ସାମାଜିକ କର୍ମୀ ଦୀପା ବାରିକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଆଦି କର୍ମଯୋଗୀ ସଚେତନତା ଅଭିଯାନ

ଦେବଗଡ଼,୨୦।୯ (ସମିସ): ଆଦି କର୍ମଯୋଗୀ ସଚେତନତା ଅଭିଯାନ ଅଧୀନ ବୈଠକ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଦେବଗଡ଼ ଜିଲ୍ଲାରେ ୩ଟି ବ୍ଲକ୍‌ର ଧର୍ତିଆବ୍ବା ଜନଜାତୀୟ ଉତ୍କର୍ଷ ଅଭିଯାନ ୫୨ଟି ଆଦିବାସୀ ବହୁଳ ଗାଁରେ କରାଯିବ। ଏହି ଆଦି କର୍ମଯୋଗୀ ଅଭିଯାନ ଗତ ୧୮ରୁ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ହେବାର ଯୋଜନା ରହିଛି। ଏଥିପାଇଁ ୩ଟି ବ୍ଲକ୍‌ରେ ୪୭ଟି ଆଦି ସେବାକେନ୍ଦ୍ର କାର୍ଯ୍ୟକାରୀ ହେବ। ତିଳେଇବଣି ବ୍ଲକ୍‌ର କଳାମାଟି ଗାଁରେ ଆଦି ସେବା ଆରମ୍ଭ ହୋଇଯାଇଥିବା ବେଳେ ସେବାକେନ୍ଦ୍ରଟି ପ୍ରତ୍ୟେକ ମାସର ପ୍ରଥମ ଓ ତୃତୀୟ ଶନିବାର ମଧ୍ୟାହ୍ନ ୨ରୁ ଅପରାହ୍ଣ ୪ଘଟିକା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଏଥିରେ ବ୍ଲକ୍‌ସ୍ତରୀୟ କର୍ମଚାରୀ ଉପସ୍ଥିତ ରହିବେ। ଆଦି ସେବାକେନ୍ଦ୍ର ମାଧ୍ୟମରେ ୫୨ଟି ଗାଁରେ ଲୋକମାନଙ୍କ ପାଖରେ ସରକାରଙ୍କ ପକ୍ଷରୁ ସେବା ଯୋଗାଇ ଦିଆଯିବ। ନିରାପଦ ବାସସ୍ଥାନ, ବିଶୁଦ୍ଧ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା, ଉନ୍ନତ ଶିକ୍ଷାର ସୁଯୋଗ, ସ୍ୱାସ୍ଥ୍ୟ ଓ ପୁଷ୍ଟି, ସଡକ ଓ ଦୂରସଞ୍ଚାର ସଂଯୋଗୀ କରଣ, ବିଦ୍ୟୁତ୍ କରଣ ଆଦି ସେବା ଗୁଡିକ କେନ୍ଦ୍ରରେ ଉପଲବ୍ଧ ହେବ ବୋଲି ଜିଲ୍ଲାପାଳ ଶ୍ରୀ ସାହୁ ସୂଚନା ଦେଇଥିଲେ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲ୍ଲାରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଅମ୍ବେ ମନ୍ଦିରକୁ ଧକ୍କା ଦେଲା ହାଇୱା

ଝାରସୁଗୁଡ଼ା,୨୦।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ଯୋବରୁ ବେଲପାହାଡ ଶନି ମନ୍ଦିର ରାସ୍ତା ସୁଖାବନ୍ଧ ନିକଟରେ ଦୁର୍ଘଟଣା ଘଟିଛି। ଶନିବାର ଅପରାହ୍ଣରେ ଅମ୍ବେ ମନ୍ଦିର



ପାଚେରୀକୁ ଏକ ହାଇୱା ଗାଡି ଧକ୍କା ଦେଇଛି। ଗାଡିଟି ନିକଟରେ ଥିବା ଏକ କୋଲ ୱାସରୀ ପଟୁ ଶନି ମନ୍ଦିର ପଟକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ମନ୍ଦିର କାନ୍ଥକୁ ଧକ୍କା ଦେଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଦୁର୍ଘଟଣାରେ ମନ୍ଦିରର କାନ୍ଥ ଏବଂ ଆଜବେଷ୍ଟସ ଭାଙ୍ଗି ଯିବା ସହ ଗାଡ଼ିଟି ରାସ୍ତାରେ ଦୀର୍ଘ ସମୟ ଧରି ଅଟକି ରହିବାରୁ ରାସ୍ତା ବନ୍ଦ ହୋଇଥିଲା। ଫଳରେ ଯୋବ ଏବଂ ବେଲପାହାଡ ଶନି ମନ୍ଦିର ରାସ୍ତାର ଉଭୟ ପାଶ୍ୱର୍ରେ ଜାମ ଲାଗି ରହିଥିଲା।

# ଅଜଣା ଗାଡ଼ି ଧକ୍କାରେ ୧୪ ଗୋରୁ ମୃତ



ଝାରସୁଗୁଡ଼ା,୨୦।୯ (ସମିସ): ଜାତୀୟ ରାଜପଥ ୪୯ ଝାରସୁଗୁଡା ଜିଲ୍ଲା ଲଖନପୁର ଥାନା ଅଧୀନ କୁଡାଲୋଇ ନିକଟରେ ଅଜଣା ଭାରୀଯାନ ଧକ୍କାରେ ୧୪ ଗୋରୁ ପ୍ରାଣ ହରାଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଭାରୀଯାନଟି ଗୋରୁମାନଙ୍କୁ ଧକ୍କା ଦେଇ ଫେରାର ମାରିଥିଲା। ଶନିବାର ସକାଳେ ଜାତୀୟ ରାଜପଥ ୪୯ ଉପରେ ୧୪ଟି ଗାଇଗୋରୁଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଦ୍ରୁତଗତିରେ ବେପରୁଆ ଭାବେ ଗାଡି ଚାଳନା ଯୋଗୁଁ ଏହି ଦୁର୍ଘଟଣା ଘଟିଛି। ରାତି ଅନ୍ଧାରରେ ଏକା ସାଙ୍ଗରେ ୧୪ ଗୋରୁଙ୍କୁ ଧକ୍କା ଦେବା ପରେ ଚାଳକ ଜଣକ ଗାଡି ସହ ଘଟଣା ସ୍ଥଳରୁ ଫେରାର ହୋଇଛନ୍ତି। ଆଜି ସକାଳୁ ଘଟଣା ଜଣା ପଡିବା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଅନ୍ୟପଟେ ଏନେଇ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବା ସହ ଦୁର୍ଘଟଣା ଘଟାଇଥିବା ଗାଡି ଏବଂ ଚାଳକଙ୍କୁ ଶୀଘ୍ର ଧରାଯାଉ ବୋଲି ଦାବି କରିଛନ୍ତି।

# ଇସି ପୁନର୍ଗଠନ ପ୍ରକ୍ରିୟା ସ୍ଥଗିତ ରଖିବାକୁ ଦାବି

ଦେବଗଡ଼,୨୦।୯ (ସମିସ):



ଇସି ପୁର୍ନଗଠନ ପ୍ରକ୍ରିୟାକୁ ସ୍ଥଗିତ ରଖିବା ପାଇଁ ଜିଲ୍ଲା ମିଶନଶକ୍ତି ଫେଡେରେସନ ପକ୍ଷରୁ ଶନିବାର ଦାବି କରାଯାଇଛି। ଏନେଇ ଜିଲ୍ଲା ମିଶନଶକ୍ତି ଫେଡେରେସନ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ମିଶନଶକ୍ତି ଫେଡେରେସନର ସମ୍ପାଦିକା ସୁଜାତା ପ୍ରଧାନ ଓ ସଂଯୁକ୍ତା ନାୟକଙ୍କ ନେତୃତ୍ୱରେ ତିଳେଇବଣି ବ୍ଲକ୍ ଇସି ସଂଘର ସଭାପତି ଶକୁନ୍ତଳା ପ୍ରଧାନ, ସମ୍ପାଦିକା ଲିପିକା ସାହୁ, ଜ୍ୟୋତିରେଖା ଦୀପ, ସଙ୍ଗୀତା ସିଂ, ଗୀତାଞ୍ଜଳୀ ସାହୁ, ନିରାଶ ପ୍ରଧାନଙ୍କ ସମେତ ସଂଘର ବହୁ ସଦସ୍ୟା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଇସି ପୁର୍ନଗଠନ ପ୍ରକ୍ରିୟା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ଏବଂ ଏହାକୁ ବିରୋଧ କରି ଜିଲ୍ଲା ମିଶନଶକ୍ତି ଫେଡେରେସନ ପକ୍ଷରୁ ଗତ ୧୫ ତାରିଖ ଦିନ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା କୁହାଯାଇଛି। ମାମଲାର ଶୁଣାଣି ପାଇଁ ଆସନ୍ତା ୨୨ ତାରିଖ ଦିନ ଧାର୍ଯ୍ୟ କରାଯାଇଥିବା ବେଳେ ମାମଲାର ରାୟ ନଆସିବା ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଇସି ପୁର୍ନଗଠନ ପ୍ରକ୍ରିୟାକୁ ସ୍ଥଗିତ ରଖିବା ପାଇଁ ଜିଲ୍ଲା ମିଶନଶକ୍ତି ଫେଡେରେସନ ପକ୍ଷରୁ ଉଲ୍ଲେଖ କରାଯାଇଛି।

# ଝାରବନ୍ଧ ଜର୍ଣ୍ଣାଲିଷ୍ଟ ଆସୋସିଏସନ ବାର୍ଷିକୋତ୍ସବ ଓ ନୂଆଁଖାଇ ଭେଟ୍‌ଘାଟ୍



## ୨୨ ୟୁନିଟ ରକ୍ତ ସଂଗ୍ରହ

ଝାରବନ୍ଧ,୨୦।୯ (ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଅଧୀନ ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧର ନୂଆଁଖାଇ ଭେଟ୍‌ଘାଟ ତଥା ଦ୍ୱିତୀୟ ବାର୍ଷିକୋତ୍ସବ ସଭାପତି ମୋତିଲାଲ ବାଗଙ୍କ ସଭାପତିତ୍ୱରେ ଝାରବନ୍ଧ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ବାରିପଦାର ଅବସରପ୍ରାପ୍ତ ପ୍ରଫେସର ଓଡ଼ିଆ ବିଭାଗ ମୁଖ୍ୟ ଡ.ବବ୍ରୁବାହନ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା, ତହସିଲଦାର ଅଲେଖ ଘୁଟା, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ଖଟିଖିଆ ସଂଗଠନର ସଭାପତି ତଥା ସମାଜସେବୀ ଭୋଜରାଜ ବାଗ, ସମ୍ବଲପୁର ଟେଲିକମ ଉପଦେଷ୍ଟା କମିଟି ସଦସ୍ୟ ହରିହର ସାହୁ, ସମିତି ସଭ୍ୟ ଛୋଟଅନକି ଗ୍ରାପ ସତ୍ୟମ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇ ୨୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ପଦ୍ମପୁର ରକ୍ତଭଣ୍ଡାରର ଡାକ୍ତରୀ ଟିମ ରକ୍ତ ସଂଗ୍ରହ କରିଥିଲେ। ସମ୍ପାଦକ ସୋମନାଥ ବାଗ ବାର୍ଷିକ ବିବରଣୀ ପଠନ ପୂର୍ବକ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି ଅବସରରେ ଝାରବନ୍ଧ ଅଞ୍ଚଳର ସଫଳ ଚାଷୀ ସୌଭାଗ୍ୟ ସାହୁ, ମେହେର ସିଂ ଭୁଏ, ଶିକ୍ଷକ ଉପେନ୍ଦ୍ର ପଟେଲ, ଝାରବନ୍ଧ କୋଶଳ ସେନା, ସିଆରସିସି ଦିବସ ସାହୁ, ଝାରବନ୍ଧ ଇନ୍ଦ୍ରାବାସିନୀ ସ୍ୱୟଂ ସହାୟିକା ଗୋଷ୍ଠୀ, କୁମୀର ମାଁ ଭଗବତୀ ସ୍ୱୟଂ ସହାୟିକା ଗୋଷ୍ଠୀ, ଝାରବନ୍ଧ ମିସ ଟିନ ଇଣ୍ଡିଆ ଜୟନ୍ତୀ ସାହୁଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବ୍ଲକ୍ ସ୍ତରୀୟ ଶିଶୁ ସାମ୍ବାଦିକ ତାଲିମରେ ଯୋଗ ଦେଇଥିବା ସମସ୍ତ ଶିଶୁ ସାମ୍ବାଦିକ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ହୋଇଥିବା ନୃତ୍ୟ ପ୍ରତିଯୋଗିତାରେ ନୋଡାଲ ସ୍କୁଲ ପ୍ରଥମ ସ୍ଥାନ, ଅରବିନ୍ଦ ବିଦ୍ୟାଳୟ ଝାରବନ୍ଧ ଦ୍ୱିତୀୟ ସ୍ଥାନ ଏବଂ ଭାବଂଶୀ ଦୀପ ତୃତୀୟ ସ୍ଥାନ ପ୍ରାପ୍ତ କରିଥିଲେ। ବିଚାରକ ଭାବେ କଳାରତ୍ନ ଘନଶ୍ୟାମ ନାଗ, ଶିକ୍ଷୟିତ୍ରୀ ନୀଳା ମହାନନ୍ଦ, ବିବେକାନନ୍ଦ ପଶାୟତ ଦାୟିତ୍ୱ ତୁଲାଇଥିଲେ। ବୈତାଳି କ୍ଲଷ୍ଟର ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ। ଜର୍ଣ୍ଣାଲିଷ୍ଟ ଆସୋସିଏସନର ସଦସ୍ୟ ସୌଦାଗର ବରିହା, ନାରାୟଣ ଶତନାମୀ, ବାସନ୍ତୀ ପାଇକ, କୁଞ୍ଜବିହାରୀ ସାହୁ, ଜଗନ୍ନାଥ କୁମ୍ଭାର ପ୍ରମୁଖ ସହଯୋଗ କରିଥିଲେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ଗଣ୍ଡାବଜା, ପାଲା ଆଦି ପାରମ୍ପରିକ ନୃତ୍ୟ, ଗୀତ, ସଂଗୀତ ପରିବେଷିତ ହୋଇଥିବା ବେଳେ ରୂପେଶ ଜୋଜୋ ଏବଂ ସ୍ୱିଟରୁନା ଟିମ୍ ହାସ୍ୟରସ ପରିବେଷଣ କରିଥିଲେ।

# ବରଗଡ଼ ଜୋନ୍‌ର କୁବେର ସମାଜ ବୈଠକ

ପାଇକମାଲ,୨୦।୯ (ସମିସ): ପାଇକମାଲ ବ୍ଲକ୍ ନୃସିଂହନାଥ ସ୍ଥିତ କୁବେର ପାନ୍ଥଶାଳାରେ କୁବେର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼ର ବରଗଡ଼ ଜୋନ୍‌ସ୍ତରୀୟ ବୈଠକ ଜୋନ ସଭାପତି ତାରାଚାନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଛି। ସଭା ଆରମ୍ଭରୁ କୁବେର ଦେବତା ତଥା ଭଗବତ ସ୍ୱାମୀଙ୍କ ପୂଜନ ଓ ପଠନ କରାଯାଇଥିଲା। ମହାସଭା ସଭାପତି ଲକ୍ଷ୍ମଣ ସାହୁ, ପୂର୍ବତନ ସଭାପତି ବସନ୍ତ ଖୁଣ୍ଟିଆ, କୋଷାଧ୍ୟକ୍ଷ ନିତ୍ୟାନନ୍ଦ ସାହୁ ଯୋଗ ଦେଇ ମହାସଭାର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ବରଗଡ଼ ଜିଲ୍ଲାର ସମସ୍ତ ସାହିର ସଭାପତି ଓ ସମ୍ପାଦକମାନେ ଯୋଗଦେଇ ନିଜ ନିଜ ସାହି ସ୍ତରରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ଉପରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଯୁବା ମଞ୍ଚ ସଭାପତି ଲିଙ୍ଗରାଜ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପାଇକମାଳ ଯୁବାମଞ୍ଚ ସଦସ୍ୟ ସହଯୋଗ କରିଥିବା ବେଳେ ପାଇକମାଳ ସାହି ସଭାପତି ସୁରଥ ସାହୁ ଧନ୍ୟବାଦ ଦେଇଥିଲେ।

# ଓଡ଼ିଆ ବିଭାଗ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପାଇକମାଲ,୨୦।୯ (ସମିସ): ପାଇକମାଳ ବ୍ଲକ୍ ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅଧକ୍ଷ ବିନୟ ରଞ୍ଜନ ପଣ୍ଡା ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ଓ ଅଧ୍ୟାପକ ଅମରେଶ ଠାକୁର ପିଲାମାନଙ୍କୁ ଶୃଙ୍ଖଳିତ ଓ ଅନୁଶାସିତ ହେବା ପାଇଁ ହେବା ପାଇଁ ଉପଦେଶ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ହିମାଙ୍ଗିନୀ ପଟେଲ, ମୋନିକା ଧରୁଆ, ତନୁଶ୍ରୀ ବିଶି, ଧରିତ୍ରୀ ବାଗ, କାର୍ତ୍ତିକ ବାଗ, ଅଙ୍କିତା ଭୋଇ, ବୁଲୁ ଦାସ, ପ୍ରକାଶ ମାଝୀ, କେତକୀ ପ୍ରଧାନ, ରୂପା ବାଗ, ରିଙ୍କି ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱଚ୍ଛତା ପକ୍ଷ

ଦେବଗଡ଼,୨୦।୯ (ସମିସ): ଭାରତ ସରକାର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଦେବଗଡ଼ ଜିଲ୍ଲାରେ ସେପ୍ଟେମ୍ବର ୧୬ରୁ ୩୦ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ଶନିବାର ପର୍ଯ୍ୟଟନସ୍ଥଳୀ ପ୍ରଧାନପାଟ ଠାରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତଥା ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ୍‌ଙ୍କ ନେତୃତ୍ୱରେ ପ୍ରଧାନପାଟ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଫେଇ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଭାରପ୍ରାପ୍ତ ପୌରପରିଷଦ ଅଧକ୍ଷ ପ୍ରଜିତ୍ ଭୋଜ, ଅତିରିକ୍ତ ବନ ସଂରକ୍ଷକ ଅରୁଣ ବେହେରା, ତହସିଲଦାର କର୍ଣ୍ଣ ମଲିକ, ସହକାରୀ ଜିଲ୍ଲାପାଳ ଈଶ୍ୱର ଗୁରୁ, ହେମନ୍ତ ସିଂ, ତାପସ ମହନ୍ତ, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଜିଲ୍ଲାସ୍ତରୀୟ ଅଧିକାରୀ, ବନବିଭାଗର କର୍ମଚାରୀ, ଦେବଗଡ଼ ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରଛାତ୍ରୀ, ପୌରପରିଷଦର ସଫେଇ କର୍ମଚାରୀ, ସ୍ୱେଚ୍ଛାସେବୀ ଯୋଗଦେଇ ପ୍ରଧାନପାଟ ପରିସରର ସଫେଇ କରିଥିଲେ।

# ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର

ଝାରସୁଗୁଡ଼ା,୨୦।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଝାରସୁଗୁଡା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ମାତୃଜ୍ୟୋତି, ପରିସରରେ ଶନିବାର ଏକ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶିକ୍ଷକ ଦୀପକ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଉପରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରଥିଲେ। ଝାରସୁଗୁଡା ମୁଖ୍ୟ ଡାକଘରର ପୋଷ୍ଟ ମାଷ୍ଟର ପ୍ରତାପ ଭୋଇ ଭାରତ ସରକାରଙ୍କର ସ୍ୱଳ୍ପ ସଞ୍ଚୟ ଯୋଜନା ଓ ଡାକ ବିଭାଗର ବୀମା ଉପରେ ଆଲୋକପାତ କରିଥିଲେ। ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ବରିଷ୍ଠ ଶାଖା ପରିଚାଳକ ହରିଶ ସଜନାସ୍ତୁ ସାଇବର ସୁରକ୍ଷା ଓ ବିଭିନ୍ନ ଜୀବନ ବୀମା ବିଷୟରେ ଆଲୋଚନା କରିଥିଲେ। ଆର୍ଥିକ ସାକ୍ଷରତା ପରାମର୍ଶଦାତା, ମୁକୁନ୍ଦ ମାଝୀ ଚିଟଫଣ୍ଡ କମ୍ପାନୀରେ ପରିଶ୍ରମ ଅର୍ଜିତ ଧନକୁ ବିନିଯୋଗ ନକରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିବା ସହ ଅଟଳ ପେନସନ ଯୋଜନା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭ୍ୟା ରେଣୁକା ମହାପାତ୍ର ଏବଂ ଯୁଗ୍ମ ସଚିବ ସୁଜିତ ଜେନା ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଅଧକ୍ଷ ଯୁଗଳ କିଶୋର ଭଇଁସା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ନରେନ୍ଦ୍ର ମହାପାତ୍ର ଏବଂ ସଞ୍ଚୟ ଓ ଆର୍ଥିକ ସେବା ବିଭାଗର ହେମକାନ୍ତ ବାଗ, ଜଗନ୍ନାଥ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ୩୪ ମାମଲାରେ ଜଡ଼ିତ ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା,୨୦।୯ (ସମିସ): ଏକାଧିକ ଅପରାଧିକ ମାମଲାରେ ଜଡିତ ଥିବା ଜଣେ ଅଭିଯୁକ୍ତକୁ ଓରିଏଣ୍ଟ ଅଞ୍ଚଳରୁ ଓରିଏଣ୍ଟ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ରାଧେଶ୍ୟାମ ନାମଦେଓ ବୋଲି ପୁଲିସ ସୂଚନା ଦେଇଛି। ରାଧେଶ୍ୟାମ ୩୪ଟି ଅପରାଧିକ ମାମଲାରେ ଜଡିତ ଥିବାବେଳେ ଅନେକ ମାମଲା ବିଚାରାଧୀନ ରହିଛି। ରାଧେଶ୍ୟାମର ଅପରାଧିକ କାର୍ଯ୍ୟକଳାପ ଯୋଗୁଁ ସ୍ଥାନୀୟ ଲୋକ ତାକୁ ଭୟ କରୁଥିବା ବେଳେ ସେ ପୁଲିସକୁ ଚକ୍‌ମା ଦେବାରେ ସଫଳ ହେଉଥିଲା। ତେବେ ଝାରସୁଗୁଡା ଏସପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଆଜି ଅପରେସନ୍ ନେତ୍ର ମାଧ୍ୟମରେ ରାଧେଶ୍ୟାମ ରହୁଥିବା ଅଞ୍ଚଳରେ ଚଢ଼ଉ କରିଥିଲା। ସେଠାରୁ ରାଧେଶ୍ୟାମକୁ ଗିରଫ କରିବା ସହ ତା ପାଖରୁ ଏକ




ଛୁରୀ ଜବତ କରି କୋର୍ଟଚାଲାଣ କରିଥିବା ନେଇ ବ୍ରଜରାଜନଗର ଏସଡିପିଓ ସୂଚନା ଦେଇଛନ୍ତି।

# ଜାତୀୟସ୍ତରୀୟ ସର୍ବେକ୍ଷଣ ଫଳାଫଳ ବିକ୍ଷେପଣ କର୍ମଶାଳା

ଦେବଗଡ଼,୨୦।୯ (ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ୪ଟି ପର୍ଯ୍ୟାୟରେ ୩ ଦିନିଆ ଜାତୀୟ ସ୍ତରୀୟ ଉପଲବ୍ଧ ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ ୨୦୨୪ ଫଳାଫଳ ଓ ଆକ୍ସନ ପ୍ଲାନ ସମ୍ବନ୍ଧୀୟ ବିକ୍ଷେପଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧକ୍ଷ ସନ୍ତୋଷ ଗୌଡ କର୍ମଶାଳାକୁ ଉଦ୍‌ଘାଟନ କରିବା ସହ କାର୍ଯ୍ୟକ୍ରମ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସାଧନକର୍ମୀ ରୂପେ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷିକା ଅନିମା ତିର୍କୀ, ମନ୍ଦାକିନୀ ଟୁଡୁ, ନିବେଦିତା ବେହେରା, ପ୍ରଶିକ୍ଷକ ଗୁରୁଚରଣ ବୋଦ୍ରା ଓ ପ୍ରଶିକ୍ଷିକା ସୁରମା ମିର୍ଦ୍ଧା, ପାର୍ଥିବୀ ପ୍ରିୟଦର୍ଶିନୀ ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ ସମ୍ବନ୍ଧୀୟ ସୂଚନା, ରାଜ୍ୟ ରିପୋର୍ଟ କାର୍ଡ, ଜିଲ୍ଲା ରିପୋର୍ଟ କାର୍ଡ, କମ ଦକ୍ଷତା ହାସଲ କରିଥିବା ଶିକ୍ଷଣ ଫଳାଫଳକୁ ନେଇ ବ୍ଲକ୍ ଆଧାରିତ ରୋଡମ୍ୟାପ ଏବଂ କଣ୍ଟେକ୍ସଚୁଆଲ ଫ୍ୟାକ୍ଟରକୁ ନେଇ ରୋଡମ୍ୟାପ ସମ୍ବନ୍ଧରେ ଧାରଣା ପ୍ରଦାନ କରି ଦଳଗତ ଆଲୋଚନା କରାଇଥିଲେ। କର୍ମଶାଳାରେ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସମସ୍ତ ସିଆରସିସି ଓ ୧୩୮ ଜଣ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# ଦୁର୍ଘଟଣାରେ ଗାଈ ମୃତ, ଚାଳକ ଗୁରୁତର

କୋଲାବିରା,୨୦।୯ (ସମିସ): ଜାତୀୟ ରାଜପଥ ୪୯ର କୋଲାବିରା ବ୍ଲକ୍ ଛକରେ ଶନିବାର ଏକ ବାଇକ ରାସ୍ତା ଉପରେ ଛିଡା ହୋଇଥିବା ଗୋଟିଏ ଗାଈକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ତେବେ ବାଇକ ଧକ୍କାରେ ଗାଈର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ଯୁବକଙ୍କ ନାମ ସୁଶାନ୍ତ ରୋହିଦାସ ଓ ତାଙ୍କ ଘର ଲାଇକେରା ଥାନା ଅଧୀନସ୍ତ ନିକ୍ରିମାଲ୍ ନିକଟ ନିନ୍ଦ୍ରିମାଲ ଗାଁରେ ବୋଲି ଜଣା ପଡିଛି। ଦୁର୍ଘଟଣା ପରେ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ସୁପରଭାଇଜର କିଶୋର ପୁହାଣ ନିଜ ଅଫିସ ଗାଡିରେ ଗୁରୁତର ସୁଶାନ୍ତଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ପରେ ତାଙ୍କୁ ଝାରସୁଗୁଡ଼ା ଡାକ୍ତରଖାନାକୁ ସ୍ଥାନାନ୍ତରୀତ କରାଯାଇଛି।

# ଅପରେସନ 'ପ୍ରହାର'ରେ ବିପୁଳ ଗଞ୍ଜେଇ ଜବତ, ୨ ଗିରଫ

ପଦ୍ମପୁର,୨୦।୯ (ସମିସ):

ଅପରେସନ ପ୍ରହାରରେ ଜଗଦଳପୁର ପୁଲିସକୁ ବଡ ସଫଳତା ମିଳିଥିବା ପଦ୍ମପୁର ଉପଖଣ୍ଡ ପୁଲିସ ଅଧିକାରୀ ପାଣ୍ଡବ ଶବର ଶନିବାର ଖବରଦାତା ସମ୍ମିଳନୀକୁ ସୂଚନା ଦେଇଛନ୍ତି। ଅପରେସନ ପ୍ରହାରରେ ୬୦ କିଗ୍ରା ଗଞ୍ଜେଇ ଜବତ ସହ ଦୁଇ ଜଣକୁ ଜଗଦଳପୁର ପୁଲିସ ଗିରଫ କରିଛି। ଅଭିଯୁକ୍ତ ମାନେ ଛତିଶଗଡ ବିଳାସପୁର ଅଞ୍ଚଳର ଅନୁରାଗ ବର୍ମା ଓ ପପୁ ବୋଲି ଜଣାପଡ଼ିଛି। ଜଗଦଳପୁର ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା ସୁକୁଲି ପାହାର ଅଙ୍ଗନଦୀ ପୋଲ ଉପରେ ପେଟ୍ରୋଲିଂ କରୁଥିବା ବେଳେ ସନ୍ଦେହ ହେବାରୁ ଏକ ବଜାଜ ପଲସର ବାଇକ ଆରୋହୀଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଥାନାଧିକାରୀଙ୍କ ନେତୃତ୍ୱରେ ଗଠିତ ଟିମ ଏକ୍‌ଜେକ୍ୟୁଟିଭ ମାଜିଷ୍ଟ୍ରେଟ ଓ ଉପଖଣ୍ଡ ପୁଲିସ



ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଥାନା କର୍ମଚାରୀ ବାଇକରେ ବୋଝେଇ ଥିବା ବସ୍ତାର ଯାଞ୍ଚ କଲାବେଳେ ସେଥିରୁ ଗଞ୍ଜେଇ ବାହାରିଥିଲା। ପୁଲିସ ମାମଲା ରୁଜୁ କରିବା ସହ ଅନୁରାଗ ଓ ପପୁକୁ ଗିରଫ କରିଛି। ଏହାସହ ଅଭିଯୁକ୍ତଙ୍କ ଠାରୁ ୨ଟି ବାଇକ ସହ ଦୁଇଟି ମୋବାଇଲ ଜବତ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଚାଷୀଙ୍କ ଦୁଃଖ ଗଡ଼ କ୍ଷୁଦ୍ର ସେଚ ପ୍ରକଳ୍ପ





■ କେନାଲ ପୋତି ହୋଇ ୫ ବର୍ଷ ଧରି ଆସୁନି ପାଣି
■ ଅବଧି ସରିଗଲା; ସରିଲାନି ବ୍ୟୟଅଟକଳରେ କାମ

ଆନନ୍ଦପୁର, ୨୦।୯ (ସମିସ): ସରକାର ଚାଷୀଙ୍କୁ ଜଳସେଚନ ସୁବିଧା ଦେବା ପାଇଁ ଯୋଜନା ଓ ଅନୁଦାନର ବ୍ୟବସ୍ଥା କରୁଥିବା ବେଳେ ତଦାରଖ ଅଭାବରୁ କୃଷି ଓ କୃଷକଙ୍କ ବିକାଶରେ ଅଗ୍ରଗତି ହୋଇପାରୁନାହିଁ। ଏପରି ସ୍ଥିତି ପରିଲକ୍ଷିତ ହୋଇଛି ଗଡ଼କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ। ଏହି ଡ୍ୟାମ୍‌ର କେନାଲ ପୋତି ହୋଇ ୫ ବର୍ଷ ହେବ, ପାଣି ଆସୁ ନଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରକଳ୍ପର ପୁନରୁଦ୍ଧାର ପାଇଁ ପ୍ରାୟ ୨ କୋଟିର ଅନୁଦାନ ଦିଆଯାଇଥିଲା ହେଲେ କେନାଲ ମରାମତି ହୋଇ ନଥିବାରୁ ସ୍ଥାନୀୟ ବଡଏକାତାଳି ଜଳନଣ୍ଡା ନାହାଗୁଣା ବନ୍ଧ କୁଣ୍ଡାକୋଟ ଅମାରଙ୍ଗ ବାଂଶପାଳ ଭାଲୁକୁମା ଅଞ୍ଚଳର ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ପୂର୍ବତନ ସରପଞ୍ଚ ବିନୋଦ ମହାନ୍ତ ଓ ମାନସ ଖିଲାର ଇନ୍ଦ୍ରମଣି ଖିଲାର ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନାହିଁ।

ଏହି ପ୍ରକଳ୍ପରୁ ପ୍ରାୟ ୮ କିଲୋମିଟର ବ୍ୟାପି କେନାଲ ବିଭିନ୍ନ ସ୍ଥାନରେ ଭାଙ୍ଗି ଯାଇଛି। ସ୍ଥାନୀୟ ନୀଳମଣି ଖିଲାରଙ୍କ ଘର ନିକଟରେ ଷ୍ଟ୍ରକଚର ଭାଙ୍ଗି ପୋତି ହୋଇପଡିଛି। ଆବଶ୍ୟକ କରା ନଯାଇ ସରକାରୀ ଅନୁଦାନକୁ ହରିଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। କେନାଲ ସ୍ଥିତି ଅନୁଧ୍ୟାନ କରି ସ୍ଥାନୀୟ ଚାଷୀ ମଧୁ ଖିଲାର କାଳନ୍ଦୀ ବେହେରା ଅନାଥ ଖିଲାର ବାଞ୍ଛାନିଧି ବେହେରା ନୀଳମଣି ଖିଲାର ଅନନ୍ତ ବେହେରା ପଦ୍ମନାଭ ଖିଲାର ଲକ୍ଷ୍ମୀଧର ଖିଲାର କାଠିଆ ବେହେରା ଅନିରୁଦ୍ଧ ଖିଲାର ବିଶ୍ୱଜିତ ଖିଲାର ରଘୁନାଥ ବେହେରା ଦୁର୍ଯ୍ୟୋଧନ ଖିଲାର ସୁମେଶ ବେହେରା ବିଶ୍ୱନାଥ ଖିଲାର ସହଦେବ ଖିଲାରଆଜି ଏପରି ସରକାରୀ ଅବ୍ୟବସ୍ଥାର ପ୍ରତିବାଦ କରିଛନ୍ତି।

ଆନନ୍ଦପୁର ବ୍ଲକ୍ ଧକୋଠା ପଞ୍ଚାୟତର ଆଦିବାସୀବହୁଳ ଅଞ୍ଚଳରେ ଜଳସେଚନ ପାଇଁ ୧୯୮୦ରେ ଗଡ଼ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ସେତେବେଳେ ଭିତ୍ତିପ୍ରସ୍ତର ସ୍ଥାପନହୋଇ ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳରେ ଚଷୀମାନଙ୍କ ପାଇଁ ଆଶା ସଞ୍ଚାର କରିଥିଲା। ତେବେ ଦୀର୍ଘଦିନ ହେଲା ପ୍ରକଳ୍ପର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନଥିବାରୁ ଜଳସେଚନରେ ସସମ୍ୟା ସୃଷ୍ଟି ହୋଇଛି। ଏନେଇ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷରେ ୧ କୋଟି ୩୦ଲକ୍ଷ ଟଙ୍କାର ବ୍ୟୟଅଟକଳରେ ଉନ୍ନତୀକରଣ, ଉପର ରାସ୍ତା ନିର୍ମାଣ, ପଥର ପ୍ୟାକିଂ ଆଦି ବିଭିନ୍ନ କାମ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ୨୦୨୪ ଡିସେମ୍ବର ୧୭ରୁ ନିର୍ମାଣ ଆରମ୍ଭ କରାଯାଇ ଚଳିତ ସେପ୍ଟେମ୍ବର ୧୨ ତାରିଖରେ ନିର୍ମାଣ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା; ମାତ୍ର ତାହା ମଧ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଥିବାରୁ ଚାଷୀ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଚଳିତ ଖରିଫ୍ ଋତୁରେ ଚାଷଜମିକୁ ପାଣି ମାଡ଼ିବ କି ନାହିଁ ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଆଶଙ୍କା ରହିଛି। ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଶୋକ ସେଠୀ କହିଛନ୍ତି, ଡ୍ୟାମ୍‌ର ୭୦ଭାଗ ନିର୍ମାଣ ସରିଛି। ବର୍ଷାଋତୁରେ ନିର୍ମାଣ ସମ୍ଭବ ନହେବାରୁ ଆସନ୍ତା ମାର୍ଚ୍ଚ ମଧ୍ୟରେ ନିର୍ମାଣ ଶେଷ କରାଯିବ।

# ଷ୍ଟ୍ରିଟଲାଇଟ୍‌କୁ କେନ୍ଦ୍ରକରି ଉତ୍ତେଜନା



ରାମଚନ୍ଦ୍ରପୁର, ୨୦।୯ (ସମିସ): ଗାଁରେ ଷ୍ଟ୍ରିଟଲାଇଟ ଲଗାଇବାକୁ କେନ୍ଦ୍ରକରି ଘସିପୁରା ବ୍ଲକ ମଦନପୁର ପଞ୍ଚାୟତ ଖଡିକାଶୁଳବାହାଳୀ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ଗାଁ ଲୋକଙ୍କ ଦୀର୍ଘ ଦିନର ଦାବି ପରେ ମୁଖ୍ୟଛକରେ ସରପଞ୍ଚଙ୍କ ସୁପାରିସକ୍ରମେ ଷ୍ଟ୍ରିଟଲାଇଟ ଲଗାଯିବା ପାଇଁ ଲାଇଟ ଆସିଥିଲେ ମଧ୍ୟ ସେଇ ଲାଇଟକୁ କେତେକ ବ୍ୟକ୍ତି ଚଞ୍ଚକତା କରି ନିଜ ଘର ନିକଟରେ ଲଗାଇ ଦେଇଥିଲେ। ଏଥିନେଇ ଗ୍ରାମବାସୀ ସରପଞ୍ଚ ହିମାଂଶୁଶେଖର ଜେନାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ପାରିନାହିଁ। କୌଣସି ଚାପରେ ବଶବର୍ତ୍ତୀ ନହୋଇ ଯଥାଶୀଘ୍ର ମୁଖ୍ୟଛକରେ ଷ୍ଟ୍ରିଟଲାଇଟ ଲାଗିବାକୁ ଗ୍ରାମବାସୀ ସରପଞ୍ଚଙ୍କଠାରେ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ସ୍ୱଚ୍ଛତା ସଚେତନତା ରାଲି



ଆନନ୍ଦପୁର, ୨୦।୯ (ସମିସ): ଆନନ୍ଦପୁର ପୌରପାଳିକା ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ସଚେତନତା ଶୋଭାଯାତ୍ରା ହୋଇଯାଇଛି। ଆନନ୍ଦପୁର ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ଏହି ଶୋଭାଯାତ୍ରା ନଗର ପରିକ୍ରମା କରିବା ପରେ ସ୍ୱଚ୍ଛତା ସମ୍ପର୍କରେ ସ୍ଲୋଗାନ ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିଲେ। ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଅଭିଯାନ ମାଧ୍ୟମରେ ଗଛ ଲଗାଇବା, ସ୍ୱଚ୍ଛତା ଭଳି ଅନେକ ସମାଜ ମଙ୍ଗଳ କାର୍ଯ୍ୟ ପୌରପାଳିକା ତରଫରୁ ଆୟୋଜନ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ତତ୍ତ୍ୱାବଧାନରେ ପୌରାଧକ୍ଷା ରଜନିରାଣୀ ଖଟୁଆ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ଆନନ୍ଦପୁର ମହାବିଦ୍ୟାଳୟରେ ହିନ୍ଦୀ ଦିବସ

ଆନନ୍ଦପୁର, ୨୦।୯ (ସମିସ): ଆନନ୍ଦପୁର ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ସେମିନାର ହଲ୍‌ରେ ହିନ୍ଦୀ ବିଭାଗର ଅଧ୍ୟାପିକା ସବିନା ଆର ବେଗମ୍‌ଙ୍କ ସଂଯୋଜନାରେ ହିନ୍ଦୀ ଦିବସ ଅଧ୍ୟକ୍ଷ ଡ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ପାଳନ କରାଯାଇଛି। ସମ୍ମାନିତ ଅତିଥି ଭାବେ ଡ ନିମାଇଁ ଚରଣ ରାଉତ, ଡ ଶକ୍ତିପ୍ରସାଦ ମହାପାତ୍ର, ପ୍ରଫୁଲ୍ଲ ପଣ୍ଡା, ଅନିତା ଦାସ, ଭାରତୀ ସାହୁ, ଡ ଉତ୍ତମ ପାଣିଗ୍ରାହୀ, ଆଦ୍ୟଦେବ ମହାନ୍ତି, ପୁଷ୍ପଲତା ରାମ ପ୍ରମୁଖ ଯୋଗ ଦେଇଥିବା ବେଳେ



ମୁଖ୍ୟବକ୍ତା ଭାବେ ଡ କମଳିନୀ ପାଣିଗ୍ରାହୀ ଉତ୍ସବ ପାଳନର ଉଦ୍ଦେଶ୍ୟ ଆଲୋଚନା କରିଥିଲେ। ଛାତ୍ରୀ ମନିଷା ସିଂହ, ଶୁଭଲକ୍ଷ୍ମୀ ନାୟକ, ଦେବସ୍ମିତା ଜେନା ହିନ୍ଦୀ ଆମର ସଂସ୍କୃତି, ଏହା ଆମର ପରିଚୟ ଏହା ଆମ ଆତ୍ମାର ସ୍ୱର ବୋଲି ଆଲୋଚନା କରିଥିଲେ।

# ଯୁବ ରେଡ୍‌କ୍ରସର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ




କେନ୍ଦୁଝର, ୨୦।୯ (ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟ ଯୁବ ରେଡକ୍ରସ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରର ତଥା ଯୁବ ରେଡକ୍ରସ ଅଧକ୍ଷା ସୁଶ୍ରୀ ପ୍ରତିଭା ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ବିଶ୍ୱବିଦ୍ୟାଳୟ ଆଇଡିପି ବିଲଡିଂ ହଲରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆବାହକ ସମ୍ପାଦକ ଡ ମମତା ମଞ୍ଜରୀ ପଣ୍ଡା ସ୍ୱାଗତ ଅଭିଭାଷଣ ଦେଇଥିଲା ବେଳେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ହିମାଂଶୁ ଶେଖର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ କାଉନସିଲର ସୁରେଶ ଆଚାର୍ଯ୍ୟ ରେଡକ୍ରସ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଯୁଗ୍ମ ସମ୍ପାଦକ ଏଆର ଖାନ ଯୁବ ରେଡକ୍ରସ ନିଜକୁ ଆହୁରି ବ୍ୟାପକ କରି ଜିଲ୍ଲାର ପ୍ରତିଟି କୋଣ ଅନୁକୋଣରେ ଉପସ୍ଥିତି ଜାହିର କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ ଡ ପ୍ରଭୁପ୍ରସାଦ ଦାଶ ଦକ୍ଷ ଏବଂ ବ୍ୟାପକ ଯୁବ ସ୍ୱେଚ୍ଛାସେବୀ ଗଠନ ସମ୍ପର୍କରେ କାଉନସେଲରଙ୍କ ଅବଦାନକୁ ଗୁରୁତ୍ୱାରୋପ କରିଥିଲେ। କାଉନସିଲର ଶୁକଦେବ ତିରିଆ ସଞ୍ଚାଳନ କରିଥିଲେ। କାଉନସେଲର ମନୀଷ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟ ସିଓଏଫ ଜ୍ୟୋତିର୍ମୟ ମହାପାତ୍ର ସମସ୍ତଙ୍କୁ ଉତ୍ସହିତ କରିଥିଲେ। ସମସ୍ତ କାଉନସେଲର ମତ ରଖି ଆଗାମୀ ବର୍ଷର କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଥିଲେ।

# ଗୋଡ଼ରେ ପଶିଗଲା ହଳ

ତୁରୁମୁଙ୍ଗା, ୨୦।୯ (ସମିସ): ପାଟଣା ଥାନା ସରାସୋକାଲା ପଞ୍ଚାୟତର ଜିଆଣିସାହିରେ ଘଟିଛି ଅଘଟଣ। ଶନିବାର ଅପରାହ୍ନରେ ରଷିନାଥ ମହାନ୍ତଙ୍କ ପୁଅ ସଞ୍ଜୟ ଘର ପଛପଟେ ଥିବା ବାଡ଼ିରେ ହଳ କରୁଥିବା ସମୟରେ ଅସାବଧାନତା ଯୋଗୁଁ ପାୱାର ଟିଲର ହଳ ଫାଳ ଭିତରେ ତାଙ୍କ ଗୋଡ଼ ଫସି ଯାଇଥିଲା। ସ୍ଥାନୀୟ ଲୋକମାନେ ଖବର ଦେବା ପରେ ଘଟଣାସ୍ଥଳରେ ପାଟଣା ଅଗ୍ନିଶମବାହିନୀ ପହଞ୍ଚି ସଞ୍ଜୟଙ୍କୁ ଉଦ୍ଧାର କରି ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏବଂ ପରେ ଅଧିକ ଗୁରୁତର ହେବାରୁ ଡ଼ାକ୍ତର ତାଙ୍କୁ ୧୦୮ ଆମ୍ବୁଲାନ୍ସ ଗାଡ଼ି ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛନ୍ତି।



# ଶିକ୍ଷକ ଅନୁପସ୍ଥିତି ନେଇ ବିଦ୍ୟାଳୟରେ ତାଲା

■ ବିଇଓଙ୍କ ତଦନ୍ତ ନିର୍ଦ୍ଦେଶ



ଚମ୍ପୁଆ, ୨୦।୯ (ସମିସ): ଚମ୍ପୁଆ ବ୍ଲକ ଶୁନାପୋଶି ପଞ୍ଚାୟତର ସରାସପୋଶି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ଅନୁପସ୍ଥିତିକୁ ନେଇ ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ସୂଚନା ଅନୁସାରେ, ସରାସପୋଶି ପ୍ରାଥମିକ ବିଦ୍ୟାଳୟରେ ଅନିୟମିତତାକୁ ଲକ୍ଷ୍ୟ କରି ଏହି ତାଲା ପଡିଥିବା ଜଣାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ କୁମାର ପ୍ରଧାନ ନିୟମିତ ମଦ୍ୟପାନ କରି ବିଦ୍ୟାଳୟ ଆସୁଥିବା ସହ ଅଳ୍ପ ସମୟ ରହି ଘରକୁ ପଳାଉଛନ୍ତି। ବିଦ୍ୟାଳୟର ଅନ୍ୟଜଣେ ଶିକ୍ଷୟିତ୍ରୀ ୨ ଦିନ ହେବ ଅନୁପସ୍ଥିତ ରହିଥିବା ବେଳେ ଶିକ୍ଷାଦାନ କ୍ଷେତ୍ରରେ ବାଧାପ୍ରାପ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଚମ୍ପୁଆ ବ୍ଲକ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦା ସହକାରୀ ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ନାଏକଙ୍କୁ ଉକ୍ତ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ କହିଛନ୍ତି। ତେବେ, ଅନିୟମିତତା ଲାଗିରହିଥିଲେ ମଧ୍ୟ ସିଆରସି ଏ ବିଷୟରେ କାହିଁକି ଅବଗତ କରିନାହାନ୍ତି ସେନେଇ ତାଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ ବୋଲି କହିଛନ୍ତି।

# ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ପରାମର୍ଶ ଶିବିର

ଚମ୍ପୁଆ, ୨୦।୯ (ସମିସ): ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟଠାରେ ଶନିବାର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଏହାକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଡାକ୍ତରମାନଙ୍କ ଦ୍ୱାରା ବାଳିକା ଓ ନାରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତ ପରୀକ୍ଷା, ଦନ୍ତ ପରୀକ୍ଷା, ଟିକାକରଣ, ଚକ୍ଷୁ ପରୀକ୍ଷା ଆଦି କରାଯିବା ସହ ଭେଷଜ, ସର୍ଜରୀ, ସ୍ତ୍ରୀରୋଗ, ଶିଶୁରୋଗ, ମନସ୍ୱାସ୍ଥ୍ୟ ଆଦି ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଡାକ୍ତରଖାନାରେ ଉନ୍ନତ ଜ୍ଞାନକୌଶଳର ହୃଦରୋଗ ପାଇଁ ଇସିଜି ସେବା, ଆଧୁନିକ କମ୍ପ୍ୟୁଟରାଇଜ ମାଧ୍ୟମରେ ରକ୍ତ ପରୀକ୍ଷା ସେବା, ବୟସ୍କ ବ୍ୟକ୍ତିଙ୍କ ପାଇଁ ଉପଖଣ୍ଡ ଚିକିତ୍ସାଳୟରେ ଉପଲବ୍ଧ ସ୍ୱାସ୍ଥ୍ୟସେବା ଆଦିକୁ ଉପଜିଲ୍ଲାପାଳ ଶ୍ରୀ ପରିଡ଼ା ଉଦଘାଟନ କରିଥିଲେ। ଉପଖଣ୍ଡ ଚିକିତ୍ସାଧିକାରୀ ଡ ଉମାକାନ୍ତ ସାହୁ, ଚମ୍ପୁଆ ଓକିଲ ସଂଘ ସଭାପତି ରମେଶଚନ୍ଦ୍ର ପ୍ରଧାନ, ଡ ଧର୍ମପଦ ଦାଶମହାପାତ୍ର ପ୍ରମୁଖ ସହ ହସପିଟାଲ ମେନେଜର ଏମଡି ୱାସିମ ଓ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।



# ପଦ୍ମପୁର ମେଡିକାଲରେ ପୁରୁଷ ବନ୍ଧ୍ୟାକରଣ ପ୍ରଶିକ୍ଷଣ

କେନ୍ଦୁଝର, ୨୦।୯ (ସମିସ): କେନ୍ଦୁଝର ସଦର ବ୍ଲକ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁରୁଷ ବନ୍ଧ୍ୟାକରଣ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତ୍ରିପୁରାରୁ ଆସିଥିବା ଡାକ୍ତରୀ ଦଳ ଡା. ଦିବ୍ୟକ୍ରିଷ୍ଣାଦେବ ବ୍ରହ୍ମ, ଡା. କିଶୋର ଦାଶ, ଡା. ଶୁଭ୍ର ନେଲେଇ ଦାଶ, ଡା.ଜେସୁଇନ ଦେବବ୍ରହ୍ମ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତଥା ପୁରୁଷ ବନ୍ଧ୍ୟାକରଣ ବିଶେଷଜ୍ଞ ମୁକ୍ତିକାନ୍ତ ନାୟକ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ଶିବଚରଣ ବାଘଙ୍କ ନେତୃତ୍ୱରେ ଏହି ସ୍ୱତନ୍ତ୍ର ଶିବିରରେ ୧୨ ଜଣ ପୁରୁଷଙ୍କ ବନ୍ଧ୍ୟା କରଣ ଅସ୍ତ୍ରୋପଚାର କରାଯାଇଥିଲା। କାର୍ଯ୍ୟକ୍ରମରେ ଏସଏ ଅମ୍ଳାନ କିଶୋର ପରିଡା, ପିଏଚଇଓ ମଙ୍ଗୁଳିଚରଣ ସେଠୀ, ଏଲଟି ପ୍ରମୋଦ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ୪ ବର୍ଷଧରି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉଭୟ ପୁରୁଷ ଓ ମହିଳା ବନ୍ଧ୍ୟାକରଣ ଅସ୍ତ୍ରୋପଚାର କ୍ଷେତ୍ରରେ ସମଗ୍ର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛି।



# ନୂଆମାଳିଆ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ: କମରଦାଙ୍ଗି ଏଫ୍‌ସି ଚାମ୍ପିଅନ



ରାମଚନ୍ଦ୍ରପୁର, ୨୦।୯ (ସମିସ): ଘସିପୁରା ବ୍ଲକ ଗଁପୁର ପଞ୍ଚାୟତ ନୂଆମାଳିଆ ମା'ମଙ୍ଗଳା କ୍ଲବ ପକ୍ଷରୁ ଅନୁଷ୍ଠିତ ୧୬ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଶୁକ୍ରବାର ଦାନଗଦୀ ଏଫସିକୁ ହରାଇ କମରଦାଙ୍ଗି ଏଫସି ଚାମ୍ପିଅନ ହୋଇଛି। ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ କରିପାରି ନଥିବା ବେଳେ ଶେଷ ସମୟରେ କମାରଦାଙ୍ଗି ଏଫସି ୧-୦ରେ ଅଗ୍ରଣୀ ଲାଭ କରି ଚାମ୍ପିଅନ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଦୀପକ ଜେନା, ସମାଜସେବୀ ଗଦାଧର ଜେନା, ଗାଁ ମୁରବୀ ଜଣ୍ଟୁ ଦେଓଗାମ୍, ଘନଶ୍ୟାମ ବିରୁଆ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ମୋଟ ୩୨ଟି ଗ୍ରାମାଞ୍ଚଳ ଫୁଟବଲ ଟିମକୁ ନେଇ ତିନି ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟ ଚାଲିଥିଲା। କ୍ଲବର ରଘୁ ସମାଡ, ସୁନାରାମ ଦେଓଗାମ, ସନ୍ତୁ ଚାତାର, ସମିର ସିଙ୍କୁ, ବଦନା ଗାଇପଇ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ଗ୍ରାମସାଥୀ ଚୟନରେ ଅନିୟମିତତା ଅଭିଯୋଗ

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ

ତୁରୁମୁଙ୍ଗା, ୨୦।୯ (ସମିସ): ସାହାରପଡା ବ୍ଲକ କୁଣ୍ଡୁଳା ପଞ୍ଚାୟତ ଜୟପୁର ଗ୍ରାମରେ ଗ୍ରାମସାଥୀ ଚୟନରେ ଅନିୟମିତତା ଅଭିଯୋଗ ନେଇ ଶନିବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବା ସହ କାର୍ଯ୍ୟାଳୟକୁ ଘେରଉ କରି ପ୍ରତିବାଦ କରିଥିଲେ। ଗ୍ରାମରେ ପଲ୍ଲୀସଭା ଚାଲିଥିବା ସମୟରେ ଗଣ୍ଡଗୋଳ ଯୋଗୁଁ ସ୍ଥଗିତ ଥିବା ବେଳେ ଗ୍ରାମର ଜଣଙ୍କୁ ବ୍ଲକ ପକ୍ଷରୁ ଚୟନ କରିଥିବା ଅଭିଯୋଗ ଆଣି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଘଟଣାସ୍ଥଳରେ ପୁଲିସ ଏବଂ ସାହାରପଡା ବିଡିଓ ରଣଜିତ ମହାନ୍ତ, କୁଣ୍ଡୁଳା ସରପଞ୍ଚ ଶତ୍ରୁଘ୍ନ ନାଏକ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ପୁନର୍ବାର ଗ୍ରାମସାଥୀ ଚୟନ ପାଇଁ ପଲ୍ଲୀସଭା କରାଯିବାର ପ୍ରତିଶ୍ରୁତି ପରେ ଲୋକେ ଆନ୍ଦୋଳନରୁ ଓହରିବା ସହ ପଞ୍ଚାୟତ କାର୍ଯ୍ୟାଳୟର ଚାବି ଖୋଲାଯାଇଥିଲା।



# ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ରାମଚନ୍ଦ୍ରପୁର, ୨୦।୯ (ସମିସ): ଘସିପୁରା ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବିଡିଓ ବିନିତା ବିଜୟିନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ମୁଖ୍ୟଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଘସିପୁରା ବ୍ଲକ ଅଧୀନ ୨୫ଟି ପଞ୍ଚାୟତର କୋଣ ଅନୁକୋଣରୁ ୪୯୪ ଭିନ୍ନକ୍ଷମ ଏହି ଶିବିରରେ ଯୋଗ ଦେଇଥିଲେ। ଏହି ଭିନ୍ନକ୍ଷମମାନେ ଅନେକେ ସରକାରୀ ସୁବିଧାରୁ ବଞ୍ଚିତ ରହୁଥିବା ବେଳେ ତାଙ୍କୁ ସବୁ କିଛି ସୁବିଧା ପ୍ରଦାନ କରାଯିବ ବୋଲି ଅଧିକାରୀମାନେ ମତ ପ୍ରକାଶ କରିଥିଲେ। ଏହି ଶିବିରରେ ଭିନ୍ନକ୍ଷମ ଚିହ୍ନଟ ପାଇଁ ଚାରି ଜଣ ଡାକ୍ତର ନିଯୁକ୍ତ ହୋଇଥିଲେ। ଶିବିରରେ ଆଶାବାଡ଼ି, ଟ୍ରାଇ ସାଇକଲ ଆଦି ବଣ୍ଟନ କରାଯାଇଥିଲା। ବ୍ଲକ କର୍ମଚାରୀ ପ୍ରତିମା ଦଣ୍ଡପାଟ, ଶୁଭକାନ୍ତ ଜେନା ସମେତ ସମସ୍ତ ପଞ୍ଚାୟତ ପ୍ରତିନିଧି ସହଯୋଗ କରିଥିଲେ।

ଆର୍ମି ଯବାନଙ୍କ କ୍ୟାନ୍ସରରେ ମୃତ୍ୟୁ

# ଉଦୟପୁର ବୈତରଣୀ କୂଳରେ ଶେଷକୃତ୍ୟ





ତୁରୁମୁଙ୍ଗା, ୨୦।୯ (ସମିସ): ସାହାରପଡ଼ା ବ୍ଲକ ଉଦୟପୁର ଗ୍ରାମର ହରିଶ୍ଚନ୍ଦ୍ର ସେଠୀ ଆର୍ମିରେ ନାଏବ ସୁବେଦାର ଭାବେ କାର୍ଯ୍ୟ କରୁଥିଲେ। ଦିଲ୍ଲୀରେ ଚାକିରି କରୁଥିବା ସମୟରେ ୨ ବର୍ଷ ପୂର୍ବରୁ ଜଟିଳ କ୍ୟାନ୍ସର ରୋଗରେ ପୀଡ଼ିତ ହୋଇଥିଲେ। ଦିଲ୍ଲୀସ୍ଥିତ ଆର୍ମି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସମୟରେ ଗତକାଲି ଦିନ ୧୦.୩୦ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ଦିଲ୍ଲୀରୁ ବିମାନ ଯୋଗେ ଭୁବନେଶ୍ୱରକୁ ମରଶରୀର ଅଣାଯିବା ପରେ ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କ ମରଶରୀର ଉଦୟପୁର ପୈତୃକ ଗ୍ରାମରେ ଶୋକାକୁଳ ପରିବେଶରେ ଲୋକମାନେ ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଇବା ପରେ ବୈତରଣୀ ନଦୀକୂଳରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଯବାନଙ୍କ ଦୁଇ ନାବାଳକ ଝିଅ ଥିବା ବେଳେ ସ୍ୱାମୀଙ୍କ ବିୟୋଗରେ ସ୍ତ୍ରୀ ଏବଂ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଛୋଟ ବେଳରୁ ବାପା ଶଙ୍କାଳି ସେଠୀଙ୍କ ମୃତ୍ୟୁ ପରେ ମା' ବହୁ ଝଡ଼ଝଞ୍ଜା ସହି ପୁଅକୁ ପାଠ ପଢ଼ାଇବା ଦେଶ ସେବାର ନିୟୋଜିତ କରିଥିଲେ। ପାଟଣା ଓ ସାହାରପଡା ବ୍ଲକର ଅବସରପ୍ରାପ୍ତ ସେନା କର୍ମଚାରୀ ସଙ୍ଘର କର୍ମକର୍ତ୍ତାଙ୍କ ସହ ପୂର୍ବତନ ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ପୂର୍ବତନ ଜିଲ୍ଲା ପରିଷଦ ସଭାପତି ମମିତା ନାଏକଙ୍କ ସମେତ ଅନେକ ମାନ୍ୟଗଣ୍ୟ ଉପସ୍ଥିତ ଥିଲେ। ଭଣଜା ସିଦ୍ଧାର୍ଥ ବେହେରା ମୁଖାଗ୍ନି ଦେଇଥିଲେ।

ସକାଳ
THE SAKALA



# ଆଜି ମହାନଦୀରେ ସାମୂହିକ ତିଳତର୍ପଣ

**ସମ୍ବଲପୁର, ୨୦।୯ (ସମିସ):** ପ୍ରତିବର୍ଷ ଭଳି ସମ୍ବଲପୁର ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ୨୧ ତାରିଖ ଅମାବାସ୍ୟା ତିଥିରେ ମହାଳୟା ଶ୍ରାଦ୍ଧ ଉପଲକ୍ଷେ ସକାଳ ସାଢ଼େ ୭ଟା ସମୟରେ ସମ୍ବଲପୁର ମାରୱାଡ଼ିପଡ଼ା ଘାଟ, ଭତରା ଶଙ୍କର ମଠ, ହୁମା ମଛିନ୍ଦ୍ର ଘାଟ, ଧମାର ଧର୍ମେଶ୍ୱର ଘାଟ, ବଉସରା ମହାନଦୀ ଘାଟରେ ଏକା ସାଙ୍ଗରେ ସାମୂହିକ ତିଳତର୍ପଣ କରାଯିବ। ଏହି ସାମୂହିକ ତିଳତର୍ପଣରେ ଯୋଗଦାନ କରି ନିଜର ପିତୃପୁରୁଷ ତଥା ପ୍ରିୟଜନଙ୍କୁ ତିଳତର୍ପଣ କରିବାକୁ ସମ୍ବଲପୁର ଜିଲ୍ଲା ବ୍ରାହ୍ମଣ ସମାଜର ସମ୍ପାଦକ କମଳ ପ୍ରସାଦ ମିଶ୍ର ଅନୁରୋଧ କରିଛନ୍ତି। ସେହିପରି ପଶ୍ଚିମ ଓଡ଼ିଶା ବ୍ରାହ୍ମଣ ସମାଜ ପକ୍ଷରୁ ୨୧ ତାରିଖ ରବିବାର ସକାଳ ୭ଟା ୪୫ ମିନିଟ ସମୟରେ ମହାନଦୀ କୂଳ ସ୍ଥାନୀୟ ମାରୱାଡ଼ିପଡ଼ା ଘାଟରେ ବୈଦିକ ରୀତିରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ସାମୂହିକ ତିଳତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉକ୍ତ ଧାର୍ମିକ କାର୍ଯ୍ୟରେ ଯୋଗ ଦେବା ପାଇଁ ଆବାହକ ଦେବାଶିଷ ପୁରୋହିତ ଅନୁରୋଧ କରିଛନ୍ତି।

# ସମ୍ବଲପୁରରେ ବଢ଼ିଲା ଆଫିଡେଭିଟ୍ ଦେୟ

**ସମ୍ବଲପୁର, ୨୦।୯ (ସମିସ):** ଗତ ୧୧ ତାରିଖ ଜିଲ୍ଲା ଓକିଲ ସଂଘ ସମ୍ବଲପୁରର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଫିଡେଭିଟ୍ ଦେୟ ବୃଦ୍ଧିକୁ ନେଇ ପ୍ରସ୍ତାବ ପାରିତ ହୋଇଛି। ଏନେଇ ସଂଘ ପକ୍ଷରୁ ଜାରି ପତ୍ରସଂଖ୍ୟା ୧୪୭୭/ଡିବିଏ ଅନୁଯାୟୀ, ସାଧାରଣ ଆଫିଡେଭିଟ୍ ଦର ୨୦୦ ଟଙ୍କାରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଆଫିଡେଭିଟ୍ ସକାଶେ ଆବଶ୍ୟକ ଷ୍ଟିକରର ଦର ୫୦ରୁ ୧୦୦ ଟଙ୍କାକୁ ବୃଦ୍ଧି ହୋଇଛି। ପୁରୁଣା ରହିଯାଇଥିବା ଆଫିଡେଭିଟ୍ ଷ୍ଟିକର ଶେଷ ହେବା ପର୍ଯ୍ୟନ୍ତ ସମସ୍ତେ ୨ଟି ଲେଖାଏ ଷ୍ଟିକର ଲଗାଇବେ। ଆସନ୍ତା ଅକ୍ଟୋବର ୧ ତାରିଖରୁ ଲାଗୁ ହେବ ବୋଲି ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର ସୂଚନା ଦେଇଛନ୍ତି। ଡିବିଏ ସାଧାରଣ ପରିଷଦରେ ନିଆଯାଇଥିବା ନିଷ୍ପତ୍ତିକୁ ସମସ୍ତେ ଲାଗୁ କରିବାକୁ ସମ୍ପାଦକ ପ୍ରଦ୍ୟୋତ କୁମାର ମିଶ୍ର ଅନୁରୋଧ କରିଛନ୍ତି।

# ଓଲଟିଲା ଟ୍ୟାଙ୍କର: ଗରା, ବାଲଟିରେ ବୋହି ନେଲେ ତେଲ

**ସମ୍ବଲପୁର, ୨୦।୯ (ସମିସ)**





ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅଞ୍ଚଳରେ ଜାତୀୟ ରାଜପଥ ୫୫ରେ ଏକ ଡିଜେଲ ପେଟ୍ରୋଲ ଟ୍ୟାଙ୍କର ଭାରସାମ୍ୟ ହରାଇ ଓଲଟି ପଡ଼ିଲା। ତେଲ ରାସ୍ତା ଉପରେ ବହିବା ଦେଖି ସ୍ଥାନୀୟ ଲୋକେ ଗରା ବାଲଟିରେ ବୋହି ନେଲେ। ଖବରପାଇ ଯୁଯୋମୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିବାସହ ଆହତ ଚାଳକ ଓ ସହକାରୀଙ୍କୁ ବୁର୍ଲା ପଠାଇଥିଲା। ସୂଚନା ଅନୁଯାୟୀ, ଟ୍ୟାଙ୍କରଟି ପାରାଦୀପରୁ ଡିଜେଲ ଏବଂ ପେଟ୍ରୋଲ ନେଇ ସମ୍ବଲପୁରକୁ ଆସୁଥିଲା। ଜାତୀୟ ରାଜପଥର କୟାକୁଦ ଛକ ପାର୍ଶ୍ୱରେ ଏକ ଢାବା ସମ୍ମୁଖରେ ଭାରସାମ୍ୟ ହରାଇ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡ଼ିଥିଲା। ଟ୍ୟାଙ୍କରରେ ଥିବା ଡିଜେଲ ଓ ପେଟ୍ରୋଲ ରାସ୍ତା ଉପରେ ବହିଯାଇଥିଲା। ଆଖପାଖ ଲୋକେ ଗରା, ବାଲଟି, ଜାର, ବୋତଲରେ ବୋହି ନେଇଥିବା ସ୍ଥାନୀୟ ଲୋକମାନେ ପ୍ରକାଶ କରିଥିବା ଯୁଯୋମୁରା ପୁଲିସ କହିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଆହତ ଟ୍ୟାଙ୍କର ଚାଳକଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଛି। ଆଇଓସିଏଲ୍ ପକ୍ଷରୁ ଏକ ଟିମ୍ ସେଠାକୁ ଯାଇ ଅଗ୍ନିଶମ କର୍ମଚାରୀଙ୍କ ଉପସ୍ଥିତିରେ ଟ୍ୟାଙ୍କରକୁ କ୍ରେନ୍ ଯୋଗେ ସିଧା କରାଯାଇଥିବା ସୂଚନା ମିଳିଛି।



ଆସନ୍ତା ନବରାତ୍ର ପାଇଁ ସଜେଇ ହେଲାଣି ସମଲେଶ୍ୱରୀ ମନ୍ଦିର

# ସିଆର୍‌ପିଏଫ୍ ଗ୍ରୁପ୍ କେନ୍ଦ୍ରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ



**ସମ୍ବଲପୁର, ୨୦।୯ (ସମିସ):** ଗୋଶାଳାସ୍ଥିତ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ (ସିଆରପିଏଫ୍) ଗ୍ରୁପ୍ କେନ୍ଦ୍ର ସମ୍ବଲପୁରଠାରେ ସ୍ୱଚ୍ଛତା ହିଁ ସେବା-୨୦୨୫ ଅଭିଯାନ ଆରମ୍ଭ ହୋଇଛି। ଡେପୁଟି ଇନ୍ସପେକ୍ଟର ଜେନରାଲ ସଞ୍ଜୟ କୁମାର ସିଂହ କାର୍ଯ୍ୟକ୍ରମର ନେତୃତ୍ୱ ନେବାସହ ସ୍ୱଚ୍ଛତା ଅଭିଯାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ସ୍ୱଚ୍ଛତା କେବଳ ଏକ ଅଭିଯାନ ନୁହେଁ, ବରଂ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହି କାର୍ଯ୍ୟକ୍ରମରେ ଡେପୁଟି ଇନ୍ସପେକ୍ଟର ଜେନେରାଲ ସୂଚନା ଦେଇଥିଲେ ଯେ ଚଳିତ ବର୍ଷର ଅଭିଯାନର ବିଷୟବସ୍ତୁ 'ସ୍ୱଚ୍ଛତାତ୍ସୋବ', ଯାହା ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨, ୨୦୨୫ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଏହି ଅଭିଯାନରେ ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତା ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ମାରାଥନ, ଦୌଡ଼ ଏବଂ ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ସମେତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଅବସରରେ ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ଅତିଥିମାନେ ସ୍ୱଚ୍ଛତା ପ୍ରତିଜ୍ଞା ନେଇଥିଲେ। ଏହାପରେ ଗ୍ରୁପ କେନ୍ଦ୍ର ପରିସରରେ ଏକ ସ୍ୱଚ୍ଛତା ରାଲି ଅନୁଷ୍ଠିତ ହୋଇଥିଲା ଏବଂ ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାଇ 'ମା ପାଇଁ ଗୋଟିଏ ଗଛ' ଯୋଜନା ଅଧୀନରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଏମ୍‌ସିଏଲ୍ ମୁଖ୍ୟାଳୟରେ ବିଶ୍ୱକର୍ମା ପୂଜା



**ସମ୍ବଲପୁର, ୨୦।୯ (ସମିସ):** ବୁର୍ଲାସ୍ଥିତ ମହାନଦୀ କୋଲଫିଲ୍ଡସ ଲିମିଟେଡ୍‌ର ମୁଖ୍ୟାଳୟରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ନିରାଡ଼ମ୍ବର ଭାବରେ ପାଳିତ ହୋଇଯାଇଛି। ମହାପ୍ରବନ୍ଧକ (ଇଆଣ୍ଡଏମ୍) ଗୋବର୍ଦ୍ଧନ ମହାପାତ୍ର କର୍ତ୍ତା ଭାବରେ ପୂଜାକାର୍ଯ୍ୟ ନିର୍ବାହ କରିଥିଲେ। ନିର୍ଦ୍ଦେଶକ (ଟିପିଆଣ୍ଡପି) ସଞ୍ଜୟ କୁମାର ଝା, ମହାପ୍ରବନ୍ଧକ (ସିଭିଲ ଜ୍ୟୋତିର୍ମୟୀ ସିଂହ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ପାଦକ ଗୋପାଳ ବାଗର, କୋଷାଧ୍ୟକ୍ଷ ରାଜାରାମ ମହାରଣା ତଥା ପୂଜା କମିଟି ସଦସ୍ୟମାନେ ଶ୍ରୀବିଶ୍ୱକର୍ମା ପୂଜାକାର୍ଯ୍ୟ ସମ୍ପାଦନାରେ ଯୋଗ ଦେଇଥିଲେ।

# ୧୨ଟି ଜିଲ୍ଲାର କ୍ଷୁଦ୍ର ଜଳସେଚନ ଗଣନା ଏବଂ ଜାତୀୟ ନମୁନା ସର୍ଭେ ସମୀକ୍ଷା

**ସମ୍ବଲପୁର, ୨୦।୯ (ସମିସ):** ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଜଳ ସମ୍ପଦ, ନଦୀ ବିକାଶ ଏବଂ ଗଙ୍ଗା ପୁନରୁଦ୍ଧାର ବିଭାଗ ସପ୍ତମ କ୍ଷୁଦ୍ର ଜଳସେଚନ ଗଣନା, ଜଳଭଣ୍ଡାରର ଦ୍ୱିତୀୟ ଗଣନା, ଝରଣାଗୁଡ଼ିକର ପ୍ରଥମ ଗଣନା ଏବଂ ପ୍ରମୁଖ ଏବଂ ମଧ୍ୟମ ଜଳସେଚନ ପ୍ରକଳ୍ପର ପ୍ରଥମ ଗଣନା ଅଧୀନରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଜଳଭଣ୍ଡାର ଏବଂ ଝରଣାଗୁଡ଼ିକର ଗଣନା ଚାଲିଛି। ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ହେଉଛି ଓଡ଼ିଶା ରାଜ୍ୟରେ ସର୍ଭେର କାର୍ଯ୍ୟକାରୀ ସଂସ୍ଥା। ଜିଲ୍ଲାସ୍ତରରେ ଜିଲ୍ଲା ଯୋଜନା ଏବଂ ନିରୀକ୍ଷଣ ଶାଖା (ଡିପିଏମ୍‌ୟୁ) ର କ୍ଷେତ୍ର କର୍ମଚାରୀ ଏବଂ ଜିଲ୍ଲାଗୁଡ଼ିକର ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଗଣନା କରାଯାଉଛି। ଜୁଲାଇ ୨୦୨୫ ରୁ ଉତ୍ତରାଞ୍ଚଳ ପରିସରର ସମସ୍ତ ୧୨ଟି ଜିଲ୍ଲାରେ ଗଣନା ଆରମ୍ଭ ହୋଇଛି। ୧୫, ୩୪୨ ଟି ଗ୍ରାମ ଏବଂ



୬୮୨ ଟି ସହରାଞ୍ଚଳ ୱାର୍ଡ ଏବଂ ୪୦ ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ନେଇ ସମସ୍ତ ୧୦୩ ଟି ବ୍ଲକରେ ଗଣନା କରାଯିବ। ଏପର୍ଯ୍ୟନ୍ତ କେବଳ ୭୫୫ ଟି ଗ୍ରାମରେ ଗଣନା କାର୍ଯ୍ୟ ସମାପ୍ତ ହୋଇଛି। କାର୍ଯ୍ୟର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଆଜି ଉତ୍ତରାଞ୍ଚଳ ପରିସରର ଅତିରିକ୍ତ ନିର୍ଦ୍ଦେଶକ ସଞ୍ଜୟ ନନ୍ଦଙ୍କ ଅଧ୍ୟକ୍ଷତାରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ନିର୍ମଳ କୁମାର ସାହୁ ଏବଂ ଉପନିର୍ଦ୍ଦେଶକ ସରୋଜ ପଣ୍ଡାଙ୍କ ଉପସ୍ଥିତିରେ ସମସ୍ତ ୧୨ଟି ଜିଲ୍ଲାର ଅଧିକାରୀମାନଙ୍କ ସହିତ ଏକ ସମୀକ୍ଷା ବୈଠକ କରାଯାଇଥିଲା। ୧୨ଟି ଜିଲ୍ଲାର ଉପନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ ଓ ପରିସଂଖ୍ୟାନ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ। ସମସ୍ତ ଜିଲ୍ଲାକୁ ୧୫ ଅକ୍ଟୋବରରୁ ୩୦ ଅକ୍ଟୋବର ମଧ୍ୟରେ ଜନଗଣନା କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାବ୍ୟତୀତ ୮୦ତମ ରାଉଣ୍ଡ ଜାତୀୟ ନମୁନା ସର୍ଭେ ଅନ୍ତର୍ଗତ ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ୮୦ତମ ରାଉଣ୍ଡର ବିଷୟବସ୍ତୁ ହେଉଛି ସ୍ୱାସ୍ଥ୍ୟ ଖର୍ଚ୍ଚ ଏବଂ ପର୍ଯ୍ୟଟନ ଖର୍ଚ୍ଚ। ସମସ୍ତ ଜିଲ୍ଲାକୁ ତଥ୍ୟ ଅନୁମୋଦନ ସମାପ୍ତ କରିବାକୁ ଏବଂ ଏହି ମାସ ଶେଷ ସୁଦ୍ଧା, ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟରେ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲା ଯୋଜନା ଏବଂ ନିରୀକ୍ଷଣ ଶାଖା ଗୁଡ଼ିକର ଖର୍ଚ୍ଚ ସ୍ଥିତି ମଧ୍ୟ ସମୀକ୍ଷା କରାଯାଇଥିଲା ଏବଂ ସେମାନଙ୍କୁ ୨୬ ତାରିଖ ସୁଦ୍ଧା ଖର୍ଚ୍ଚ ନ ହୋଇଥିବା ପାଣ୍ଠି ବ୍ୟବହାର କରିବାକୁ ଏବଂ ଏଥିପାଇଁ ବ୍ୟବହାର ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଏନ୍‌ଏସ୍‌ସିବି କଲେଜରେ ବାଣିଜ୍ୟ ସମ୍ମାନ




**ସମ୍ବଲପୁର, ୨୦।୯ (ସମିସ) :** ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗରେ 'ନୂତନ ଆୟକର ଆଇନ ୨୦୨୫' ବିଷୟରେ ଏକ ସମ୍ମାନ ଆୟୋଜିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡଃ ପି.କେ. ହରପାଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଡଃ ସତ୍ୟରଞ୍ଜନ ଗୁରୁ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଶୋକ କୁମାର ଅଗ୍ରୱାଲ ଯୋଗଦେଇ ନୂତନ ଆୟକର ଆଇନ ୨୦୨୫ ଉପରେ ବିସ୍ତୃତ ଅଲୋଚନା କରିଥିଲେ। ସେ କର ବ୍ୟବସ୍ଥାର ସଂଶୋଧନ, ନୂତନ କମ୍ପ୍ଲାୟାନ୍ସ ପ୍ରଣାଳୀ, କରଦାତା ଓ ବ୍ୟବସାୟୀଙ୍କ ପାଇଁ ପ୍ରଭାବ ଏବଂ ଜାତୀୟ ରେଭେନ୍ୟୁରେ ସେଥିର ପ୍ରଭାବ ବିଷୟରେ ସ୍ପଷ୍ଟତା ଦେଇଥିଲେ। ଶେଷରେ ରଶ୍ମି କାଇବରତାଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଦ୍ଧେଶ୍ୱରବେର୍ଣ୍ଣା ଶିଶୁ ମନ୍ଦିରରେ ସ୍ୱାସ୍ଥ୍ୟ ଶିବିର

**ସମ୍ବଲପୁର, ୨୦।୯ (ସମିସ):** ନେସନାଲ ମେଡିକୋ ଓର୍ଗାନାଇଜେସନ, ଓଡ଼ିଶା ପଶ୍ଚିମ ପକ୍ଷର ସମ୍ବଲପୁର ଫାଟକସ୍ଥିତ ସିଦ୍ଧେଶ୍ୱରବେର୍ଣ୍ଣା ଶିଶୁମନ୍ଦିର ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଭିମସାରର ସହକାରୀ ପ୍ରଫେସର ଡ. ସଞ୍ଜୀବ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ବରିଷ୍ଠ ଆବାସିକ ଡାକ୍ତର ଡା. ରଞ୍ଜନ କୁଜୁର, ସହକାରୀ ପ୍ରଫେସର ଡ. ଗୀତା ଚୌବେ, ଡ. ପ୍ରାଚୀପ୍ରଭା ହୋତା, ଡ. ଅଜୟ ମିଞ୍ଜ ପ୍ରମୁଖ ଯୋଗଦେଇ ୧୨୦ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିଶୁମନ୍ଦିରର ଗୁରୁମା ଗୁରୁଜୀଙ୍କ ସହଯୋଗରେ ଶିବିର ସକାଳ ସାଢ଼େ ୭ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା।



# ସମ୍ବଲପୁରୀକୁ ଅଷ୍ଟମ ପରିଚ୍ଛେଦରେ ସାମିଲ ଦାବି ଦୋହରାଇଲା ସାଂସ୍କୃତିକ ସମାଜ



**ସମ୍ବଲପୁର, ୨୦।୯ (ସମିସ) :** ଓଡ଼ିଶା ସାଂସ୍କୃତିକ ସମାଜର ସପ୍ତଦଶ କାର୍ଯ୍ୟକାରିଣୀ ବୈଠକ ସଭାପତି ଡଃ ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସ୍ୱାଗତ କରିବାସହ ଗାନ୍ଧୀ ଜୟନ୍ତୀ, ପ୍ରତିଷ୍ଠା ଦିବସ ଆଦି ଆଗାମୀ ମାସର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଏହି ଅବସରରେ ସଭାପତି ଡଃ ଦାନୀ କହିଲେ ଯେ, ଓଡ଼ିଶା ସାଂସ୍କୃତିକ ସମାଜ ଏ ଅଞ୍ଚଳର କଳା, ସଂସ୍କୃତି ଓ ସମ୍ବଲପୁରୀ ଭାଷା ପାଇଁ ସଦାସର୍ବଦା ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରୁଛି। ବିଧାନସଭାରେ ଓଡ଼ିଶା ସରକାରଙ୍କ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ମନ୍ତବ୍ୟ ସମ୍ବଲପୁରୀ ଭାଷା ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନିତ କରିବାପାଇଁ କୌଣସି ଯୋଜନା ନାହିଁକୁ ସଭାରେ ତୀବ୍ର ନିନ୍ଦା କରାଯାଇଛି। ରାଜ୍ୟ ସରକାର ଅବିଳମ୍ବେ ଏଥିପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କ ଠାରେ ଦାବି କରିଛନ୍ତି। ଆଲୋଚନାରେ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ଅଶୋକ ମିଶ୍ର, ଅଖିଳ ରଞ୍ଜନ ପଟ୍ଟନାୟକ, କୈଳାଶ ମିସ୍ତ୍ରୀ, ହୃଷୀକେଶ ପୂଜାରୀ, ଡଃ ସନ୍ତୋଷ ଦାଶ, ପ୍ରଶାନ୍ତ ପାଟଯୋଷୀ, ଯୋଗେଶ ହୋତା, ବୋଧରାମ ଦାଶ, ଡଃ ସିଦ୍ଧାର୍ଥ ପଣ୍ଡା, ଦିଲୀପ ବଘାର, ତଫିଜୁଲ ହୁସେନ, ଦେବେନ୍ଦ୍ର ପଟେଲ ପ୍ରମୁଖ ଅଂଶଗ୍ରହଣ କରି ସମ୍ବଲପୁରୀ ଭାଷାକୁ ନେଇ ସରକାରଙ୍କ ଆଭିମୁଖ୍ୟ ଉପରେ ଉଦ୍‌ବେଗ ପ୍ରକାଶ କରିଥିଲେ।

# ପାକ୍ସ ସମ୍ମୁଖରେ ହୋର୍ଡିଂକୁ ନେଇ ଥାନାରେ ଏତଲା




**ସମ୍ବଲପୁର, ୨୦।୯ (ସମିସ):** ପରମାଣପୁର ପ୍ରାଥମିକ କୃଷି ସମବାୟ ସମିତି ଲିଃର ଅଫିସ ସମ୍ମୁଖରେ ଏକ ଘରୋଇ ସଂସ୍ଥା ଲୁହାର ଖମ୍ବରେ ହୋର୍ଡିଂ ଲଗାଇଥିବା ନେଇ ପାକ୍ସ ସମ୍ପାଦକ ଓ ସମିତିର ବୋର୍ଡ ସଭ୍ୟମାନେ ଶାସନ ଥାନାରେ ଅଭିଯୋଗ କରିଛନ୍ତି। ଏତଲା ଅନୁଯାୟୀ, ପରମାଣପୁର ପ୍ୟାକ୍ସ ଅଫିସ ସମ୍ମୁଖରେ ପରମାଣପୁର ସମବାୟ ସମିତିର ଏକ ବୋର୍ଡ ଲଗାଯାଇଚି। ୧୮ ତାରିଖ ସନ୍ଧ୍ୟାରେ ଆନନ୍ଦ ହାଇପର ମାର୍କେଟ ଓ ଜ୍ୱେଲେରୀ ୱାର୍ଲଡ୍‌ର ଷ୍ଟାଫମାନେ ଆସି ତାଙ୍କ ଦୋକାନର ଏକ ବୋର୍ଡ ଲଗାଇ ଦେଇଚନ୍ତି ଯଦ୍ୱାରା ସୋସାଇଟିର ବୋର୍ଟ ଆଉ ଚାଷୀ ଭାଇଭଉଣୀ ମାନଙ୍କୁ ଦେଖାଯାଉନାହିଁ। ସମିତିର ସଭାପତି ଫୋନ ଯୋଗେ ଉକ୍ତ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରିବାରୁ ଯାହା କରିବାର ଅଛି କର ବୋଲି ଧମକ ଦେଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ଏଣୁ ଏହାର ସମାଧାନ କରି ଏହି ବୋର୍ଡକୁ ଅଫିସ ସମ୍ମୁଖରୁ ହଟାଇଲେ ଚାଷୀ ଭାଇଭଉଣୀମାନେ ଉପକୃତ ହେବେ ବୋଲି ଶାସନ ଥାନାଧିକାରୀଙ୍କୁ ଦିଆଯାଇଥିବା ଅଭିଯୋଗ ପତ୍ରରେ ଲେଖାଯାଇଛି। ଏନେଇ ସମ୍ପୃକ୍ତ ସଂସ୍ଥାର ମତାମତ ମିଳିପାରିନାହିଁ।

# ହୋମିଓପ୍ୟାଥି କଲେଜରେ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

**ସମ୍ବଲପୁର, ୨୦।୯ (ସମିସ):** ଓଡ଼ିଶା ମେଡିକାଲ କଲେଜ ଅଫ୍ ହୋମିଓପାଥି ଏବଂ ରିସର୍ଚ୍ଚର ଏନ୍‌ଏସ୍‌ଏସ୍ ୟୁନିଟ୍ ତରଫରୁ ଦିନିକିଆ ଓରିଏଣ୍ଟେସନ୍ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡା. ଦିପ୍ତିକାନ୍ତ ସିଂଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡଃ ବିରେନ୍ଦ୍ର ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଏନ୍‌ଏସ୍‌ଏସ୍ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶାନ୍ତନୁ ପ୍ରଧାନ ଏବଂ ସମାଜସେବୀ ରାମଦାସ ପଣ୍ଡା ଯୋଗ ଦେଇଥିଲେ। ଏନ୍‌ଏସ୍‌ଏସ୍ ଉପଦେଷ୍ଟା ଡଃ ମହେନ୍ଦ୍ର ନୀଳକଣ୍ଠ ଧରୁଆ ଏବଂ କଲେଜର ଅନ୍ୟ ଅଧାପକ ଅଧାପିକା ମାନେ ଉପସ୍ଥିତ ଥିଲେ। ନୂତନ ଡାକ୍ତରୀ ଛାତ୍ରଛାତ୍ରୀ ତଥା ଏନଏସଏସ ସ୍ୱେଚ୍ଛାସେବୀଙ୍କୁ ଏନ୍‌ଏସ୍‌ଏସ୍ ବିଷୟରେ ଅବଗତ କରିବାସହ ତାଲିମ ଦିଆଯାଇଥିଲା।

## ନିରୁଦ୍ଦିଷ୍ଟ



ବଣ୍ଟିଗପାଳ, ୨୦/୯ (ସମିସ): ଅନୁଗୋଳ ଜିଲ୍ଲା ବଣ୍ଟିଗପାଳ ଥାନା (ପଠାନସାହି)ର ମିରି ମହମ୍ମଦ(୫୨)ଙ୍କ ନାତି ମହମ୍ମଦ ଆବିଦ (୧୫) ଗତ ୬.୮.୨୫ ରଖି ଦିନ ପ୍ରାୟ ୧ ଟା ବେଳେ ବଜାରକୁ ଯାଉଛି କହି ଗଲା ଆଉ ଫେରି ନଥିଲା। ଗଲାବେଳେ ଏକ ନୀଳ ପ୍ୟାଣ୍ଟ, ନାଲି ଫୁଲ ସାର୍ଟ ସହ ଏକ ଗାମୁଛା ବେକରେ ପକାଇ ଥିଲା ତାର ଉଚତା ୫'୫ଇଞ୍ଚ, ରଙ୍ଗ ଗୋରା ଅଟେ, ତାକୁ ଖୋଜା ଖୋଜି ପରେ ସନ୍ଧାନ ନପାଇବାରୁ ବଣ୍ଟିଗପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାର ଯଦି କୌଣସି ସହୃଦୟ ବ୍ୟକ୍ତି ସନ୍ଧାନ ପାଆନ୍ତି ତାହା ହେଲେ ୯୬୬୮୭୫୦୪୭୩ ନମ୍ବରକୁ ଜଣାଇବାକୁ ଅନୁରୋଧ।

ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ



ପ୍ରଫୁଲ୍ଲ ବାରିକ
ଜନ୍ମ: ୨୧.୦୯.୧୯୬୦
ଶିରିଡ଼ିସାଇ ଆଶ୍ରିତ ଓ ସମାଜସେବୀ
ଗ୍ରାମ/ପୋଷ୍ଟ:ବରଦା, ଜିଲ୍ଲା: ଯାଜପୁର
ଭାଇ ତୁମର ୬୫ତମ ଜନ୍ମଦିନ ଅବସରରେ ପ୍ରଭୁ ଜଗନ୍ନାଥ ତମକୁ ଆଶୀର୍ବାଦ ପ୍ରଦାନ କରନ୍ତୁ ଓ ଆହୁରି ଉନ୍ନତିମୂଳକ କାର୍ଯ୍ୟରେ ଆଗେଇ ଚାଲନ୍ତୁ। ଏହା ହିଁ ଭଗବାନଙ୍କ ପାଖରେ ପ୍ରାର୍ଥନା।
ଶୁଭେଚ୍ଛା ସହ:
କବିତା ସେଠୀ (ସରପଞ୍ଚ, ବରଦା ଗ୍ରାମପଞ୍ଚାୟତ),
ଅଶୋକ ସାମଲ, ସାରଦା ଦୃପ୍ତି,
ମନ୍ମଥ ସାମଲ

# ନିର୍ମାଣାଧୀନ ଯାତ୍ରା ମଣ୍ଡପ କାମ ନିମ୍ନମାନର

**କୁଚିଣ୍ଡା, ୨୦।୯ (ସମିସ)**




କୁଚିଣ୍ଡା ବ୍ଲକ କୁନ୍ତୁରା ପଞ୍ଚାୟତ ବଗାଡିହି ଗ୍ରାମରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୨୦୨୪/୨୫ ଆର୍ଥିକ ବର୍ଷରେ ୪ଲକ୍ଷ ବିନିମୟରେ ନିର୍ମାଣ ଚାଲିଛି ବଗାଡିହି ଯାତ୍ରା ମଣ୍ଡପ କାମ। ଅଳ୍ପ ମାଟି ଖୋଳି ଉପରକୁ ଦେଖାଯାଉଥିବା ନିଅଁରେ ସାମାନ୍ୟ ଗେଟି ପକାଇ ଅତି ନିମ୍ନମାନର କାମ କରି ତାରି ଉପରେ ଯୋଡ଼େଇ କରାଯାଉଛି। ଯାହାକି ଯେ କୌଣସି ମୁହୂର୍ତ୍ତରେ ଭୁଶୁଡି ପଡ଼ି ଧନଜୀବନ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଲୋକଙ୍କ ବାରଣ ସତ୍ତ୍ୱେ ବି ଠିକାଦାର ମନଇଚ୍ଛା କାର୍ଯ୍ୟ କରିଚାଲିଛନ୍ତି। ନିମ୍ନ ମାନର କାମକୁ ନେଇ କୁଚିଣ୍ଡା ବ୍ଲକ କୁନ୍ତୁରା ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ପ୍ରକାଶ ପିଙ୍ଗଙ୍କୁ ଉକ୍ତ କାର୍ଯ୍ୟର ନିମ୍ନମାନର କାମର ଫୋଟ ପଠାଇ ପଚାରିବାରୁ ଏପରି କାମ ନକରିବା କଥା ତଥାପି ଠିକାଦାର ନ ଶୁଣି ଜୋରଜବରଦସ୍ତ କରୁଛନ୍ତି। ମୁଁ ତାଙ୍କୁ ସବୁ ଖୋଲି ନୂତନ ଭାବେ ଭଲ ଭାବରେ କରିବା ପାଇଁ କହିଥିଲେ ହେଲେ ସେ ନକରି ଉପରେ ଉପରେ ବିନା କଂକ୍ରିଟରେ ଯୋଡି ଚାଲିଛନ୍ତି। ରୁହନ୍ତୁ କଣ ହୋଇଛି ପଚାରି ବୁଝି ଆପଣଙ୍କୁ କହୁଛି ବୋଲି କନିଷ୍ଠ ଯନ୍ତ୍ରୀ ପ୍ରକାଶ ପିଙ୍ଗ ଉତ୍ତର ଦେଇଥିଲେ। ନିମ୍ନମାନର ନିର୍ମାଣ କାର୍ଯ୍ୟକୁ ନେଇ ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଜ୍ଞା ପରିମିତ ନାୟକଙ୍କୁ ଫୋନ ଯୋଗେ ପଚାରିବାକୁ ଚେଷ୍ଟା କରାଯାଇଥିବା ବେଳେ ସହକାରୀ ଯନ୍ତ୍ରୀ ପ୍ରଜ୍ଞା ପରିମିତ ନାୟକ ମୁଁ ମିଟିଂରେ ଅଛି କହି ଏଡାଇ ଯାଇଥିଲେ। ୪ ଲକ୍ଷ ଟଙ୍କା ବ୍ୟୟରେ ଯଦି ଅତିନିମ୍ନମାନର କାର୍ଯ୍ୟ କରାଯାଏ ତେବେ ଏହାର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବିଭାଗିୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# କାରାଗାରରେ ରୋଟାରୀ କ୍ଲବ୍ ଉଦ୍ୟମରେ ପୁସ୍ତକାଳୟ ସ୍ଥାପନ

**ବରଗଡ଼, ୨୦।୯ (ସମିସ):** ରୋଟାରୀ କ୍ଲବ୍ ଅଫ୍ ବରଗଡ଼ ସେଣ୍ଟ୍ରାଲ୍ ପ୍ରୟାସରେ ଶନିବାର ବରଗଡ଼ ଜିଲ୍ଲା କାରାଗାରରେ ଏକ ସୁସଜ୍ଜିତ ପୁସ୍ତକାଳୟ ସ୍ଥାପନ କରାଯାଇଛି। ଏହାର ଉଦ୍ଦେଶ୍ୟ ବନ୍ଦୀମାନଙ୍କୁ ଶିକ୍ଷା ଓ ସକାରାତ୍ମକ ଚିନ୍ତାଧାରା ନିମନ୍ତେ ପ୍ରେରଣା ଯୋଗାଇବା। କାରାଗାର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦୀମାନଙ୍କ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। କାରାଗାର ଅଧୀକ୍ଷକ ବନ୍ଦୀମାନଙ୍କୁ ବହି ପଢ଼ି ସମୟର ସଦୁପଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ପୁସ୍ତକ ପଢ଼ିବା ଦ୍ୱାରା ମନ ଶାନ୍ତ ରହିବା ସହ ଚିନ୍ତାଧାରାରେ ସକାରାତ୍ମକ ପରିବର୍ତ୍ତନ ଆସିଥାଏ ବୋଲି କହିଥିଲେ। ଆଜି ସ୍ଥାପିତ ପୁସ୍ତକାଳୟରେ ହିନ୍ଦୀ, ଓଡ଼ିଆ ଏବଂ ଇଂରାଜୀ ଭାଷାର ଧର୍ମ, ସାହିତ୍ୟ, ଇତିହାସ, ବ୍ୟକ୍ତିତ୍ୱ ଉନ୍ନତି, ଓ ସାଧାରଣ ଜ୍ଞାନ ସହିତ ଅନ୍ୟାନ୍ୟ ପୁସ୍ତକ ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲବ୍ ଅଧ୍ୟକ୍ଷ ଅଶିଷ ପାନସାରୀ, ସଚିବ ସୁମନ ସାୱଡିଆ, କୋଷାଧ୍ୟକ୍ଷ ପ୍ରବୀଣ ଲାଠ, ପ୍ରୋଜେକ୍ଟ ଚେୟାରମ୍ୟାନ ସନ୍ଦୀପ ସାୱଡିଆ, ଉମେଶ ଅଗ୍ରୱାଲ, ଅମିତ ଅଗ୍ରୱାଲ, ଅମିତ ବିର୍ମିୱାଲ ସହିତ କ୍ଲବ୍‌ର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଅତାବିରାରେ ବ୍ଲକ୍‌ସ୍ତରୀୟ ନିପୁଣ ସପ୍ତାହ କାର୍ଯ୍ୟକ୍ରମ



**ଅତାବିରା, ୨୦।୯ (ସମିସ):** ନିପୁଣ ସପ୍ତାହ କାର୍ଯ୍ୟକ୍ରମର ପଞ୍ଚମ ଦିନରେ ଅତାବିରା ବ୍ଲକ୍ ଅଧୀନ ସମସ୍ତ ସରକାରୀ ପ୍ରାଥମିକ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଶିଶୁ ବାଟିକାରୁ ତୃତୀୟ ଶ୍ରେଣୀ ପିଲାଙ୍କୁ ନିପୁଣ ସପ୍ତାହର ରିପୋର୍ଟ କାର୍ଡ ସେମାନଙ୍କ ଅଭିଭାବକଙ୍କୁ ବଣ୍ଟନ କରାଯାଇଛି। ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅତାବିରା ମିଶ୍ରାଣୀ କୁମ୍ଭାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାଣ୍ଡପାଲି ପରିଦର୍ଶନ କରି ରିପୋର୍ଟ କାର୍ଡ ବଣ୍ଟନ ଦିବସରେ ଯୋଗ ଦେଇଥିଲେ। ସେହିପରି ବୁଗବୁଗା କ୍ଲଷ୍ଟର ଅଧୀନ ସରକାରୀ ପ୍ରାଥମିକ ବିଦ୍ୟାଳୟ ବାଞ୍ଜିପାଲିରେ ସିଆରସିସି ନନ୍ଦିଘୋଷ ଭୁଏ ଅଭିଭାବକଙ୍କୁ ରିପୋର୍ଟ କାର୍ଡ ବଣ୍ଟନ କରି ଶୈକ୍ଷିକ ଆଲୋଚନା କରିଥିଲେ। ନିପୁଣ ସପ୍ତାହ ଗତ ୧୫ ତାରିଖରୁ ଆରମ୍ଭ ହୋଇ ଦୁଇ ଦିନ ସଂଖ୍ୟାଜ୍ଞାନ, ଦୁଇ ଦିନ ସାକ୍ଷରତା ଏବଂ ଶେଷ ଦିନ ଅଭିଭାବକ ସମ୍ପୃକ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ସମସ୍ତଙ୍କୁ ରିପୋର୍ଟ କାର୍ଡ ବଣ୍ଟନ କରାଯାଇ ଥିଲା। ବ୍ଲକର ସମସ୍ତ ସିଆରସିସି ବିଦ୍ୟାଳୟ ଗୁଡିକ ପରିଦର୍ଶନ କରି ଏହି କାର୍ଯ୍ୟକ୍ରମର ତଦାରଖ କରିଥିଲେ।

# ବହ୍ନୀକନ୍ୟା ପାର୍ବତୀ ଗିରିଙ୍କ ଜନ୍ମ ଶତ ବାର୍ଷିକୀ ପାଇଁ ପ୍ରସ୍ତୁତି

**ବିଜେପୁର, ୨୦।୯ (ସମିସ):** ଓଡ଼ିଶାର ଗର୍ବ ଓ ଗୌରବ ବହ୍ନୀ କନ୍ୟା ପାର୍ବତୀ ଗିରୀଙ୍କ ଜନ୍ମ ଶତବାର୍ଷିକୀ ପାଳନ କରିବା ପାଇଁ ସମଲେଇପଦର ବୃଦ୍ଧାଶ୍ରମ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରଗଡ଼ ଜିଲ୍ଲାର ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଅଞ୍ଚଳର ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଏଥିରେ ଆସନ୍ତା ଜାନୁୟାରୀ ୧୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏହି ଜୟନ୍ତୀ ଉତ୍ସବକୁ ଆଡମ୍ବର ସହକାରେ ପାଳନ କରିବା ପାଇଁ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ଏକ ପରିଚାଳନା କମିଟି ଗଠିତ ହୋଇଥିଲା। ଏଥିରେ ସଭାପତି ଭାବେ ସୁବାସ ପଧାନ, ଡୋଳାମଣି ଶତପଥୀ ସମ୍ପାଦକ, ମମତା ମିଶ୍ର ସହ ସମ୍ପାଦକ, ଲାଲ ସାହେବ ବାରିକ କୋଷାଧ୍ୟକ୍ଷ, ବ୍ରଜ ସୁନ୍ଦର ସାହୁ ଓ ସଫେତ ବାରିକ, ବିକାଶ ଅଗ୍ରୱାଲ, ଅଞ୍ଜନା ଦାସ, ସୁଧାଂଶୁ ବାଳା ଦାସ, ସତ୍ୟଜିତ ଦାସ, ଲୋକନାଥ କୁଦାଇ, ଗଣେଶ ଲୁହା, ଅକ୍ଷୟ ବାରିକ, କିଶୋର ସ୍ୱାଇଁ, ଗଣେଶ ସେଠ୍, ଅସିତ ସ୍ୱାଇଁ, ଶଙ୍କର ସାହୁ, ଡ.ତହସିଲ ସାହୁ, ସୁବ୍ରତ ବିର୍ତ୍ତିଆ, ପ୍ରଦୀପ ଗୁରୁ ପ୍ରମୁଖ ସାଧାରଣ କମିଟିର ସଦସ୍ୟ ଭାବେ ଚୟନ କରାଯିବା ସହ ଉପଦେଷ୍ଟା କମିଟି ପାଇଁ ଗୀତା ମିଶ୍ର, ପ୍ରମୋଦ ଗିରୀ, ନିବାରିଆ, ଅଶ୍ୱିନୀ ଦର୍ଜୀ, ସୁରେନ୍ଦ୍ର ହୋତା, ପ୍ରମୋଦିନୀ ସାହୁ, ଲଙ୍କା ଦେଇ, ପ୍ରଦୀପ ଗୁରୁ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ଶେଷରେ ବୃଦ୍ଧାଶ୍ରମର ପରିଚାଳକ ଜଳନ୍ଧର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

ଦଶ ମାଇଲ ଛକ ଅଞ୍ଚଳରେ ଲୁଟେରାଙ୍କ ଦୌରାତ୍ମ୍ୟ

# ସନ୍ଦିଗ୍ଧଙ୍କୁ ପ୍ରବଳ ମାଡ଼ ସହ ସ୍କୁଟି ପୋଡ଼ିଦେଲେ ଲୋକ

**ସୋହେଲା, ୨୦।୯ (ସମିସ)**

ସୋହେଲା ଥାନା ଅଧୀନ ଜାତୀୟ ରାଜପଥ ଉପରେ ସ୍ଥିତ ଦଶମାଇଲ ଛକ ଅଞ୍ଚଳରେ ବିଗତ କିଛି ମାସ ହେବ ଅଞ୍ଚଳର ନିଛାଟିଆ ସ୍ଥାନ ମାନଙ୍କରେ ନିୟମିତ ରାହାଜାନି, ଲୁଟ ତରାଜ, ପରି ଘଟଣାମାନ ଘଟି ଚାଲିଛି। ଏହାକୁ ନେଇ ଅଞ୍ଚଳ ବାସୀଙ୍କ ମଧ୍ୟରେ ଭୟର ବାତାବରଣ ଲାଗି ରହିଥିବା ବେଳେ ଲୁଟେରା ମାନଙ୍କ ବିରୋଧରେ ଅଞ୍ଚଳ ବାସୀଙ୍କ ମଧ୍ୟରେ ଆକ୍ରୋଶ ରହିଥିଲା। ଆଜି ସକାଳେ ଦଶମାଇଲ ଛକ ଅଞ୍ଚଳରେ କିଛି ସନ୍ଦିଗ୍ଧ ବ୍ୟକ୍ତି ଏକ ସ୍କୁଟିରେ ବୁଲୁଥିବା ସ୍ଥାନୀୟ ଲୋକ ଦେଖିଥିଲେ। ସନ୍ଦେହ ହେବାରୁ ସ୍ଥାନୀୟ ଲୋକେ ସେମାନଙ୍କୁ ଗୋଡାଇ କାବୁକରି ଦଶମାଇଲ ଛକକୁ ଆଣିଥିଲେ। ଏହାପରେ ଉତ୍ୟକ୍ତ ଲୋକେ ସେମାନଙ୍କୁ ନିର୍ଘୁମ ମାଡ ମାରିବା ସହ ସେମାନଙ୍କ ସ୍କୁଟିରେ ନିଆଁ ଲଗାଇ ପୋଡି ଦେଇଥିଲେ। ଖବର ପାଇ ସୋହେଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳ ବାସୀଙ୍କ ଦ୍ୱାରା ଅଟକ ଥିବା ୩ ଜଣଙ୍କୁ ଆଣି ସୋହେଲା ଥାନାରେ ଅଟକ ରଖିଥିବା ଜଣା ପଡ଼ିଛି।

ଗତ ୬ ତାରିଖରେ ସରକଣ୍ଡା ଗାଁର ଜଣେ ୩୨ ବର୍ଷୀୟ ଯୁବକ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଲେବିଡି ଦଶ ମାଇଲ ରାସ୍ତାରେ ଆସୁଥିବା ବେଳେ ଅଜଣା ଲୁଟେରା ମାନେ ବ୍ଲେଡରେ ଆକ୍ରମଣ କରି ତାଙ୍କ ନିକଟରୁ ୩୦ ହଜାର ଟଙ୍କା ଲୁଟି ନେଇଥିଲେ। ଏନେଇ ସମ୍ପୃକ୍ତ ଯୁବକ ଗତ ୭ ତାରିଖରେ ସୋହେଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେପରି କିଛି ଦିନ ପୂର୍ବରୁ ଗର୍ଭଣା ଗାଁର ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ ହୋଇଥିବା, ନଅଗାଁର ଜଣେ ବୃଦ୍ଧଙ୍କୁ ଆକ୍ରମଣ କରି ୭ ହଜାର ଟଙ୍କା ଲୁଟି ନେଇଥିବା



ଖବର ରହିଛି। ଦଶ ମାଇଲ ଛକ ଉପରେ ଅଞ୍ଚଳର ପ୍ରାୟ ୩୦ ଖଣ୍ଡ ଗାଁର ଲୋକେ ନିର୍ଭର କରିଥାନ୍ତି। କିନ୍ତୁ ବାରମ୍ବାର ଏଭଳି ରାହାଜାନୀ ଡକାୟତି ଘଟଣା ଯୋଗୁଁ ଅଞ୍ଚଳବାସୀ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ସୋହେଲା ପୁଲିସ ପକ୍ଷରୁ ବିଭିନ୍ନ ସମୟରେ ପେଟ୍ରୋଲିଂ ହେଉଥିଲେ ମଧ୍ୟ ତାହା ଏପରି ଘଟଣାକୁ ରୋକିବାରେ ସଫଳ ହେଉନାହିଁ। ପୁଲିସ ପେଟ୍ରୋଲିଂ ବ୍ୟବସ୍ଥାକୁ ବ୍ୟାପକ କରିବା ସହିତ ଆହୁରି କଡାକଡି କରାଯିବାକୁ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ପୂର୍ବରୁ ଏସବୁ ଘଟଣାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଥିବା ବେଳେ ଆଜି କିଛି ଯୁବକଙ୍କୁ ସନ୍ଦିଗ୍ଧ ଭାବେ ସ୍କୁଟିରେ ବୁଲା ବୁଲି କରୁଥିବା ଦେଖି କିଛି ସ୍ଥାନୀୟ ଯୁବକ ସେମାନଙ୍କୁ ଗୋଡାଇ ଧରିଥିଲେ। ସେମାନଙ୍କୁ ଛକକୁ ଆଣିବା ପରେ ଉତ୍ୟକ୍ତ ଲୋକେ ସେମାନଙ୍କୁ ମାଡ ମାରିବା ଆରମ୍ଭ କରିଥିଲେ। ଘଟଣା ସ୍ଥଳରେ ଶହ ଶହ ଲୋକ ଜମା ହେବା ସହ ଉତ୍ତେଜନା ବୃଦ୍ଧି ପାଇବାରୁ ସମ୍ପୃକ୍ତ ଯୁବକମାନଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରିଛି।

# ଆୟୁର୍ବେଦ ଦିବସ ପାଳନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ



**ପାଇକମାଳ, ୨୦।୯ (ସମିସ):** ଚଳିତ ବର୍ଷ ଠାରୁ ଭାରତ ସରକାର ସେପ୍ଟେମ୍ବର ୨୩ ତାରିଖକୁ ଆୟୁର୍ବେଦ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିଗତ ବର୍ଷ ମାନଙ୍କରେ ଧନ୍ୱନ୍ତରୀ ଜୟନ୍ତୀକୁ ଆୟୁର୍ବେଦ ଦିବସ ଭାବେ ପାଳନ କରାଯାଉଥିଲା। ତେବେ ଏହି ବର୍ଷ ଦଶମ ଆୟୁର୍ବେଦ ଦିବସ ସର୍ବଭାରତୀୟ ସ୍ତରରେ ପାଳିତ ହେଉଛି। ଶ୍ରୀଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ପାଇକମାଳରେ ସେପ୍ଟେମ୍ବର ୧୭ରୁ ୨୩ ପର୍ଯ୍ୟନ୍ତ ଆୟୁର୍ବେଦ ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଉପଲକ୍ଷେ ନୃସିଂହନାଥ ମନ୍ଦିର ପରିସରରେ ଏକ ପଥଚଳନ ଏବଂ ପଥ ପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ପ୍ରଶାସକ ମନୋଜ ତ୍ରିବେଦୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଲୋକମାନଙ୍କୁ ନାଟକ ମାଧ୍ୟମରେ ଆୟୁର୍ବେଦର ମହତ୍ତ୍ୱ ବୁଝାଇଥିଲେ। ଶନିବାର ପାଇକମାଳ ବ୍ଲକ ସମ୍ମୁଖ ମିଶନଶକ୍ତି ଅଫିସ ପାଖରେ ମଧ୍ୟ ପଥପ୍ରାନ୍ତ ନାଟକ ହୋଇଥିଲା। ଅଧ୍ୟକ୍ଷ ଜଗବନ୍ଧୁ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆସନ୍ତା ୨୩ ତାରିଖ ମହାବିଦ୍ୟାଳୟ ପରିସରରେ ଏକ ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ ହେବ। ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଜନସାଧାରଣଙ୍କୁ କାର୍ଯ୍ୟକ୍ରମରେ ଯୋଗ ଦେଇ ଆୟୁର୍ବେଦୀୟ ଆହାର ବିଷୟରେ ଜାଣିବାକୁ ନିବେଦନ କରିଛନ୍ତି।

# ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀଙ୍କ ପରଲୋକ

**ବରପାଲି, ୨୦।୯ (ସମିସ):** ବରପାଲିର ଜଣାଶୁଣା ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦାଶ (୬୫)ଙ୍କ ସ୍ୱାସ୍ଥ୍ୟଜନିତ କାରଣରୁ



ପରଲୋକ ହୋଇଯାଇଛି। ବରପାଲି ଶ୍ୟାମାଛକ ନିକଟରେ ତାଙ୍କ ଘର ରହିଥିଲା। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ କିଛି ବର୍ଷ ପୂର୍ବରୁ ଅବସର ଗ୍ରହଣ କଲାପରେ ନିଜ ପୈତୃକ ବାସଭବନରେ ପରିବାର ସହ ରହୁଥିଲେ। ତେବେ କିଛି ଦିନ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟର ଅବନତି ଦେଖା ଦେବାରୁ ସେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧିନ ଅବସ୍ଥାରେ ଶନିବାର ତାଙ୍କର ବିୟୋଗ ଘଟିଛି। ତାଙ୍କର ଅନ୍ତେଷ୍ଟିକ୍ରିୟା ସ୍ଥାନୀୟ ଶ୍ମଶାନରେ ସମ୍ପୂର୍ଣ୍ଣ କରାଯାଇଥିଲା। ଅନ୍ତିମ ଯାତ୍ରାରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ପରିବାର ବନ୍ଧୁଜନ ସାମିଲ ହୋଇଥିଲେ।

# କଳାକାର ଭିକାରୀ ମିଶ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ

**ବିଜେପୁର, ୨୦।୯ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ପାର୍ବତୀ ଗିରି ବୃଦ୍ଧାଶ୍ରମ, ସମଲାଇପଦର ଠାରେ ସୁପରିଚିତ କଳାକାର, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଆଦର୍ଶ ଶିକ୍ଷକ, ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାରେ ଦ୍ୱିତୀୟ କୃଷ୍ଣ ଭୂମିକାରେ ଅଭିନୟ କରିଥିବା ଦିବଂଗତ ଭିକାରୀ ଚରଣ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ସୁବର୍ଣ୍ଣ ମିଶ୍ରଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଛି। ସ୍ଥାନୀୟ ତହସିଲଦାର ମୁକ୍ତେଶ୍ୱର ପାଣଗ୍ରାହୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ନବୀନ ଦାଶ, ସାମ୍ବାଦିକ ନିରଞ୍ଜନ ତ୍ରିପାଠୀ ଯୋଗ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସ୍ୱର୍ଗତ ମିଶ୍ରଙ୍କ ପୁତ୍ର ଆକାଶ ପ୍ରସାଦ ମିଶ୍ର, ପୁତ୍ରବଧୂ ଅନୁସୁୟା ଦେବତା, କାମାରୀ ପ୍ରସାଦ ମିଶ୍ର ଓ ପୁତ୍ରବଧୂ ଲିଲି ମିଶ୍ର ପୂଜାର୍ଚ୍ଚନା କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଚାରି ଜଣ ସଙ୍କୀର୍ତ୍ତନ କଳାକାର, ବାହାକ ବିରେନ୍ଦ୍ର ମଲ୍ଲିକ, ଗାୟକ ଜୟସିଂ ସାହୁ, ଭୁବନ ଭୁଏ, ମଲାଇପଦର ଉପର ପଡ଼ା ସଙ୍କୀର୍ତ୍ତନ ଦଳ ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଉଚ୍ଚ ନାକ୍ ମାନ୍ୟତା ପାଇଁ କର୍ମଶାଳା

**ଅତାବିରା, ୨୦।୯ (ସମିସ):** ଅତାବିରା ବ୍ଲକ ସ୍ଥିତ ଅଗ୍ରଣୀ ଶିକ୍ଷାକେନ୍ଦ୍ର ଲରମ୍ଭା କଲେଜଠାରେ ନାକ୍‌ର ଉଚ୍ଚତର ମାନ୍ୟତା ମିଳିବା ପାଇଁ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅଧ୍ୟକ୍ଷ ଅଶୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉଚ୍ଚ ନାକ୍ ମାନ୍ୟତା ପାଇଁ ଆବଶ୍ୟକ ବିଷୟବସ୍ତୁ, ମାନକ ନିର୍ଦ୍ଧାରଣ, ଅଧୀକାର ଭୁକ୍ତ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ନିର୍ଦ୍ଦେଶକ ସମ୍ବଲପୁର ପ୍ରଫେସର ଉମାଶଙ୍କର ମିଶ୍ର, ନାକ ପରାମର୍ଶଦାତା ପ୍ରଫେସର୍ ଜୟନ୍ତ ପରିଡ଼ା, ପ୍ରଫେସର୍ ପିକେ ପ୍ରଧାନ, ପ୍ରଫେସର୍ ଏମ୍ ସାହୁ, ସଂଯୋଜକ ସିଦ୍ଧାନ୍ତ ମହାନ୍ତି, କଲେଜ ଆଇକ୍ୟୁଏସି ସଂଯୋଜକ ଡ.ଜୟନ୍ତ ସାହୁ ମଞ୍ଚାସୀନ ଥିଲେ। କର୍ମଶାଳାରେ ଅତାବିରା କଲେଜ, ପଲ୍ଲିଶ୍ରୀ କଲେଜ ଚିଚିଣ୍ଡା, ପାର୍ବତୀଗିରି କଲେଜ ବରଗଡ଼, ବରପାଲି କଲେଜ, ଅଞ୍ଚଳ କଲେଜ ପଦ୍ମପୁର, ଆଞ୍ଚଳିକ କିଷାନ କଲେଜ ଭେଡେନର ଅଧ୍ୟକ୍ଷ ସହ ଆଇକ୍ୟୁଏସି ସଂଯୋଜକ ମାନେ ଯୋଗ ଦେଇଥିଲେ। ଶେଷରେ ଅଧ୍ୟାପକ ଜୟକିଶୋର ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କଲେଜ ସ୍ଥିତ ନାକ୍ ସଦସ୍ୟ ଡ.ଶାନ୍ତିଲତା ବାରିକ, ଡ.ଗୁରୁଦେବ କୁଶଲ, ଡ.ରଞ୍ଜିତ ପ୍ରଧାନ, ଡ.ସୁବଳ ରଞ୍ଜନ ସାହୁ ସହଯୋଗ କରିଥିଲେ। କର୍ମଶାଳାରେ ସମସ୍ତ ବିଭାଗମୁଖ୍ୟ ଉପସ୍ଥିତ ଥିଲେ।



# ଶିଖ୍ ଗୁରୁ ତେଗବାହାଦୁରଙ୍କ ସହିଦ ପର୍ବ ଯାତ୍ରାକୁ ଭବ୍ୟ ସ୍ୱାଗତ



**ବରଗଡ଼, ୨୦।୯ (ସମିସ):** ଶିଖ ଧର୍ମର ନବମ ଗୁରୁ ଶ୍ରୀ ତେଗବାହାଦୁରଜୀଙ୍କ ୩୫୦ ତମ ବାର୍ଷିକ ସହିଦ ଦିବସ ପର୍ବ ଯାତ୍ରା ବିହାରର ପାଟନା ସାହିବ ଗୁରୁଦ୍ୱାରରୁ ଆରମ୍ଭ ହୋଇ ବିଭିନ୍ନ ରାଜ୍ୟ ଦେଇ ଗତି କରୁଛି। ଏହି ପରିପ୍ରେକ୍ଷିରେ ଶନିବାର ବରଗଡ଼ର ଘୁଲିପାଲି ଛକରେ ବରଗଡ଼ ଗୁରୁଦ୍ୱାର ପରିଚାଳନା କମିଟି, ଶିଖ ଭାଇମାନଙ୍କ ସହିତ ମହିଳା ଏବଂ ଗୁରୁସେବକ ମାନେ ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରିଥିଲେ। ଏହି ଯାତ୍ରା ପଞ୍ଜାବର ଆନନ୍ଦପୁର ସାହିବରେ ଶେଷ ହେବ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ, ବରଗଡ଼ ଗୁରୁଦ୍ୱାର ପ୍ରବନ୍ଧକ କମିଟିର ସଭାପତି ସର୍ଦ୍ଦାର ସୁଖୱନ୍ତ ସିଂ, ସଚିବ ସର୍ଦ୍ଦାର ଜସବୀର ସିଂ ସୈନୀ, ସର୍ଦ୍ଦାର ଇନ୍ଦରଜିତ୍ ସିଂ, ସର୍ଦ୍ଦାର ଅମରଜିତ ସିଂ ଚୈନୀ ସର୍ଦ୍ଦାର ପ୍ରୀତମ ସିଂ, ସର୍ଦ୍ଦାର ତାରସେମ, ସର୍ଦ୍ଦାର ଅବତାର ସିଂ, ସର୍ଦ୍ଦାର ଅମରଜିତ ସିଂ ସନ୍ଧୁ, ସରଦାର ଲବଲୀ ସିଂ (ଶେରେ ପଞ୍ଜାବ) ପ୍ରମୁଖ ସହିତ ଅନେକ ପ୍ରମୁଖ ସଦସ୍ୟ ମାନେ ସହଯୋଗ କରିଥିଲେ।

# ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ପୋଷକ ମାହ ପାଳିତ

**ବରଗଡ଼, ୨୦।୯ (ସମିସ):** ବରଗଡ଼ର ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଗୃହ ବିଜ୍ଞାନ ବିଭାଗ ତରଫରୁ ରାଷ୍ଟ୍ରୀୟ ପୋଷଣ ମାହ ପାଳନ କରାଯାଇଛି। ଏହି ଅବସରରେ ଗୃହ ବିଜ୍ଞାନର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ପୋଷକ ଖାଦ୍ୟ ପରିବେଷଣ କରାଯାଇଥିଲା। ପ୍ରାଧ୍ୟାପିକା ଡ.ପୁଷ୍ପାଞ୍ଜଳି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମପୁର ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ସଙ୍ଗୀତା ଗଉନ୍ତିଆ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ପୋଷ୍ଟର ମାଧ୍ୟମରେ ଛାତ୍ରୀ ମାନେ ପୁଷ୍ଟିକର ଖାଦ୍ୟ, ବିଭିନ୍ନ ଭିଟାମିନ ସମ୍ବଳିତ ଖାଦ୍ୟ, ଭିଟାମିନ ଅଭାବ ଜନିତ ରୋଗ ଇତ୍ୟାଦି ବିଷୟରେ ସଚେତନ କରିଥିଲେ। ଗୃହ ବିଜ୍ଞାନର ମୁଖ୍ୟ ବିନୋଦିନୀ ବିଭାର, ରଶ୍ମିତା ମଲ୍ଲିକ ଓ ସାଗରିକ ବିଶୋଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ମାନେ ପରିବେଷିତ ଖାଦ୍ୟ ପଦାର୍ଥକୁ ଖାଇବା ସହିତ ଏ ଗୁଡିକରେ ରହିଥିବା ପୋଷକ ତତ୍ତ୍ୱ ଓ ଏହାର ଉପକାରିତା ବିଷୟରେ ପଚାରି ବୁଝିଥିଲେ। ଶେଷରେ ବିଭାଗୀୟ ମୁଖ୍ୟ ବିନୋଦିନୀ ବିଭାର ଧନ୍ୟବାଦ ଅର୍ପଣ କରିଥିଲେ।



# ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ

**ଭେଡେନ, ୨୦।୯ (ସମିସ):** ଭେଡେନ ବ୍ଲକ ପରିସରରେ ଥିବା ସଭା ଗୃହରେ ବିଇଓ ମଛିନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ କର୍ଣ୍ଣ ସୁନା ଯୋଗ ଦେଇଥିଲେ। ଅଞ୍ଚଳର ଯେଉଁ ବାଳକ ବାଳିକା ସ୍କୁଲ ଯାଉନାହାନ୍ତି ସେମାନଙ୍କୁ ବିଦ୍ୟାଳୟକୁ ଆଣି ସେମାନଙ୍କ ପାଠପଢ଼ାର ବ୍ୟବସ୍ଥା କରିବା ସହ ସମସ୍ତଙ୍କୁ ସଚେତନ କରବା ଆସ ସ୍କୁଲ ଯିବା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ରହିଛି। କାର୍ଯ୍ୟକ୍ରମରେ ଏବିଓ ହେମାବତୀ ମେହେର, ସିଡିପିଓ ଆଫଲାନ୍ସ ଟେଟେଙ୍କ ସମେତ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ।

ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକ ଆଉଟ୍ ଫୁଟ୍‌ବଲ

# ପଞ୍ଚମ ଦିନରେ ଜୁଲଟ ଓ ବ୍ଲ୍ୟୁ ଡାଇମଣ୍ଡ ଦଳ ବିଜୟୀ

**ବରଗଡ଼, ୨୦।୯ (ସମିସ)**

ବରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକ ଆଉଟ୍ ଫୁଟବଲ ପ୍ରତିଯୋଗିତାର ଆଜି ପଞ୍ଚମ ଦିବସରେ ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ଜୁଲଟ ଦଳ ଓ ବ୍ଲ୍ୟୁ ଡାଇମଣ୍ଡ ଦଳ ବିଜୟୀ ହୋଇଛି। ଶନିବାର ଜୁଲଟ ଦଳ ଓ ଅମାପତ୍ର ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଜୁଲଟ ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶୁଭମ୍ ପ୍ରଧାନ ଓ ଶୁକଦେବ ଭୋଇ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଆଜିର ପ୍ରଥମ ଖେଳକୁ ସଚିନ ଭୁଏ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଶୁଭମ୍ ପାତ୍ର, ବର୍ଣ୍ଣି ପଧାନ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ଅନିଲ ବାଗ। ଦ୍ୱିତୀୟ ମ୍ୟାଚ୍ ବ୍ଲ୍ୟୁ ଡାଇମଣ୍ଡ ଓ ଅମାପତ୍ର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲ୍ୟୁ ଡାଇମଣ୍ଡ ଦଳ ୨-୦ ଗୋଲରେ ମ୍ୟାଚ୍‌କୁ ଜିତି ନେଇଥିଲା। ବ୍ଲ୍ୟୁ ଡାଇମଣ୍ଡ ଦଳ ପକ୍ଷରୁ ରୋହନ ଗଡ଼ତିଆ ଓ ନିରୋଜ ଛୁରିଆ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଦ୍ୱିତୀୟ ଖେଳକୁ ଅଜୟ ପ୍ରଧାନ ପରିଚାଳନା କରିଥିବା ବେଳେ, ବିଶିକେଶନ ପ୍ରଧାନ, ପିଣ୍ଟୁ ସାହୁ ଲାଇନରେ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ସତ୍ୟ ତାରିଆ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ କମିସନର ରହିଥିଲେ। ମ୍ୟାଚ୍ ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପ୍ରଥମ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଜୁଲଟ ଦଳର ଶୁକଦେବ ଭୋଇଙ୍କୁ ପ୍ରାକ୍ତନ ଖେଳାଳି ପ୍ରଦୀପ ନନ୍ଦ ଓ ମ୍ୟାଚ୍ କମିସନର ସଚ୍ଚିଦାନନ୍ଦ ପଣ୍ଡା ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ବ୍ଲ୍ୟୁ ଡାଇମଣ୍ଡ ଦଳର ପ୍ରଦୀପ ଟୁଡୁଙ୍କୁ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ କିଶୋର ମିଶ୍ର ଓ କ୍ରିକେଟ ସମ୍ପାଦକ ଅମିୟ ଭୂଷଣ ସାହୁ ସମ୍ବର୍ଦ୍ଧିତ କରିଥିଲେ। ରବିବାର ପ୍ରଥମ ମ୍ୟାଚ୍ ସାଇପାଲି ଦଳ ଓ ବରଗଡ଼ ସୁପର ଜିମ୍ନାସିୟମ ତଥା ଦ୍ୱିତୀୟ ମ୍ୟାଚ୍ ଲୁରୁପାଲି ଓ ଭିଏସଏସ କ୍ଲବ୍ ଘେଁସ ମଧ୍ୟରେ ଅନୁଷ୍ଠିତ ହେବ।





# ଜାର୍ଟିଂରେ କ୍ଲଷ୍ଟରସ୍ତରୀୟ ନୂଆଁଖାଇ ଭେଟ୍



**ବିଜେପୁର, ୨୦।୯ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ଜାର୍ଟିଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାର୍ଟିଂ କ୍ଲଷ୍ଟରସ୍ତରୀୟ ନୂଆଁଖାଇ ଭେଟ୍ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରାଜେଶ୍ୱର ବେହେରାଙ୍କ ଆବାହକତ୍ୱ ତଥା ପ୍ରଧାନଶିକ୍ଷକ ଭାଦ୍ରବ ପାଣ୍ଡେଙ୍କ ପୌରୋହିତ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଲ୍ଲଭ ମେହେର ମୁଖ୍ୟ ଅତିଥି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପଧାନ, ଶିକ୍ଷାବିତ୍ ଘନଶ୍ୟାମ ସାହୁ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ମାଁ ସମଲେଶ୍ୱରୀଙ୍କ ନିକଟରେ ନୂଆଁ ଚରାକୁଁଣା ଅର୍ପଣ ପରେ ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ସେବା ନିବୃତ୍ତ ଆଦର୍ଶ ଶିକ୍ଷୟିତ୍ରୀ ସୌଦାମିନୀ ମାଝୀଙ୍କୁ ପ୍ରଶସ୍ତି ପତ୍ର ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପ୍ରଧାନଶିକ୍ଷକ ଗହକିଲାଲ ନାଏକ, ଦିଲ୍ଲୀପ ପୁରୀ, ଚନ୍ଦ୍ରକଳା ଦାଶ, ପ୍ରମୁଖ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମନ୍ଦାକିନୀ ପଧାନ, ଶିକ୍ଷକ ବିକାଶ ଗଡ଼ତୀୟା, ଶିକ୍ଷୟିତ୍ରୀ ରିତା ଖେତି, ଟିଟୋରାମ ଲୁହା, କମଳ ଛତର, ବିନୋଦ ତନ୍ତୀ, ରତ୍ନ ଭୋଇ, ସତ୍ୟଭାମା ପାତ୍ର, ଅଶୋକ ସ୍ୱାଇଁ, ଜଗଦୀଶ ପଧାନ, ରୋହିତ ସାହୁ, ଭୋଜରାଜ ଦୀପ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କ୍ଲଷ୍ଟରର ୧୦ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ପ୍ରସନ୍ନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

■ ଆଜି ଆସୁଛନ୍ତି ମୁଖ୍ୟମନ୍ତ୍ରୀ

# ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଯୋଗଦେବେ

**ନୂଆପଡ଼ା, ୨୦।୯ (ସମିସ):** ନୂଆପଡ଼ା ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସୁଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସ୍ୱତନ୍ତ୍ର ଭାବେ ଗସ୍ତରେ ଆସି ନୂଆପଡ଼ା ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଯୋଗ ଦେବାର ରହିଛି। ରବିବାର ଏକ ସ୍ୱତନ୍ତ୍ର ଏୟାରକ୍ରାଫ୍ଟ ଯୋଗେ ଭୁବନେଶ୍ୱର ଏୟାର ପୋର୍ଟରୁ ପୂର୍ବାହ୍ନ ୧୧ଟା.୩୦ମିନିଟରୁ ବାହାରି ନୂଆପଡ଼ା ଗୌତମା ଏୟାରଷ୍ଟ୍ରିପ୍‌ରେ ମଧ୍ୟାହ୍ନ ୧୨ଟା.୨୫ମିନିଟରେ ପହଞ୍ଚିବେ।ସେଠାରୁ ସଡ଼କପଥରେ ଖରିଆରରୋଡ଼ ନରେଶ ଅଟୋ ନିକଟସ୍ଥ ରାଜ୍ୟ ପଣ୍ୟାଗାରଠାରେ ଅନୁଷ୍ଠିତ ହେବାକୁ ଥିବା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେବେ। କାର୍ଯ୍ୟକ୍ରମରେ ଦୀର୍ଘ ୧ ଘଣ୍ଟା ୧୫ମିନିଟ ସମୟ ପର୍ଯ୍ୟନ୍ତ ରହିବାର କାର୍ଯ୍ୟକ୍ରମ ଅଛି। ଏହା ପରେ ଗୌତମା ଏୟାର ଷ୍ଟ୍ରିପରୁ ଅପରାହ୍ନ ୨ଟା ୨୦ମିନିଟରେ ପୁଣି ସେ ଏୟାରକ୍ରାଫ୍ଟ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ସରକାରୀ ସୂତ୍ରରୁ ପ୍ରକାଶ।

## ବିଶ୍ୱନାଥପୁର-ମୂଷାନାଳ ରାସ୍ତା ଶୋଚନୀୟ

# ଗଡ଼ି ପାରୁନି ଆମ୍ବୁଲାନ୍ସ, ଲୋକେ ହଟହଟା




**ଲାଞ୍ଜିଗଡ଼, ୨୦।୯ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଠାରୁ ବିଜେପୁରକୁ ସଂଯୋଗ କରୁଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବା ବେଳେ ବନ୍ଧପାରୀ ଓ ମୂଷାନାଲ କେନ୍ଦୁଗୁଡା ଛକ, ଦୋରାପଡ଼ା ଠାରେ ରାସ୍ତା ଦୁଇ ପାର୍ଶ୍ୱରେ ବଡ ବଡ ଖାଲରେ ପାଣି ଜମି କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି। ଫଳରେ ଚାରି ଚକିଆ ଯାନବାହାନ ଯିବା ବହୁତ କଷ୍ଟ ହେଉଥିବା ବେଳେ ଦୁଇ ଚକିଆ ଯାନବାହନ ଯିବାପାଇଁ ବି ସମସ୍ୟା ଉପୁଜିଥିବା ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ ଉକ୍ତ ରାସ୍ତାରେ ଆମ୍ବୁଲାନ୍ସ ମଧ୍ୟ ଯାଇ ପାରୁନଥିବା ଚିତ୍ର ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଲାଞ୍ଜି ପଞ୍ଚାୟତସ୍ଥିତ ସିନ୍ଧିପଦର ଗ୍ରାମର ସୁମନ୍ତୀ ହରିଜନଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ସ୍ୱାମୀ ନରେନ୍ଦ୍ର ହରିଜନ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ତେବେ ଅତି କଷ୍ଟରେ ସିନ୍ଧିପଦର ଗାଁକୁ ଆମ୍ବୁଲାନ୍ସ ପହଞ୍ଚିଥିଲା ସତ କିନ୍ତୁ ଯନ୍ତ୍ରଣାରେ ଛଟପଟ ହେଉଥିବା ମହିଳାଙ୍କୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଶ୍ୱନାଥପୁରକୁ ଯାଉଥିବା ବେଳେ ମୂଷାନାଲ ଦୋରାପଡ଼ା ସମ୍ମୁଖ ରାସ୍ତାରେ ଏକ ଖାଲରେ ପଡ଼ି ଗଡ଼ି ପାରିନଥିଲା ଆମ୍ବୁଲାନ୍ସ। ଶେଷରେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ବହୁ କଷ୍ଟରେ ଆମ୍ବୁଲାନ୍ସକୁ ଉକ୍ତ ଖାଲରୁ ବାହାରି କରିଥିଲେ।ଏହାପରେ ଆମ୍ବୁଲାନ୍ସ ରୋଗୀଙ୍କୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା ଜଣାପଡ଼ିଛି।

# ପ୍ରହ୍ଲାଦ ପଣ୍ଡାଙ୍କ ପରଲୋକ

**କଲମପୁର, ୨୦।୯ (ସମିସ):** କଳାହାଣ୍ଡି, କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲାର ଜଣେ ଧର୍ମ ପରାୟଣ ବ୍ୟକ୍ତି ଭାବେ ପରିଚିତ ପ୍ରହ୍ଲାଦ ପଣ୍ଡାଙ୍କ ୮୯ ବର୍ଷ ବୟସରେ ଶନିବାର ସକାଳେ ତାଙ୍କ କଲମପୁରସ୍ଥିତ ବାସ ଭବନରେ ଦେହାନ୍ତ ହୋଇଯାଇଛି। ସେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ଥିଲେ।ଦୀର୍ଘ ବର୍ଷ ଧରି କାଳୀକୃଷ୍ଣ ସଂଘର ସଭାପତି ଦାଇତ୍ୱରେ ରହି ସଂଘର ପ୍ରଚାର ପ୍ରସାର କରିଥିଲେ। କର୍ମମୟ ଜୀବନରେ ଦୀର୍ଘ ବର୍ଷ ଧରି କଲମପୁର ଦୁର୍ଗା ମାଧବ ଉଚ୍ଚ ବିଦ୍ୟାଳୟରେ ଚାକିରି କରି ଅବସର ଗ୍ରହଣ କରିଥିଲେ। ଅନ୍ତିମ ଶଯ୍ୟା ନିକଟରେ ପୁଅ ମନୋରଞ୍ଜନ, ଚିତ୍ତ ରଞ୍ଜନ, ପୁତ୍ରବଧୂ, ନାତି ନାତୁଣୀମାନେ ଉପସ୍ଥିତ ଥିଲେ। ପୁଅ ମନୋରଞ୍ଜନ ଏବଂ ଚିତ୍ତ ରଞ୍ଜନ ମୁଖାଗ୍ନି ଦେଇଥିଲେ। ପଣ୍ଡାଙ୍କ ବିୟୋଗରେ କାଳୀକୃଷ୍ଣ ସଂଘ ସଞ୍ଚାଳକ ଜଗଦାନନ୍ଦ ଜୀଙ୍କ ସମେତ ବିଭିନ୍ନ ବର୍ଗର ଲୋକଙ୍କ ଶୋକାବାର୍ତ୍ତା ସହ ପରିବାର ସମବେଦନା ଜଣାଇଛନ୍ତି।

## ଗୁହାରି କରି କରି ଥକି ଗଲେଣି ପୋଖରୀବନ୍ଧ ପଞ୍ଚାୟତବାସୀ

# ରାସ୍ତା ପାଇଁ ୨୨ରେ ରାସ୍ତାରୋକ ଚେତାବନୀ

**ଲାଞ୍ଜିଗଡ଼, ୨୦।୯ (ସମିସ)**

ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତର ୧୭ଟି ଗାଁର ଲୋକେ ରାସ୍ତା ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତଳୁ ଉପର ଯାଏଁ ସମସ୍ତଙ୍କୁ ଗୁହାରି କରି କରି ଥକିଗଲେଣି। କେହି ଶୁଣୁନାହାନ୍ତି। ଶେଷରେ ଅନ୍ୟ ଉପାୟ ନପାଇଁ ନେଇଛନ୍ତି ଚରମ ନିଷ୍ପତ୍ତି। ରାସ୍ତା ପାଇଁ ଆସନ୍ତା ୨୨ ତାରିଖ ଦିନ କରିବେ ରାସ୍ତାରୋକ। ଏଥିପାଇଁ ଗାଁ ଗାଁରେ ଚାଲିଛି ଜୋରଦାର ପ୍ରସ୍ତୁତି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ହୋଇଥିବା ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଏପରିକି ୭କିମି ଦୂର ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଶହ ଶହ ଖାଲଖମା ଭରି ରହିଥିବା ବେଳେ ବର୍ଷା ଦିନରେ ଜୀବନ ଦୁର୍ବିସହ ହୋଇପଡ଼ିଛି।ଏହାକୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ, କଳାହାଣ୍ଡି ଜିଲ୍ଲାପାଳ, ଏସପି, ଲାଞ୍ଜିଗଡ଼ ତହସିଲଦାର ଓ ଲାଞ୍ଜିଗଡ଼ ବିଡିଓଙ୍କୁ ଲିଖିତ ଅଭିଯୋଗ ପରେବି କୌଣସି ସୁଫଳ ମିଳିଲାନାହିଁ। ଏହାକୁ ନେଇ



ପୋଖରୀବନ୍ଧ ପଞ୍ଚାୟତର ୧୭ ଖଣ୍ଡ ଗାଁ ଲୋକଙ୍କୁ ନେଇ ପଞ୍ଚାୟତର ବିନାୟକପୁର ଠାରେ ବୈଠକ ଅନୁଷ୍ଠିତ କରି ଚରମ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୨ ତାରିଖ ସୋମବାର ଦିନ ରାଜ୍ୟ ୬ନଂ ରାଜପଥକୁ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ।ସୂଚନା ଯୋଗ୍ୟ ଯେ, ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ଅନ୍ତର୍ଗତ ୧୭ଟି ଗାଁ ଲୋକଙ୍କ ପାଇଁ ଗତ ୨୦୧୯-୨୦ ବର୍ଷରେ ମୁକୁନ୍ଦପୁର ଛକରୁ କନେର ଭାୟା ମୁକୁନ୍ଦପୁର ରାସ୍ତା ନିର୍ମାଣ ହୋଇଥିଲା। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ଟେଣ୍ଡର ନେଇଥିବା ଠିକାଦାର ନିଜର ୫ ବର୍ଷ ଅବଧି ମଧ୍ୟରେ ରକ୍ଷଣାବେକ୍ଷଣ ତ ଦୂରର କଥା ଏହାର ସାମାନ୍ୟ ମରାମତି ମଧ୍ୟ କଲେ ନାହିଁ। ଫଳରେ ରାସ୍ତା ନିର୍ମାଣ ହେବାର ବର୍ଷକ ମଧ୍ୟରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ସେହିଦିନଠୁ ଆଜିକୁ ୬ବର୍ଷ ହେଲା ଏହି ରାସ୍ତାରେ ଯାତାୟତ କରିବା ମୁସ୍କିଲ ହୋଇପଡ଼ିଛି। ଏପରିକି ୭କିମି ଦୂର ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଶହ ଶହ ଖାଲଖମା ଭରି ରହିଥିବା ବେଳେ ବର୍ଷା ଦିନରେ ଜୀବନ ଦୁର୍ବିସହ ହୋଇପଡ଼ିଛି।ରାସ୍ତା ସମସ୍ୟା ନେଇ ଗତ ଜୁନ୍ ୬ ତାରିଖ ଓ ଜୁଲାଇ ୨୧ ତାରିଖରେ ଜିଲ୍ଲାପାଳଙ୍କୁ ଲୋକେ ଦାବିପତ୍ର ଦେଇଥିଲେ। ଆଜି ପର୍ଯ୍ୟନ୍ତ କୌଣସି ଲାଭ ହେଲା ନାହିଁ। ଏହି ପରିପ୍ରେକ୍ଷୀରେ ଗତ ୧୨ ତାରିଖରେ ଅଞ୍ଚଳର ଶତାଧିକ ଲୋକେ ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେରଙ୍କୁ ସାକ୍ଷାତ କରି ତାଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ଲାଞ୍ଜିଗଡ଼ ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକ ଅର୍ଥ ଅଧିକାରୀ ନୀଳାମ୍ବର ଜାନୀ ଓ ବିଶ୍ୱନାଥପୁର ଥାନାଧିକାରୀ ତୁଳସୀରାମ ଶବରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।ଏହାପରେ ଗତ ୧୭ ତାରିଖରେ କଳାହାଣ୍ଡି ଏସପିଙ୍କୁ ଲିଖିତ ଅଭିଯୋଗ କରିଥିଲେ।ଏହା ସତ୍ତ୍ୱେ ମଧ୍ୟ ପ୍ରଶାସନ ପକ୍ଷରୁ ନିରବ ସାଜିଥିବା ଯୋଗୁଁ ଆଜି ପୋଖରୀବନ୍ଧ ପଞ୍ଚାୟତର ୧୭ଖଣ୍ଡ ଗ୍ରାମବାସୀଙ୍କୁ ନେଇ ବିନାୟକପୁର ଠାରେ ବୈଠକ କରି ଚରମ ନିଷ୍ପତ୍ତି ନେଇଛନ୍ତି।ଆସନ୍ତା ୨୨ ତାରିଖ ଦିନ ଭବାନୀପାଟଣା-ରାୟଗଡ଼ା ୬ ନମ୍ବର ରାଜ୍ୟ ରାଜପଥ ପୋଖରୀବନ୍ଧ ଛକରେ ଅନିର୍ଦ୍ଦିଷ୍ଟକାଳ ପାଇଁ ରାସ୍ତାରୋକ କରାଯିବ ବୋଲି ପୋଖରୀବନ୍ଧ ପଞ୍ଚାୟତର ୧୭ ଗୋଟି ଗାଁ ଲୋକେ ଚେତାବନୀ ଦେଇଛନ୍ତି।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ୩ ଗୁରୁତର

**ଜୟପାଟଣା, ୨୦।୯ (ସମିସ):** ଜୟପାଟଣା ବ୍ଲକ ବାନେରରୁ ଲଡୁଗାଁକୁ ସଂଯୋଗ କରୁଥିବା ବିମଳା ସ୍କୁଲ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ମହିଳା ସମେତ ଦୁଇ ବାଇକ୍ ଚାଳକ ଆହତ ହୋଇଛନ୍ତି। ସମାନଙ୍କୁ ପ୍ରଥମେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଗୁରୁତର ହେତୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ ଗୋପାଳପୁର ଗାଇବନ୍ଧାପଡ଼ାର ପୁରୁନ ଖମାରି (୩୫)ଓ ତାଙ୍କ ସ୍ତ୍ରୀ ଲଡୁଗାଁକୁ ବାଇକ୍ ଯୋଗେ ମେଡିକାଲ କାମରେ ଯାଉଥିଲେ। ଥୁଆମୂଳରାମପୁର ଥାନା ଅଡରି ଗ୍ରାମର ବିଷ୍ଣୁ ପ୍ରଧାନ (୨୫) ନବରଙ୍ଗପୁରକୁ କୌଣସି କାମରେ ଯାଇ ବାଇକ ଯୋଗେ ଏକୁଟିଆ ଫେରୁଥିବା ବେଳେ ବିମଳା ରେଙ୍ଗାଲପାଲି ଗଡ଼ାଣି ରାସ୍ତାରେ ମୁହାଁମୁହିଁ ଧକ୍କା ହେବା ଫଳରେ ତିନି ଛିଟିକି ପଡ଼ିଥିଲେ। ସ୍ଥାନୀୟଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ଗୁରୁତର ହେତୁ ସେମାନଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଚିକିତ୍ସା ପରେ ସେମାନ ଆବସ୍ଥା ଠିକ ଥିବା ପରିବାର ଲୋକଙ୍କ ଠାରୁ ସୂଚନା ମିଳିଛି।

# କେସିଙ୍ଗା ସାମ୍ବାଦିକ ମହାସଂଘର ବୈଠକ



**କେସିଙ୍ଗା, ୨୦।୯ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଠାରେ ଥିବା ସାମ୍ବାଦିକ ମହାସଂଘର ବୈଠକ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି।ବୈଠକରେ କେସିଙ୍ଗାରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇ ଆଗାମୀ ଦିନରେ ସେହି ସମସ୍ୟା ଉପରେ ଖବର ପ୍ରସାରଣ କରି ସରକାରଙ୍କ ନଜରକୁ ଆଣିବା ପାଇଁ ସମସ୍ତ ସାମ୍ବାଦିକଙ୍କୁ ସଭାପତି ଅନୁରୋଧ କରିଥିଲେ। ସଂଘର ଅଡିଟ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ସଂଘର କାର୍ଯ୍ୟକାରୀ ସଭାପତି ଦୟା ସୁନାନୀ, ବରିଷ୍ଠ ସାମ୍ବାଦିକ ଚନ୍ଦ୍ରମଣି ସ୍ୱାଇଁ, ମଧୁ ସିନ୍ଦୂର, ଶିବପ୍ରସାଦ ସାହୁ, ବିନୋଦ ଜୈନ, ବିବେକାନନ୍ଦ ଦାସ, ପ୍ରିତେଶ ପଟେଲ, ବଳରାମ ନାଏକ, ମାଧବ ସାହୁ, ତେଜରାଜ ସାହୁ ଓ ମଧୁସୂଦନ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

## ଇନ୍ଦ୍ରାବତୀ ପ୍ରକଳ୍ପରେ ୨୬୦କୋଟିର ମହାଦୁର୍ନୀତି

# ରାଜସ୍ୱ କ୍ଷତିକୁ ପ୍ରୋତ୍ସାହନ ଦେଉଛନ୍ତି ଅଧିକାରୀ




**ଭବାନୀପାଟଣା, ୨୦।୯ (ସମିସ):** କଳାହାଣ୍ଡି ଜିଲ୍ଲା ଲାଇଫ୍ ଲାଇନ୍ କୁଆଯାଉଥିବା ଇନ୍ଦ୍ରାବତୀ ପ୍ରକଳ୍ପରେ ଦିନକୁ ଦିନ ଦୁର୍ନୀତି ବଢ଼ିବାରେ ଚାଲିଛି। ୨୦୨୩-୨୪ଆର୍ଥିକ ବର୍ଷରେ ୧୭୪୨ଅଷ୍ଟିମେଣ୍ଟ ୫ ଲକ୍ଷ ମଧ୍ୟରେ ବିନା ଟେଣ୍ଡରେ ଏବଂ ୨୦୨୪-୨୫ଆର୍ଥିକ ବର୍ଷରେ ୨୬୮୨ଟି ଅଷ୍ଟିମେଣ୍ଟ ପାସ କରାଯାଇ ଥିବାବେଳେ ଆର୍ଥିକ ବର୍ଷ ୨୫-୨୬ରେ ଆଜି ପର୍ଯ୍ୟନ୍ତ ୧୦୦୦ଟି ପ୍ରକଳ୍ପ ନିର୍ଦ୍ଧାରିତ ହେଇଛି। ଆଗକୁ ମାର୍ଚ୍ଚ ଥିବାରୁ ଉଭୟ ଠିକାଦାର ଓ ଯନ୍ତ୍ରୀ ସମୂହ ମଧୁଚନ୍ଦ୍ରିକା କରି ମିଛ ବିଲ୍ କରି ଏହି ଟଙ୍କା ଉଠାଇବାକୁ ଚେଷ୍ଟା କରୁଥିବା ଚର୍ଚ୍ଚା ହେଉଛି। ବର୍ଷକୁ ପ୍ରାୟ ଇନ୍ଦ୍ରାବତୀ ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୩୦ କୋଟି ସରକାରୀ ଅନୁଦାନ ଆସୁଥିବା ବେଳେ ଏହି ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ, ପ୍ରକଳ୍ପ ଯନ୍ତ୍ରୀ, ଇଂଜିନିୟର ଓ କିଛି ନିର୍ଦ୍ଦିଷ୍ଟ ଠିକାଦାରଙ୍କ ସଲା ସୁତରାରେ ପ୍ରକଳ୍ପ କାମ ଧିମେଇ ଯାଉଥିବା ବେଳେ ଚାଷୀଙ୍କ ଉନ୍ନତି ହୋଇପାରୁନାହିଁ। ପୂର୍ବରୁ ବିଜେଡି ସରକାର ଥିବା ବେଳେ ଚାଷୀଙ୍କ ଉନ୍ନତି ହେଉଥିବା ବେଳେ ବର୍ତ୍ତମାନ ନୂତନ ସରକାର ସମୟରେ ଚାଷୀଙ୍କ ଉନ୍ନତି ଓ ଜଳସେଚନ ସୁବିଧା ହୋଇପାରୁନାହିଁ। ବର୍ତ୍ତମାନର ନୂଆଁ ସରକାର ଏହି ପ୍ରକଳ୍ପ ପ୍ରତି ଦୃଷ୍ଟି ଦେଉ ନ ଥିବା ବେଳେ ଦୁର୍ନୀତି ଖୋର ଯନ୍ତ୍ରୀଙ୍କୁ ପ୍ରଶାହନ। କଳାହାଣ୍ଡି ଚାଷୀଙ୍କୁ ମହଙ୍ଗା ପଡ଼ିଛି। ବର୍ତ୍ତମାନ ୬୬୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ଯନ୍ତ୍ରୀ, ଠିକାଦାର ଓ ଦଲାଲ୍ ହେଉଛନ୍ତି ମାଲେମଲ। ଯଦି ଠିକାଦାର କାମରେ ଟେଣ୍ଡର ହୁଅନ୍ତା ତା ହେଲେ ସରକାର ମଧ୍ୟ ଉଚିତ୍ ରାଜସ୍ୱ ପ୍ରାପ୍ୟ ପାଇପାରନ୍ତେ। ଏଥିପ୍ରତି ଖୋଦ୍ ବିଭାଗୀୟ ମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ନେବା ଦରକାର୍ ବୋଲି ସ୍ଥାନୀୟ ଚାଷୀ ଓ ଜନସାଧାରଣ ଦାବି କରିଛନ୍ତି।

# ମେଗା ରକ୍ତଦାନ ଶିବିର, ୨୦୬ ୟୁନିଟ୍ ରକ୍ତ ସଂଗ୍ରହ

**ଧର୍ମଗଡ଼/ଗୋଲାମୁଣ୍ଡା, ୨୦।୯ (ସମିସ):** ସେବାପକ୍ଷ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼ଙ୍କ ସଭାପତିତ୍ୱ ରେ କଳାହାଣ୍ଡିର ୧୩ଟି ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର



ଆୟୋଜନ କରାଯାଇଅଛି। ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ଶନିବାର ଗୋଲାମୁଣ୍ଡା ବ୍ଲକ ଚପୁରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଢ଼ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ସ୍ୱତନ୍ତ୍ର ଅତିଥି ବିଜେପି ଜୁନାଗଡ଼ ବିଧାୟକ ପ୍ରାର୍ଥୀ ମନୋଜ ମେହେର, ଜିଲ୍ଲା ମିଡ଼ିଆ ସଂଯୋଜକ ନରହରି ପଟ୍ଟନାୟକ, ଜିଲ୍ଲା ଓବିସି ସେଲ ସାଧାରଣ ସମ୍ପାଦକ ଟଙ୍କଧର ନାଏକ ସମ୍ମାନିତ ଅତିଥି ଭାବରେ ଯୋଗଦାନ ଦେଇଥିଲେ। କେଗାଁ ମଣ୍ଡଳ ସଭାପତି ଜୟକୃଷ୍ଣ ସାହୁ, ଦଶପୁର ମଣ୍ଡଳ ସଭାପତି ପ୍ରମୋଦ ପ୍ରଧାନ, ଗୋଲାମୁଣ୍ଡା ମଣ୍ଡଳ ସଭାପତି ବୈସାଖୁ କେତକୀ, ରକ୍ତଦାନ ଶିବିର ବ୍ଲକ ସଂଯୋଜକ ଶ୍ୟାମ ଅଗ୍ରୱାଲ, ବରିଷ୍ଠ କାର୍ଯ୍ୟକର୍ତ୍ତା ଜୟନ୍ତ ସିଂ, ମନୋଜ ଅଗ୍ରୱାଲ, ଭୂଷବ ନାଏକ, ଲଳିତ ପ୍ରଧାନ, ଯୁବମୋର୍ଚ୍ଚାର ବିକାଶ ସାହୁ, ମହିଳା ମୋର୍ଚ୍ଚା ମଣ୍ଡଳ ସଭାନେତ୍ରୀ ଚମ୍ପାବତି ସାହୁ, ବିଶିକେଶନ ଜୋତିଶ, କୁଶଧ୍ୱଜ ସାହୁ, କୃଷ୍ଣ ମହାନନ୍ଦ, ଈଶ୍ୱର ପଟେଲ, ଉପେନ୍ଦ୍ର ସିପକା, ବସନ୍ତ ଚଲାନ, ସୋମ୍ୟ ଅଗସ୍ତି, ସୁଧୀର ସାହୁ, ସନ୍ତୋଷ ମାଝୀ, ଧର୍ମେନ୍ଦ୍ର ଦୀପ, ତ୍ରିଲୋଚନ ନାଏକ, ଦାମୋଦର ଦାଶ, ପଙ୍କଜ ମହାନନ୍ଦ, ଦେବ ସୁନାନୀ, ରାଇଚନ ଅଘରିଆ, ଅଶ୍ୱିନ ମଲ୍ଲିକ, ମାନସ ରାଉତ, ଚନ୍ଦ୍ର କେତକୀଙ୍କ ସହ ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ।

# ୭୮ ୟୁନିଟ୍ ରକ୍ତ ସଂଗ୍ରହ

**କେସିଙ୍ଗା, ୨୦।୯ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍ଏସି ୱାର୍ଡ ନ ୮ ସ୍ଥିତ ବୋରିଙ୍ଗପଦର ର ଜନଆରୋଗ୍ୟ କେନ୍ଦ୍ରରେ ସ୍ଥାନୀୟ ବିଜେପି କର୍ମୀମାନଙ୍କ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୋଟ ୭୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।ମୁଖ୍ୟଅତିଥି ଭାବରେ ଯୁଗଳ କିଶୋର ପୋଢ଼ ଯୋଗ ଦେଇ ଥିବା ବେଳେ ବ୍ଲକ ଅଧକ୍ଷ ଚନ୍ଦନ ସେନାପତି ଶିବିର ଉଦ୍‌ଘାଟନ କରିଥିଲେ। ରକ୍ତ ଶିବିରର ମୁଖ୍ୟ ଭାବରେ ବସନ୍ତ ପୁରୋହିତ ଓ ଗୋବିନ୍ଦ ବନଛୋର କାର୍ଯ୍ୟ ତୁଲାଇବା ଥିବା ବେଳେ ବ୍ଲକ ସଂଯୋଜକ ରୁପେଶ ଜୈନ, କଣ୍ଟୁପଡ଼ା ମଣ୍ଡଳ ସଭାପତି ରତ୍ନୁ ପଣ୍ଡା ସାହୁ, ବିରିଆ ମଣ୍ଡଳ ସଭାପତି ଝସକେତନ ସାହୁ, ଉକ୍ଳେଲା ମଣ୍ଡଳ ସଭାପତି ସନତ କୁମାର ବାରିକ ଅନ୍ୟ ମାନଙ୍କ ମଧ୍ୟରେ ପ୍ରତାପ ବାଗ, ସନ୍ତୋଷ ପାଢ଼ୀ, ଧନେଶ୍ୱର ସାହୁ, ନିରୁପମା ସାମଲ ଓ ବିଦ୍ୟା ଶବର ପ୍ରମୁଖ ଉପସ୍ଥିତ ଥିଲେ।



# ବଡବସୁଲରେ ଆଦି ସେବାକେନ୍ଦ୍ର ଉଦ୍‌ଘାଟିତ



**ଧର୍ମଗଡ଼, ୨୦।୯ (ସମିସ):** ଧର୍ମଗଡ଼ ବ୍ଲକ ବଡବସୁଲ ଗ୍ରାମରେ ଆଦି ସେବାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଆଦି କର୍ମ ଯୋଗୀ ଅଭିଯାନ ଦ୍ୱାରା ଏହି ଆଦି ସେବାକେନ୍ଦ୍ର ରାଜ୍ୟ ସରକାରଙ୍କ ୨୫ଟି ସରକାରୀ ବିଭାଗ ଦ୍ୱାରା ପରିଚାଳିତ ହେବ ଓ ଗ୍ରାମର ଜନଜାତି ଲୋକମାନେ ସିଧାସଳଖ ଉପକୃତ ହେବେ। ଗତ ଶୁକ୍ରବାର ଦିନ ବଡବସୁଲ ପଞ୍ଚାୟତ କାର୍ଯ୍ୟାଳୟରେ ଏହି କାର୍ଯ୍ୟାଳୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ମକୁନ୍ଦ ଶବରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ତ୍ତବ୍ୟର ନିର୍ଦ୍ଦେଶକ ଅଶୋକ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୂପା ନନ୍ଦ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଞ୍ଚାୟତନିର୍ବାହୀ ଅଧିକାରୀ ବଟକୃଷ୍ଣ ବାରିକ, ଅତିରିକ୍ତ ହିସାବ ରକ୍ଷକ ଦିବ୍ୟ ରଞ୍ଜନ ବେହେରା, ମାଷ୍ଟର ବୁକ ଟ୍ରେନର ନିଳୀମା ତାଣ୍ଡି, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ମହିଳା ସଙ୍ଗ ସହାୟକ ଗୋଷ୍ଠୀର ସଦସ୍ୟା ଓ ୱାର୍ଡ ସଭ୍ୟ ଓ ଆଦି ସାଥୀମାନେ ଉପସ୍ଥିତ ଥିଲେ।ଆଜି ଆଦି ସାଥୀଙ୍କୁ ତାଲିମ ଦିଆଯିବା ସହ କ୍ଷେତ୍ର ପରିଦର୍ଶନ କାର୍ଯ୍ୟ ହୋଇଥଲା। ମାଷ୍ଟର ଟ୍ରେନର ରାଜେଶ ପଟ୍ଟନାୟକ ଆଦି ସାଥୀମାନଙ୍କୁ ତାଲିମ ପ୍ରଦାନ କରିଥଲେ।

# ଧନପୁର ଗ୍ରାମରେ ଉତ୍ପାଦକ ଗୋଷ୍ଠୀଙ୍କ ନୂଆଁଖାଇ ଭେଟ୍‌ଘାଟ୍

**କଲମପୁର, ୨୦।୯ (ସମିସ):** କଲମପୁର ବ୍ଲକ ଧନପୁର ପ୍ରଡ୍ୟୁସର ଗ୍ରୁପ ଓ ନେତାଜୀ ସେବା ସଂଗଠନ ତରଫରୁ ଶନିବାର ଦିନ ନୂଆଁଖାଇ ଭେଟ୍‌ଘାଟ ମହୋତ୍ସବ ଧନପୁର ଉତ୍ପାଦକ ଗୋଷ୍ଠୀଙ୍କ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ




ହୋଇଯାଇଛି।ଏଥିରେ ଇନ୍ଦ୍ରାବତୀ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଲିଃ ମୀନଗୁର, ନେତାଜୀ ସେବା ସଂଗଠନ, ଜନ ଶିକ୍ଷଣ ସଂସ୍ଥାନ କଳାହାଣ୍ଡି, ରୋଟାରୀ କ୍ଲବ୍ ଭବାନୀପାଟଣା, ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ, ଇଂ ଦିନେଶ ଜୈନ ଭବାନୀପାଟଣା, ଦଣ୍ଡପାଟ ଯୁବ ସେବା ସଂଗଠନ ବେହେରା ସହଯୋଗୀ ସଂସ୍ଥା ରହିଥିବା ବେଳେ ମାଁ ବସୁନ୍ଧରା, ମାଁ ମାଣିକେଶ୍ୱରୀ, ମାଁ ଖମାରଦେଇ, ମାଁ ପଦ୍ମାଳୟା, ବିଷ୍ଣୁପ୍ରିୟା, ମାଁ ଲକ୍ଷ୍ମୀବାଇ, ମାଁ ଶକ୍ତି, ମାଁ ମହାଲକ୍ଷ୍ମୀ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସହଯୋଗ କରିଥିଲେ। ନେତାଜୀ ସଂଗଠନ ସଭାପତି ସଞ୍ଜିବ କୁମାର ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ବିଶିଷ୍ଟ ଘୁମୁରା ଗୁରୁ କବି ସିମାଞ୍ଚଳ ନାଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ତଥା ଲୋକକବି ଦୟାନିଧି ବାଣୁଆ, ସମାଜସେବୀ ଚିନ୍ମୟ ବେହେରା, କବି ବେଦବର ଡଙ୍ଗରି ପ୍ରମୁଖ ମଞ୍ଚାସୀନ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଦେବ ପୂଜନ ଓ ନବାନ୍ନ ଭକ୍ଷଣ ପରେ ଜୁହାର ଭେଟ ହୋଇଥିଲେ, ସ୍ୱାଗତ ସଙ୍ଗୀତ ଗାନ ପରେ ସଭା କାର୍ଯ୍ୟ ଶୁଭାରମ୍ଭ ହୋଇଥିଲା।ଏଥିରେ ସଂଗଠନର ସମ୍ପାଦକ ଅବିନାଶ ମୁଣ୍ଡ ଏହାର ଲକ୍ଷ ଓ ଉଦେଶ୍ୟ ଜ୍ଞାପନ କରିବା ସହିତ ମଞ୍ଚ ସଂଯୋଜନା କରିଥିଲେ, କବି ଦୟାନିଧି ବାଣୁଆ ଓ ବେଦବର ଡଙ୍ଗରିଙ୍କୁ ସମ୍ବର୍ଦ୍ଧନା କରାଯାଇ ଥିବା ବେଳେ କୋଷାଧକ୍ଷ ଲଳିତ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ପେନସନଗ୍ରାହୀ କଳାକାର ସଂଘର ନୂଆଁଖାଇ ଭେଟ୍‌ଘାଟ୍

**କୋକସରା, ୨୦।୯ (ସମିସ)**



କୋକସରା ବ୍ଲକ କଳାକାର ପେନସନ୍ ଭୋଗୀ ମହାସଂଘ ପକ୍ଷରୁ ଫୁଫଗାଁ ଧାନମଣ୍ଡି ଠାରେ ଶନିବାର ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ ସଭାପତି ଡମ୍ବରୁଧର ଖର୍ସେଲଙ୍କ ଅଧକ୍ଷତାରେ ଆୟୋଜିତ ଭେଟଘାଟ୍ କାର୍ଯ୍ୟକ୍ରମରେ କୋକସରା ପଞ୍ଚାୟତ ସମିତି ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାସମ୍ପାଦକ ତୀର୍ଥରାଜ ଦଳପତି ମୁଖ୍ୟବକ୍ତା, ଜିଲ୍ଲା ଉପସଭାପତି ମହେଶ୍ୱର ସରାପ, ବ୍ଲକ ଉପସଭାପତି ଗୋକୁଳ ପୁଞ୍ଜି, ସମ୍ପାଦକ ଅର୍ଜୁନ ନାଏକ, ସହ ସମ୍ପାଦକ ଧ୍ୱଜ ମହାନନ୍ଦ, କୋଷାଧକ୍ଷ ମଣି ଶବର, ଜୋନ ସଭାପତି ଉପେନ୍ଦ୍ର ତେଣ୍ଡକାରୀ, ଜୋନ ସମ୍ପାଦକ ଲଛମନ ନାୟକ, ଜୋନ କୋଷାଧକ୍ଷ ବିଜୟ ପ୍ରଧାନୀ, ଧର୍ମଗଡ଼ ବ୍ଲକ ସଭାପତି ଅରକ୍ଷିତ ଭଏଁସାଲ, କ୍ଷିତୀଶ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ପାଟଯୋଷୀ, ଚାପଧାରୀ ଗୋପାଳ, ଦିଲୀପ ଦାସ, ସନ୍ତୋଷ ସରାପ, ଧର୍ମରାଜ ହଂସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ରହି କଳାହାଣ୍ଡିର କଳା, ସଂସ୍କୃତି ଓ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। କଳାକାରଙ୍କ ହକ ଅଧିକାର, କଳାକାରଙ୍କ ସହାୟତା ରାଶି ବୃଦ୍ଧି, ଆକସ୍ମିକ ମୃତ୍ୟୁ ପାଇଁ ପରିବାର ବର୍ଗଙ୍କୁ ପାଞ୍ଚ ଲକ୍ଷ୍ୟ ଆର୍ଥିକ ସହାୟତା, ନୂତନ କଳାକାରଙ୍କୁ ପେନସନ ପ୍ରଦାନ ନିମନ୍ତେ ଏକ ପଞ୍ଚସୂତ୍ରୀ ଦାବିପତ୍ର ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲଙ୍କ ଜରିଆରେ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବର୍ଗର କଳାକାରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ହୀରାଲାଲ ନାଗ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଘୁମୁରା, ବନାବାଡି, ପାଲା, ସମ୍ପ୍ରଦା ମାଧ୍ୟମରେ ନୂଆଁଖାଇ, କଳା, ସଂସ୍କୃତିକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ମଙ୍ଗଳୁ ଚରଣ ଭାଟି ଓ ଲୋକନାଥ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ବ୍ଲକର ବିଭିନ୍ନ ଗ୍ରାମରୁ ଶତାଧିକ କଳାକାର ଯୋଗଦେଇଥିଲେ।

### ମନରେଗା ଜନଶୁଣାଣି ଶିବିର

# ଯୋଜନା ଅଧୀନରେ ୮୭୭୪ ଶ୍ରମିକଙ୍କୁ ମିଳିଛି କାମ

ତରଭା, ୨୦।୯ (ସମିସ)



ତରଭା ବ୍ଲକ କାର୍ଯ୍ୟାଳୟ ପରିସରରେରେ ବ୍ଲକସ୍ତରୀୟ ମନରେଗା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ବନ୍ଧୀୟ ଜନଶୁଣାଣି ଶିବିରରେ ଏଥିରେ ଉଦ୍ୟାନ ବିଭାଗ, ବନବିଭାଗ, ଜଳଛାୟା ଓ ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗର ବିବରଣୀ ଉପସ୍ଥାପନ କରିଥିଲେ। ଏବିଡିଓ ନିରଞ୍ଜନ ନାଏକ, ଏପିଇଓ ସମିତ ମହାକୁର, କମିଟିର ସଦସ୍ୟ ଭବାନୀଶଙ୍କର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ତରଭା ବ୍ଲକର ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ନିଜ ପଞ୍ଚାୟତର ୨୦୨୪ /୨୫ ଆର୍ଥିକ ବର୍ଷ ଉପରେ କାର୍ଯ୍ୟ ଖସଡ଼ାର ସୂଚନା ପ୍ରଦାନ କରିଥିଲେ। ବ୍ଲକରେ ଥିବା ୧୯୮୯୬ ଜଣ ଜବକାର୍ଡଧାରୀଙ୍କ ମଧ୍ୟରୁ ୮୭୭୪ ଜଣଙ୍କୁ କାମ ଦେବାକୁ ଯୋଜନା ରହିଛି। ଚଳିତବର୍ଷ ୮୭୭୪ ଜଣଙ୍କୁ କାମ ଯୋଗାଇ ଦିଆଯାଇଛି। ଏମାନଙ୍କ ମଧ୍ୟରୁ ୮୩ ପରିବାର ୧୦୦ ଦିନର କାର୍ଯ୍ୟଦିବସ ସମ୍ପୂର୍ଣ୍ଣ କରିଛନ୍ତି। ୨୦୨୪/୨୫ରେ ୩୭୫୮ ପ୍ରକଳ୍ପ ମଧ୍ୟରୁ ୨୮୫୨ପ୍ରକଳ୍ପ କାମ ଚାଲିଥିବାବେଳେ ୯୦୬ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଛି। ଉଦ୍ୟାନ ବିଭାଗର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠିଥିଲା। ଏହି ବିଭାଗ ଦ୍ୱାରା କାର୍ଯ୍ୟକାରୀ ପ୍ରକଳ୍ପ ଗୁଡ଼ିକର ସଠିକ ହିସାବ ଦେଇ ପାରି ନ ଥିଲେ। ଏହି ଅବସରରେ ଚାରାଭଟା ପଞ୍ଚାୟତର ଶୁଖିଲାସର ଗ୍ରାମର ଧିବା ବଗର୍ତି, କୁମ୍ଭୀର ମୁଣ୍ଡା ପଞ୍ଚାୟତର କୁମ୍ଭାର ମୁଣ୍ଡା ଗ୍ରାମର ଏକା ବିଭାର, ଜରାଜାରିଙ୍ଗ ପଞ୍ଚାୟତର ଜରାଜାରିଙ୍ଗ ଗ୍ରାମର ସତ ବାଘ, ପୁଆ ଗ୍ରାମର ବଡ଼ିଆ ମହାକୁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚାୟତ ନିର୍ଣ୍ଣୟ ଆପ ରେ୨୩/୫/୨୫ରେ ଅନୁଷ୍ଠିତ ଗ୍ରାମସଭା ହୋଇଥିବାରୁ ଶିବତୁଳା ଗ୍ରାମପଞ୍ଚାୟତ ର ସରପଞ୍ଚ ମୁକ୍ତା ନାଗ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶଙ୍କର ବଡ଼ିଆ ଓ ଏ ଡି ଇ ଓ ଲଳିତ ପ୍ରଧାନ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏ ବିଡିଓ ଶ୍ରୀ ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ଏପିଇଓ ସମିତ ମହାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋପକୃଷ୍ଣ ରାଉତ ବିଗତ ମନେରେଗା ଜଣ ଶୁଣାଣିର ବିବରଣୀ ପଠନ କରିଥିଲେ। ଅଶ୍ୱିନୀ ମିଶ୍ର, ଉତ୍ତମ ସିଂ ନାଗଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏଥିରେ ବ୍ଲକ ଅଧୀନ ସରପଞ୍ଚ, ସମିତିସଭ୍ୟ/ ସଭ୍ୟା ସମସ୍ତ ପିଇଓ, ଜିଆର୍‌ଏସ, ଭିଆର୍‌ପି, ସାମାଜିକ ସମୀକ୍ଷକ, ଗାଁସାଥୀ ଓ ଜବକାର୍ଡଧାରୀ ଯୋଗ ଦେଇଥିଲେ। ଏବିଡିଓ ନିରଞ୍ଜନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ■ ରାସ୍ତାରୁ ଗାଈଗୋରୁ ହଟାଇବାକୁ ଉଦ୍ୟମ

# ୭ ଦିନ ପରେ ହେବ କାର୍ଯ୍ୟାନୁଷ୍ଠାନ: ଜିଲ୍ଲାପାଳ

**ସୋନପୁର, ୨୦।୯ (ସମିସ):** ସୋନପୁର ସହରରେ ଦିନକୁ ଦିନ ବଢ଼ି ଚାଲିଛି ଦୁର୍ଘଟଣା। ଏହି ଦୁର୍ଘଟଣାର ମୁଖ୍ୟ କାରଣ ହେଉଛି ରାସ୍ତା ଉପରେ ବିଚରଣ କରୁଥିବା ଗାଈଗୋରୁ। ବୁଲା ଗାଈଗୋରୁ ସହର ସାରା ସମସ୍ୟା ସୃଷ୍ଟି କରୁଛନ୍ତି। ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ ଉପରେ ମଧ୍ୟ ଦଳ ଦଳ ଗାଈଗୋରୁ ଶୋଇ ରହିବା ନିତି ଦିନର ଘଟଣା। ବିଭିନ୍ନ ସମୟରେ ରାସ୍ତା ଉପରେ ଏମାନେ ଧାଁ ଧପଡ଼ କରୁଥିବା ଯୋଗୁଁ ଦୁର୍ଘଟଣା ଘଟୁଛି। ସୋନପୁର ସହରର ବ୍ଲକ ଛକଠାରୁ ଆମ୍ବେଦକର ଛକ ପର୍ଯ୍ୟନ୍ତ ବିଶେଷ ସମସ୍ୟା ଦେଖା ଦେଉଛି। ରାସ୍ତାର ଉଭୟ ପାର୍ଶ୍ୱରେ ଉଠା ପନିପରିବା ଦୋକାନୀମାନେ ବ୍ୟବସାୟ କରୁଛନ୍ତି। ପନିପରିବା ଖାଇବା ପାଇଁ ଗାଈଗୋରୁ ଉଦ୍ୟମ କରୁଥିବାବେଳେ ବ୍ୟବସାୟୀମାନେ ଏମାନଙ୍କୁ ଘଉଡାଉଛନ୍ତି। ଫଳରେ ଏଣେତେଣେ ଗାଈଗୋରୁ ମାନେ ଦଉଡୁଛନ୍ତି। ଯାହାଫଳରେ ଏହି ରାସ୍ତା ଦେଇ ଯାଉଥିବା ଲୋକେ ବିଶେଷ ଅସୁବିଧାରେ ପଡୁଛନ୍ତି। ତେବେ ବୁଲା ଗୋରୁଙ୍କୁ ଆକଟ କରିବା ପାଇଁ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡ଼ିଛି। ନିଜେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଟ୍ରାଫିକ ପୋଷ୍ଟ ଉପରେ ଛିଡାହୋଇ ରାସ୍ତା ଉପରକୁ ଗାଈ ନଛାଡିବା ପାଇଁ ଲୋକଙ୍କୁ ଅନୁରୋଧ କରିଛନ୍ତି। ସାତଦିନ ସଚେତନ କରାଯିବ, ଏହାପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ତାଗିଦ କରିଛନ୍ତି। ଜିଲ୍ଲାପାଳ ନିଜେ ମାଇକ୍ ଧରି ଲୋକଙ୍କୁ ସଚେତନ କରୁଥିବାରୁ ଜନସାଧାରଣ ଖୁବ୍ ପ୍ରଶଂସା କରିଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମ ବେଳେ ଏସ୍‌ପି ନାରାୟଣ ନାୟକ, ଏଡିଏମ ରାଜେନ୍ଦ୍ର ମାଝୀ, ଏଡିଏମ ଅଞ୍ଜଳିନା ପ୍ରଧାନ, ପୌରନିର୍ବାହୀ ଅଧିକାରୀ ଋଷି ମାଝୀ, ସମାଜସେବୀ ଗୋବିନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।



## ନୂତନ ଥାନାଧିକାରୀଙ୍କୁ ସ୍ୱାଗତ କଲା ସାମ୍ବାଦିକ ସଂଘ



**ଶଗଡ଼ା, ୨୦।୯ (ସମିସ):** ସାମ୍ବାଦିକ ସଂଘ କନ୍ଧମାଳ (ସାସକ ) ପକ୍ଷରୁ ସାମ୍ବାଦିକ ମାନେ ଆଜି କନ୍ଧମାଳ ଥାନା ଅଧିକାରୀ ରଞ୍ଜିତ କୁମାର ମୁନିଙ୍କୁ ସାକ୍ଷାତ କରିଥିଲେ। ସଂଘର ସଭାପତି ସୁଶୀଲ କୁମାର ମିଶ୍ରଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ନୂତନ ଭାବରେ ଯୋଗଦାନ କରିଥିବା ଥାନା ଅଧିକାରୀ ଶ୍ରୀ ମୁନିଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ପରେ କନ୍ଧମାଳ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସମ୍ପର୍କରେ ଥାନା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ସାକ୍ଷାତ ସମୟରେ ସଂଘର ସଦସ୍ୟ ହୃଦାନନ୍ଦ ମେହେର, ଜଗାନନ୍ଦ ମହାପାତ୍ର, ରାଜେଶ ଠେଲା, ପ୍ରେମାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଡୁଙ୍ଗୁରିପାଲି ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ସମ୍ମାନ

**ଡୁଙ୍ଗୁରିପାଲି, ୨୦।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ମହାବିଦ୍ୟାଳୟରେ ଶିକ୍ଷାବିଭାଗ ପକ୍ଷରୁ ଅଧ୍ୟକ୍ଷ ବିଜୟାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମାନରେ ଆଲୋଚକ ଭାବେ ସାରଳା ମହାବିଦ୍ୟାଳୟ (ଜଗତସିଂହପୁର) ର ଅଧ୍ୟାପିକା ଅନ୍ନପୂର୍ଣ୍ଣା ପଣ୍ଡା ଏବଂ ଆଞ୍ଚଳିକ ଶିକ୍ଷାକେନ୍ଦ୍ର ଭୁବନେଶ୍ୱରର ଅଧ୍ୟାପକ ଆକାଶ ମେହେର ଯୋଗଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଶୈଳେଶ ଶତପଥୀ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ତାଙ୍କୁ ବିଭାଗ ତରଫରୁ ସମ୍ବର୍ଦ୍ଧିତ କରିଥିଲେ। ଗୋପିକା ଦାଶ ବେଦାନ୍ତ ଦର୍ଶନ ଉପରେ ସମ୍ୟକ୍ ଧାରଣା ପ୍ରଦାନ କରିଥିଲେ। ଆଲୋଚନା ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଧୁସ୍ମିତା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ସୀତାଜାଲ ମଞ୍ଚ ପରିଚାଳନା ସହ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ଛାତ୍ରୀ ମେଘା ପାଣ୍ଡେ ଏବଂ ସାଥି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ।

## କୁମାର ପୂର୍ଣ୍ଣିମା ଯାତ୍ରା ପ୍ରସ୍ତୁତି

**ମନମୁଣ୍ଡା, ୨୦।୯ (ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ବରଗୋଛା ପଞ୍ଚାୟତ ବଡଦେହୁରୀପାଲି କେନ୍ଦ୍ରରେ ହେବାକୁ ଥିବା ମାଁ ମାହେଶ୍ୱରୀଙ୍କ କୁମାର ପୂର୍ଣ୍ଣିମା ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ମାଁ ମାହେଶ୍ୱରୀ ନାଟ୍ୟ କଳା ସଂସଦର ସଭାପତି ସନ୍ତୋଷ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆସନ୍ତା ମାସ ୬ ତାରିଖରେ ହେବାକୁ ଥିବା କୁମାର ପୂର୍ଣ୍ଣିମା ଯାତ୍ରା ଉପଲକ୍ଷେ ଏକ ହୃଦୟସ୍ପର୍ଶୀ ସାମାଜିକ ନାଟକ 'ସବୁ ଲାଗେ ପର ଲୁହ ନିଜର' ମଞ୍ଚସ୍ଥ ହେବାକୁ ନିଷ୍ପତ୍ତି ନିଆଯାଇଥିଲା। ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଅରୁଣ କୁମାର ପଟ୍ଟନାୟକ ଓ ନୃତ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ରଣା ମାଁ ମାହେଶ୍ୱରୀଙ୍କ ନିକଟରେ ବହି ପୂଜାର୍ଚ୍ଚନା କରିଥିଲେ। ଯାତ୍ରାକୁ ଅଧିକ ଆକର୍ଷଣ କରିବା ସହ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ମତ ପ୍ରକାଶ ପାଇଥିଲା। ବୈଠକରେ ସମ୍ପାଦକ ସୁକାନ୍ତ ପରଡିଆ, ସୁନିତ ସିଂହ, ଜିତେନ୍ଦ୍ର ସିଂହ, ସୁମନ୍ତ ଖେତି, ମନୋଜ ଡାଙ୍ଗ, ସଞ୍ଜିବ ସିଂହ ଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସୁବଳଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସେବାପକ୍ଷ ପାଳନ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା



**ବୌଦ୍ଧ, ୨୦।୯ (ସମିସ):** ଜିଲ୍ଲା ସଂଗ୍ରହାଳୟ, ବୌଦ୍ଧଠାରେ ସ୍ୱଚ୍ଛତା ସେବା ପକ୍ଷ ୨୦୨୫ ଉପଲକ୍ଷେ ବିକଶିତ ଭାରତ ରଙ୍ଗ, କଳା ମାଧ୍ୟମରେ 'ଚିତ୍ରାଙ୍କନ' ପ୍ରତିଯୋଗିତା ୩ଟିସ୍ତରରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଉପ-ଜିଲ୍ଲାପାଳ, ବୌଦ୍ଧ ବିନୟ କୁମାର ଭୋଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିଆର ସିଂହ ପୁରସ୍କାର ବିତରଣୀ ସଭାରେ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଦେଇ ଉତ୍ସାହିତ କରିଥିଲେ। ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ସ୍ୱସ୍ତିକ ସୁଚିନ୍ତନ୍ ପ୍ରଧାନ, ଓଡ଼ିଶାଆଦର୍ଶ ବିଦ୍ୟାଳୟ, ତେଲେଙ୍ଗା- ପ୍ରଥମ, ଅର୍ପିତା ପ୍ରିୟଦର୍ଶିନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମଣିପୁର-ଦ୍ୱିତୀୟ, ଶ୍ରେୟାଂଶି ସାହୁ, ପଞ୍ଚମଶ୍ରେଣୀ, ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ - ତୃତୀୟ, ମହାବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ବାର୍ତ୍ତିତ୍ ଦଳେଇ, ଡିପ୍ଲୋମା କଲେଜ-ପ୍ରଥମ, ବଳରାମ ନାଏକ, ଭୈରବୀ ଡିଗ୍ରୀ କଲେଜ, ପୁରୁଣାକଟକ-ଦ୍ୱିତୀୟ, ଅର୍ଚ୍ଚନା କର୍ଣ୍ଣ, ମଡେଲ ଡିଗ୍ରୀ କଲେଜ - ତୃତୀୟ ଏବଂ ପ୍ରୋଫେସନାଲ ଆର୍ଟିଷ୍ଟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ସୁନୀଲ ଭୋଇ, ବଡ଼ ରାହାଜୋର, କନ୍ଧମାଳ- ପ୍ରଥମ, ରିପନ୍ ପରିଚ୍ଛା, କନ୍ଧମାଳ - ଦ୍ୱିତୀୟ, ସରୋଜ ରଣା, ବନ୍ଧାପଥର- ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକଭାବେ ପ୍ରଦୀପ କୁମାର ମହାନ୍ତି, ସ୍ୱସ୍ତିକା ବିଶି, ଗୋପାଳ ଅମାତ, ଶଙ୍କର ସିଂ, ରଜତ ଦାନୀ ଯୋଗଦେଇ ଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ପଲଶାଗୋରା, ୨୦।୯ (ସମିସ):** ବୌଦ୍ଧ ଜିଲ୍ଲାର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଦୁର୍ଗାଚରଣ ପଣ୍ଡାଙ୍କ ୧୦୭ତମ ଜନ୍ମ ତିଥି ଅବସରରେ ଶନିବାର ନିଜ ଜନ୍ମମାଟି କନ୍ଧମାଳ ବ୍ଲକ ପଲଶାଗୋରା ସ୍ଥିତ କଲେଜ ଛକଠାରେ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ପଲଶାଗୋରା କଲ୍ୟାଣମଣ୍ଡପଠାରେ ସଂଗ୍ରାମୀ ସ୍ୱର୍ଗତ ପଣ୍ଡାଙ୍କ ପୁତ୍ର ବୁଧରାମ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ସ୍ୱାଧୀନ କୁମାର ପ୍ରଧାନ ମୁଖ୍ୟଅତିଥି ଓ ଜଗନ୍ନାଥ ମହାପାତ୍ର, ରମଣୀ ରଞ୍ଜନ ପ୍ରଧାନ, ଦିବ୍ୟଶଙ୍କର ରାଉତ, କେଶବ ଚରଣ ଖେତୀ, ସୁଶୀଲ ପ୍ରହରାଜ, ଚିତ୍ରସେନ ଖଟୁଆ, ସ୍ୱାଧୀନ କୁମାର ପ୍ରଧାନ, ରବୀନ୍ଦ୍ର କୁମାର ପ୍ରଧାନ, ଅଧ୍ୟାପକ ରବୀନ୍ଦ୍ର ପ୍ରଧାନ, ପଲଶାଗୋରା ସରପଞ୍ଚ ସୌଦାମିନୀ ମଲିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ସମାଜସେବୀ ସରୋଜ ପ୍ରଧାନ ଅତିଥିପରିଚୟ ଓ ସଭା ପରିଚାଳନା କରିଥିଲେ। ସଭାରେ ତିଥିମାନେ ଯୋଗଦେଇ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପଣ୍ଡାଙ୍କ ଅମାୟିକ ଜୀବନୀ ସମ୍ପର୍କରେ ସ୍ମୃତିଚାରଣ କରିବା ସହ ଜିଲ୍ଲାର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଙ୍କ ସ୍ମୃତି ତଥା ସମ୍ମାନ ପାଇଁ ଏଭଳି ମହତ କାର୍ଯ୍ୟ ପାଇଁ ତାଙ୍କ ପୁତ୍ର ବୁଦ୍ଧରାମ ପଣ୍ଡାଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ଜୟକୁମାର ମହାରଣା, ପୂର୍ଣ୍ଣଚରଣ ସାହୁ ଓ ଦେବାଶିଷ ମଲ୍ଲିକଙ୍କୁ ର ସମ୍ମାନିତ କରିଥିଲେ। ସରୋଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



## କନ୍ଧମାଳରେ ବ୍ଲକସ୍ତରୀୟ ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ଶଗଡ଼ା, ୨୦।୯ (ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ପଞ୍ଚାୟତ ସମିତି ସଭା ଗୃହରେ ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ ସଭାରେ ମୁଖ୍ୟଅତିଥି ଭାବରେ କନ୍ଧମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାମି ଜୟଶ୍ରୀ ରେ‡ୀ ଯୋଗଦେଇ ଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଜଳ ଓ ପରିମଳ ମିଶନର ଜିଲ୍ଲା ପରାମର୍ଶଦାତା ଆର୍ତ୍ତତ୍ରାଣ ପାଢ଼ୀ ମୁଖ୍ୟପ୍ରଶିକ୍ଷକ ଭାବେ ତାଲିମ ପ୍ରଦାନ କରିଥିଲେ। ବ୍ଲକ ସଂଯୋଜକ ଅର୍ଜୁନ ଦାଶ ପରିଚାଳନା କରିଥିବାବେଳେ ଟ୍ରେନର ରଞ୍ଜନ କୁମାର ପାତ୍ର ତାଲିମ ପ୍ରଦାନ କରିଥିଲେ। ସମସ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ ଓ ପ୍ରତି ପଞ୍ଚାୟତରୁ ତିନି ଜଣ ସ୍ୱଚ୍ଛ ସାଥୀ ଯୋଗ ଦେଇଥିଲେ। ଗମନ ଦାସ, ମୁକ୍ତେଶ୍ୱର ପ୍ରଧାନ, ଶ୍ରୀହରି ବାଗ, ସୁଦାମ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ରାମପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ନିପୁଣ ଓଡ଼ିଶା ସପ୍ତାହ

**ଡୁଙ୍ଗୁରିପାଲି, ୨୦।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ନୋଡାଲ ଉଚ୍ଚବିଦ୍ୟାଳୟରେ ପଞ୍ଚଦିବସୀୟ ନିପୁଣ ଓଡ଼ିଶା ସପ୍ତାହ ପାଳିତ ହୋଇଯାଇଛି। ପ୍ରଥମ ଦିବସର କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ହୋସିୟା ଛତ୍ରିୟା ଉଦ୍‌ଘାଟନ କରିଥିଲେ। ଶିକ୍ଷକ କୁଶ ଭୋଇ, ଶିକ୍ଷୟିତ୍ରୀ ରୀନା ବାଗ ପ୍ରଥମ, ଦ୍ୱିତୀୟ ଦିବସରେ ସଂଖ୍ୟା ଜ୍ଞାନ ଓ ତୃତୀୟ, ଚତୁର୍ଥ ଦିବସରେ ମୌଳିକ ଭାଷା ଓ ପଞ୍ଚମ ଦିବସରେ ପିତା ମାତା ତଥା ଗୋଷ୍ଠୀ ସମ୍ପୃକ୍ତି କାର୍ଯ୍ୟକ୍ରମ କରିଥିଲେ। ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବେ ସିଆରସିସି ପ୍ରଦୀପ୍ତ କିଶୋର ଦାଶ ଯୋଗଦେଇ କାହାଣୀ କହିବା, ଶୁଣିବା ତଥା କାହାଣୀର ବହୁବିଧ ଉପକାରିତା ବିଷୟରେ ଆଲୋକପାତ କରିଥିଲେ।

## ତମାମୁରା ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ

**ଡୁଙ୍ଗୁରିପାଲି, ୨୦।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ତମାମୁରା ଗୋପାଳଜୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ ହୋଇଛି। ହିନ୍ଦୀ ଶିକ୍ଷକ ଧ୍ରୁବ ବାରିକ ସ୍ୱାଗତ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗରୁଡ଼ଧ୍ୱଜ ବାରିକ ଯୋଗଦେଇ ହିନ୍ଦୀ ଭାଷାର ଗୁରୁତ୍ୱ ଓ ମହାନତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରକୃତିବନ୍ଧୁ ପ୍ରାଣବନ୍ଧୁ ହୋତା ଯୋଗଦେଇ ହିନ୍ଦୀ ଦିବସର ତାତ୍ପର୍ଯ୍ୟ ବିଷୟରେ କହିଥିଲେ। ନିବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ମାନଭଞ୍ଜନ ପଣ୍ଡା, ସୁରଜ କାଲସେ ଓ ଅମୀୟ ପଧାନ ସହଯୋଗ କରିଥିଲେ। ସୁବ୍ରତ ନାଗ ସଭା ସଂଯୋଜନା କରିଥିବାବେଳେ କୃଷ୍ଣଚନ୍ଦ୍ର ତଣ୍ଡକାର ଧନ୍ୟବାଦ ଦେଇଥିଲେ।

## ସୁଲେଇରେ ନିପୁଣ ଓଡ଼ିଶା ସପ୍ତାହ ପାଳିତ



**ଡୁଙ୍ଗୁରିପାଲି, ୨୦।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଅଧୀନ ସୁଲେଇ ପ୍ରାଥମିକ ବିଦ୍ୟାଳୟରେ ନିପୁଣ ଓଡ଼ିଶା ସପ୍ତାହ ପାଳିତ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ପୁରୋତ୍ତମ ପଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିପୁଣ ଓଡ଼ିଶା ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ନିତାଇ ମଟାରୀ ନିପୁଣ ସପ୍ତାହର କାର୍ଯ୍ୟକ୍ରମ ବର୍ଣ୍ଣନା କରିଥିଲେ। ପ୍ରଥମ ଓ ଦ୍ୱିତୀୟ ଦିବସରେ ପ୍ରଧାନ ଶିକ୍ଷୟିତ୍ରୀ ମାନିନୀ ବାଘ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ମୌଳିକ ସଂଖ୍ୟାଜ୍ଞାନକୁ ବିଭିନ୍ନ ମଜାକିଆ ଖେଳ ମାଧ୍ୟମରେ ଶିକ୍ଷାଦାନ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ମୌଳିକ ଭାଷା ଓ ସଂଖ୍ୟାଜ୍ଞାନରେ ଆଗେଇ ନେବା ପାଇଁ ପିତାମାତା, ଅବିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। ଶିକ୍ଷୟିତ୍ରୀ ଅଲ୍ଲିକା ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

### ମନମୁଣ୍ଡା ବନ୍ଦ ଦାବି

# ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଜଣାଇଲା ଏନ୍‌ଏସି କ୍ରିୟାନୁଷ୍ଠାନ କମିଟି




**ମନମୁଣ୍ଡା, ୨୦।୯ (ସମିସ):** ମନମୁଣ୍ଡାକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବିରେ ଆସନ୍ତା ୨୩ ତାରିଖ ବନ୍ଦ ପାଳନକୁ ନେଇ ବୌଦ୍ଧ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଏନ୍‌ଏସି କ୍ରିୟାନୁଷ୍ଠାନ କମିଟି ଆଜି ଲିଖିତ ଭାବେ ଜଣାଇ ଦେଇଛି। ମନମୁଣ୍ଡାକୁ ଏନ୍‌ଏସି ଘୋଷଣା କରିବା ଦାବିରେ ୨୩ ତାରିଖ ସକାଳ ୬ ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ମନମୁଣ୍ଡାରେ ବନ୍ଦ ପାଳନ କରାଯିବ। ସେହିଦିନ ସମସ୍ତ ଦୋକାନ, ବଜାର ଓ କାର୍ଯ୍ୟାଳୟ ବନ୍ଦ ରହିବ ଓ ଗାଡ଼ି ଚଳାଚଳ ମଧ୍ୟ ବନ୍ଦ ରହିବ, ତେବେ ସମସ୍ତ ଜରୁରୀ କାଳୀନ ଗାଡ଼ିକୁ ଅଟକା ଯିବନାହିଁ। ଏଇ ସନ୍ଦର୍ଭରେ ମନମୁଣ୍ଡା ଏନ୍ ଏ ସି କ୍ରିୟାନୁଷ୍ଠାନ କମିଟି ସଭାପତି ରାଧେଶ୍ୟାମ ସାହୁଙ୍କ ନେତୃତ୍ୱରେ କମିଟିର ସଭ୍ୟ ଆଶିଷ କୁମାର ସାହୁ, ବିପ୍ରଚରଣ ବେହେରା, ଗୁଗୁନ୍ ଗାଇଗରିଆ, ଅବୁ ଖାଁ, ଅଜିତ ମେହେର, ଅକ୍ରୁର ବେହେରା, ରୋହିତ ହୋତା, ରାଜୁ ନାଏକ, ମହାଦେବ କଲତା, ସିଦ୍ଧେଶ୍ୱର ଗିରି, ଗଣେଶ୍ୱର ପାତ୍ର, ବିଜୟ ଆଚାର୍ଯ୍ୟ ପ୍ରମୁଖ ଆଜି ବୌଦ୍ଧ ଜିଲ୍ଲାପାଳ ବିଭୂତିଭୂଷଣ ନାଏକଙ୍କୁ ଲିଖିତ ଭାବେ ପ୍ରଦାନ କରିଥିବାବେଳେ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଅନୁପସ୍ଥିତିରେ ତାଙ୍କ କାର୍ଯ୍ୟାଳୟରେ ଉକ୍ତ ପତ୍ର ପ୍ରଦାନ କରିଛନ୍ତି। ସେହିପରି ମନମୁଣ୍ଡା ଥାନା ରେ ମଧ୍ୟ ଏନେଇ ଲିଖିତ ଭାବେ ଜଣାଇ ଦିଆ ଯାଇଥିବା ସଭାପତି ଶ୍ରୀ ସାହୁ ଙ୍କ ଠାରୁ ଜାଣିବାକୁ ମିଳିଛି। ମନମୁଣ୍ଡା କୁ ଏନ୍ ଏ ସି ମାନ୍ୟତା ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ କାଗଜ ରାଜ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରାଯାଇଥିବା ଜିଲ୍ଲାପାଳ ଶ୍ରୀ ନାଏକ ପ୍ରକାଶ କରିଥିବାବେଳେ ଏନେଇ ଆଉ କୌଣସି ସାହାଯ୍ୟ ଆବଶ୍ୟକ ପଡ଼ିଲେ ସେ କରିବାକୁ ପ୍ରସ୍ତୁତ ବୋଲି କହିଥିଲେ।

### ■ ଭଡ଼ାରେ ଚାଲିଛି ସୋନପୁର ବଳିଯାତ୍ରା

# ବରୁଆ ସମସ୍ୟାର ହେଉନି ସ୍ଥାୟୀ ସମାଧାନ

ସୋନପୁର, ୨୦।୯ (ସମିସ)



ତନ୍ତ୍ର ପୀଠ ଭାବେ ଦେବଭୂମି ସୁବର୍ଣ୍ଣପୁର ଖ୍ୟାତି ସର୍ବଜନବିଦିତ। ଏଠାରେ ଅନୁଷ୍ଠିତ ହୋଇ ଆସୁଥିବା ବଳିଯାତ୍ରା ଖୁବ୍ ପ୍ରସିଦ୍ଧ। ସୋନପୁର ସହର ହେଉଛି ମନ୍ତ୍ର, ଯନ୍ତ୍ର ଓ ତନ୍ତ୍ରର ପୀଠ। ଚୌହାଣ ରାଜାମାନଙ୍କ ଶାସନ ଅର୍ଥାତ୍ ୧୬୪୦ ମସିହାରୁ ୧୯୪୭ ପର୍ଯ୍ୟନ୍ତ ବଡ଼ ନିଷ୍ଠା ସହକାରେ ବଳିଯାତ୍ରା ପର୍ବ ପାଳନ କରାଯାଉଥିଲା। ଏବେ ବି ବିଧି ପୂର୍ବକ ପରମ୍ପରା ବଜାୟ ରହିଛି। ଏହି ଯାତ୍ରାରେ ପୁରୋହିତ, ବରୁଆ, ମଲ୍ଲିକ, ଚାରିଘରିଆ, ମଶାଲତୀ, ଭୁରିଆ, ମୁହୁରଆ, ଗାଏନ୍, ଛତ୍ରିଆ, ଛିପି, ଥନାପତି, ମାଳି, ଢଳିଆ, ଭଣ୍ଡାରୀ ଆଦି ବିଭିନ୍ନ ସମ୍ପ୍ରଦାୟର ସେବାୟତମାନେ ବଳିଯାତ୍ରାରେ ଅଂଶଗ୍ରହଣ କରିଥାନ୍ତି। ଏବେ ମଧ୍ୟ ଆଶ୍ୱିନ ଅମାବାସ୍ୟାରୁ ପୂର୍ଣ୍ଣିମା ଯାଏଁ ସୋନପୁରର ତ୍ରିଶକ୍ତି ସୁରେଶ୍ୱରୀ, ଖମ୍ବେଶ୍ୱରୀ ଏବଂ ସମଲେଶ୍ୱରୀ ମନ୍ଦିରରେ ଢୋଲ, ନିଶାଣ, ମୁହୁରୀ ବାଜି ଉଠେ। ସୋନପୁରଠାରେ ଅନୁଷ୍ଠିତ ବଳିଯାତ୍ରା ନିଆରା। ରାଜ ପୁରୋହିତ ନିଜ ମୁଷ୍ଟି ବନ୍ଧନରେ ସମସ୍ତ ଗୋପନୀୟତାକୁ ରଖି ବରୁଆମାନଙ୍କ ଦେହରେ ଦେବୀର ଆବିର୍ଭାବ କରାଇଥାନ୍ତି। ପୁରୋହିତ ଦେବୀଙ୍କ ସାମନା ମଣ୍ଡପରେ ନିଜ ଶରୀରକୁ ଶୁଦ୍ଧକରି ଅରୁଆ ଚାଉଳରେ ଯନ୍ତ୍ର କାଟି ମନ୍ତ୍ର ଓ ତନ୍ତ୍ର ମାଧ୍ୟମରେ ପୂଜାର୍ଚ୍ଚନା କରନ୍ତି। ସ୍ଥାନୀୟ ସାତବନ୍ଧ ହନୁମାନ ଘାଟରେ ସ୍ନାନ କରାଇ ବରୁଆ ନାଭିରେ ଖଉଳ ମାଟିକୁ ସ୍ପର୍ଶ କରାଇ ଉକ୍ତ ଯନ୍ତ୍ରରେ ଉପବେସନ କରାଯାଏ। ଅରୁଆ ଚାଉଳରେ ଅଙ୍କାଯାଇଥିବା ଯନ୍ତ୍ରରେ ଉପବିଷ୍ଟ ବରୁଆ ଦେହରେ ଦେବତା ଆବିର୍ଭାବ ହୁଏ। ଢୋଲ, ନିଶାଣ ଓ ମୁହୁରୀର ଗମ୍ଭୀର ନାଦର ତାଳେ ତାଳେ ବଳି ବା ବରୁଆ ନାଚି ଉଠେ। ଏହି ପ୍ରସିଦ୍ଧ ବଳିଯାତ୍ରା ଆଶ୍ୱିନୀ ଅମାବାସ୍ୟା ଠାରୁ କାର୍ତ୍ତିକ ପ୍ରତିପଦା ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ। ବଳି ମଧ୍ୟରେ ଉଆଁସ ବଳି, ବୁଢାରଜା ବଳି, ନିଶା ବଳି, ଖଉଳ ବଳି, ଗାଏନ ବଳି, ଡାଙ୍ଗୁଆ ବଳି, ମହାବଳି, ଦଶହରା ବଳି ଏବଂ ପୂର୍ଣ୍ଣିମା ବଳି ରହିଛି। ବଳିଯାତ୍ରାର ସେବାକାର୍ଯ୍ୟ ପାଇଁ ରାଜାଙ୍କ ସମୟରୁ ସେବାୟତମାନଙ୍କୁ ହଜାର ହଜାର ଏକର ଚାଷ ଜମି ଯୋଗାଇ ଦିଆଯାଇଛି। ରାଜା ଶାସନ ପରେ ଏହି ପର୍ବ ସୋନପୁର ଦେବୋତ୍ତର ବିଭାଗ ପକ୍ଷରୁ ପରିଚାଳିତ ହେଉଛି। ତେବେ ଗତ କେତେବର୍ଷ ହେଲା ଯାତ୍ରା ପାଇଁ ଉଦ୍ଦିଷ୍ଟ ସକମା ଗ୍ରାମର ବରୁଆ ସେବାୟତମାନେ ଅଂଶଗ୍ରହଣ କରୁ ନ ଥିବାରୁ ବଳି ଯାତ୍ରାରେ ସମସ୍ୟା ସୃଷ୍ଟି ହେଉଛି। ୨୦ ବର୍ଷରୁ ଅଧିକ ସମୟ ହେଲା ଭଡାଟିଆ ବରୁଆଙ୍କୁ ନେଇ ଯାତ୍ରା କରାଯାଉଛି। ଏଭଳି ସ୍ଥିତି ଯୋଗୁଁ ଭବିଷ୍ୟତରେ ପ୍ରସିଦ୍ଧ ବଳି ଯାତ୍ରା ବନ୍ଦ ହେବାର ଆଶଙ୍କା ହେଲାଣି। ବଳି ଯାତ୍ରାରେ ଖମ୍ବେଶ୍?ରୀ ଓ ସମଲେଇ ବଳି ଯାତ୍ରା କରିବା ପାଇଁ ଶହ ଶହ ଏକର ଜମିର ବ୍ୟବସ୍ଥା କରାଯାଇଛି। ଏହି ଜମି ଦେବ ନୀତି ଓ ଦେବ ସେବା ପାଇଁ ଉଦ୍ଦିଷ୍ଟ। ତେବେ ବିନା ସେବାରେ ସମ୍ପୃକ୍ତ ସେବାୟତମାନେ ଭୋଗ ଦଖଲ କରୁଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ବଳିଯାତ୍ରାକୁ ଶୃଙ୍ଖଳିତ ଭାବେ ଆୟୋଜନ ପାଇଁ ପ୍ରଶାସନ ବିହିତ ପଦକ୍ଷେପ ନେବା ପାଇଁ ଦାବି ହୋଇଛି।

## ରାଜ୍ୟ ନିର୍ବାଚନ ଆୟୋଗ ଅଧିକାରୀଙ୍କ ସମୀକ୍ଷା ବୈଠକ

# ଆଗାମୀ ପଞ୍ଚାୟତ ନିର୍ବାଚନ ସୁପରିଚାଳନା ଉପରେ ଗୁରୁତ୍ୱ

ବାଲେଶ୍ୱର,୨୦।୯ (ସମିସ)

ରାଜ୍ୟ ନିର୍ବାଚନ ଆୟୋଗର ମଧୁସୂଦନ ପାଢ଼ୀ ଦିନିକିଆ ବାଲେଶ୍ୱର ଜିଲ୍ଲା ଗସ୍ତ କରିଛନ୍ତି। ଏହି ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବିଶେଷ କରି ଏହି ସମୀକ୍ଷା ବୈଠକରେ ଆଗାମୀ ଦିନରେ ହେବାକୁ ଥିବା ପଂଚାୟତ ନିର୍ବାଚନ ସମେତ ପୌରପରିଷଦ ନିର୍ବାଚନକୁ କିପରି ଭାବେ ସୁପରିଚାଳନା କରାଯିବ ଏବଂ ଏଥିପାଇଁ କେଉଁଭଳି ଭାବେ ପ୍ରସ୍ତୁତି କରାଯାଇଛି ତା ଉପରେ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ସୁଧାକାର ନାୟକଙ୍କ ସମେତ ଉପଜିଲ୍ଲାପାଳ, ସମସ୍ତ ବିଡ଼ିଓ,ସମସ୍ତ ଏଇଆରଓଙ୍କ



ସହ ଅନ୍ୟଅଧିକାରୀମାନେ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ପରେ ଶ୍ରୀ ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଆଗାମୀ ଦେଢ଼ ବର୍ଷ ମଧ୍ୟରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ପାଇଁ ଆଜି ସମୀକ୍ଷା କରାଯାଇଛି। ବିଶେଷ ସମସ୍ତ ଫିଲଡ ଅଧିକାରୀ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ବିଡ଼ିଓଙ୍କ ସହ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇଛି। ନିର୍ବାଚନ ପାଇଁ ଫଇଲଡ ଅଫିସରମାନଙ୍କୁ ସଚେତନ କରିବା ପାଇଁ ଏହି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହେଉଥିବା ବେଳେ ଆଜି ବାଲେଶ୍ୱରରେ ହୋଇଛି। ଆଗକୁ ଆସୁଥିବା ପଞ୍ଚାୟତ ନିର୍ବାଚନକୁ କିପରି ଭାବେ ସୁପରିଚାଳନା କରାଯାଇ ପାରିବ ସେ ଦିଗରେ ଗୁରୁତ୍ୱ ପ୍ରଦାନ କରାଯିବା ସହ ଭୋଟର ତାଲିକା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ପ୍ରତିବ୍ଲକ ସ୍ତରରେ ବିଡ଼ିଓମାନଙ୍କ ସହ ଏହି ଦିଗରେ ଆଲୋଚନା ମଧ୍ୟ କରାଯାଇଛି। ଏହାଛଡା ପଂଚାୟତ ଓ ପୌରନିର୍ବାଚନକୁ ଦୃଷ୍ଟିରେ ରଖି ଏହି ବୈଠକ ଅନୁଷ୍ଠିତ ହୋଇଛି। ବିଶେଷ କରି ଗତ ନିର୍ବାଚନରେ ଯେଉଁ ସମସ୍ୟା ଗୁଡିକ ଦେଖାଦେଇଥିଲା ତାହାକୁ କିପରି ଭାବେ ସମାଧାନ କରାଯିବା ସହ ଆଗାମୀ ଦିନରେ ଯାହା ହେବାକୁ ଥିବ ତା ଉପରେ ବିଶେଷ ଭାବେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏହାଛଡା ଆଗାମୀ ନିର୍ବାଚନ କିଛି ନୂଆ କରାଯିବାକୁ ଚେଷ୍ଟା କରାଯାଉଛି ତାହାକୁ ନେଇ ସମସ୍ତ ଅଧିକାରୀମାନଙ୍କୁ ଅବଗତ କରାଯିବା ସହ ସେମାନଙ୍କୁ ବୁଝା ଯାଇଛି। ଆଗାମୀ ନିର୍ବାଚନ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପୌର ନିର୍ବାଚନ ଓ ପଂଚାୟତ ନିର୍ବାଚନ ପାଇଁ ଏବେ ଠାରୁ ସଜବାଜ ଆରମ୍ଭ ହୋଇଥିବା ବେଳେ ଭୋଟର ଲିଷ୍ଟ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବ। ବିଶେଷ କରି ଏହି ପଂଚାୟତ ନିର୍ବାଚନ ପାଇଁ ନୂତନ ଭୋଟର ଲିଷ୍ଟ ପ୍ରଦାନ ସହ ଯାହାର ଦୁଇଟି ସ୍ଥାନରେ ଭୋଟର ଲିଷ୍ଟ ରହିଛି ସେ ଗୁଡିକୁ କଟାଯିବ। ଏହାଛଡା ନୂଆ ଭୋଟରମାନଙ୍କୁ ଲିଷ୍ଟରେ ସାମିଲ କରାଯିବା ଉପରେ ମଧ୍ୟ ଗୁରୁତ୍ୱପ୍ରଦାନ କରାଯିବାର ସୂଚନା ମିଳିଛି।

## ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ଦାବିପତ୍ର



ବାଲେଶ୍ୱର,୨୦।୯ (ସମିସ): ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ମଧ୍ୟରେ ଆସୁଥିବା ଏସଏସଜି, ସିଏଲଏଫ, ଜିପିଏଲଏଫ, ବିଏଲଏଫ, ଡିଏଲଏଫର ପୁନର୍ଗଠନ ପ୍ରକ୍ରିୟା କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବନ୍ଦ କରିବା ପାଇଁ ଆଜି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ଚଳିତ ବର୍ଷ ଏପ୍ରିଲ ମାସ ୧୭ତାରିଖରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପୁନର୍ଗଠନ ପ୍ରକ୍ରିୟା ବନ୍ଦ ପାଇଁ ନିର୍ଦ୍ଦେଶ ବଳବତ୍ତର ରହିଥିବା ବେଳେ ଚଳିତ ମାସ ୩ତାରିଖରେ ସରକାରଙ୍କ ସଚିବ ନିର୍ଦ୍ଦେଶ ଅନୁସାରେ ତ୍ୱରିତ ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗତ ୧୯ତାରିଖରେ ହାଇକୋର୍ଟ ବିଚାର କରି କହିଥିଲେ ଯେ ପୁନର୍ଗଠନ ପ୍ରକ୍ରିୟା ବନ୍ଦ ରହିଥିବା ବେଳେ ପୁଣି ଏହା କିପରି ସମ୍ଭବ ହେଲା। ଏହାର ବିଚାର କରି ଉଚ୍ଚନ୍ୟାୟାଳୟ ଶୁଣାଣୀ କରି ସମଗ୍ର ଓଡ଼ିଶାର ଏହି ପୁନର୍ଗଠନ ପ୍ରକ୍ରିୟା ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ଏଠାରେ ସେମାନେ ଅଭିଯୋଗ କରିଛନ୍ତି ଯେ କୋର୍ଟଙ୍କ ନିର୍ଦ୍ଦେଶକୁ ମାନି ପୁନର୍ଗଠନ ପ୍ରକ୍ରିୟାକୁ ବନ୍ଦ ରଖିବା ପାଇଁ ସଂଘ ପକ୍ଷରୁ ମନୋରମା କାମିଲା,ସୁଜାତା ଦାସ, ଅନ୍ନପୂର୍ଣ୍ଣା ମହାଲୀକ, ଉର୍ମିଳା ମହାଳିକ, ଭାରତୀ ବେହେରା, ମମତା ବିଶ୍ୱାଳ, ମିଲି ପଣ୍ଡା, ଦମୟନ୍ତୀ ବେହେରା, ଲତିକା ନାୟକ ପ୍ରମୁଖଙ୍କ ସହ ଅନ୍ୟମାନେ ଏହି ଦାବି କରିଛନ୍ତି।

# ଅନ୍ତର୍ଜାତୀୟ ସମୁଦ୍ରତଟ ସଫେଇ ଦିବସ




ବାଲେଶ୍ୱର,୨୦।୯ (ସମିସ): ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ନିର୍ଦ୍ଦେଶ ଅନୁସାରେ ବାଲେଶ୍ୱର ଜିଲ୍ଲାର ପ୍ରସିଦ୍ଧ ଚାନ୍ଦିପୁର ବେଳାଭୂମିରେ ଅନ୍ତର୍ଜାତୀୟ ସମୁଦ୍ରତଟ ସଫେଇ ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଲେ। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଉପଜିଲ୍ଲାପାଳ ଶିବ ମାଲବ୍ୟ, ଡିଏଫଓ ପ୍ରଫୁଲ୍ଲ ମଲ୍ଲିକ, ଆଇଟିଆର ଅତିରିକ୍ତ ନିର୍ଦ୍ଦେଶକ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇ କୃଷ୍ଣ ଜେନା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅମ୍ଲାନ ନାୟକ, ଡିଏସ୍‌ଡବ୍ଲ୍ୟୁଓ ଜ୍ୟୋତ୍ସ୍ନା ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତ୍ତମ ଜେନା, ସାମୁଦ୍ରିକ ପୋଲିସ ଷ୍ଟେସନ୍ ଆଇଆଇସି, ବିଭିନ୍ନ ସାମାଜିକ ସଂଗଠନ, ହୋଟେଲ୍ ସଂଘ, ପଞ୍ଚାୟତ ପ୍ରତିନିଧି, ଓଟିଡିସି ପନ୍ଥନିବାସ ପ୍ରବନ୍ଧକ ଏବଂ ବାଲେଶ୍ୱର ସ୍କୁଲ ଅଫ୍ ଇଞ୍ଜିନିୟରିଂର ୮୦ ଛାତ୍ରଛାତ୍ରୀ ଓ ଅଧ୍ୟାପକ,କର୍ମଚାରୀମାନେ ଯୋଗଦେଇଥିଲେ। ଏସପିସିବିର ଅଞ୍ଚଳ ଅଧିକାରୀ ଇ ଏମ.ଏମ. ମୁର୍ମୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ପରବର୍ତ୍ତିତ, ସମସ୍ତ ଅତିଥି ଓ ଅଂଶଗ୍ରାହୀମାନେ 'ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ' ବିରୋଧରେ ଓଡ଼ିଶାର ମାନଚିତ୍ର ଆକାରରେ ମାନବଶୃଙ୍ଖଳା ଗଠନ କରି ସଚେତନତା ବାର୍ତ୍ତା ଦେଇଥିଲେ।

## ୨୨ରେ ବିଧାନସଭା ଆଗରେ ହରତାଳ

ବାଲେଶ୍ୱର,୨୦।୯ (ସମିସ): ଓଡ଼ିଶା ସାମ୍ବାଦିକ ୟୁନିଅନର ସଭାପତି ପ୍ରସନ୍ନ କୁମାର ମହାନ୍ତି ଙ୍କ ଡାକରାରେ ଆଗାମୀ ୨୨ତାରିଖ ସୋମବାର ଦିନ ବିଧାନସଭା ଆଗରେ ଗଣଧାରଣା,ବିକ୍ଷୋଭ ଓ ରାଜ୍ୟର ସାମ୍ବାଦିକଙ୍କ ନ୍ୟାଯ୍ୟ ଦାବି ପୂରଣ ପାଇଁ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ୩୦ଟି ଜିଲ୍ଲାରୁ ସଦସ୍ୟ ମାନେ ଯୋଗ ଦେବେ। ବାଲେଶ୍ୱର ଜିଲ୍ଲାରୁ ୩୦ ଜଣ ସଦସ୍ୟ ଯୋଗଦେବାକୁ ସ୍ଥିର ହୋଇଛି ବୋଲି ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଏକ ପ୍ରେସ ବିବୃତ୍ତି ରେ ଜଣାଇଛନ୍ତି। ସାମ୍ବାଦିକଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ, ଅଧିସ୍ୱୀକୃତି କମିଟି ବୈଠକ ବସାଇବା, ଅବସରପ୍ରାପ୍ତ ସାମ୍ବାଦିକ ଙ୍କୁ ପେନସନ ପ୍ରଦାନ, କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ରାଶି ୫ ଲକ୍ଷରୁ ୧୦ ଲକ୍ଷ ଟଂକା କୁ ବୃଦ୍ଧି କରିବା, ସ୍ୱାସ୍ଥ୍ୟ ବୀମାରେ କର୍ତ୍ତବ୍ୟ ରତ ସାମ୍ବାଦିକଙ୍କ ବୃଦ୍ଧ ପିତାମାତାଙ୍କୁ ସାମିଲ କରିବା ଆଦି ଦାବି ନେଇ ଏହି କାର୍ଯ୍ୟକ୍ରମ କରାଯିବ।

## ଚାନ୍ଦିପୁର ସମୁଦ୍ରତଟରେ ସ୍ୱଚ୍ଛତା ଅଭିଯାନ

# ୧.୮ ଟନ୍ ପ୍ଲାଷ୍ଟିକ୍, କାଚ ଓ ବର୍ଜ୍ୟବସ୍ତୁ ସଂଗ୍ରହ




ବାଲେଶ୍ୱର,୨୦।୯ (ସମିସ): ଅନ୍ତର୍ଜାତୀୟ ତଟୀୟ ସ୍ୱଚ୍ଛତା ଦିବସ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାନ୍ଦିପୁର ସମୁଦ୍ରତଟରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭାରତର ୫୦ଟି ସମୁଦ୍ରତଟ ସ୍ଥଳୀରେ ଏହି ପାନ୍-ଇଣ୍ଡିଆ କାର୍ଯ୍ୟକ୍ରମ ପାଳନ ହେବା ସହ ଚାନ୍ଦିପୁରରେ ହୋଇଥିବା ଏହି କାର୍ଯ୍ୟକ୍ରମଟିକୁ ଜାତୀୟ କୋଷ୍ଟାଲ ଗବେଷଣା କେନ୍ଦ୍ର (ଏନ ସି ସି ଆର), ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ସହଯୋଗରେ ସଫଳତାର ସହିତ ଆୟୋଜନ କରାଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ପ୍ରାୟ ୧୩୫ ଜଣ ଏନଏସଏସ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ସେମାନେ ମିଶି ୧.୮ ଟନ୍ ପ୍ଲାଷ୍ଟିକ୍, କାଚ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସଂଗ୍ରହ କରିଛନ୍ତି। ଏହି କାର୍ଯ୍ୟକ୍ରମଟି କେବଳ ବର୍ଜ୍ୟବସ୍ତୁର ସଂଗ୍ରହରେ ସୀମିତ ନହୋଇ, ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ ଧରି ସ୍ଲୋଗାନ୍ ଦେଇ ସଚେତନତା ରାଲି କରିବା ସହ ସ୍ଥାନୀୟ ଲୋକଙ୍କୁ ସଚେତନଶୀଳ ଅଭ୍ୟାସ ଓ ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ସହ ପ୍ରଫେସର ଅମୂଲ୍ୟ ଆଚାର୍ଯ୍ୟ, ପ୍ରଫେସର ପଙ୍କଜ କୁମାର ପାରହୀ, ନିହାର ରଞ୍ଜନ ରାଉତ, ଅଶାନ୍ତ ରଞ୍ଜନ ରାଉତ, ଦେବଦତ୍ତ ଦାସ, ଅସୀମ ଅମିତାଭ ପ୍ରଧାନ, ଅରୁଣ କୁମାର ନାୟକ, ଅଭୟ କୁମାର ନାୟକ, ସବିତା ସୋରେନ, ଦେବଦତ୍ତ ନାୟକ ପ୍ରମୁଖଙ୍କ ସହଯୋଗ ଉତ୍ସାହଜନକ ହୋଇଥିଲା। ବିଶ୍ୱବିଦ୍ୟାଳୟର ଭୂବିଜ୍ଞାନ ବିଭାଗର ସହାୟକ ଅଧ୍ୟାପିକା ଡ଼କ୍ଟର ସ୍ମୃତିରେଖା ସାହୁ ଏହା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ଭିନ୍ନକ୍ଷମ କ୍ରୀଡ଼ାବିତଙ୍କୁ ଆର୍ଥିକ ସହାୟତା ଦାବି

ବାଲେଶ୍ୱର,୨୦।୯ (ସମିସ): ନୀଳଗିରି ବ୍ଲକ ଅଧିନ କାହାଲିଆର ଅନିରୁଦ୍ଧ ଭୋଳଙ୍କ ଝିଅ ଲିପିପୁଷ୍ପା ଜନ୍ମରୁ ଠିକ ଥିବା ବେଳେ ଖେଳପ୍ରତି ତାଙ୍କର ଅଧିକ ରୁଚି ରହିଥିଲା। ୨୦୨୧ମସିହାରେ ତାଙ୍କ ଜୀବନର ମୋଡ ବଦଳିଯାଇଥିଲା। ସେ ଦଶମଶ୍ରେଣୀ ପରୀକ୍ଷା ଦେଇସାରିବା ପରେ ଏକ ଦୁର୍ଘଟଣାର ଶିକାର ହୋଇ ବିକଳାଙ୍ଗ ହୋଇଯାଇଥିଲେ। ସେ ନିଜେ ଚଳାବୁଲା କରିପାରୁ ନଥିବା ବେଳେ ଟ୍ରାଇ ସାଇକଲ ହିଁ ଭରସା ପାଲଟିଛି। ହେଲେ ସେ ଧର୍ଯ୍ୟହରା ନ ହୋଇ ଭିନ୍ନକ୍ଷମ କ୍ରୀଡାକୁ ଆଦରି ଥିଲେ। ଜାଭଲିନ ଥ୍ରୋ, ସଟପୁଟ, ଡିସକସ ଥ୍ରୋରେ



ପାରଙ୍ଗମ ଦେଖାଇ ସାରିଥିବା ବେଳେ ଆଗକୁ ହୁଇଲଚେୟାର ରେସିଙ୍ଗରେ ଭାଗ ନେବାକୁ ଲିପି ଇଛା ପ୍ରକାଶ କରିଛନ୍ତି। ହେଲେ ସେ ଅଧିକ ଦକ୍ଷତା ସମ୍ପନ୍ନ ଖେଳ ପାଇଁ କଟକସ୍ଥିତ ଓଲଟପୁରଠାରେ ଥିବା ଏସଭି ନିରତାର କ୍ରୀଡା ଏକାଡେମୀରେ ତାଲିମ ଗ୍ରହଣ କରୁଛନ୍ତି। ସେଠାରେ ଅଧିକ ଅର୍ଥର ଆବଶ୍ୟକତା ରହିଥିବାରୁ ସେ ଦେବା ପାଇଁ ଅସମର୍ଥ ହୋଇପଡୁଛନ୍ତି। ଏଣୁ ସରକାରୀ ସ୍ତରରେ ତାଙ୍କୁ ଆର୍ଥିକ ସହଯୋଗ ଯୋଗାଇଦେଲେ ସେ ତାଙ୍କର ଇଛା ପୂରଣ କରିପାରିବେ ବୋଲି ଲିପି କହିଛନ୍ତି। ଏଥିପାଇଁ ସେ ଆଜି ଜିଲ୍ଲାପାଳଙ୍କୁ ଏକ ଦରଖାସ୍ତ ଦେଇଛନ୍ତି।

## ଅନ୍ତ୍ୟୋଦୟ ଯୋଜନାରେ ଚାଉଳ ପ୍ରଦାନ ଦାବି

ବାଲେଶ୍ୱର,୨୦।୯ (ସମିସ): ଅନ୍ତ୍ୟୋଦୟ ଯୋଜନାରେ ୩୫କେଜି ଚାଉଳ ପାଇବା ପାଇଁ ଜଣେ ୮୧ବର୍ଷର ବୃଦ୍ଧା ସିଂଲା ଥାନା ଅର୍ନ୍ତଗତ ବୁଲଙ୍ଗ ଅଞ୍ଚଳର ତାରାମଣି ବେହେରା ଆଜି ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ସେ ଅତ୍ୟନ୍ତ ଗରିବ ଶ୍ରେଣୀରେ ହୋଇଥିବା ବେଳେ କେବଳ ବିଧବା ଭତ୍ତା ହିଁ ପାଉଛନ୍ତି। ହେଲେ ସେ ସରକାରଙ୍କ ଅନ୍ତ୍ୟୋଦୟ ଯୋଜନାରେ ସାମିଲ ହୋଇପାରି ନାହାନ୍ତି। ଅନ୍ୟପଟେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ହୋଇଯିବା ପରେ ତାଙ୍କ ପୁଅମାନଙ୍କ ଠାରୁ ଅଲଗା ହୋଇ ରହୁଛନ୍ତି। ଫଳରେ ସେ ଚଳିବା ପାଇଁ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏଣୁ ତାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଇ ୩୫ କେଜି ଚାଉଳ ପ୍ରଦାନ କରିବା ପାଇଁ ସେ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା

ବାଲେଶ୍ୱର,୨୦।୯ (ସମିସ): ସଂସ୍କୃତି ମନ୍ତ୍ରାଳୟ, ଭାରତ ସରକାର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଲେଶ୍ୱର ଜିଲ୍ଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଏବଂ ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ କର୍ମଶାଳାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ, ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ବୃତ୍ତିଗତ ଚିତ୍ରକାରମାନେ ଅଂଶଗ୍ରହଣ କରିଥିଲେ। ଏହି



ପ୍ରତିଯୋଗିତା ୩ ଗୋଟି ବର୍ଗରେ ଯଥା ବୃତ୍ତିଗତ ଚିତ୍ରକାର, ବିଦ୍ୟାଳୟ ଛାତ୍ରଛାତ୍ରୀ, ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ହୋଇଥିଲା। ଚିତ୍ରକଳାଗୁଡିକୁ ବିଶିଷ୍ଟ ଚିତ୍ରଶିଳ୍ପୀ ନିକୁଞ୍ଜ ବିହାରୀ ଦାସ, କେଶୁ ଦାସ ଏବଂ ବ୍ରଜ ନାରାୟଣ ଷଡ଼ଙ୍ଗୀ ମୂଲ୍ୟାୟନ କରି ୩ ଗୋଟି ବର୍ଗର ଶ୍ରେଷ୍ଠ ଚିତ୍ରକଳାଗୁଡିକୁ ଚୟନ କରିଥିଲେ। ଜିଲ୍ଲାସ୍ତରରେ ଚୟନିତ କଳାକୃତିଗୁଡିକ ୨୫ ସେପ୍ଟେମ୍ବର ୨୦୨୫ ରେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଥିବା ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀରେ ପ୍ରଦର୍ଶିତ ହେବା ସହ ମୂଲ୍ୟାୟନ କରାଯିବ ଏବଂ ସେଥିରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ଅର୍ଥରାଶି ପ୍ରଦାନ କରାଯିବ।

# ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ



ବାଲେଶ୍ୱର,୨୦।୯ (ସମିସ): ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ହିନ୍ଦୀ ଦିବସ ସ୍ଥାନୀୟ ମିଶନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ହିନ୍ଦୀ ଶିକ୍ଷକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ଡ. ବସନ୍ତ କୁମାର ନାୟକ ହିନ୍ଦୀ ଭାଷାର ଅଧିକ ପ୍ରଚାର ପ୍ରସାର ଦିଗରେ ଶିକ୍ଷକଙ୍କୁ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। କେନ୍ଦ୍ରୀୟ ହିନ୍ଦୀ ସଂସ୍ଥା, ଆଗ୍ରାର ଅବସରପ୍ରାପ୍ତ ପ୍ରଫେସର ଡ ଭରତ ସିଂ ପରମାର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ହିନ୍ଦୀ ଭାଷା ସାରା ବିଶ୍ୱରେ ପ୍ରଭାବ ତଥା ଆଂଚଳିକ ସ୍ତରରେ ଏହା କିପରି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଯୋଡିବାରେ ସହାୟକ ହେବ ଏ ଦିଗରେ ନିଜର ମତ ରଖିଥିଲେ। ଅନ୍ୟତମ ବକ୍ତା ଭାବେ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥା ହାଇଦ୍ରାବାଦ କେନ୍ଦ୍ରର ବରିଷ୍ଠ ଅଧ୍ୟାପକ ଡ ଚନ୍ଦ୍ର ପ୍ରତାପ ସିଂ ଯୋଗଦେଇ ହିନ୍ଦୀର ଗୁରୁତ୍ୱ ପ୍ରତିପାଦିତ କରିବା ସହ ଅଧ୍ୟାପନାରେ ଆଂଚଳିକ ସ୍ତରରେ ଶିକ୍ଷକଙ୍କ ଦ୍ୱାରା ହେଉଥିବା ତ୍ରୁଟି ସମ୍ପର୍କରେ ଆଲୋଚନା କରିଥିଲେ। ମିଶନ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହିମାଂଶୁ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ହିନ୍ଦୀ ଶିକ୍ଷକ ସଂଘର ସଭାପତି ଗଣେଶ ପ୍ରସାଦ ପାଢ଼ୀ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଶିବ ଶଙ୍କର ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଗତ ବର୍ଷ ଅବସର ଗ୍ରହଣ କରିଥିବା ୧୫ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହିନ୍ଦୀର ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ର ଭାବେ ବେଲବାରିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ମହାପାତ୍ରଙ୍କୁ ହିନ୍ଦୀ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଏକମାତ୍ର ହିନ୍ଦୀ ଶିକ୍ଷକ ବିପଦ ରଞ୍ଜନ ପଣ୍ଡାଙ୍କୁ ସଂଘ ପକ୍ଷରୁ ମଧ୍ୟ ସମ୍ମାନିତ କରାଯାଇଥିଲା। ହିନ୍ଦୀ ଶିକ୍ଷକ ଦେବେନ୍ଦ୍ର କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

## ଆସୁଛନ୍ତି ମା' ଦୁର୍ଗା

# ୩୦ ବର୍ଷରେ ପତ୍ରୁଆଁପଦା ଦୁର୍ଗାପୂଜା

ବାଲେଶ୍ୱର,୨୦।୯ (ସମିସ)

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏକ ଭିନ୍ନ ଧରଣର ତୋରଣ ନିର୍ମାଣ ହେବ୍। ବିଶେଷକରି ବିଶାଳ ରାଜମହଲ ସଦୃଶ ତୋରଣ ମୁଖ୍ୟ ଆକର୍ଷଣ ସାଜିବ। ଏହାବ୍ୟତୀତ ପ୍ରତିବର୍ଷ ବିନା ଡିଜେରେ ଏହି କମିଟି ପକ୍ଷରୁ ଭସାଣି ଅନୁଷ୍ଠିତ ହୋଇଥାଏ। ଏଥର ମଧ୍ୟ ପାରମ୍ପାରିକ ବାଦ୍ୟ, କୀର୍ତ୍ତନରେ ଶୋଭାଯାତ୍ରା ହେବ।



ଏବର୍ଷ ୩୦ ତମ ଦୁର୍ଗା ପୂଜା ପାଳନ କରିବ ପତ୍ରୁଆଁପଦା ସାର୍ବଜନୀନ ଦୁର୍ଗାପୂଜା କମିଟି। ବାଲେଶ୍ୱର ସହରରେ ଦୁର୍ଗାପୂଜା ପାଇଁ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ସହରରେ ଦୁର୍ଗାପୂଜା ବେଶ୍ ଧୁମଧାମରେ ପାଳିତ ହୋଇଥାଏ। ଚଳିତବର୍ଷ ଦୁର୍ଗାପୂଜା ପାଇଁ ସହରରେ ଥିବା ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଓ ସାଜସଜ୍ଜା ଆରମ୍ଭ ହୋଇଯାଇଛି। ସେଥିମଧ୍ୟରୁ ସହରର ପତ୍ରୁଆଁପଦା ସାର୍ବଜନୀନ ଦୁର୍ଗାପୂଜା କମିଟି ଅନ୍ୟତମ୍। କମିଟି ପକ୍ଷରୁ ମାସକ ପୂର୍ବରୁ ମୂର୍ତ୍ତି ନିର୍ମାଣଠାରୁ ଆରମ୍ଭ କରି ତୋରଣ ନିର୍ମାଣ କାମ ଆରମ୍ଭ ହୋଇଯାଇଛି। କମିଟି ପକ୍ଷରୁ ୧୯୯୫ ମସିହାରୁ ଆରମ୍ଭ ହୋଇଥିଲା ଦୁର୍ଗାପୂଜା। ଚଳିତବର୍ଷ ୩୦ ବର୍ଷରେ ପାଦ ଥାପିବ। ଏଥର ଆକର୍ଷଣ ସାଜିବ ରାଜମହଲ ସଦୃଶ ତୋରଣ ଏବଂ ପାଟଶାଢୀ ପିନ୍ଧି ମଣ୍ଡପରେ ମାଆ ଦୁର୍ଗା ପୂଜା ପାଇବାର ଦୃଶ୍ୟ। ଚଳିତବର୍ଷ ପୂଜା ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ଭିତରେ ବଜେଟ୍ ରହିଛି। ଏଥିରେ ତୋରଣ, ସାଜସଜ୍ଜା, ମୂର୍ତ୍ତି ଓ ଅନ୍ୟାନ୍ୟ ଖର୍ଚ୍ଚ ରହିଛି। ଅଳ୍ପ କିଛି ଲୋକଙ୍କୁ ନେଇ ଆରମ୍ଭ ହୋଇଥିବା ଏହି କମିଟିର ପୂଜା ଏବେ ବଡ଼ ଧରଣରେ ହେଉଛି। କମିଟିରେ ପ୍ରାୟ ୩୦ ଜଣ ସଦସ୍ୟ ରହିଥିଲେ ବି ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ପୂଜା ଅନୁଷ୍ଠିତ ହୋଇଥାଏ। ପଶ୍ଚିମବଙ୍ଗ ଶୈଳୀରେ ପ୍ରତ୍ୟେକ ବର୍ଷ ମୂର୍ତ୍ତି ନିର୍ମାଣ ହୋଇଥାଏ। ଏଥର ମଧ୍ୟ ମଣ୍ଡପ, ମୂର୍ତ୍ତି ତୋରଣ ଆଦି ବଙ୍ଗୀୟ ଶୈଳୀରେ ବଙ୍ଗୀୟ କାରିଗରଙ୍କ ଦ୍ୱାରା ନିର୍ମାଣ ହେଉଛି। ଏଥର ପୂଜା ପାଇଁ ମୂର୍ତ୍ତିର ଉଚ୍ଚତା ୧୧ ଫୁଟ୍ ରହିବ। ସହରରେ ପ୍ରତିଯୋଗିତାମୂଳକ ଭାବେ ସମସ୍ତ କମିଟି ପକ୍ଷରୁ ପୂଜା କରୁଛନ୍ତି। ଚଳିତ ବର୍ଷ କିଛି ନୂଆ କରିବାକୁ ଆଶା ରଖିଛନ୍ତି କମିଟିର ସଦସ୍ୟମାନେ। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଭିନ୍ନ ଧରଣର ତୋରଣ ନିର୍ମାଣ ଯୋଜନା କରିଛି କମିଟି। ପୂଜା ସମୟରେ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ ରହିଛି। ଏହି କମିଟିରେ ପ୍ରାୟ ୪୦୦ ଶ୍ରଦ୍ଧାଳୁ ମାଆଙ୍କ ଠାରେ ଭୋଗଲାଗି ଅର୍ପଣ କରିଥାଆନ୍ତି। କମିଟିର ସମସ୍ତ ସଦସ୍ୟମାନଙ୍କ ସହଯୋଗରେ ପୂଜା ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଥାଏ।



ଭିନ୍ନ ଧରଣର ତୋରଣ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। କମିଟିରେ ବିଶେଷକରି ମାଆଙ୍କ ପୂଜାକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ।
ରଞ୍ଜନ ସାହୁ, ସମ୍ପାଦକ



ଦୁର୍ଗାପୂଜା ପାଳନ ବାଲେଶ୍ୱରରେ ଅନନ୍ୟ। ଦୁର୍ଗାପୂଜା ପାଇଁ ମାସକ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥାଏ। ରୀତିନୀତିରେ ଦଶମୀ ପର୍ଯ୍ୟନ୍ତ ପୂଜା ହୋଇଥାଏ। ନିୟମ ଅନୁସାରେ ଆମେ ବିସର୍ଜନ କରୁ।
ସଞ୍ଜିବ କୁମାର ଦାସ, ସଭାପତି

## ଭାରତ -ଚୀନ ସମ୍ପର୍କ: ସମସ୍ୟା ଏବଂ ଉଦୀୟମାନ ଧାରା' ଆଲୋଚନାଚକ୍ର



ବାଲେଶ୍ୱର,୨୦।୯ (ସମିସ): ବାଲେଶ୍ୱର ସଦର ବ୍ଲକ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଭାରତ ଚୀନ ସମ୍ପର୍କ : ସମସ୍ୟା ଏବଂ ଉଦୀୟମାନ ଧାରା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର୍ ବେହେରା ଅଧ୍ୟକ୍ଷତା କରି ଭାରତ ଓ ଚୀନ ସମ୍ପର୍କ ମଧ୍ୟରେ ଚୀନ ପଞ୍ଚଶୀଳ ନୀତି ଉଲଘଂନ ଓ ଭାରତ - ଚୀନ ଯୁଦ୍ଧ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲଚନା କରିଥିଲେ। ଉକ୍ତ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ସରୋଜ କୁମାର ପାଣି ଭାରତ ଚୀନ ମଧ୍ୟରେ ଅର୍ଥନୈତିକ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ନୀଳଗିରି ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ. ସଂଗ୍ରାମ କୁମାର୍ ରାଉତ୍ ବିଷୟ ବିଶେଷଜ୍ଞଭାବେ ଯୋଗଦେଇ ଭାରତ - ଚୀନ ଐତିହାସିକ ସମ୍ପର୍କ ଠାରୁ ଆରମ୍ଭ କରି ବର୍ତ୍ତମାନ ସମ୍ପର୍କ ପର୍ଯ୍ୟନ୍ତ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ତପନ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ ଭାରତ - ଚୀନ ମଧ୍ୟରେ ଥିବା ବର୍ତ୍ତମାନ ର ସମ୍ପର୍କକୁ ଆଲୋଚନା କରିଥିଲେ। ଉକ୍ତ ବିଭାଗର ଅଧ୍ୟାପିକା ଡ. ଅନ୍ନପୂର୍ଣ୍ଣା ରଣା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଆଲୋଚନା ଚକ୍ରରେ ରାଜନୀତି ବିଜ୍ଞାନ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏଥି ମଧ୍ୟରୁ ୩୦ଜଣ ଛାତ୍ରଛାତ୍ରୀ ନିଜସ୍ୱ ସନ୍ଦର୍ଭ ପାଠ କରିଥିଲେ। ଉକ୍ତ ବିଭାଗର ଅଧ୍ୟାପକ ସୁଧାଂଶୁ ଶେଖର ଜେନା ଭାରତ - ଚୀନ କୁଟନୈତିକ ସମ୍ପର୍କ ଆଲୋଚନା କରିବା ସହ ଧନ୍ୟବାଦ୍ ଦେଇଥିଲେ। ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ରୀ ମଧୁସ୍ମିତା ଦାସ ଆଲୋଚନାଚକ୍ରର ରିପୋର୍ଟ ପ୍ରଦାନ କରିଥିଲେ।

## ମତ୍ସ୍ୟଜୀବୀଙ୍କୁ ମିଳିଲା ଲାଇଫ ଜ୍ୟାକେଟ

# ବଣ୍ଟନରେ ଅନିୟମିତତା; ଅଧିକାରୀଙ୍କୁ ଘେରିଲେ ମତ୍ସ୍ୟଜୀବୀ

ବାଲିଆପାଳ, ୨୦।୯ (ସମିସ)



ଆବଶ୍ୟକ ୬୪ ଆସିଲା ୧୪

ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବାଲିଆପାଳ ସାମୁଦ୍ରିକ ସଂମ୍ପ୍ରସାରଣ ଅଧିନରେ ମତ୍ସ୍ୟଜୀବୀ ମାନଙ୍କୁ ଜୀବନ ରକ୍ଷାକାରୀ ଉପକରଣ ଯଥା ଲାଇଫ ବୟ ଓ ଲାଇଫ ଜ୍ୟାକେଟ ଶନିବାର ମଧ୍ୟାହ୍ନରେ ତଉମୁଖ ବେଳାଭୂମିରେ ବଣ୍ଟନ କରାଯାଇଛି। ଉକ୍ତ ସାମଗ୍ରୀ ବଣ୍ଟନ ପାଇଁ ବାଲିଆପାଳ ମତ୍ସ୍ୟ ବିଭାଗର ସାମୁଦ୍ରିକ ସଂମ୍ପ୍ରସାରଣ ଅଧିକାରୀ କ୍ଷୀରୋଦ କୁମାର ରାଉତ ଆସିଥିଲେ। ବଣ୍ଟନରେ ଅନିୟମିତତା ଅଭିଯୋଗ କରି ସ୍ଥାନୀୟ ମତ୍ସ୍ୟଜୀବୀ ହୋହାଲ୍ଲା କରିଥିଲେ। ତେଣୁ ହରଡଘଣାରେ ପଡ଼ିଥିଲେ ଅଧିକାରୀ। ଯାହା ଫଳରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ବସ୍ତା ନିର୍ବାଚନ ମଣ୍ଡଳୀର କଂଗ୍ରେସ ଯୁବସଭାପତି ତୀର୍ଥ କୁମାର ନାଗ ପହଞ୍ଚି ଥିଲେ ଏବଂ ଅଧିକାରୀଙ୍କ ସହିତ କଥା କଟାକଟି ହେବାରୁ ଜଣା ପଡିଥିଲା ବାଲିଆପାଳ ସାମୁଦ୍ରିକ ମତ୍ସ୍ୟ ବିଭାଗ ଦୁର୍ନୀତିର ଗନ୍ତାଘର ପାଲଟିଥିବା କୁହାଯାଉଛି।

୨୦୨୩ - ୨୦୨୪ ବର୍ଷ ପ୍ରଧାନମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ନୂଆ ବୋଟ୍, ଇଞ୍ଜିନ ଓ ଜାଲ ପାଇଁ ବାଲିଆପାଳ ବ୍ଲକରୁ ୨୭ ଜଣ ହିତାଧିକାରୀ ଆବେଦନ କରିଥିଲେ। ସେଥିମଧ୍ୟରୁ ପ୍ରତି ବ୍ଲକରେ ଛଅ ଜଣଙ୍କୁ ଦେବେ ବୋଲି ଘୋଷଣା କରାଯାଇଥିଲା। ମାତ୍ର ବାଲିଆପାଳ ବ୍ଲକରେ ହିତାଧିକାରୀ ଚୟନର ବ୍ୟତିକ୍ରମ ଯୋଗୁଁ ବାଦ ପଡ଼ିଥିଲେ ହିତାଧିକାରୀ। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଯୋଜନାରୁ ବଞ୍ଚିତ ଥିବା ହିତାଧିକାରୀମାନେ ମତ୍ସ୍ୟ ଅଧିକାରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ଘେରିଥିଲେ।ଏହା ବ୍ୟତିତ ନୂଆ ଯନ୍ତ୍ର ଚାଳିତ ଡଙ୍ଗା ପଞ୍ଜିକୃତ ପାଇଁ ବାରମ୍ବାର ଅଧିକାରୀଙ୍କୁ କହିବା ପରେ ମଧ୍ୟ କିଛି ଲାଭ ହେଉନାହିଁ କି ଅଫିସରେ ଅଧିକାରୀଙ୍କ ଦେଖା ମଧ୍ୟ ମିଳେନାହିଁ ବୋଲି ମତ୍ସ୍ୟଜୀବୀ ଅଭିଯୋଗ କରିଛନ୍ତି ଚଉମୁଖ ବେସରେ ୬୪ ଟି ଡଙ୍ଗାରହିଥିବା ବେଳେ ଅଧିକାରୀ ୧୪ଟି ଡଙ୍ଗା ପାଇଁ ଜୀବନ ରକ୍ଷା ଉପକରଣ ବାଣ୍ଟିବା ପାଇଁ ଯାଇଥିଲେ। ଯାହାକି ସମୁଦ୍ରକୁ ଶଙ୍ଖେ। ଅନ୍ୟ ୫୦ ଡଙ୍ଗାରେ ଉକ୍ତ ଉପକରଣ ମତ୍ସ୍ୟଜୀବୀ ନ ପାଇବା, ୩ ବର୍ଷରୁ ଊର୍ଦ୍ଧ୍ୱର ସମୟ ହେଲା ପଞ୍ଜିକରଣ ହୋଇଥିବା ଡ଼ଙ୍ଗା ମାଲିକ ନାଁରେ ନ ଆସି ୬ ମାସ ପଞ୍ଜିକୃତ କରିଥିବା ଡଙ୍ଗାର କେମିତି ଲିଷ୍ଟ ଆସିଛି ବୋଲି ମତ୍ସ୍ୟଜୀବୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ବାବଦରେ ଜାଣିନାହାନ୍ତି ବୋଲି ଅଧିକାରୀ କ୍ଷୀରୋଦ ରାଉତ କହିଛନ୍ତି। ପରେ ଚଉମୁଖ ସରପଞ୍ଚଙ୍କ ପ୍ରତିନିଧି ବେଣୁଧର ରଣଜିତ,ସନ୍ତୋଷିମା ମତ୍ସ୍ୟଜୀବୀ ସମବାୟ ସମିତିର ସମ୍ପାଦକ ନାରାୟଣ ବେହେରାଙ୍କ ଉପସ୍ଥିତିରେ ୧୪ ଟି ଡଙ୍ଗା ପାଇଁ ଜୀବନ ରକ୍ଷା ଉପକରଣ ବଣ୍ଟନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ୫୦ ଟି ବଣ୍ଟନ କରିଯିବ ବୋଲି ଅଧିକାରୀ କହିଛନ୍ତି। ମତ୍ସ୍ୟ ବିଭାଗର ଏଭଳି ଦୁର୍ନୀତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦୃଷ୍ଟି ଦେବାକୁ ଦାବି କରିଛି ମତ୍ସ୍ୟଜୀବୀ ସଂଘ।

## ଗରିବ ମହିଳାଙ୍କୁ ରୋଜଗାରର ବାଟ ଦେଖାଇଲା 'ବନ୍ଧନ'



ବାହାନଗା, ୨୦।୯(ସମିସ): ଗରିବ ଅସହାୟ ମହିଳାଙ୍କୁ ରୋଜଗାରର ବାଟ ଦେଖାଇବା ପାଇଁ ଉଦ୍ୟମ କରିଥିବା ବନ୍ଧନ ସଂସ୍ଥା ପକ୍ଷରୁ ବନ୍ଧନ କୋନଗର ମାଧ୍ୟମରେ ମହିଳାଙ୍କୁ ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ସଭା ଗୃହରେ ପ୍ରଶଂସା ପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାହାନଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଯୋଗଦେଇ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ଦାସ, ଓଏଲଏମର ମିହିର କୁମାର ରାଉତ, ସୋର ବନ୍ଧନ ବ୍ୟାଙ୍କ ପରିଚାଳକ ବିପ୍ଳବ ଦତ୍ତ ଯୋଗ ଦେଇଥିଲେ। ସେହିପରି ପଣ୍ଡାଶୁଣି ଓ ଗୋପାଳପୁର ସରପଞ୍ଚ ଯୋଗଦେଇ ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ବିଜୟ ଯେନା, ଜୟଦେବ ଆଚାର୍ଯ୍ୟ, ବନ୍ଧନ କୋନେଗର ପ୍ରୋଗ୍ରାମ ପରିଚାଳକ ଆଦିତ୍ୟ ଚଟୋପାଧ୍ୟାୟ, ସଞ୍ଜୟ ଦାସ ଯୋଗଦେଇଥିଲେ। ଅଞ୍ଚଳରେ ରହୁଥିବା ଗରିବ ଅସହାୟ ମହିଳା ମାନଙ୍କୁ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ୨୦୨୧ ମସିହା ଠାରୁ ଓଡ଼ିଶାରେ ଭଦ୍ରକ, ମୟୁରଭଞ୍ଜ, କେନ୍ଦ୍ରାପଡା, ବାଲେଶ୍ୱର ଜିଲ୍ଲାର ୮ ହଜାର ରୁ ଅଧିକ ମହିଳାଙ୍କୁ ସ୍ୱାବଲମ୍ବୀ କରାଇଥିବା ଅଧିକାରୀ ସୂଚନା ଦେଇଥିଲେ। ସେହିପରି ବନ୍ଧନ କୋନାଗାର ଭାରତ ବର୍ଷରେ ୧୬ଟି ରାଜ୍ୟରେ ୧ ଲକ୍ଷ ୮୨ ହଜାର ମହିଳାଙ୍କ ଆତ୍ମବିଶ୍ୱାସ, ଦକ୍ଷତା ନିର୍ମାଣ ତାଲିମ, ସମ୍ବଳ ବଣ୍ଟନ ସହିତ ଆର୍ଥିକ ବିକାଶ ଏବଂ ଗବେଷଣା ପ୍ରଦାନ କରି ସାମାଜିକ ଏବଂ ଆର୍ଥିକ ଦୃଷ୍ଟିରୁ ସକ୍ଷମ କରାଯାଇଥିବାର ସୂଚନା ଦେଇଥିଲେ। ଏହି ସଭାକୁ ଟିମ ଲିଡ଼ର ରଶ୍ମିକାନ୍ତ ସାମଲ ପରିଚାଳନା କରିଥିବାବେଳେ କ୍ଷେତ୍ର ସଂଯୋଜକ ସାରଦା କାନ୍ତ ସ୍ୱାଇଁ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବ ଶଙ୍କର ଚକ୍ରବର୍ତ୍ତୀ, ସୁକାନ୍ତ ଭୋଇ, ଜୟଶ୍ରୀ କର, ଶିବାନି ନାୟକ, ମଞ୍ଜୁଲତା ସାମଲ, ମନୋରମା ବେହେରା, ରଶ୍ମିରଂଜିତା ବେହେରା,ବବିତା ବାରିକ, ଆନାଲିଶା ଗିରି, ଅନୀଲ ସାହୁ, ସୁଧାକର ପଢିହାରୀ ସହଯୋଗ କରିଥିଲେ।

## ବିଷପିଇ ଜୀବନ ହାରିଲେ

ଜଳେଶ୍ୱର, ୨୦।୯ (ସମିସ): ଜଳେଶ୍ୱର ମ୍ୟୁନିସିପାଲଟିର ୧୫ନଂ ୱାର୍ଡ ନହଞ୍ଜାରାର ସୁଦାକ୍ରିଷ୍ଣ ବ୍ରହ୍ମଙ୍କ ପୁଅ ସୂର୍ଯ୍ୟକାନ୍ତ ବ୍ରହ୍ମ (୫୧) ବୁଧବାର ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତୁରନ୍ତ ତାଙ୍କୁ ଜିକେଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ପରିସ୍ଥିତି ଉଦ୍‌ବେଗ ଜନକ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଆଜି ତାଙ୍କର ମୃତ୍ୟୁ ହୋଇଥିବାରୁ ସାହିରେ ଶୋକର ଛାୟା ଖେଳି ଯାଇଛି। ସୂଚନାଯୋଗ୍ୟ ସୁଦାକ୍ରିଷ୍ଣ ବ୍ରହ୍ମଙ୍କ ପ୍ରଥମ ସ୍ତ୍ରୀଙ୍କ ପୁତ୍ର ସୂର୍ଯ୍ୟକାନ୍ତ ବ୍ରହ୍ମ ଅବିବାହିତ ଥିଲେ। ପାରିବାରିକ ସମସ୍ୟା ଥିବାରୁ ସୂର୍ଯ୍ୟକାନ୍ତ ବିବାହ କରିନଥିଲେ ମଧ୍ୟ ସାହିର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ଗତ ବୁଧବାର ଦିନ ପାରିବାରିକ କଳହକୁ କେନ୍ଦ୍ର କରି ବିଷ ପିଇଥିଲେ। ତାଙ୍କ ମୃତ୍ୟୁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ତାଳସାରୀ ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ



ଚନ୍ଦନେଶ୍ୱର,୨୦।୯ (ସମିସ): ଅନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ ଅବସରରେ ଆଜି ଶନିବାର ସକାଳେ ତାଳସାରୀ ବେଳାଭୂମିରେ ବିଭିନ୍ନ ସଂଗଠନ ତରଫରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଳସାରୀ ସାମୁଦ୍ରିକ ଥାନା ଓ ସାମୁଦ୍ରିକ ମତ୍ସ୍ୟ ବିଭାଗ ତରଫରୁ ତାଳସାରୀ ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନଙ୍କ ନେତୃତ୍ୱରେ ସାଗରମିତ୍ର, ସବୁଜବାହିନୀ ଓ ତଟ ସୁରକ୍ଷା ବାହିନୀ ର କର୍ମକର୍ତା ମାନେ ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ତାଳସାରୀ ସାମୁଦ୍ରିକ ଥାନା ଆଇଆଇସି ଚମ୍ପାବତୀ ସୋରେନ, ତଟ ସୁରକ୍ଷା ବାହିନୀର ଗୁଡ଼ୁ କୁମାର, ବିଶ୍ୱମ୍ଭର ଓଝା, ସବୁଜ ବାହିନୀ ହରିଶଙ୍କର ସାହୁ, ଏସପିଓ ବସୁବେଦ ଦିଣ୍ଡା, ସୁଜନ ସାହୁ, ସୁଶୀଲ ଗିରି, ରାଜେଶ ଭଞ୍ଜ, ଦେବାଶିଷ ସେନାପତି, ସାଗର ମିତ୍ର ସ୍ନେହାଞ୍ଜଳି ଦାସ, ସୁପ୍ରଭା ନାୟକ, ସମୀର ଭଞ୍ଜ, ହେମନ୍ତ ପଟ୍ଟନାୟକ ପ୍ରମୁଖ ସଫେଇ କାର୍ଯ୍ୟକ୍ରମ ରେ ଅନୁଷ୍ଠିତ ଥିଲେ। ସେହିଭଳି ତାଳସାରୀ ବେଳାଭୂମିରେ ହୁଗୁଳି ଗ୍ରାମପଞ୍ଚାୟତ ତରଫରୁ ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ ଭୋଗରାଇ ବିଡ଼ିଓ ପ୍ରଶାନ୍ତ ମହାରଣା, ବାଲେଶ୍ୱର ଜିଲ୍ଲା ପରିଷଦ ସଭ୍ୟା ତଥା ଜିଲ୍ଲା ସ୍ୱଚ୍ଛତା ସଂଯୋଜିକା ସ୍ୱର୍ଣ୍ଣଲତା ମହାନ୍ତି, ପୂର୍ବତନ ସରପଞ୍ଚ ତଥା ଶଙ୍ଖାରୀ ସେବା ସମବାୟ ସମିତିର ସଭାପତି ତପନ କୁମାର ପଣ୍ଡା, ହୁଗୁଳିର ଭାରପ୍ରାପ୍ତ ସରପଞ୍ଚ ବିଭୁତି ପ୍ରଧାନ, ସମିତି ସଭ୍ୟ ଗୋବିନ୍ଦ ଦାସ, ହୁଗୁଳି ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ବ୍ଲକ ସ୍ୱଚ୍ଛତା ସଂଯୋଜକ ତରୁଣ ମନ୍ତ୍ରୀ,ଅନୁପ ପଣ୍ଡିତ, ମମତା ଦାସ, ରବୀନ ସେଣ ପ୍ରମୁଖ ଉପସ୍ଥିତ ରହି ସଫେଇ କରିଥିଲେ।

## ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓରିଏଣ୍ଟେସନ ପ୍ରୋଗ୍ରାମ



ବାଲେଶ୍ୱର,୨୦।୯(ସମିସ): ମଙ୍ଗଳପୁରସ୍ଥିତ ଶ୍ରୀନିବସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ଏକ ଓରିଏଣ୍ଟେସନ ପ୍ରୋଗ୍ରାମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ କମିଟିକୁ ପ୍ରୋଗ୍ରାମ ଅଫିସର ସୁଜିତ ଗୋଛାୟତ ପରିଚାଳନା କରିଥିଲେ ଏହି ପ୍ରୋଗ୍ରାମର ଆଭିମୁଖ୍ୟ ଓ ଏହା କେମିତି ୧୯୬୯ ମସିହାରୁ କରୁଛି, ସେ ବିଷୟରେ ରସାୟନ ବିଜ୍ଞାନର ଆଧାପକ ତଥା ଅଗ୍ନିଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ଡ. ପଙ୍କଜ କୁମାର ଜେନାଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ବକ୍ତା ଭାବେ ଯୋଗଦେଇ ସନ୍ଧ୍ୟାରାଣୀ ଜେନା, ଅନ୍ନପୂର୍ଣ୍ଣା ଜେନା, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ସୁଶାନ୍ତ ରାଉତ, ପ୍ରଶାନ୍ତ ପଣ୍ଡା ପିଲାମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଏଥିରେ ଭାରତ ମହାଣା, ଅଣାକାର ନାୟକ, କୈଳାଶ ବାରିକ, ପ୍ରଦ୍ୟୁମ୍ନ ସାହୁ ସାହାଯ୍ୟ କରିଥିଲେ।

## ଖଇରା ଥାନାରେ ଶାନ୍ତି କମିଟି ବୈଠକ

ଖଇରା,୨୦।୯ (ସମିସ): ଖଇରା ଥାନାରେ ବିଭିନ୍ନ ପୂଜା ମଣ୍ଡପ ମାଲିକଙ୍କୁ ନେଇ ଏକ ଶାନ୍ତି କମିଟି ବୈଠକ ଖଇରା ପୋଲିସ ଆନୁକୂଲ୍ୟରେ ଶନିବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଲିକ ଏଥିରେ ପୌରହିତ୍ୟ କରିଥିଲେ। ଚଳିତ ବର୍ଷ କୌଣସି କମିଟି ପୁଜା କିମ୍ବା ଭସାଣି ଶୋଭାଯାତ୍ରାରେ ଡିଜେ ବ୍ୟବହାର ନକରିବାକୁ ପରାମର୍ଶ ଦେଇଥିଲେ। ଭସାଣି ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିବେଦନ କରିଥିଲେ। ଖଇରା ଥାନା ଏସଆଇ ତପନ କୁମାର ଜେନା ଓ ଏଏସଆଇ ଗୌରହରି ବୁଗୁଡେଇଙ୍କ ସମେତ ବିଭିନ୍ନ ପୂଜାମଣ୍ଡପର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଚଳିତ ବର୍ଷ ଖଇରା ଥାନା ଅଧୀନରେ ୧୨ଟି ମେଢ ପ୍ରସ୍ତୁତ ହୋଇଛି।

## ସୁନା ଦୋକାନୀକୁ ହାଣି ଅଳଙ୍କାର ଭର୍ତ୍ତି ବ୍ୟାଗ୍ ଲୁଟିନେଲେ

ସିମୁଳିଆ, ୨୦।୯ (ସମିସ): ବାବାମଣି ଜୁଏଲାରି ଦୋକାନର ମାଲିକଙ୍କୁ ଭୁଜାଲି ରେ ହାଣି ଅଳଙ୍କାର ଭର୍ତ୍ତି ବ୍ୟାଗ ଲୁଟିନେଲେ ଦୁର୍ବୃତ୍ତ। ସିମୁଳିଆ ଥାନା ଅନ୍ତର୍ଗତ ମାର୍କୋଣା ବଜାରରେ ବାବାମଣି ଜୁଏଲାରିର ମାଲିକ ପ୍ରଦୀପ ସାହୁ ଗତ ରାତି ୯ଟାରେ ଦୋକାନ ବନ୍ଦ କରି ରିଆସ୍ଥିତ ଘରକୁ ଯାଇ ଘର ସମ୍ମୁଖରେ ନିଜ କାରରୁ ଅଳଙ୍କାର ବ୍ୟାଗ ଧରି ଓହ୍ଲାଇବାବେଳେ ଏକ ଧଳା କାରରେ ୭ ଜଣ ଦୁର୍ବୃତ୍ତ ଆସି ଭୁଜାଲିରେ



ଆକ୍ରମଣ କରି ୧କେଜିରୁ ଉର୍ଦ୍ଧ୍ୱ ସୁନା ଓ ରୁପା ଅଳଙ୍କାର ଲୁଟ କରି ଫେରାର ହୋଇଯାଇଛନ୍ତି। ପ୍ରଦୀପଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଭଦ୍ରକ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଘଟଣା ବାବଦରେ ସ୍ତ୍ରୀ ରେଖାରାଣୀ ସାହୁ ସିମୁଳିଆ ଥାନାରେ ଅଭିଯୋଗ କରିଛନ୍ତି। ସିମୁଳିଆ ପୁଲିସ ତଦନ୍ତ ଜାରି ରଖିଥିଲା ବେଳେ ଡିଆଇଜି ପିନାକ ମିଶ୍ର ଓ ଏସ୍‌ପି. ପ୍ରତ୍ୟୁଷ ଦିବାକର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

## ନଡ଼ିଆ ଗଛରୁ ପଡ଼ି ଯୁବକ ମୃତ

ଚନ୍ଦନେଶ୍ୱର, ୨୦।୯ (ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ କଖଡ଼ା ଗ୍ରାମ ପଞ୍ଚାୟତ ଅଧିନ ତଲାଡ଼ି ଗ୍ରାମର ନଳିନୀ କୁମାର ପାଣିଗ୍ରାହୀ (୪୮) ଆଜି ଶନିବାର ସକାଳ ୮ ଟାରେ ନିଜର ଘରବାଡିରୁ ନଡ଼ିଆ ତୋଳୁ ଥିବା ସମୟରେ ଭାରସାମ୍ୟ ହରାଇ ଗଛରୁ ତଳକୁ ଖସି ପଡ଼ିଥିଲେ। ତାଙ୍କୁ ଗ୍ରାମବାସୀ ସଙ୍ଗେସଙ୍ଗେ ଜଳେଶ୍ୱରପୁର ଗୋଷ୍ଠୀ ଚିକିତ୍ସା କେନ୍ଦ୍ରକୁ ନେଇ ଯାଇଥିଲେ ମଧ୍ୟ ସେଠାରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇ ଥିଲା। କଖଡ଼ା ସମିତି ସଭ୍ୟ ଗୀତାଞ୍ଜଳି ପ୍ରହରାଜ, ସମାଜସେବୀ ଅର୍ଜୁନ ପ୍ରହରାଜ, ସରପଞ୍ଚ ଗୀତାଞ୍ଜଳି ମହାନ୍ତି ପ୍ରମୁଖ ଅନ୍ତିମ ଦର୍ଶନ କରିଥିଲେ।

## ବଜ୍ରପାତରେ ଗାଈ ମୃତ

କାଳିପଦା, ୨୦।୯ (ସମିସ): ବାଲିଆପାଳ ଥାନା ବାସୁଦେବପୁର ଗାଁର ଗୋପାଳ କୃଷ୍ଣ ବିଶ୍ୱାଳଙ୍କ ଏକ ଗାଈ ଉପରେ ଆଜି ଅପରାହ୍ନରେ ହଠାତ ବଜ୍ରପାତ ହେବାରୁ ଘଟଣା ସ୍ଥଳରେ ଗାଈଟିର ମୃତ୍ୟୁ ହୋଇଛି। ଗାଈଟିକୁ ଏକ ନଡ଼ିଆ ଗଛ ତଳେ ବନ୍ଧା ଯାଇଥିଲା। ବଜ୍ରପାତ ଯୋଗୁଁ ନଡ଼ିଆ ଗଛଟି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଶଙ୍କର କିସମ ଏହି ଗାଈର ମୂଲ୍ୟ ପଚାଶ ହଜାରରୁ ଅଧିକ ହେବ। ଗୋପାଳକୁ ସରକାରୀ ସହାୟତା ଦେବାକୁ ଦାବି ହୋଇଛି।

## ଗୋରୁ ଉଦ୍ଧାର, ଦୁଇ ଗିରଫ

ନୀଳଗିରି, ୨୦।୯ (ସମିସ): ନୀଳଗିରି ଅଞ୍ଚଳରେ ଚୋରା ଗୋରୁ ଚାଲାଣ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଶନିବାର ଭୋର ସମୟରେ ମୟୂରଭଞ୍ଜ ଜିଲ୍ଲା ସାଇଁକୁଳା ଅଞ୍ଚଳରୁ କିଛି ଗୋରୁ ଚୋରି କରି ଗାଡ଼ିରେ ନେଉଥିବା ବେଳେ କାଂଶ ଅଞ୍ଚଳର କିଛି ଯୁବକ ତାଙ୍କୁ ପିଛା କରିଥିଲେ। କିଛି ଗାଡି ଖସି ଯାଇଥିବା ବେଳେ ଗୋଟିଏ ଗାଡି ନୀଳଗିରି ଥାନା ଅଧିନ ବାଲିପାଳଠାରେ ଅଟକାଇବାରେ ସଫଳ ହୋଇଥିଲେ। ଖବର ଦେବାପରେ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଫୋର୍ସ ନେଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରେ ଚାରଟି ଗୋରୁ ବୋଝେଇ ହୋଇଥିବା ଗାଡିଟିକୁ ଜବତ କରି ନୀଳଗିରି ଥାନାକୁ ଆଣିଥିଲେ। ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରୀରହିଛି। ଗୋରୁ ଗୁଡିକ ସ୍ଥାନୀୟ ଗୋଶାଳାକୁ ପଠାଯାଇଛି ବୋଲି ଜଣାପଡିଛି।

## 'ସୁସ୍ଥ ନାରୀ-ସଶକ୍ତ ପରିବାର' ଅଭିଯାନ

ଭୋଗରାଇ, ୨୦।୯(ସମିସ): ଭୋଗରାଇ ବ୍ଲକ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କମ୍ୟୁନିଟି ହଲରେ 'ସୁସ୍ଥ ନାରୀ-ସଶକ୍ତ ପରିବାର' ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଅଭିଯାନକୁ ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ମହାରଣା ଉଦଘାଟନ କରିଥିଲେ। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର କମଳାକାନ୍ତ ଜେନାଙ୍କ ସଭାପତିତ୍ୱରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମହାରଣା, ବିଜେପି ନେତା ଆଶିଷ ପାତ୍ର, ପୂର୍ବତନ ସରପଞ୍ଚ ରମାକାନ୍ତ କରଣ, ବରିଷ୍ଠ ବିଜେପି ନେତା ଅଂଶୁମାନ ମହାନ୍ତି, ବିପିଏମ କବି ପ୍ରସାଦ ସାହୁ, ଡାକ୍ତର ଉତ୍ତର କୁମାର ଦଣପାଟ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଟ୍ରକ ପାଇଁ ଦୁଇ ଘଣ୍ଟା ରାସ୍ତା ଜାମ

ରାଜଘାଟ, ୨୦।୯ (ସମିସ): ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥର ଭେଲୋରା ଛକ ନିକଟରେ ଇଞ୍ଜିନ ଖରାପ ହେବା ଯୋଗୁଁ ଡାଇଭର୍ସନ ରେ ଫସିଲା ଟ୍ରକ। ଅପରାହ୍ନ ୫ ଟାରୁ ୭ ଟା ପର୍ଯ୍ୟନ୍ତ ଟ୍ରକ ଟି ଜାତୀୟରାଜପଥ ମଝିରେ ଛିଡା ହୋଇ ରହିବାରୁ ଶହ ଶହ ଗାଡି ରାସ୍ତା ରେ ଅଟକି ରହିଥିଲା। ଖବର ପାଇ ବସ୍ତା ଥାନା ପୁଲିସ ଏବଂ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଛିଡା ହୋଇଥିବା ଟ୍ରକ କୁ କ୍ରେନ୍ ସାହାଯ୍ୟରେ ଅନ୍ୟତ୍ର ସ୍ଥାନାନ୍ତର କରିବାରୁ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଜିପିଏଲ୍‌ଏଫ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ



ଜଳେଶ୍ୱର ବ୍ଲକ, ୨୦।୯ (ସମିସ) : କମ୍ୟୁନିଟି ସପୋର୍ଟ ଷ୍ଟାଫ ମାନଙ୍କର ୬ ମାସ ଧରି ବିଭାଗୀୟ ଅଧିକାରୀ, ବିଡିଓ, ଜିଲ୍ଲାପାଳ, ରାଜ୍ୟ ମିଶନ ଶକ୍ତି ନିର୍ଦ୍ଦେଶକଙ୍କ ସହିତ ବିଭାଗୀୟ ମନ୍ତ୍ରୀଙ୍କୁ ପୂର୍ବରୁ ପାଉଥିବା ନିର୍ଦ୍ଧାରିତ ପାରିଶ୍ରମିକ ରାଶି ପାଇବା ପାଇଁ ଜଣେଇଲେ ମଧ୍ୟ ତାହାର କୌଣସି ସମାଧାନ ହୋଇ ପାରିଲା ନାହିଁ। ଗତ ୧୫/୯/୨୫ ରିଖରେ ରାଜ୍ୟର ୩୧୪ ବ୍ଲକର କମ୍ୟୁନିଟି ସପୋର୍ଟ ଷ୍ଟାଫ ମାନେ ଭୁବନେଶ୍ୱର ସ୍ଥିତ ଓଡ଼ିଶା ଜୀବିକା ମିଶନ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ ଏବଂ ବିଭାଗୀୟ ନିର୍ଦ୍ଦେଶକଙ୍କ ସହିତ ଆଲୋଚନା ପରେ ଧାରଣା ବନ୍ଦ ହୋଇଥିଲା। ସେମାନେ ଇନସେଣ୍ଟିଭ ବୋନସ ନ ନେବା ପାଇଁ ଲିଖିତ ଭାବେ ଦେଇଥିଲେ ଓ ପୂର୍ବଭଳି ମାସିକ ପରିଶ୍ରମିକ ରାଶି ପାଇବା ପାଇଁ ଅନୁରୋଧ ମଧ୍ୟ କରଥିଲେ। କିନ୍ତୁ ୧ ସପ୍ତାହ ବିତି ଯାଇଥିଲେ ମଧ୍ୟ ବିଭାଗୀୟ କାର୍ଯ୍ୟାଳୟ ପକ୍ଷରୁ ସେମାନଙ୍କର ନିର୍ଦ୍ଧାରିତ ମାସିକ ପାରିଶ୍ରମିକ ରାଶି ପାଇଁ କୌଣସି ଚିଠି ନ ଆସିବାରୁ ଅଲ ଓଡ଼ିଶା ଜିପିଏଲଏଫ କର୍ମୀ ସଂଘ କାର୍ଯ୍ୟବନ୍ଦ ସହିତ ଜଳେଶ୍ୱର ଜିପିଏଲଏଫ କର୍ମୀ ସଂଘ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୨୨ ତାରିଖ ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଓଏଲଏମ କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଲିଖିତ ସୂଚନା ଦେଇ ଜଳେଶ୍ୱର ବିଡିଓଙ୍କ ଅନୁପସ୍ଥିତିରେ ସେକସନ ଅଫିସର ମନ୍ଦାକିନୀ ସିଂହଙ୍କୁ ସଂଘର ସଭାନେତ୍ରୀ ଶାନ୍ତିଲତା ବେହେରାଙ୍କ ନେତୃତ୍ୱରେ ଶତାଧିକ କମ୍ୟୁନିଟି ସପୋର୍ଟ ଷ୍ଟାଫ ମାନେ ଉପସ୍ଥିତ ହୋଇ ଦାବିପତ୍ର ପ୍ରଦାନ କରିଥିଲେ।

## ଜିପିଏଲଏଫ୍ କାର୍ଯ୍ୟରତ କର୍ମଚାରୀଙ୍କ ପକ୍ଷରୁ ଦାବିପତ୍ର



ଭୋଗରାଇ, ୨୦।୯(ସମିସ) : ଭୋଗରାଇ ବ୍ଲକ ଜି ପି ଏଲ ଏଫ୍ ରେ କାର୍ଯ୍ୟରତ କର୍ମଚାରୀମାନଙ୍କ ସ୍ଥାୟୀ ଦରମା ଦାବିରେ ଆଜି ସଙ୍ଘ ପକ୍ଷରୁ ଓଡିଶା ଜୀବିକା ମିଶନର ବିପିଏମଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ୨୦୨୩ ମସିହାରେ ତତ୍କାଳୀନ ସରକାରଙ୍କ ସମୟରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ପ୍ରତି ପଞ୍ଚାୟତରେ ଏମବିକେ, ସିଆରପି, ବ୍ୟାଙ୍କମିତ୍ର, ପ୍ରାଣିମିତ୍ର, କୃଷିମିତ୍ର ଏଲ ଏସ ପି ଭାବେ ୬ଟି ବିଭାଗର ୫୪୦ ଜଣଙ୍କୁ ନିଯୁକ୍ତି ଦେବା ସହିତ ସ୍ଥାୟୀ ଦରମା ବାବଦରେ ୬୧୦୦ ଟଙ୍କା ଦେଇ ଆସୁଥିଲେ। ବର୍ତ୍ତମାନ ବିଜେପି ସରକାର ୬ ମାସ ହେଲା ଏହି କାର୍ଯ୍ୟରତ କର୍ମଚାରୀଙ୍କୁ ସ୍ଥାୟୀ ଦରମା ଦିଆଯାଉ ନ ଥିବାରୁ ଆଜି ଭୋଗରାଇ ବ୍ଲକ ଜି ପି ଏଲ ଏଫ୍ ସଂଘର ସଭାନେତ୍ରୀ ଦିପିକା ମିଶ୍ର, ସମ୍ପାଦିକା କବିତା ରାଣୀ ଦାସ ସହିତ ୬ଟି ବିଭାଗର କର୍ମଚାରୀ ମାନେ ବିଡ଼ିଓଙ୍କ ଅନୁପସ୍ଥିତି ଓ ଏଲ ଏମ ର ବି ପି ଏମ ତାଲିମ ନାୟକଙ୍କୁ ଦାବିପତ୍ର ଦେବା ସହିତ ଯଦି ସରକାର ତାଙ୍କର ସ୍ଥାୟୀ ଦରମା ସହିତ ସ୍ଥାୟୀ ସମାଧାନ ନ କରନ୍ତି ତେବେ ଆସନ୍ତା ୨୨ ସେପ୍ଟେମ୍ବର ସୋମବାର ଦିନ ଠାରୁ ଦାବି ପୂରଣ ନହେବା ପର୍ଯ୍ୟନ୍ତ ବ୍ଲକ ସମ୍ମୁଖରେ ଧାରଣା ବସିବେ ବୋଲି ଚେତାବନୀ ଦେଇଛନ୍ତି।